# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୧/୨୦୨୨ (୧୪ ପୃଷ୍ଠା) | Bhubaneswar, Thursday, July 21/2022 | Page 14 | ₹ 7.00 | ★★★★

୪୮ଶ ଭାଗ ୨୩୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-




**ରାନିଲ ୱିକ୍ରମସିଂଘେ ଶ୍ରୀଲଙ୍କା ରାଷ୍ଟ୍ରପତି**
ଶ୍ରୀଲଙ୍କାର ନୂଆ ରାଷ୍ଟ୍ରପତି ଭାବେ ବୁଧବାର ନିର୍ବାଚିତ ହୋଇଛନ୍ତି ରାନିଲ ୱିକ୍ରମସିଂଘେ। **୦୨**

**୧୦** **ସାହାଯ୍ୟ ମାଗୁଛନ୍ତି ତନୁଶ୍ରୀ**
ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀଙ୍କୁ ଫିଲ୍ମ ଇଣ୍ଡଷ୍ଟ୍ରିର କେତେଜଣ ଜୀବନରୁ ମାରିବା ପାଇଁ ଚେଷ୍ଟା କରୁଥିବା ସେ କହିଛନ୍ତି।





ଗ୍ରୀସ୍‌ର ପୂର୍ବ ଏଥେନ୍ସସ୍ଥିତ ଡ୍ରର୍ଫି ଜଙ୍ଗଲରେ ଲାଗିଥିବା ନିଆଁକୁ ଲିଭାଇବା ପାଇଁ ଏକ ଫାୟାରଫାଇଟିଂ ହେଲିକପ୍ଟର ଦ୍ୱାରା ବୁଧବାର ପାଣି ପକାଯାଉଛି। ୟୁରୋପରେ ସମ୍ପ୍ରତି ତାପମାତ୍ରା ପ୍ରାୟ ୪୫ ଡିଗ୍ରୀ ଯାଏ ରହୁଥିବାବେଳେ ବିଭିନ୍ନ ସ୍ଥାନରେ ବନାଗ୍ନି ଦେଖିବାକୁ ମିଳୁଛି। ଡ୍ରର୍ଫି ସଂଲଗ୍ନ ଜଙ୍ଗଲରୁ ଭୟଙ୍କର ନିଆଁ ବ୍ୟାପିଥିବା ଯୋଗୁ ବହୁ ଲୋକ ଘରଦ୍ୱାର ଛାଡ଼ି ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି।

# ୨୧ଶହ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ରାଜ୍ୟରେ ପ୍ରାଥମିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଥିବା ସରକାର କହୁଛନ୍ତି। ଏପରି କି ବିଦ୍ୟାଳୟକୁ ରୂପାନ୍ତରଣ କାର୍ଯ୍ୟକ୍ରମରେ ସାମିଲ କରାଯାଇ ଉନ୍ନତ ଏବଂ ଶୈକ୍ଷିକ ବାତାବରଣ ସୃଷ୍ଟି କରାଯାଉଛି। ଭିତ୍ତିଭୂମି ବିକାଶ ସହ ଆଧୁନିକୀକରଣ କରାଯାଉଛି। ହେଲେ ଶିକ୍ଷକ ଅଭାବ ଏହି ସବୁ ବ୍ୟବସ୍ଥାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି। ରାଜ୍ୟର ୨୧୦୭ ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ସ୍କୁଲରେ ମାତ୍ର ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। ଭାଜପା ବିଧାୟକ ଗଣେଶ ରାମ ସିଂଙ୍କ ଦ୍ୱାରା ପଚରାଯାଇଥିବା ଏକ ପ୍ରଶ୍ନର ଉତ୍ତରରେ ବୁଧବାର ବିଦ୍ୟାଳୟ ଏବଂ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଧାନସଭାରେ ଉତ୍ତର ରଖିଛନ୍ତି। ରାଜ୍ୟରେ ୩୦,୩୭୭ ପ୍ରାଥମିକ ବିଦ୍ୟାଳୟ, ୧୯,୨୩୮ ଉଚ୍ଚ ପ୍ରାଥମିକ, ୨୬୦୧ ଇଂରାଜି ମାଧ୍ୟମ ଏବଂ ୧୦,୦୧୭ ହାଇସ୍କୁଲ ରହିଛି। ସେଥିମଧ୍ୟରୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ୧,୬୭୨ ସ୍କୁଲରେ ଜଣେ ଲେଖାଏ ଶିକ୍ଷକ ରହିଛନ୍ତି। ମୟୂରଭଞ୍ଜ ଜିଲାରେ ସର୍ବାଧିକ ୧୭୧ ଏବଂ ଗଞ୍ଜାମର ୧୩୪ ବିଦ୍ୟାଳୟ ଜଣେ ଲେଖାଏ ଶିକ୍ଷକରେ ଚାଲିଛି। ଏହା ବ୍ୟତୀତ ୪୩୫ ସରକାରୀ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଜଣେ ମାତ୍ର ଶିକ୍ଷକରେ ଚାଲିଛି ବୋଲି ମନ୍ତ୍ରୀ ଦାଶ ଗୃହରେ ସୂଚନା ଦେଇଛନ୍ତି।

## ୨୦ ବ୍ଲକରେ ଡିଗ୍ରୀ କଲେଜ ନାହିଁ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ରାଜ୍ୟର ୧୦ଟି ଜିଲାର ୨୦ ବ୍ଲକରେ ଡିଗ୍ରୀ କଲେଜ ନାହିଁ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ ସୂଚନା ଦେଇଛନ୍ତି। ରାଜ୍ୟରେ କେଉଁ କେଉଁ ସ୍ଥାନରେ ଡିଗ୍ରୀ କଲେଜ ଓ କେତେ ପିଲା ପଢୁଛନ୍ତି ଏବଂ କେଉଁ ବ୍ଲକରେ ଡିଗ୍ରୀ କଲେଜ ନାହିଁ, ସେ ନେଇ ବିଧାନସଭାରେ ବିଧାୟକ ମନୋହର ରନ୍ଧାରୀ ପ୍ରଶ୍ନ କରିଥିଲେ। ମନ୍ତ୍ରୀ ଉତ୍ତର ରଖି ଏହି ତଥ୍ୟ ଦେବା ସହ କହିଥିଲେ ନବରଙ୍ଗପୁର ଜିଲାର ସର୍ବାଧିକ ୫ଟି ବ୍ଲକ୍‌ରେ ଡିଗ୍ରୀ କଲେଜ ନାହିଁ। ଏହାପରେ ରାୟଗଡ଼ାରେ ୪ଟି ବ୍ଲକ, ଗଜପତି, କୋରାପୁଟ ଓ ସୁନ୍ଦରଗଡ଼ରେ ୨ଟି ଲେଖାଏ ବ୍ଲକ, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ଖୋର୍ଦ୍ଧା ଏବଂ ମୟୂରଭଞ୍ଜର ଗୋଟିଏ ଲେଖାଏ ବ୍ଲକ୍‌ରେ ଡିଗ୍ରୀ କଲେଜ ନାହିଁ। ଏହି ବ୍ଲକଗୁଡ଼ିକରେ କଲେଜ ଖୋଲିବାକୁ ସରକାର କୌଣସି ନିଷ୍ପତ୍ତି ନେଇନାହାନ୍ତି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି।

## କୋଭିଡ୍‌ରେ ୪୩,୨୬୨ ପିଲା ଅନାଥ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ରାଜ୍ୟରେ କୋଭିଡ୍ ଯୋଗୁ ୨୦୨୦ ଏପ୍ରିଲ ୧ରୁ ୨୦୨୧ ସେପ୍ଟେମ୍ବର ୧୫ ମଧ୍ୟରେ ୪୩,୨୬୨ ପିଲା ଅନାଥ ହୋଇଛନ୍ତି। ୯୮୮ ଜଣ ଉଭୟ ମାତାପିତାଙ୍କୁ ହରାଇଥିବା ଶିଶୁ ରହିଥିବାବେଳେ ୪୨,୨୭୪ଜଣ ପରିବାରର ରୋଜଗାରକ୍ଷମ ଅଭିଭାବକଙ୍କୁ ହରାଇଛନ୍ତି। ଏ ସମସ୍ତ ଶିଶୁଙ୍କୁ ସହାୟତା ଯୋଗାଇ ଦିଆଯାଇଥିବା ଶ୍ରମ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ବୁଧବାର ବିଧାନସଭାରେ ସୂଚନା ଦେଇଛନ୍ତି।ସେହିଭଳି ୨୦୧୧ ଜନଗଣନା ଅନୁଯାୟୀ ରାଜ୍ୟର ଶିଶୁ ଶ୍ରମିକଙ୍କ ସଂଖ୍ୟା ୯୨ ହଜାର ୮୭ ରହିଛି। କିନ୍ତୁ କୋଭିଡ୍‌ରେ ମା’ ବାପାଙ୍କୁ ହରାଇଥିବା ପିଲା ଶ୍ରମିକ ହେବାକୁ ବାଧ୍ୟ ହୋଇଥିବା ତଥ୍ୟ ବିଭାଗର ଉପଲବ୍ଧି ହୋଇନାହିଁ।

ରାଜ୍ୟରେ ଶିଶୁ ଶ୍ରମିକଙ୍କ ସଂଖ୍ୟା କେତେ, କୋଭିଡ୍ ଯୋଗୁ କେତେ ଶିଶୁ ଶ୍ରମିକ ବୃଦ୍ଧି ପାଇଛନ୍ତି, କୋଭିଡ୍‌ରେ ମା’ ବାପାଙ୍କୁ ହରାଇଥିବା କେତେଜଣ ଶିଶୁଙ୍କୁ ସରକାର ସହାୟତା ଯୋଗାଇଛନ୍ତି ବୋଲି ବିଧାୟକ ଧ୍ରୁବ ଚରଣ ସାହୁଙ୍କ ପ୍ରଶ୍ନରେ ଶ୍ରମମନ୍ତ୍ରୀ ଏହି ତଥ୍ୟ ରଖିଛନ୍ତି।

**ଆଜିର ସମ୍ପାଦକୀୟ** ଏବେକାର ମହାସଙ୍କଟ

# ଖବରଦାତାଙ୍କୁ ଲେଖିବାକୁ ମନା କରାଯାଇପାରିବ ନାହିଁ

## ଜୁବୈରଙ୍କୁ ଜାମିନ ପ୍ରଦାନ ବେଳେ ସୁପ୍ରିମକୋର୍ଟଙ୍କ ଟିପ୍ପଣୀ

**ନୂଆଦିଲ୍ଲୀ,୨୦।୭**

ଆପତ୍ତିଜନକ ଟୁଇଟ୍ ପାଇଁ ଅଲ୍ଟ ନ୍ୟୁଜ୍ ସହପ୍ରତିଷ୍ଠାତା ମହମ୍ମଦ ଜୁବୈରଙ୍କ ବିରୋଧରେ ଥିବା ସମସ୍ତ ମାମଲାରେ ସୁପ୍ରିମକୋର୍ଟ ବୁଧବାର ତାଙ୍କୁ ଜାମିନ ପ୍ରଦାନ କରିଛନ୍ତି। ସମାନ ଅଭିଯୋଗରେ ଜୁବୈରଙ୍କ ବିରୋଧରେ ଆଗକୁ ଏପରି ମାମଲା ହେଲେ ଏହି ଅନ୍ତରୀଣ ଜାମିନ ବଳରେ ଗିରଫ କରାଯାଇପାରିବ ନାହିଁ ବୋଲି କହିବା ସହ ତୁରନ୍ତ ତାଙ୍କୁ ଜେଲରୁ ମୁକୁଳାଇବା ପାଇଁ ସର୍ବୋଚ୍ଚ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ତଦନୁଯାୟୀ ସେ ସନ୍ଧ୍ୟାରେ ଜେଲ୍‌ରୁ ମୁକୁଳିଛନ୍ତି।

ଗିରଫଦାରି କ୍ଷମତାକୁ ସଂଯମତାର ସହ ଉପଯୋଗ କରାଯିବା ଉଚିତ ବୋଲି ଜଷ୍ଟିସ୍ ଡି. ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ କହିଥିଲେ। ଜୁବୈରଙ୍କୁ ଟୁଇଟ୍ କରିବାକୁ ବାରଣ କରିବାକୁ ଉତ୍ତରପ୍ରଦେଶ ସରକାରଙ୍କ ପକ୍ଷରୁ ହୋଇଥିବା ଆବେଦନକୁ ଖାରଜ କରି ଖଣ୍ଡପୀଠ କହିଥିଲେ, ଏହା କିପରି ହୋଇପାରିବ। ଜଣେ ଓକିଲଙ୍କୁ ଯୁକ୍ତିତର୍କ ନ କରିବାକୁ କୁହାଯାଇପାରିବ କି? ସେହିପରି ଜଣେ ଖବରଦାତାଙ୍କୁ ଲେଖିବାକୁ ମନା କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଛନ୍ତି। ଏଥିସହ ୟୁପିରେ ଜୁବୈରଙ୍କ ବିରୋଧରେ ଥିବା ମାମଲାଗୁଡ଼ିକୁ ଦିଲ୍ଲୀ ପୋଲିସ ସ୍ପେଶାଲ ସେଲ୍‌କୁ ଟ୍ରାନ୍ସଫର କରାଯାଇଛି। ମାମଲା ଉଠାଇବା ପାଇଁ ଜୁବୈର ଦିଲ୍ଲୀ ହାଇକୋର୍ଟକୁ ଯାଇପାରିବେ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ସୂଚନାଯୋଗ୍ୟ, ହିନ୍ଦୁ ଠାକୁରଙ୍କ ଉପରେ କରିଥିବା ୨୦୧୮ର ଏକ ଟୁଇଟ୍ ପାଇଁ ଜୁବୈରଙ୍କୁ ଜୁନ୍ ୨୭ରେ ଗିରଫ କରାଯାଇଥିଲା। ସେ କ୍ରମାଗତ ଭାବେ ଧର୍ମୀୟ ଭାବନାକୁ ଆଘାତ ଦେବା ଭଳି ଟୁଇଟ କରିବା ସହ ଦୁଇ ସମ୍ପ୍ରଦାୟ ମଧ୍ୟରେ ତିକ୍ତତା ସୃଷ୍ଟି ଉଦ୍ୟମ କରୁଥିବା ଦିଲ୍ଲୀ ପୋଲିସ କହିଥିଲା।



ମହମ୍ମଦ ଜୁବୈର

# ଗାଡ଼ି ଚଢ଼ାଇ ପୋଲିସଙ୍କୁ ହତ୍ୟା | ୨୪ ଘଣ୍ଟାରେ ୩ ମୃତ

## ଝାଡ଼ଖଣ୍ଡ, ଗୁଜରାଟରେ ହରିୟାଣା ଭଳି କାଣ୍ଡ

- ରାଞ୍ଚିରେ ମହିଳା ସବ୍-ଇନ୍‌ସ୍ପେକ୍ଟରଙ୍କୁ ଗାଡ଼ି ମଡ଼ାଇଲେ ଗୋରୁ ଚାଲାଣକାରୀ
- ଆନନ୍ଦରେ ଯାଞ୍ଚ ବେଳେ କନଷ୍ଟେବଲଙ୍କ ଉପରକୁ ଟ୍ରକ୍ ଚଢ଼ିଲା

**ରାଞ୍ଚି/ବଡ଼ୋଦରା,୨୦।୭**

ହରିୟାଣାର ନୁହ ଜିଲାରେ ବେଆଇନ ଖନନ ବେଳେ କର୍ତ୍ତବ୍ୟରତ ଡିଏସ୍‌ପି ସୁରେନ୍ଦ୍ର ସିଂ ବିଷ୍ଣୋଇଙ୍କୁ ଡମ୍ପର ଚଢ଼ାଇ ହତ୍ୟା କରାଯିବାର ୨୪ ଘଣ୍ଟା ନ ବିତୁଣୁ ଝାଡ଼ଖଣ୍ଡର ରାଞ୍ଚି ଓ ଗୁଜରାଟର ଆନନ୍ଦ ଜିଲାରେ ଦୁଇଟି ଅନୁରୂପ ଘଟଣା ସାମ୍ନାକୁ ଆସିଛି। ରାଞ୍ଚିରେ ମଙ୍ଗଳବାର ରାତିରେ ଜଣେ ମହିଳା ସବ୍-ଇନ୍‌ସ୍ପେକ୍ଟରଙ୍କୁ ଗୋରୁ ଚାଲାଣକାରୀମାନେ ଗାଡ଼ି ଚଢ଼ାଇ ହତ୍ୟା କରିଛନ୍ତି। ସେହିପରି ଆନନ୍ଦ ଜିଲା ବୋରସାଦ୍ ଥାନାର ଜଣେ କନଷ୍ଟେବଲ ଯାନବାହନ ଯାଞ୍ଚ କରୁଥିବାବେଳେ ତାଙ୍କ ଉପରକୁ ଏକ ଟ୍ରକ୍ ଚଢ଼ିଯାଇଛି। ଅଭିନବ ଶୈଳୀରେ ପୋଲିସ ହତ୍ୟାର ଏହି ତିନି ଘଟଣା ଅପରାଧର ନୂଆ ଟ୍ରେଣ୍ଡ୍‌କୁ ନେଇ ଅନେକ ପ୍ରଶ୍ନ ଛିଡ଼ା କରିଛି। ଓଡ଼ିଶାରୁ ଗୋରୁଙ୍କୁ ନେଇ ଏକ ଗାଡ଼ି ରାଞ୍ଚି ଅତିକ୍ରମ କରିବ ବୋଲି ଝାଡ଼ଖଣ୍ଡ ପୋଲିସ ଆଗୁଆ ସୂଚନା ପାଇଥିଲା। ତେଣୁ ଝାଡ଼ଖଣ୍ଡ ପୋଲିସ ମଙ୍ଗଳବାର ରାତିରେ ରାଜଧାନୀ ରାଞ୍ଚିରେ ପ୍ରସ୍ତୁତ ହୋଇ ରହିଥିଲା। ଉକ୍ତ ପିକ୍‌ଅପ୍ ଭ୍ୟାନ୍ ରାଞ୍ଚିରେ ପହଞ୍ଚିବା ପୂର୍ବରୁ ଦୁଇଟି ସ୍ଥାନରେ ପୋଲିସ ପାଟ୍ରୋଲିଂ ଟିମ୍‌କୁ ଚକମା ଦେଖାଇ ଫେରାର ହେବାରେ ସକ୍ଷମ ହୋଇଥିଲା। ସେପଟେ ରାଞ୍ଚିର ତୁପୁଦନା ଫାଣ୍ଡିର ଇନ୍‌ଚାର୍ଜ ସନ୍ଧ୍ୟା ଟପ୍ନୋ ବେଆଇନ ଗୋରୁ ଚାଲାଣ ରୋକିବା ପାଇଁ ଉକ୍ତ ପିକ୍‌ଅପ୍ ଭ୍ୟାନ୍‌କୁ ଅଟକାଇବାକୁ କହିଥିଲେ। କିନ୍ତୁ ଏହାର ଚାଳକ ନ ଅଟକି ତାଙ୍କ ଉପରେ ଗାଡ଼ି ଚଢ଼ାଇବା ପରେ ଦ୍ରୁତଗତିରେ ଫେରାର ହୋଇଯାଇଥିଲେ। ସେଠାରେ ମୁତୟନ ଥିବା ଅନ୍ୟ ପୋଲିସ କର୍ମଚାରୀମାନେ ଉକ୍ତ ଭ୍ୟାନ୍‌କୁ ପିଛା କରିଥିଲେ। ଫଳରେ ଭ୍ୟାନ୍‌ଟି ବାଟରେ ଭାରସାମ୍ୟ ହରାଇ ଓଲଟିପଡ଼ିଥିଲା। ଡ୍ରାଇଭର ନିସାର ଖାନ୍‌ଙ୍କୁ ଗିରଫ କରାଯାଇଥିବାବେଳେ ଅନ୍ୟ ଜଣେ ବ୍ୟକ୍ତି ଫେରାର ହେବାରେ ସକ୍ଷମ ହୋଇଥିଲେ। ଏନେଇ ରାଞ୍ଚି ଏସ୍‌ଏସ୍‌ପି କୌଶଳ କିଶୋର କହିଛନ୍ତି, ଭ୍ୟାନ୍‌କୁ ଜବତ କରାଯାଇଛି। ସେଥିରୁ ୧୦ ଗୋରୁଙ୍କୁ ଉଦ୍ଧାର କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି। ଗୋରୁ କେଉଁ ସ୍ଥାନକୁ ନିଆଯାଉଥିଲା ତାହା ଜାଣିବା ପାଇଁ ପୋଲିସ ଅଭିଯୁକ୍ତଙ୍କୁ ପଚରାଉଚରା କରୁଛି। ଇତିମଧ୍ୟରେ ରାଞ୍ଚି ପୋଲିସ ଆସୋସିଏଶନ୍‌ର ଆନନ୍ଦ ଖାଲ୍‌କୋ କହିଛନ୍ତି, ସନ୍ଧ୍ୟା ଟପ୍ନୋ ଜଣେ କର୍ତ୍ତବ୍ୟନିଷ୍ଠ ଓ ଦକ୍ଷ ଅଫିସର ଥିଲେ। ଏହି ମାମଲାର ତ୍ୱରିତ ଶୁଣାଣି ଏବଂ ଅପରାଧୀଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ସେ ଦାବି କରିଛନ୍ତି। ମୃତା ସନ୍ଧ୍ୟାଙ୍କ ଭାଇ ଅଜିତ ଟୋପ୍ନୋ କହିଛନ୍ତି, ପୋଲିସ ପାଟ୍ରୋଲିଂ କରୁଥିବାବେଳେ ଏକ ☞ପୃଷ୍ଠା–୪




## ବିଷାକ୍ତ ମଦ ପିଇ ୭ ମୃତ

ପଶ୍ଚିମବଙ୍ଗର ହାଓ୍ୱଡା ସହର ଘୁଷୁରିଠାରେ ବିଷାକ୍ତ ମଦ ପିଇ ବୁଧବାର ୭ ଜଣଙ୍କ ମୃତ୍ୟୁ ଘଟିଛି। ଆଉ ୨୦ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ନକଲି ମଦ କାରବାର ନେଇ ବାରମ୍ବାର ସେଠାକାର ଲୋକେ ଅଭିଯୋଗ କରିଆସୁଥିଲେ ହେଁ ପୋଲିସ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏଭଳି ଘଟିଥିବା ଅଭିଯୋଗ ହୋଇଛି। ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଛି।



ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁକୁ ବିରୋଧ କରି ବୁଧବାର ବେଙ୍ଗାଲୁରୁରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ଏଏପି କର୍ମୀ।

### ଥମୁନି ମୁଦ୍ରାସ୍ଫୀତି, ଜିଏସ୍‌ଟି ଝଡ଼

## ଗୃହ ପୁଣି ମୁଲତବୀ

ନୂଆଦିଲ୍ଲୀ, ୨୦।୭

ପାର୍ଲାମେଣ୍ଟର ମୌସୁମୀ ଅଧିବେଶନର ବୁଧବାର ତୃତୀୟ ଦିନରେ ପହଞ୍ଚିଥିବାବେଳେ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଗୃହକାର୍ଯ୍ୟ ପୁଣି ବାଧାପ୍ରାପ୍ତ ହୋଇଛି। ଦରଦାମ ବୃଦ୍ଧି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀରେ ଜିଏସ୍‌ଟି ଲାଗୁ ଆଦି ପ୍ରସଙ୍ଗରେ କେନ୍ଦ୍ର ସରକାର ଆଲୋଚନା କରିବା ଦାବିରେ ବିରୋଧୀ ଅଡ଼ି ବସିଥିଲେ। ହୋହଲ୍ଲା ଲାଗି ରହିବା ଯୋଗୁ ଲୋକ ସଭା ବାଚସ୍ପତି ଓମ୍ ବିର୍ଲା ପ୍ରଥମେ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଗୃହ ମୁଲତବୀ କରିଥିଲେ। ଅଧିବେଶନର ଶୂନ୍ୟକାଳରେ ବିରୋଧୀଙ୍କୁ ସେମାନଙ୍କ କଥା ରଖିବାକୁ ସୁଯୋଗ ଦିଆଯିବ ବୋଲି ବାଚସ୍ପତି କହିଥିଲେ। ହେଲେ ଗୃହ କାର୍ଯ୍ୟ ଆରମ୍ଭ ହେବା କ୍ଷଣି ବିରୋଧୀ ପୁଣି ହଟ୍ଟଗୋଳ କରିଥିଲେ। ସେମାନେ ପ୍ଲାକାର୍ଡ ଧରି ନାରାବାଜି କରିବା ସହ ବିରୋଧ ପ୍ରଦର୍ଶନ କରିଥିଲେ। ଫଳରେ ଗୃହକୁ ଗୁରୁବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ମୁଲତବୀ ରଖାଯାଇଛି।

# ଋଷି ବନାମ ଲିଜ୍





### ଡାଉନିଂ ଷ୍ଟ୍ରିଟ୍ ଦୌଡ଼

**ବ୍ରିଟେନ ପ୍ରଧାନମନ୍ତ୍ରୀ ହେବା ପାଇଁ ପ୍ରଥମ ଦାବିଦାର ଥିବା ଭାରତୀୟ ବଂଶୋଦ୍ଭବ ଋଷି ସୁନକଙ୍କ ଉପରେ ଏବେ ସାରା ବିଶ୍ୱର ନଜର କେନ୍ଦ୍ରୀଭୂତ ହୋଇଛି। ଏହି କଞ୍ଜରଭେଟିଭ୍ ପାର୍ଟି ଏମ୍‌ପିଙ୍କ ପୂର୍ବ ବଂଶାବଳୀ, ରାଜନୈତିକ ଉତ୍‌ଥାନ ଓ ସମ୍ପତ୍ତିକୁ ନେଇ କେବଳ ବ୍ରିଟେନ ନୁହେଁ, ଭାରତରେ ମଧ୍ୟ ଉତ୍ସୁକତା ବଢ଼ିବାରେ ଲାଗିଛି।**

ଲଣ୍ଡନ, ୨୦।୭

ବ୍ରିଟେନ ଇତିହାସରୁ ସବୁଠୁ ଉତ୍ତପ୍ତ ଦିବସ ହୁଏତ ଉଭେଇଯାଇପାରେ। କିନ୍ତୁ ଶାସକ କଞ୍ଜରଭେଟିଭ୍ ପାର୍ଟିରେ ଚାଲିଥିବା ତୀବ୍ର କ୍ଷମତାଯୁଦ୍ଧର ତାତି ଆଗକୁ ଆହୁରି ଅଧିକ ଅନୁଭୂତ ହେବ। ପ୍ରଧାନମନ୍ତ୍ରୀ ବୋରିସ୍ ଜନ୍‌ସନଙ୍କ ଉତ୍ତରାଧିକାରୀ ହେବା ପାଇଁ ପ୍ରତିଦ୍ୱନ୍ଦ୍ୱିତା ବୁଧବାର ଏକ ନିର୍ଣ୍ଣାୟକ ସ୍ଥିତିରେ ପହଞ୍ଚିଛି। ପଞ୍ଚମ ତଥା ଚୂଡ଼ାନ୍ତ ପର୍ଯ୍ୟାୟକୁ ପୂର୍ବତନ ଅର୍ଥମନ୍ତ୍ରୀ ଋଷି ସୁନକ ଓ ବହିର୍ବ୍ୟାପାର ମନ୍ତ୍ରୀ ଲିଜ୍ ଟ୍ରୁସ୍ ଉନ୍ନୀତ ହୋଇଛନ୍ତି। ୪୨ ବର୍ଷୀୟ ଋଷିଙ୍କୁ କଞ୍ଜରଭେଟିଭ୍ ପାର୍ଟିର ୧୩୭ ଏମ୍‌ପି ସମର୍ଥନ କରିଥିବାବେଳେ ୪୬ ବର୍ଷୀୟା ଲିଜ୍ ୧୧୩ ସଦସ୍ୟଙ୍କ ଭୋଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ଦିନକ ପୂର୍ବରୁ ଦ୍ୱିତୀୟ ସ୍ଥାନରେ ଥିବା ୪୯ ବର୍ଷୀୟା ବାଣିଜ୍ୟ ରାଷ୍ଟ୍ରମନ୍ତ୍ରୀ ତଥା ପୂର୍ବତନ ପ୍ରତିରକ୍ଷା ସଚିବ ପେନି ମୋର୍ଡଣ୍ଟ ୧୦୫ ଭୋଟ ପାଇ ପ୍ରତିଦ୍ୱନ୍ଦ୍ୱିତାରୁ ଓହରିଯାଇଛନ୍ତି। ତେବେ ଟୋରି ପାର୍ଟି ନେତା ତଥା ବ୍ରିଟେନ ପ୍ରଧାନମନ୍ତ୍ରୀ କିଏ ହେବେ ସେହି ନିଷ୍ପତ୍ତି ସେପ୍ଟେମ୍ବର ୫ରେ ହେବ।

ଅର୍ଥମନ୍ତ୍ରୀ ପଦରୁ ଇସ୍ତଫା ଦେଇ ପ୍ରଧାନମନ୍ତ୍ରୀ ପଦ ଛାଡ଼ିବା ପାଇଁ ବୋରିସ୍ ଜନ୍‌ସନଙ୍କୁ ବାଧ କରିଥିବା ବ୍ରିଟିଶ୍-ଇଣ୍ଡିଆନ୍ ପୂର୍ବତନ ଚାନ୍ସେଲର ଋଷି ସୁନକ ପ୍ରତ୍ୟେକ ପର୍ଯ୍ୟାୟରେ ଅଧିକରୁ ଅଧିକ ଭୋଟ ହାସଲ କରି ଦୌଡ଼ରେ ଆଗୁଆ ରହିଆସିଛନ୍ତି। ମଙ୍ଗଳବାର ଚତୁର୍ଥ ପର୍ଯ୍ୟାୟରେ ଋଷି ୧୧୮ ଭୋଟ ପାଇ ମ୍ୟାଜିକ୍ ନମ୍ବର ୧୨୦ର ନିକଟତର ହୋଇଥିବାବେଳେ ଗୁରୁବାର ତାଙ୍କୁ ଆଉ ୧୯ ଏମ୍‌ପିଙ୍କ ସମର୍ଥନ ମିଳିଛି। ସେହିପରି ପୂର୍ବତନ ପ୍ରତିରକ୍ଷା ମନ୍ତ୍ରୀ ଲିଜ୍ ଟ୍ରୁସ୍‌ଙ୍କୁ ମଙ୍ଗଳବାର ୮୬ ଭୋଟ ମିଳିଥିବାବେଳେ ସେ ଆଉ ୨୭ ଏମ୍‌ପିଙ୍କ ସମର୍ଥନ ହାସଲ କରିବା ତାତ୍ପର୍ଯ୍ୟପୂର୍ଣ୍ଣ ବୋଲି ୧୯୨୨ କମିଟି ଅଧ୍ୟକ୍ଷ ଗ୍ରାହାମ ବ୍ରାଡି ପ୍ରକାଶ କରିଛନ୍ତି। ଆସନ୍ତା ସୋମବାର ଋଷି ଓ ଲିଜ୍ ବିବିସିରେ ହେବାକୁ ଥିବା ସିଧା ପ୍ରସାରଣରେ ପରସ୍ପର ସହ ମୁହାଁମୁହିଁ ହେବେ।

ଋଷି ସୁନକଙ୍କ ପୂର୍ବପୁରୁଷ ପଞ୍ଜାବର ଗୁଜରନୱାଲା (ଅଧୁନା ପାକିସ୍ତାନ) ନିବାସୀ ଥିଲେ। ହିନ୍ଦୁ-ମୁସଲିମ୍ ସମ୍ପର୍କରେ ତିକ୍ତତା ବଢ଼ିବାରୁ ତାଙ୍କ ଜେଜେବାପା ରାମଦାସ ସୁନକ ୧୯୩୫ରେ ନାଇରୋବି ଯାଇ କିରାଣି ଭାବେ କାର୍ଯ୍ୟ କରିଥିଲେ। ରାମଦାସଙ୍କ ସ୍ତ୍ରୀ ସୁହାଗରାଣୀ ସୁନକ ୧୯୩୭ରେ କେନିଆ ଯିବା ପୂର୍ବରୁ ଗୁଜରନୱାଲାରୁ ନିଜ ଶାଶୁଙ୍କ ସହ ଦିଲ୍ଲୀ ଆସି ରହୁଥିଲେ। ୧୯୪୯ରେ ନାଇରୋବିରେ ଋଷିଙ୍କ ବାପା ଯଶବୀର ଜନ୍ମ ଗ୍ରହଣ କରିଥିଲେ। ସେ ପାଠ ପଢ଼ିବା ପାଇଁ ବ୍ରିଟେନ ଯାଇଥିଲେ। ୧୯୭୭ରେ ଯଶବୀର ଲିସେଷ୍ଟରରେ ଉଷାଙ୍କୁ ବିବାହ କରିଥିଲେ। ୧୯୮୦ ମେ' ୧୨ରେ ଜନ୍ମିତ ଋଷି ୨୦୦୯ରେ ଇନ୍‌ଫୋସିସ୍ ସହପ୍ରତିଷ୍ଠାତା ଏନ୍.ଆର. ନାରାୟଣମୂର୍ତ୍ତିଙ୍କ ଝିଅ ଅକ୍ଷତା ମୂର୍ତ୍ତିଙ୍କୁ ବିବାହ କରିଥିଲେ। ୨୦୧୯ରେ ଋଷି ଥେରେସା ମେ'ଙ୍କ କ୍ୟାବିନେଟରେ ସ୍ଥାନ ପାଇବା ପରେ ୨୦୨୦ ଫେବୃଆରୀରେ ବୋରିସ୍ ଜନ୍‌ସନ ତାଙ୍କୁ ଅର୍ଥମନ୍ତ୍ରୀ କରିଥିଲେ।

# ଶ୍ରୀଲଙ୍କାରେ ୱିକ୍ରମସିଂଘେ ସରକାର

କଲମ୍ବୋ, ୨୦।୭

ଶ୍ରୀଲଙ୍କା ପାର୍ଲାମେଣ୍ଟରେ ରାନିଲ ୱିକ୍ରମସିଂଘେ ବୁଧବାର ଦେଶର ନୂଆ ରାଷ୍ଟ୍ରପତି ନିର୍ବାଚିତ ହୋଇଛନ୍ତି। ୨୨୫ ସଦସ୍ୟତା ବିଶିଷ୍ଟ ସଂସଦର ୧୩୪ ଏମ୍‌ପି ରାନିଲଙ୍କ ସପକ୍ଷରେ ଭୋଟ ଦେଇଥିବାବେଳେ ଶାସକ ଶ୍ରୀଲଙ୍କା ପୋଦୁଜନ ପେରାମୁନା (ଏସ୍‌ଏଲ୍‌ପିପି)ର ବିଦ୍ରୋହୀ ପ୍ରାର୍ଥୀ ଦୁଲ୍ଲାସ ଆଲାହପ୍ପେରୁମାଙ୍କୁ ୮୨ ଭୋଟ ମିଳିଛି। ବାମପନ୍ଥୀ ଜନତା ବିମୁକ୍ତି ପେରାମୁନା (ଜେଭିପି) ନେତା ଅନୁରା କୁମାରା ଦିସାନାୟକେଙ୍କୁ ମାତ୍ର ୩ ଖଣ୍ଡ ଭୋଟରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ୬ ଥର ପ୍ରଧାନମନ୍ତ୍ରୀ ହୋଇଥିବା ବର୍ତ୍ତମାନର କାମଚଳା ରାଷ୍ଟ୍ରପତି ରାନିଲ ଗୁରୁବାର ନୂଆ ରାଷ୍ଟ୍ରପତି ଭାବେ ଶପଥ ନେବେ।

### ଆଜି ରାଷ୍ଟ୍ରପତି ଭାବେ ଶପଥ ନେବେ



ରାଷ୍ଟ୍ରପତି ନିର୍ବାଚିତ ହେବା ପରେ ୭୩ ବର୍ଷୀୟ ରାନିଲ ୱିକ୍ରମସିଂଘେ ଗଣତାନ୍ତ୍ରିକ ପରମ୍ପରାକୁ ବଜାୟ ରଖିଥିବାରୁ ପାର୍ଲାମେଣ୍ଟକୁ ଧନ୍ୟବାଦ ଦେଇଥିଲେ।

> "ମୁଁ ପାର୍ଲାମେଣ୍ଟରେ ୪୫ ବର୍ଷ କାର୍ଯ୍ୟ କରିଛି। ଏହି ପାର୍ଲାମେଣ୍ଟ ହେଉଛି ମୋ ଜୀବନ। ମୋତେ ରାଷ୍ଟ୍ରପତି ନିର୍ବାଚିତ କରି ସମ୍ମାନ ଦେଇଥିବାରୁ ସଂସଦକୁ ଧନ୍ୟବାଦ ଜଣାଉଛି। ସମସ୍ୟାରେ ଛନ୍ଦି ନ ହୋଇ ଆମକୁ ଆଗକୁ ବଢ଼ିବାକୁ ପଡ଼ିବ।
> **-ରାନିଲ ୱିକ୍ରମସିଂଘେ, ଶ୍ରୀଲଙ୍କାର ନବନିର୍ବାଚିତ ରାଷ୍ଟ୍ରପତି**

ଏଥିସହ ତାଙ୍କ ବିରୋଧରେ ପ୍ରତିଦ୍ୱନ୍ଦ୍ୱିତା କରିଥିବା ଉଭୟ ପ୍ରାର୍ଥୀଙ୍କ ସମେତ ପୂର୍ବତନ ରାଷ୍ଟ୍ରପତି ମହିନ୍ଦା ରାଜପାକ୍ସେ ଏବଂ ମୈତ୍ରିପାଳ ସିରିସେନାଙ୍କ ସହଯୋଗ ଲୋଡ଼ିଥିଲେ। ସେହିପରି ତାମିଲ ନେତାମାନଙ୍କୁ ମଧ୍ୟ ୱିକ୍ରମସିଂଘେ ତାଙ୍କୁ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ଏହି ଅବସରରେ ୱିକ୍ରମସିଂଘେ କହିଥିଲେ, ବର୍ତ୍ତମାନ ସାରା ବିଶ୍ୱରେ ଅନେକ ସମସ୍ୟା ଦେଖାଦେଇଛି। ଶ୍ରୀଲଙ୍କା ସେଥିରୁ ବାଦ୍ ପଡ଼ିନାହିଁ। ଦେଶର ଅର୍ଥନୀତିକୁ ବଦଳାଇବା ପାଇଁ ଯୁବପିଢ଼ି ଦାବି କରୁଛନ୍ତି। ସମସ୍ୟାରେ ଛନ୍ଦି ନ ହୋଇ ଆମକୁ ଆଗକୁ ବଢ଼ିବାକୁ ପଡ଼ିବ ବୋଲି କହିଥିଲେ। ଶ୍ରୀଲଙ୍କାରେ ଆର୍ଥିକ ସଙ୍କଟ ପାଇଁ ଦେଶବାସୀ ରାଷ୍ଟ୍ରପତି ଗୋଟାବାୟା ରାଜପାକ୍ସେଙ୍କୁ ଦାୟୀ କରି ଆନ୍ଦୋଳନ କରିବା ପରେ ସେ ସିଙ୍ଗାପୁର ପଳାୟନ କରି ସେଠାରୁ ନିଜ ଇସ୍ତଫାପତ୍ର ପଠାଇଥିଲେ। ତାଙ୍କ ଉତ୍ତରାଧିକାରୀ ଭାବେ ୱିକ୍ରମସିଂଘେଙ୍କ କାର୍ଯ୍ୟକାଳ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ରହିବ। ପୂର୍ବରୁ କୌଣସି ରାଷ୍ଟ୍ରପତି ପାର୍ଲାମେଣ୍ଟରେ ଶପଥ ନେଇ ନ ଥିଲେ ହେଁ ୱିକ୍ରମସିଂଘେ ସଂସଦରେ ଶପଥ ନେବା ପାଇଁ ଅନୁମତି ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ।

## ସମଲିଙ୍ଗୀ ବିବାହକୁ ସୁରକ୍ଷା ଦେବା ପାଇଁ ବିଲ୍ ପାରିତ

**ୱାଶିଂଟନ୍, ୨୦।୭:** ଆମେରିକାରେ ସମଲିଙ୍ଗୀ ବିବାହକୁ ଆଇନଗତ ସୁରକ୍ଷା ଦେବା ପାଇଁ ହାଉସ୍ ଅଫ୍ ରିପ୍ରେଜେଣ୍ଟେଟିଭ୍‌ରେ ମଙ୍ଗଳବାର ଏକ ବିଲ୍ ପାରିତ ହୋଇଛି। ଏଲ୍‌ଜିବିକ୍ୟୁ ସମ୍ପ୍ରଦାୟର ସୁରକ୍ଷା ପାଇଁ ଶାସକ ଡେମୋକ୍ରାଟ୍‌ଙ୍କ ପକ୍ଷରୁ ଆସିଥିବା ରେସପେକ୍ଟ ଫର୍ ମ୍ୟାରେଜ ଆକ୍ଟ ସପକ୍ଷରେ ୨୬୭ ଭୋଟ ଏବଂ ବିପକ୍ଷରେ ୧୫୭ ଭୋଟ ପଡ଼ିଥିଲା। ରିପବ୍ଲିକାନ ପାର୍ଟି ପକ୍ଷରୁ ୪୭ ସଦସ୍ୟ ବିଲ୍‌କୁ ସମର୍ଥନ ଦେଇଥିଲେ। ସିନେଟ୍‌ରେ ପାରିତ ହେବା ପରେ ହିଁ ଏହି ବିଲ୍ ଆଇନରେ ପରିଣତ ହୋଇପାରିବ। ଏଥିପାଇଁ ରିପବ୍ଲିକାନ୍ ପାର୍ଟିର ୧୦ ସଦସ୍ୟଙ୍କ ସମର୍ଥନ ଆବଶ୍ୟକ। ଦେଶରେ ଅନେକ ଜରୁରୀ ପ୍ରସଙ୍ଗ ରହିଥିବାବେଳେ ଏହି ବିଲ୍ ଏବେ ଅନାବଶ୍ୟକ ବୋଲି କହି ଅଧିକାଂଶ ରିପବ୍ଲିକାନ୍ ଏହାକୁ ବିରୋଧ କରିଛନ୍ତି। ତେଣୁ ସିନେଟ୍‌ରେ ଉକ୍ତ ବିଧେୟକ ପାରିତ ହେବା ସହଜ ହୋଇ ନ ପାରେ।



## ଜିଲ୍ ବାଇଡେନ୍‌ଙ୍କୁ ଭେଟିଲେ ଜେଲେନ୍‌ସ୍କିଙ୍କ ସ୍ତ୍ରୀ

ୱାଶିଂଟନ୍, ୨୦।୭

ୟୁକ୍ରେନ୍‌ର ପ୍ରଥମ ମହିଳା ତଥା ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କିଙ୍କ ସ୍ତ୍ରୀ ଓଲେନା ଜେଲେନ୍‌ସ୍କା ମଙ୍ଗଳବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ତାଙ୍କ ସ୍ତ୍ରୀ ଜିଲ୍ ବାଇଡେନ୍‌ଙ୍କୁ ଭେଟିଛନ୍ତି। ଏଥିସହ ଜିଲ୍ ବାଇଡେନ୍‌ଙ୍କ ସହ ଜେଲେନ୍‌ସ୍କା ବ୍ୟକ୍ତିଗତ ଭାବେ ଏକ ବୈଠକ କରିଛନ୍ତି। ହ୍ୱାଇଟ୍ ହାଉସ୍‌ରେ ବାଇଡେନ୍ ଏବଂ ଜିଲ୍ ବାଇଡେନ୍ ତାଙ୍କୁ ଫୁଲତୋଡ଼ା ଦେଇ ସ୍ୱାଗତ କରିଥିଲେ। ରୁଷିଆ ଆକ୍ରମଣରୁ ଆତ୍ମରକ୍ଷା ପାଇଁ ମସ୍କୋ ସୈନ୍ୟଙ୍କ ସହ ଲଢ଼ିବା ନିମନ୍ତେ ୟୁକ୍ରେନ୍‌କୁ ଆମେରିକା ଅଧିକ ସହାୟତା ପ୍ରଦାନ ଉପରେ ଉଭୟ ରାଷ୍ଟ୍ରର ପ୍ରଥମ ମହିଳା ଆଲୋଚନା କରିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ କୁହାଯାଇଛି। ଏଥିସହ ସେ ଆମେରିକା କଂଗ୍ରେସରେ ଉଦ୍‌ବୋଧନ ଦେଇ ୟୁକ୍ରେନ୍ ପାଇଁ ସହାୟତା ମାଗିଛନ୍ତି।

# ୧ ଯାଏ ଅଟକିଲା ଶୁଣାଣି

ନୂଆଦିଲ୍ଲୀ, ୨୦।୭

### ସୁପ୍ରିମକୋର୍ଟରେ ଉଦ୍ଧବ ବନାମ ଶିନ୍ଦେ





ମହାରାଷ୍ଟ୍ରର ଶାସକ ଦଳ ଶିବସେନା କାହାର। ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଏହାର ଅସଲ ନେତା ନା ବିଦ୍ରୋହ କରି କ୍ଷମତାସୀନ ହୋଇଥିବା ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ। ଏହି ପ୍ରଶ୍ନର ଉତ୍ତର ଏତେ ଶୀଘ୍ର ମିଳିବ ନାହିଁ। କାରଣ ଶିବସେନା ଓ ବିଦ୍ରୋହୀ ବିଧାୟକଙ୍କ ପକ୍ଷରୁ ଦାଏର ପୃଥକ୍ ପିଟିଶନଗୁଡ଼ିକ ଦଳବଦଳ, ମିଶ୍ରଣ ଓ ଅଯୋଗ୍ୟତାକୁ ନେଇ ଅନେକ ସାମ୍ବିଧାନିକ ପ୍ରଶ୍ନ ଉଠାଇଛି। ତେଣୁ ଅଗଷ୍ଟ ୧ରେ ସୁପ୍ରିମକୋର୍ଟଙ୍କ ଏକ ବୃହତ୍ ପୀଠରେ ସେଗୁଡ଼ିକର ଶୁଣାଣି ହୋଇପାରେ ବୋଲି ବୁଧବାର ପ୍ରଧାନ ବିଚାରପତି ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠ ସଙ୍କେତ ଦେଇଛନ୍ତି। ସୁପ୍ରିମକୋର୍ଟରେ ଏକନାଥ ଶିନ୍ଦେ ଏବଂ ଉଦ୍ଧବ ଠାକ୍‌ରେଙ୍କ ଶିବସେନା ଗୋଷ୍ଠୀ ପକ୍ଷରୁ ୬ଟି ପିଟିଶନ ଦାଏର ହୋଇଛି। ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ପ୍ରକ୍ରିୟା, ବାଚସ୍ପତିଙ୍କ ନିର୍ବାଚନ, ଦଳର ସଚେତକଙ୍କୁ ସ୍ୱୀକୃତି ଏବଂ ମହାରାଷ୍ଟ୍ର ବିଧାନସଭାରେ ଶିନ୍ଦେ ସରକାରଙ୍କ ଆସ୍ଥାଭୋଟ ସମ୍ପର୍କିତ ଏହି ଆବେଦନଗୁଡ଼ିକର ଶୁଣାଣି ବୁଧବାର ସିଜେଆଇ ରମନା, ଜଷ୍ଟିସ୍ କୃଷ୍ଣ ମୁରାରୀ ଏବଂ ଜଷ୍ଟିସ୍ ହେମା କୋହିଲଙ୍କୁ ନେଇ ଗଠିତ ଖଣ୍ଡପୀଠରେ ହୋଇଥିଲା। ସିଜେଆଇ ରମନା କହିଥିଲେ, ଏହି ମାମଲାଗୁଡ଼ିକରେ ଉଠୁଥିବା ସାମ୍ବିଧାନିକ ପ୍ରଶ୍ନର ସମାଧାନ ପାଇଁ ବୃହତ୍ ପୀଠରେ ବିଚାର ଆବଶ୍ୟକ। ପ୍ରାଥମିକ ପ୍ରସଙ୍ଗଗୁଡ଼ିକ ଉପରେ ଆଲୋଚନା ପାଇଁ ଅଗଷ୍ଟ ୧ ତାରିଖ ଧାର୍ଯ୍ୟ କରାଯାଇଛି। ବିଦ୍ରୋହୀ ବିଧାୟକଙ୍କ ପ୍ରସଙ୍ଗରେ ଜୁଲାଇ ୧୧ରେ ଅଦାଲତ ଜାରି କରିଥିବା ସ୍ଥିତାବସ୍ଥା ନିର୍ଦ୍ଦେଶ ବଜାୟ ରହିବ ବୋଲି ଖଣ୍ଡପୀଠ କହିଛନ୍ତି। ବରିଷ୍ଠ ଆଇନଜୀବୀ କପିଲ ସିବଲ ଓ ଅଭିଷେକ ମନୁ ସିଂଘଭି ଉଦ୍ଧବ ଗୋଷ୍ଠୀ ପକ୍ଷରୁ ମାମଲା ପରିଚାଳନା କରୁଥିବାବେଳେ ପୂର୍ବତନ ଆଟର୍ନି ଜେନେରାଲ ହରିଶ ସାଲ୍‌ଭେ ଏକନାଥ ଗୋଷ୍ଠୀର ପ୍ରତିନିଧିତ୍ୱ କରିଥିଲେ।

## ୨୩ ଘଣ୍ଟାରେ ଆମେରିକାରୁ ଚେନ୍ନାଇ

**ଚେନ୍ନାଇ, ୨୦।୭:** ଏୟାର ଆମ୍ବୁଲାନ୍ସରେ ଆମେରିକାରୁ ଜଣେ ଗୁରୁତର ମହିଳା ରୋଗୀଙ୍କୁ ମାତ୍ର ୨୩ ଘଣ୍ଟାରେ ଚେନ୍ନାଇ ଅଣାଯାଇଛି। ଆମେରିକାର ପୋର୍ଟଲାଣ୍ଡରୁ ଚେନ୍ନାଇ ଆଣିବା ପାଇଁ ୧ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ଆପୋଲୋ ହସ୍ପିଟାଲର କାର୍ଡିଓଲୋଜିଷ୍ଟ ଡା. ସାଇ ସତିଶ ଏବଂ ତାଙ୍କ ଟିମ୍ ମହିଳାଙ୍କ ଚିକିତ୍ସା କରୁଛନ୍ତି। ଆମେରିକାରେ ମହିଳାଙ୍କୁ ହୃଦ୍‌ଘାତ ହୋଇଥିଲା। ଚିକିତ୍ସା ପାଇଁ ତାଙ୍କୁ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମହିଳାଙ୍କ କିଡ୍‌ନୀ ଅକାମୀ ହୋଇଯିବା ପରେ ତାଙ୍କର ଡାୟାଲିସିସ୍ କରାଯାଇଥିଲା। ଆମେରିକାର ଡା. ଶାଳିନି ନାଲୱାଦଙ୍କ ଇଣ୍ଟରନ୍ୟାଶନାଲ କ୍ରିଟିକାଲ-କେୟାର ଏୟାର ଟ୍ରାନ୍ସଫର୍ ଟିମ୍ (ଆଇସିଏଟିଟି) ସହ ଯୋଗାଯୋଗ କରିଥିଲେ। ସ୍ଥାନାନ୍ତରଣ ପାଇଁ ଆଇସିଏଟିଟି ଟିମ୍ ଚେନ୍ନାଇ ଆପୋଲୋର ଡା. ସାଇ ଶତିଙ୍କ ସହ ଯୋଗାଯୋଗ କରିଥିଲା। ଡାକ୍ତରୀ ଟିମ୍‌ର ପରାମର୍ଶ ପରେ ସୋମବାର ଦିନ ସ୍ଥାନୀୟ ସମୟ ସାଢ଼େ ଦୁଇଟାବେଳେ ଏୟାର ଆମ୍ବୁଲାନ୍ସଟି ପୋର୍ଟଲାଣ୍ଡରୁ ବାହାରିଥିଲା।

# ମୂସେୱାଲା ହତ୍ୟାକାଣ୍ଡ: ୨ ଅଭିଯୁକ୍ତ ନିହତ

ଚଣ୍ଡିଗଡ଼, ୨୦।୭



- ଡ୍ରଗ୍ସ ପାଇଁ ପଞ୍ଜାବ ଫେରି ଜୀବନ ଗଲା
- ଅଟ୍ଟାରି ସୀମା ହୁସିଆରପୁରରେ ୫ ଘଣ୍ଟା ଏନ୍‌କାଉଣ୍ଟର

ପଞ୍ଜାବ ଗାୟକ ସିଦ୍ଧୁ ମୂସେୱାଲାଙ୍କ ହତ୍ୟା ଅଭିଯୁକ୍ତ ତଥା ୨ ଶୁଟର ବୁଧବାର ପୋଲିସ ଏନ୍‌କାଉଣ୍ଟରରେ ନିହତ ହୋଇଛନ୍ତି। ମୃତ ଗ୍ୟାଙ୍ଗଷ୍ଟର ହେଲେ ଜଗ୍‌ରୂପ ସିଂ ରୂପା ଏବଂ ମନ୍‌ପ୍ରୀତ ମନୁ ଓରଫ ମନ୍ନୁ କୁସା। ଭାରତ-ପାକିସ୍ତାନ ସୀମାରୁ ୧୦ କିଲୋମିଟର ଦୂର ହୁସିଆରପୁରରେ ୫ ଘଣ୍ଟା ଧରି ପୋଲିସ ଏନ୍‌କାଉଣ୍ଟର କରିଥିଲା। କ୍ରସ୍ ଫାୟାରିଂରେ ଏକ ନ୍ୟୁଜ୍ ଚ୍ୟାନେଲର ଜଣେ କ୍ୟାମେରାମ୍ୟାନ୍‌ଙ୍କ ଗୋଡ଼ରେ ଗୁଳି ବାଜିଛି। ଆଉ ୩ ପୋଲିସ କର୍ମଚାରୀ ମଧ୍ୟ ଆହତ ହୋଇଛନ୍ତି। ଗ୍ୟାଙ୍ଗଷ୍ଟରଙ୍କ ନିକଟରୁ ଏକ ଏକେ-୪୭ ରାଇଫଲ, ପିସ୍ତଲ, ବିପୁଳ ସଂଖ୍ୟାରେ ବୁଲେଟ ଏବଂ ଏକ ବ୍ୟାଗ୍ ମିଳିଛି।

ଗତ ମେ' ୨୯ରେ କଂଗ୍ରେସ ନେତା ମୂସେୱାଲାଙ୍କୁ ଗୁଳି କରି ହତ୍ୟା କରାଯିବା ପରଠାରୁ ଏଥିରେ ସମ୍ପୃକ୍ତ ୩ ଶୁଟର ଫେରାର ଥିଲେ। ୱାଣ୍ଟେଡ୍ ତାଲିକାରେ ଥିବା ଏହି ୩ ଜଣଙ୍କୁ ଧରିବାକୁ ପୋଲିସ ଉଦ୍ୟମ ଜାରି ରଖିଥିଲା। ଜଗ୍‌ରୂପ ଏବଂ ମନ୍‌ପ୍ରୀତ ଡ୍ରଗ୍ସ ପାଇଁ ପଞ୍ଜାବ ଫେରିଥିବା ସୂଚନା ମିଳିବା ପରେ ଉଭୟଙ୍କୁ ଧରିବା ପାଇଁ ପୋଲିସ ଯୋଜନା କରିଥିଲା। ସେମାନେ ଏକ ଫାର୍ମ ହାଉସ୍‌ରେ ଲୁଚି ରହିଥିବାବେଳେ ପୋଲିସ ସେଠାରେ ପହଞ୍ଚି ଚାରିପଟୁ ଘେରାଉ କରିଥିଲା। ଏହି ସମୟରେ ଅଭିଯୁକ୍ତମାନେ ମଧ୍ୟ ପୋଲିସ ଉପରକୁ ଗୁଳିଚାଳନା କରିଥିଲେ। ୫ ଘଣ୍ଟାର ଅପରେଶନ ପରେ ଅପରାହ୍ନରେ ଏନ୍‌କାଉଣ୍ଟରରେ ଉଭୟଙ୍କ ମୃତ୍ୟୁ ଘଟିଥିଲା। ୨ ମୃତକ ମୁଖ୍ୟ ଅଭିଯୁକ୍ତ ଲରେନ୍ସ ବିଷ୍ଣୋଇ ଗ୍ୟାଙ୍ଗ୍‌ର ସଦସ୍ୟ ଥିଲେ। ଅନ୍ୟ ଜଣେ ଶୁଟର ଦୀପକ ମୁଣ୍ଡି ଏବେ ମଧ୍ୟ ଫେରାର ଅଛନ୍ତି। ଅଦ୍ୟାବଧି ୮ ଶୁଟରଙ୍କୁ ଗିରଫ କରାଯାଇଛି। ଉକ୍ତ ଅଞ୍ଚଳକୁ ଘେରାଉ କରାଯିବା ସହ ଲୋକଙ୍କୁ ବାହାରକୁ ନ ଆସିବାକୁ କୁହାଯାଇଛି। ଆଣ୍ଟାଇ-ଗ୍ୟାଙ୍ଗଷ୍ଟର ଟାସ୍କ ଫୋର୍ସ ଏହି ଏନ୍‌କାଉଣ୍ଟର କରିଛି। ଡିଜିପି ଗୌରବ ଯାଦବ ଘଟଣାସ୍ଥଳରେ ଉପସ୍ଥିତ ଥିଲେ। କାନଡାରୁ ସତିନ୍ଦରଜିତ୍ ସିଂ ଓରଫ୍ ଗୋଲ୍ଡି ବ୍ରାର୍ ଏବଂ ତିହାର ଜେଲରେ ଥିବା ଲରେନ୍ସ ବିଷ୍ଣୋଇ ମୂସେୱାଲାଙ୍କ ହତ୍ୟାକାଣ୍ଡର ଯୋଜନା କରିଥିବାବେଳେ ଏହି ଘଟଣାରେ ପଞ୍ଜାବ ସମେତ ଦିଲ୍ଲୀ ଏବଂ ମୁମ୍ବାଇ ପୋଲିସ ମଧ୍ୟ ତଦନ୍ତ କରୁଛନ୍ତି।

## ୯.୭୯ ଲକ୍ଷ କେନ୍ଦ୍ରୀୟ ପଦବୀ ଖାଲିପଡ଼ିଛି

ନୂଆଦିଲ୍ଲୀ, ୨୦।୭

କେନ୍ଦ୍ର ସରକାରଙ୍କ ବିଭିନ୍ନ ବିଭାଗରେ ଗତବର୍ଷ ମାର୍ଚ୍ଚ ସୁଦ୍ଧା ୪୦.୩୫ ଲକ୍ଷ ପଦବୀ ମଧ୍ୟରୁ ୯.୭୯ ଲକ୍ଷ ପୋଷ୍ଟ ଖାଲି ପଡ଼ିଥିବା କାର୍ମିକ ମନ୍ତ୍ରଣାଳୟ ରାଷ୍ଟ୍ରମନ୍ତ୍ରୀ ଜିତେନ୍ଦ୍ର ସିଂ ବୁଧବାର ଲୋକ ସଭାରେ ସୂଚନା ଦେଇଛନ୍ତି। ବିଭିନ୍ନ ମନ୍ତ୍ରଣାଳୟ ଏବଂ ବିଭାଗ ଗୁଡ଼ିକରେ ୪୦,୩୫,୨୦୩ ପଦବୀ ପୂରଣ ନିମନ୍ତେ ସ୍ୱୀକୃତି ମିଳିଥିଲା ବୋଲି ସେ କହିଛନ୍ତି। ସେଥିମଧ୍ୟରୁ ୩୦,୫୫,୮୭୬ ପୋଷ୍ଟ ପୂରଣ ହୋଇଛି। ପଦବୀ ସୃଷ୍ଟି କରିବା ଏବଂ ସେଗୁଡ଼ିକୁ ପୂରଣ କରିବା ଦାୟିତ୍ୱ ସମ୍ପୃକ୍ତ ମନ୍ତ୍ରଣାଳୟ ଓ ବିଭାଗର। ଏହା ଏକ ନିରନ୍ତର ପ୍ରକ୍ରିୟା। ତେଣୁ ସମସ୍ତ ମନ୍ତ୍ରଣାଳୟ ଏବଂ ବିଭାଗ ଆକ୍ସନ ମୋଡରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ପଦବୀଗୁଡ଼ିକ ପୂରଣ କରିବା ନିମନ୍ତେ ପରାମର୍ଶ ଦିଆଯାଇଛି ବୋଲି ସେ କହିଛନ୍ତି।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୫୭,୦୦,୫୦,୯୩୪ | ୬୩,୯୨,୪୩୨ | ୫୪,୧୧,୬୩,୦୨୭ |
| ଭାରତ | ୪,୩୮,୦୩,୬୧୯ | ୫,୨୫,୮୨୫ | ୪,୩୧,୩୨,୧୪୦ |
| ଓଡ଼ିଶା | ୧୩,୦୧,୯୯୫ | ୯୧୩୦(+୫୩) | ୧୨,୮୬,୯୧୫ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

# ବଢ଼ିଛି ମାମଲା, ଚାର୍ଜଶିଟ୍ କମ୍

**ବିଧାନସଭାରେ ଶ୍ୱେତପତ୍ର-୨୦୨୧ ଉପସ୍ଥାପିତ**

- ଦିନକୁ ୩ ହତ୍ୟା, ୯ ବଳାତ୍କାର
- ଚୋରି, ଡକାୟତି, ଲୁଣ୍ଠନ ଚିନ୍ତାଜନକ
- ବଢୁଛି ଯୌତୁକ ନିର୍ଯାତନା
- ରୁଜୁ ହୋଇଛି ୧,୫୫,୪୨୦ ଧର୍ତ୍ତବ୍ୟ ଅପରାଧ ମାମଲା

ଭୁବନେଶ୍ୱର,୨୦।୭(ବ୍ୟୁରୋ)

ଗତ ବର୍ଷ ତୁଳନାରେ ରାଜ୍ୟରେ ଆପରାଧିକ ମାମଲା ବଢ଼ିଛି। ରାଜ୍ୟରେ ଦିନକୁ ୩ଟି ହତ୍ୟା ହେଉଥିବାବେଳେ ୯ ଜଣ ବଳାତ୍କାରର ଶିକାର ହେଉଛନ୍ତି। କେବଳ ସେତିକି ନୁହେଁ ଚୋରି, ଡକାୟତି, ଲୁଣ୍ଠନ, ମୋଟରଯାନ ଦୁର୍ଘଟଣା ମଧ୍ୟ ଚିନ୍ତାଜନକ ରହିଛି। ଆପରାଧିକ ମାମଲା ସଂଖ୍ୟା ବଢୁଥିବା ବେଳେ ଚାର୍ଜଶିଟ୍ ସେହି ଅନୁପାତରେ ହେଉ ନାହିଁ। ବୁଧବାର ଗୃହ ବିଭାଗ ପକ୍ଷରୁ ବିଧାନସଭାରେ ଉପସ୍ଥାପିତ ହୋଇଥିବା ଶ୍ୱେତପତ୍ରରୁ ଏଭଳି ସୂଚନା ମିଳିଛି। ରାଜ୍ୟରେ ୨୦୨୦ରେ ୨,୯୮୪ ବଳାତ୍କାର ମାମଲା ରୁଜୁ ହୋଇଥିଲାବେଳେ ୨୦୨୧ରେ ଏହା ୩,୩୨୭ରେ ପହଞ୍ଚିଛି। ପଞ୍ଜୀକୃତ ହୋଇଥିବା ଏହି ମାମଲା ମଧ୍ୟରୁ ୩,୨୪୪ ସତ୍ୟ। ସେଥିରୁ ବର୍ଷ ଶେଷ ସୁଦ୍ଧା ୨,୩୩୫ ମାମଲାର ଚାର୍ଜଶିଟ୍ ଦାଖଲ ହୋଇଛି। ସେହିପରି ୨୦୨୦ରେ ୫୧୪ ଡକାୟତି ମାମଲା ରୁଜୁ ହୋଇଥିବାବେଳେ ୨୦୨୧ରେ ଏହି ସଂଖ୍ୟା ୫୫୨ରେ ପହଞ୍ଚିଛି।

ଶ୍ୱେତପତ୍ର ତଥ୍ୟ ଅନୁଯାୟୀ ୨୦୨୧ରେ ମୋଟ ୧,୫୫,୪୨୦ ଧର୍ତ୍ତବ୍ୟ ଅପରାଧ ମାମଲା ରୁଜୁ ହୋଇଛି। ଏଥିମଧ୍ୟରେ ୧,୩୯୪ ହତ୍ୟା, ୫୫୨ ଡକାୟତି, ୨,୮୨୬ ଲୁଣ୍ଠନ, ୫,୧୩୩ ସିନ୍ଧିଚୋରି, ୧୩,୦୨୪ ଚୋରି, ୫,୧୩୮ ପ୍ରତାରଣା, ୨,୨୨୦ ଦଙ୍ଗା, ୩,୩୨୭ ବଳାତ୍କାର, ୧୦,୯୮୩ ମୋଟରଯାନ ଦୁର୍ଘଟଣା ଓ ୧,୧୦,୮୨୩ ଅନ୍ୟାନ୍ୟ ମାମଲା ରହିଛି। ସେଥିରୁ ମୋଟ ୧,୪୯,୨୩୨ ମାମଲା ସତ୍ୟ ଉପରେ ଆଧାରିତ। ବର୍ଷ ଶେଷ ସୁଦ୍ଧା ମୋଟ ୧,୦୬,୨୮୩ ମାମଲାର ଚାର୍ଜଶିଟ୍ ଦାଖଲ ହୋଇଛି। ସୂଚନାଯୋଗ୍ୟ ଯେ ୨୦୨୦ରେ ଧର୍ତ୍ତବ୍ୟ ଅପରାଧ ମାମଲା ସଂଖ୍ୟା ଥିଲା ୧,୩୪,୨୩୦। ରାଜ୍ୟରେ ଯୌତୁକଜନିତ ମାମଲା ମଧ୍ୟ ଚିନ୍ତାଜନକ ରହିଛି। ୨୦୨୦ରେ ୪,୦୮୮ ଯୌତୁକ ମାମଲା ରୁଜୁ ହୋଇଥିବା ବେଳେ ୨୦୨୧ରେ ଏହା ୫,୦୮୦ ରହିଛି। ଏଥିରୁ ୩,୭୦୭ ମାମଲାର ଚାର୍ଜଶିଟ୍ ଦାଖଲ ହୋଇଛି। ୨୯୮ଟି ଯୌତୁକଜନିତ ହତ୍ୟା ମାମଲା ମଧ୍ୟରୁ ୧୮୧ଟିରେ ଚାର୍ଜଶିଟ୍ ଦାଖଲ ହୋଇଛି। ୧୨୯ଟି ଯୌତୁକଜନିତ ଆତ୍ମହତ୍ୟା ମାମଲା ମଧ୍ୟ ରୁଜୁ ହୋଇଛି। ସେଥିରୁ ୧୧୧ଟି ମାମଲାର ଚାର୍ଜଶିଟ୍ ଦାଖଲ ହୋଇଥିବା ବେଳେ ୧୮ଟି ତଦନ୍ତାଧୀନ ରହିଛି। ସେହିପରି ରାଜ୍ୟରେ ଯୌତୁକଜନିତ ନିର୍ଯାତନା ମଧ୍ୟ ବୃଦ୍ଧି ପାଇବାରେ ଲାଗିଛି। ରୁଜୁ ହୋଇଥିବା ମୋଟ ୪,୯୪୯ ମାମଲାରୁ ୩,୬୬୮ ମାମଲାର ଚାର୍ଜଶିଟ୍ ଦାଖଲ କରାଯାଇଛି।

ଅନୁରୂପ ଭାବେ ୨୦୨୧ରେ ୧,୩୯୪ ହତ୍ୟା ମାମଲା ହୋଇଛି। ସେଥିରୁ ୧,୩୨୩ ମାମଲା ସତ୍ୟ। ଏଥିରୁ ମାତ୍ର ୬୫୮ ମାମଲାର ଚାର୍ଜଶିଟ୍ ଦାଖଲ କରାଯାଇଛି। ୨୦୨୧ରେ ୫୫୨ ଡକାୟତି ମାମଲା ରୁଜୁ ହୋଇଥିବାବେଳେ ୧୭ ଜଣ ଆନ୍ତଃରାଜ୍ୟ ଡକାୟତଙ୍କ ସମେତ ମୋଟ ୧୬୮୨ ଜଣଙ୍କୁ ଗିରଫ କରାଯାଇଛି। ବିଭିନ୍ନ ଡକାୟତି ମାମଲାରେ ଲୁଟ ହୋଇଥିବା ୧୦,୩୦,୦୫,୦୩୬ ଟଙ୍କା ମୂଲ୍ୟର ସମ୍ପତ୍ତି ମଧ୍ୟରୁ ୩,୮୨,୭୦, ୩୫୫ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି। ସେହିପରି ଲୁଣ୍ଠନ ମଧ୍ୟ ବଢ଼ିଛି। ୨୦୨୧ରେ ୨,୮୨୬ ଲୁଣ୍ଠନ ମାମଲା ରୁଜୁ କରାଯାଇଥିବାବେଳେ ବେଳେ ୧,୩୦୬ର ଚାର୍ଜଶିଟ୍ ଦାଖଲ କରାଯାଇଛି। ୨,୪୫୮ ଜଣଙ୍କୁ ଗିରଫ କରାଯାଇଛି। ଲୁଟ ହୋଇଥିବା ୧୪,୮୩,୯୪, ୭୮୬ ଟଙ୍କା ମୂଲ୍ୟର ସମ୍ପତ୍ତି ମଧ୍ୟରୁ ୬,୩୭,୮୨,୩୪୩ ଟଙ୍କାର ସମ୍ପତ୍ତି ଜବତ କରାଯାଇଛି।

ରାଜ୍ୟରେ ବର୍ଷକରେ ୫,୦୫୫ ମାମଲା ରୁଜୁ ହୋଇଛି। ସେଥିରୁ ୧,୭୦୩ ମାମଲାର ଚାର୍ଜଶିଟ ଦାଖଲ ହୋଇଛି। ୩,୧୮୧ ଜଣ ସିନ୍ଧି ଚୋରଙ୍କୁ ଗରିଫ କରାଯାଇଥିବାବେଳେ ଲୁଟ୍ ହୋଇଥିବା ୪୭, ୬୮, ୭୩, ୦୫୨ ଟଙ୍କାରୁ ୭, ୩୭,୫୯,୦୪୧ ଟଙ୍କା ମୂଲ୍ୟର ସମ୍ପତ୍ତି ଉଦ୍ଧାର କରାଯାଇଛି। ୨୦୨୧ରେ ୨,୦୩୭ଟି ସାଇବର ଅପରାଧ ମାମଲା ରୁଜୁ ହୋଇଛି। ତାହା ମଧ୍ୟରୁ ୩୦୭ ମାମଲାର ଚାର୍ଜଶିଟ ଦାଖଲ ହୋଇଛି। ଏହି ମାମଲାରେ ୫୪୨ ଜଣ ଅପରାଧୀ ସମ୍ପୃକ୍ତ ଥିଲା ବେଳେ ୪୨୫ ଜଣଙ୍କୁ ରାଜ୍ୟ ଭିତରୁ ଓ ବାହାରୁ ଗିରଫ କରାଯାଇଛି।

ଅପରପକ୍ଷରେ ୨୦୨୧ରେ ମାଓବାଦୀ କାର୍ଯ୍ୟକଳାପ ସାମଗ୍ରିକ ଭାବେ ନିୟନ୍ତ୍ରଣାଧୀନ ଅଛି। ପ୍ରଭାବୀ ଢଙ୍ଗରେ ପୋଲିସ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଯୋଗୁ ମାଓବାଦୀ ପ୍ରଭାବିତ ୧୦ ଜିଲା ମଧ୍ୟରୁ ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ଓ କଳାହାଣ୍ଡି-ରାୟଗଡା ଜିଲା ସମେତ ଅଧିକାଂଶ ଅଞ୍ଚଳର ପରିସ୍ଥିତିରେ ଉଲ୍ଲେଖନୀୟ ଉନ୍ନତି ପରିଲକ୍ଷିତ ହୋଇଛି। ଏହି ବର୍ଷ ମାଓବାଦୀଙ୍କ ସହିତ ସଂଗଠିତ ୨୧ଟି ଗୁଳି ବିନିମୟ ଘଟଣା ସମେତ ରାଜ୍ୟରେ ମୋଟ ୨୮ଟି ଘଟଣା ଘଟିଥିଲା। ଏଥିରେ ୨ ଜଣ ସାଧାରଣ ବ୍ୟକ୍ତିଙ୍କ ପ୍ରାଣହାନି ହୋଇଥିବାବେଳେ ଜଣେ ସୁରକ୍ଷାକର୍ମୀ ଶହୀଦ ହୋଇଛନ୍ତି। ପୋଲିସ ସହ ପୃଥକ୍ ପୃଥକ୍ ଗୁଳି ବିନିମୟ ଘଟଣାରେ ୭ ଜଣ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା ବେଳେ ୩୬ ଜଣଙ୍କୁ ଗିରଫ କରାଯାଇଥିଲା। ୨୧ ଜଣ ମାଓବାଦୀ ଆତ୍ମସମର୍ପଣ କରିଥିଲେ। ସେହିପରି ୧୬୪ଥର ରାଜ୍ୟର ବିଭିନ୍ନ ସ୍ଥାନରେ ରାସ୍ତାରୋକୋ, ୧୮ ଥର ରେଳ ରୋକୋ, ୯୩୪ ଥର ଧାରଣା, ୫୧୯ ଥର ରାଲି, ୧୧୫୨ ଥର ବିକ୍ଷୋଭ, ୪୪ ଥର ଅନଶନ, ୨୬ ଥର ବନ୍ଦ ଓ ୧୦୭ ଥର ଘେରାଉ କରାଯାଇଛି। ମୋଟାମୋଟି ଭାବେ ପୋଲିସ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିବାରେ ସଫଳ ହୋଇଛି ବୋଲି ଶ୍ୱେତପତ୍ରରେ ଉଲ୍ଲେଖ କରାଯାଇଛି।




# କଳରାପତରିଆ ଛାଲ ଦାମ୍ ୬୦ହଜାର

କୋରାପୁଟ,(ସ୍ୱ.ପ୍ର)/ ଭୁବନେଶ୍ୱର, ୨୦।୭ (ବ୍ୟୁରୋ)

୬୦ ହଜାର ଟଙ୍କାରେ ବିକ୍ରି ହୋଇଥାନ୍ତା ବାଘଛାଲ। କୋରାପୁଟ ଜିଲା ବୈପାରିଗୁଡ଼ା ଥାନା ଅଞ୍ଚଳରେ କଲରାପତରିଆ ଛାଲ ଡିଲ୍‌ବେଳେ କ୍ରାଇମବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଚଢ଼ାଉ କରି ଜଣେ ଚାଲାଣକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ ସ୍ଥାନୀୟ ରାମଗିରି ଗୌଡଗୁଡା ଗ୍ରାମର ମନୋହର ଗୌଡ଼। ତାଙ୍କଠାରୁ ବାଇକ ସହ ଏକ କଲରାପତରିଆ ବାଘଛାଲ ଜବତ କରାଯାଇଛି। ଗିରଫ ପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏସ୍‌ଟିଏଫ୍ ଅଭିଯୁକ୍ତଙ୍କୁ ରାମଗିରି ବନ ବିଭାଗକୁ ହସ୍ତାନ୍ତର କରିଛି। ମନହୋର ଉକ୍ତ ବାଘଛାଲ କେଉଁଠୁ ଆଣିଲେ, ସ୍ଥାନୀୟ ଅଞ୍ଚଳରେ ବାଘ ଶିକାର କରିଥିଲେ କି, ତାଙ୍କ ସହ ଆଉ କିଏ ସମ୍ପୃକ୍ତ ଅଛନ୍ତି ଏଭଳି ବିଭିନ୍ନ ଦିଗକୁ ନେଇ ଏସ୍‌ଟିଏଫ୍ ଓ ବନବିଭାଗ ତଦନ୍ତ ଜାରି ରଖିଛି।

ସୂଚନା ଅନୁଯାୟୀ, ମନୋହର ଉକ୍ତ କଲରାପତରିଆ ବାଘ ଛାଲକୁ ବିକ୍ରି ପାଇଁ ଗ୍ରାହକ ଖୋଜୁଥିଲେ। କିଛିଦିନ ତଳେ ଜଣେ ଗ୍ରାହକଙ୍କ ସହ ୬୦ ହଜାର ଟଙ୍କାରେ ବିକ୍ରି ପାଇଁ ଡିଲ୍ ହୋଇଥିଲା। ଏନେଇ ଏସ୍‌ଟିଏଫ୍ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ରାମଗିରି ବନ ବିଭାଗକୁ ଜଣାଇଥିଲା। ଏହାପରେ ତାଙ୍କ ଉପରେ ଏସ୍‌ଟିଏଫ୍ ଓ ବନ ବିଭାଗ ନଜର ରଖିଥିଲା। ମନୋହର ମଙ୍ଗଳବାର ବିଳମ୍ବିତ ରାତିରେ ଏକ ବାଇକ୍‌ରେ ବାଘଛାଲକୁ ବ୍ୟାଗରେ ପୂରାଇ ରାମଗିରି ଗୁପ୍ତେଶ୍ୱର ଗେଟ ନିକଟକୁ ଆସିଥିଲେ। ପୂର୍ବରୁ ଯୋଗାଯୋଗ ହୋଇଥିବା କେତେଜଣ ଗ୍ରାହକ ସେଠାରେ ପହଞ୍ଚିଥିଲେ। ଏହି ସମୟରେ ଏସ୍‌ଟିଏଫ୍ ଓ ବନ ବିଭାଗର ମିଳିତ ଟିମ୍ ଚଢ଼ାଉ କରିଥିଲା। ଅନ୍ୟମାନେ ଖସି ପଳାଇବାରେ ସକ୍ଷମ ହୋଇଥିବାବେଳେ ମନୋହର ଧରାପଡ଼ିଯାଇଥିଲେ।

# ଆଇନଶୃଙ୍ଖଳା ଶାନ୍ତିପୂର୍ଣ୍ଣ: ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୦।୭ (ବ୍ୟୁରୋ)



ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି। ରାଜ୍ୟରେ ପଞ୍ଚାୟତ, ପୌର ଓ ସମବାୟ ସମିତି ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ଶେଷ ହୋଇଛି। ପୋଲିସ ଓ ପ୍ରଶାସନର ସହଯୋଗରେ ୨ ବର୍ଷ ପରେ ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ରଥଯାତ୍ରା ସୁରୁଖୁରୁରେ ଶେଷ ହୋଇଛି ବୋଲି ବୁଧବାର ବିଧାନସଭାରେ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗୃହ ବିଭାଗ ଓ ସାଧାରଣ ପ୍ରଶାସନ ବିଭାଗର ଖର୍ଚ୍ଚ ଦାବି ଆଲୋଚନା ଶେଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ରାଜ୍ୟରେ ମାଓବାଦୀ ହିଂସା ହ୍ରାସ ପାଇଛି। ମାଓବାଦୀପ୍ରବଣ ଅଞ୍ଚଳରେ ମଧ୍ୟ ପଞ୍ଚାୟତ ନିର୍ବାଚନ ବିନା ଗଣ୍ଡଗୋଳରେ ହୋଇଛି। ପୋଲିସ ବିଭାଗରେ ଭିତ୍ତିଭୂମି ଓ ମାନବ ସମ୍ବଳକୁ ବୃଦ୍ଧି କରାଯାଇଛି। ଗତ ବର୍ଷ ୯୪୪ ପଦବୀ ସୃଷ୍ଟି କରାଯାଇଛି। ସାଇବର ଓ ଅର୍ଥନୈତିକ ଅପରାଧ ପାଇଁ ସ୍ୱତନ୍ତ୍ର ଥାନା ବ୍ୟବସ୍ଥା କରାଯାଇଛି। ଏସ୍‌ଆଇ, ଏଏସ୍‌ଆଇ, ଜେଲ ଓ ଅଗ୍ନିଶମ ବିଭାଗର ୧,୭୩୦ ପଦବୀ ପୂରଣ ପାଇଁ ପ୍ରକ୍ରିୟା ଜାରି ରହିଛି। ଜେଲଗୁଡ଼ିକର ଭିତ୍ତିଭୂମି ବିକାଶ ଓ ଆଧୁନିକୀକରଣ ପାଇଁ କାରାଗାର ବିକାଶ ବୋର୍ଡ ଗଠନ କରାଯାଇଛି। ମାନବ ଚାଲାଣ, ମହିଳା ଓ ଶିଶୁମାନଙ୍କ ବିରୋଧରେ ହେଉଥିବା ଅପରାଧକୁ ରୋକିବାକୁ ଥାନାରେ ମହିଳା ଓ ଶିଶୁ ଡେସ୍କ କରାଯାଇଛି। ମହିଳାଙ୍କ ବିରୋଧରେ ହେଉଥିବା ସମସ୍ତ ମାମଲାକୁ ରେଡ୍ ଫ୍ଲାଗ୍ କେସ୍ ଭାବେ ବିଚାର କରାଯାଇ ଆଇନ ସହାୟତା ଯୋଗାଇ ଦିଆଯାଉଛି। ମୁଖ୍ୟମନ୍ତ୍ରୀ ସାଧାରଣ ପ୍ରଶାସନ ବିଭାଗ ଖର୍ଚ୍ଚ ଦାବି ଉପରେ ବକ୍ତବ୍ୟ ଦେଇ କହିଛନ୍ତି ଯେ ଲୋକମାନେ ଗଣତନ୍ତ୍ରର ଆତ୍ମା। ଜନସାଧାରଣଙ୍କ ସନ୍ତୁଷ୍ଟି ଉତ୍ତମ ପ୍ରଶାସନର ହଲ୍‌ମାର୍କ। ପ୍ରତ୍ୟେକ ବିଭାଗକୁ ମୋ ସରକାର ଓ ୫-ଟି ଅଧୀନକୁ ଆଣି ଜନସାଧାରଣଙ୍କୁ ଉତ୍ତମ ସେବା ଯୋଗାଇବାକୁ ସରକାର ପ୍ରତିଶ୍ରୁତିବଦ୍ଧ। ସମୟଭିତ୍ତିକ ଓ ନିର୍ବିଘ୍ନ ସେବା ଯୋଗାଇବା ପାଇଁ ରାଜ୍ୟ ସରକାର ୩୧ଟି ବିଭାଗର ୪୧୨ ସରକାରୀ ସେବାକୁ ଓଡ଼ିଶା ଜନସେବା ଆଇନ ଅଧିକାର ପରିସରଭୁକ୍ତ କରିଛନ୍ତି। ଦୁର୍ନୀତି କ୍ଷେତ୍ରରେ ରାଜ୍ୟ ସରକାର ସର୍ବଦା ଶୂନ ସହନଶୀଳ ନୀତି ଅବଲମ୍ବନ କରୁଛନ୍ତି। ରାଜ୍ୟ ଭିଜିଲାନ୍ସ ଏହି ବର୍ଷ ୪୭୫ ଜଣଙ୍କ ବିରୋଧରେ ୨୬୭ ଆପରାଧିକ ମାମଲା ରଜୁ କରିଛି। ଗଣତନ୍ତ୍ରରେ ଲୋକମାନେ ହେଉଛନ୍ତି ସର୍ବୋଚ୍ଚ। ଆମେ ସେମାନଙ୍କ ସେବା କରିବାକୁ ପ୍ରତିଶ୍ରୁତିବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଉତ୍ତରରେ ଅସନ୍ତୁଷ୍ଟ ହୋଇ ବିରୋଧୀ ଭାଜପା ଓ କଂଗ୍ରେସ ସଦସ୍ୟ ବିଧାନସଭା କକ୍ଷ ଛାଡ଼ି ବାହାରକୁ ଚାଲି ଯାଇଥିଲେ। ଶେଷରେ ଗୃହ ବିଭାଗର ୬୨୪୧,୨୦,୯୬ ୦୦୦ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ୫୦୯,୫୧,୦୨,୦୦୦ ଟଙ୍କାର ଖର୍ଚ୍ଚ ଦାବି ବିଧାନସଭାରେ ଗୃହୀତ ହୋଇଛି।

# ୨୨ରେ ନିଯୁକ୍ତି ପାଇବେ ୫୧୦ ମେଡିକାଲ ଅଫିସର

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ରାଜ୍ୟରେ ଡାକ୍ତର ଅଭାବ ଦୂର ହେବ। ଏଥିପାଇଁ ଆସନ୍ତା ଶୁକ୍ରବାର ଦିନ ୫୧୦ଜଣ ନୂତନ ମେଡିକାଲ ଅଫିସରଙ୍କୁ ନିଯୁକ୍ତି ପ୍ରଦାନ କରାଯିବ। ବୁଧବାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସ ବିଧାନସଭାରେ ବିବୃତି ରଖି କହିଛନ୍ତି, ରାଜ୍ୟ ସରକାର ସ୍ୱାସ୍ଥ୍ୟ ସେବାକୁ ଗୁରୁତ୍ୱ ଦେଉଛନ୍ତି। ଉନ୍ନତ ସ୍ୱାସ୍ଥ୍ୟ ସେବା ଯୋଗାଇଦେବା ଲକ୍ଷ୍ୟରେ ଡାକ୍ତରମାନଙ୍କ ଭୂମିକାକୁ ଗୁରୁତ୍ୱ ଦିଆଯାଇ ଗତ ୪ବର୍ଷ ଧରି ସରକାର ନିୟମିତ ଭାବେ ଓଡ଼ିଶା ଲୋକସେବା ଆୟୋଗର ଚୟନ ପ୍ରକ୍ରିୟା ମାଧ୍ୟମରେ ନିଯୁକ୍ତି ପ୍ରଦାନ କରୁଛନ୍ତି। ଏହି କ୍ରମରେ ଆସନ୍ତା ୨୨ ତାରିଖରେ ନୂତନ ଭାବେ ଚୟନ ହୋଇଥିବା ୫୧୦ଜଣ ମେଡିକାଲ ଅଫିସରଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଯୁକ୍ତିପତ୍ର ପ୍ରଦାନ କରିବେ। ଏମାନଙ୍କ ମଧ୍ୟରୁ ୩୫୮ଜଣ ଏଲୋପାଥିକ ଡାକ୍ତର, ୧୧୬ଜଣ ହୋମିଓପାଥିକ ଡାକ୍ତର ଏବଂ ୩୬ଜଣ ହୋମିଓପାଥିକ ଅଧ୍ୟାପକ ଅଛନ୍ତି। ନୂତନ ଡାକ୍ତରଙ୍କ ନିଯୁକ୍ତି ଦ୍ୱାରା ରାଜ୍ୟରେ ଡାକ୍ତରୀ ସମସ୍ୟା ଅନେକାଂଶରେ ଦୂର ହେବା ସହ ରାଜ୍ୟର ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ କୋଭିଡ୍ ଓ ଅନ୍ୟାନ୍ୟ ଜନସ୍ୱାସ୍ଥ୍ୟ ଚିକିତ୍ସା ସଦୃଢ଼ ହେବାରେ ସହାୟକ ହୋଇପାରିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି।







# ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ଅଜୟ ପରିଡ଼ାଙ୍କ ଶେଷକୃତ୍ୟ ସମ୍ପନ୍ନ

- ଶେଷ ଦର୍ଶନ କଲେ ମନ୍ତ୍ରୀ, ବିଧାୟକ ଓ ଜିଲାପାଳଙ୍କ ସମେତ ବିଶିଷ୍ଟ ବ୍ୟକ୍ତି
- ଗାଁରେ ଶୋକାକୁଳ ପରିବେଶ, ବିଭିନ୍ନ ସ୍ଥାନରେ ଶ୍ରଦ୍ଧାଞ୍ଜଳି ପ୍ରଦାନ



ଅଜୟ ପରିଡ଼ାଙ୍କୁ ରାଷ୍ଟ୍ରୀୟ ମର୍ଯ୍ୟାଦା ପ୍ରଦାନ କରାଯାଉଛି।

ଧର୍ମଶାଳା,୨୦।୭(ଡି.ଏନ.ଏ.)

ଆସାମର ଗୁଆହାଟୀଠାରେ ହୃଦ୍‌ଘାତରେ ପ୍ରାଣ ହରାଇଥିବା ଜୀବବିଜ୍ଞାନ ପ୍ରତିଷ୍ଠାନ(ଆଇଏଲ୍‌ଏସ୍) ନିର୍ଦ୍ଦେଶକ ପଦ୍ମଶ୍ରୀ ଡକ୍ଟର ଅଜୟ କୁମାର ପରିଡ଼ାଙ୍କ ବୁଧବାର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପାର୍ଥିବ ଶରୀରକୁ ତାଙ୍କ ଜନ୍ମମାଟି ଯାଜପୁର ଜିଲା ଧର୍ମଶାଳା ବ୍ଲକ ଭଗବାନପୁରରେ ରାଷ୍ଟ୍ରୀୟ ମର୍ଯ୍ୟାଦା ସହ ତୋପ ସଲାମୀ ଦିଆଯାଇ ଶେଷ କୃତ୍ୟ ସମ୍ପନ୍ନ କରାଯାଇଛି। ପୂର୍ବାହ୍ନରେ ତାଙ୍କ ପାର୍ଥିବ ଶରୀର ଜାରକାଠାରେ ପହଞ୍ଚିବା ପରେ ବିଭିନ୍ନ ଅନୁଷ୍ଠାନ ଓ ବ୍ୟକ୍ତି ବିଶେଷ ଶେଷ ଦର୍ଶନ କରିଥିଲେ। ପରେ ଏକ ଶୋଭାଯାତ୍ରାରେ ପାର୍ଥିବ ଶରୀରକୁ ଭଗବାନପୁର ନିଆଯାଇଥିଲା। ବାଟରେ ବିଭିନ୍ନ ଛକରେ ଲୋକେ ମରଶରୀରରେ ପୁଷ୍ପଗୁଚ୍ଛ ଦେଇ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଭଗବାନପୁରରେ ପାର୍ଥିବ ଶରୀର ପହଞ୍ଚିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମରଶରୀରକୁ ଗ୍ରାମ ପରିକ୍ରମା କରାଯାଇ ତାଙ୍କ ପୈତୃକ ବାସଭବନକୁ ନିଆଯାଇଥିଲା। ସେଠାରେ ଗ୍ରାମବାସୀ ଓ ପରିଜନ ତାଙ୍କର ଶେଷ ଦର୍ଶନ କରିବା ପରେ ଗାଁ ଶ୍ମଶାନକୁ ନିଆଯାଇଥିଲା। ତାଙ୍କର ଏକମାତ୍ର ପୁଅ ଆଶିଷ ପରିଡ଼ା ମୁଖାଗ୍ନି ଦେଇଥିଲେ।

ଭାଗବାନପୁରରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼ାଇ, ପୂର୍ବତନ ଏମ୍‌ପି ରୀତା ତରାଇ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର, ଏସ୍‌ପି ରାହୁଲ ପିଆର୍, ବିଡିଓ ଅରବିନ୍ଦ ବେହେରା, ତହସିଲଦାର ସ୍ୱାଗତ ଦାସ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମେଶ ପରିଡ଼ା, ଜିଲାପରିଷଦ ସଭ୍ୟ ଜଳଧର ମହାନ୍ତି, ଭାଗ୍ୟଧର ସେଠୀ, ଭାଜପା ନେତ୍ରୀ ସ୍ମୃତିରେଖା ପହି, ଜିଲା ପରିଷଦ ସଭ୍ୟା ସ୍ମୃତିରେଖା ବେହେରା ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

ସୂଚନାଯୋଗ୍ୟ, ପରିଡ଼ା ଆସାମର ଗୁଆହାଟୀଠାରେ ହେବାକୁ ଥିବା ଏକ କନ୍‌ଫରେନ୍ସରେ ଯୋଗଦେବାକୁ ଯାଇଥିଲେ। ତେବେ କନଫରେନ୍ସ ପୂର୍ବରୁ ସେ ରହୁଥିବା ହୋଟେଲ ରୁମ୍‌ରେ ମଙ୍ଗଳବାର ଚେତାଶୂନ୍ୟ ହୋଇ ପଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରେ ଗଭୀର ଶୋକ ପ୍ରକାଶ ପାଇଥିଲା।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................

ଲିପ୍‌ସା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରର ଉପରେ ଘର,**
**ସୁନା କୁମ୍ଭ ପରି ଚାରି ଦିଅର ଲୋ;**
**ଚନ୍ଦର ଉଦିଆ ବର।**

ଭଲ ଘର, ଭଲ ବର ମିଳିବା ସୌଭାଗ୍ୟର କଥା ହୋଇଥାଏ। ଶାଶୂଘରେ ସ୍ତ୍ରୀ ଲୋକଟିର ଭଲ ଘର ଓ ଭଲ ବରକୁ ନେଇ ପ୍ରଶଂସା କରିବା ସହ ଦିଅରମାନଙ୍କର ରୂପ ଓ ଗୁଣକୁ ନେଇ ଆତ୍ମସନ୍ତୋଷ ଲଭିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ଘୁଷୁରି ପ୍ରକୃତି ପଙ୍କେ ଲୋଟେ,**
**ମଣିଷ ପ୍ରକୃତି ମଲେ ତୁଟେ।**

ମଣିଷ ପ୍ରକୃତି ଆମରଣ ଯଥା ପୂର୍ବଂ ତଥା ପରମ। ଘୁଷୁରିର ପ୍ରକୃତି ପଙ୍କରେ ଲୋଟିବା ଭଳି ମଣିଷ ତା'ର ପ୍ରକୃତି ଓ ସ୍ୱଭାବକୁ ଛାଡ଼ି ପାରି ନ ଥାଏ। ଯାହାର ଯାହା ସ୍ୱଭାବ ତାକୁ ବଦଳାଇବା ଅତ୍ୟନ୍ତ କଷ୍ଟକର ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ତନ୍ତ୍ରମନ୍ତ୍ର କାମଦେଲାନି: ଯୁବକଙ୍କୁ କଚାଡ଼ି ମାରିଲା ହାତୀ

**ବଣାଇ, ୨୦।୭(ସ୍ୱ.ପ୍ର.)**

ସୁନ୍ଦରଗଡ଼ ଜିଲା ବଣାଇ ବନଖଣ୍ଡ କୁଲିପୋଷ ବନାଞ୍ଚଳର ଉପର ଗିନିଆଠାରେ ବୁଧବାର ମଧ୍ୟାହ୍ନରେ ଗୋଠଛଡ଼ା ଦନ୍ତାହାତୀ ଆକ୍ରମଣରେ ଜଣେ ଯୁବକଙ୍କ ଜୀବନ ଯାଇଛି। ମଙ୍ଗଳବାରଠାରୁ ସମ୍ପୃକ୍ତ ଅଞ୍ଚଳରେ ହାତୀଟି ଉତ୍ପାତ ଜାରି ରଖିଥିଲା। ସେଠାରେ ବନ ବିଭାଗର ହାତୀ ଘଉଡା ଦଳ ରହି ହାତୀକୁ ଘଉଡାଇବାରେ ବିଫଳ ହୋଇଥିଲେ। ଉପର ଗିନିଆ ଗ୍ରାମର ହେମନ୍ତ ମୁଣ୍ଡାରି (୩୦) ବାହାଦୁର ଦେଖାଇ ତନ୍ତ୍ରମନ୍ତ୍ର କରି ହାତୀ ଘଉଡାଇବା ପାଇଁ ଚେଷ୍ଟା କରୁଥିଲେ। ହାତୀ ସମ୍ମୁଖକୁ ହେମନ୍ତ ଆସିବାକ୍ଷଣି ହାତୀ ଶୁଣ୍ଢରେ ଟେକି କଚାଡି ଦେଇଥିଲା। ଘଟଣାସ୍ଥଳରେ ହେମନ୍ତଙ୍କର ମୃତ୍ୟୁ ଘଟିଥିଲା। ସୂଚନାପାଇ ମହୁଲପଦା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ନିଜେ ପୋଲିସ ଅଧିକାରୀ ମୃତଦେହକୁ କାନ୍ଧରେ ବୋହି ମହାପ୍ରୟାଣ ଗାଡିରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଅପରପକ୍ଷରେ ବନ ବିଭାଗ ପକ୍ଷରୁ ସେଭଳି ତତ୍ପରତା ପ୍ରକାଶ ପାଉ ନ ଥିବାରୁ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଉଛି। ବନରକ୍ଷୀଙ୍କ ସହ ଅନ୍ୟ କର୍ମଚାରୀଙ୍କୁ ଉପର ଗିନିଆ ଗ୍ରାମବାସୀ ହାତୀ ଘଉଡାଇବା ଦାବିରେ ଅଟକ ରଖିଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ବଣାଇ ବନଖଣ୍ଡରେ ତିନିମାସ ମଧ୍ୟରେ ହାତୀ ଆକ୍ରମଣରେ ଦଶ ଜଣରୁ ଅଧିକ ମୃତ୍ୟୁବରଣ କରିଥିବାବେଳେ ୫ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଲୋକେ ବନ ବିଭାଗ ଅଧିକାରୀଙ୍କ ନିକଟରେ ପ୍ରତିକାର ଲାଗି ଦାବି କରିଆସୁଛନ୍ତି।




ରାଗିଂ ଯୋଗୁ ଆତ୍ମହତ୍ୟା କରିଥିବା ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ରୁଚିକା ମହାନ୍ତିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଛାତ୍ର କଂଗ୍ରେସ ପକ୍ଷରୁ ବୁଧବାର ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀଙ୍କ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନକୁ ଘେରାଉ କରାଯାଇଛି।

## ୨୪ ଘଣ୍ଟାରେ ...

ପ୍ରଥମ ପୃଷ୍ଠାରୁ...

ପିକ୍‌ଅପ୍ ଭ୍ୟାନ୍‌ର ସନ୍ଦେହଜନକ ଗତିବିଧି ନେଇ ତାଙ୍କ ଭଉଣୀଙ୍କ ନିକଟକୁ ଫୋନ୍ କଲ୍ ଆସିଥିଲା। ଉକ୍ତ ଭ୍ୟାନ୍‌ଟି ପୋଲିସକୁ ଦେଖି ଭଉଣୀଙ୍କ ଉପରେ ମାଡ଼ିଯାଇଥିଲା। ଏହା ଏକ ହତ୍ୟା। ସେହିପରି ଗୁଜରାଟର ଆନନ୍ଦ ଜିଲା ବୋରସାଦ ସହରରୁ ଦଭାସି ଯାଉଥିବା ଏକ ଟ୍ରକ୍‌କୁ ପୋଲିସ ମଙ୍ଗଳବାର ବିଳମ୍ବିତ ରାତିରେ କନଷ୍ଟେବଳ କିରଣ ରାଜ ଭସାଦ୍-ବଗୋଡରା ରାଜପଥରେ ଅଟକାଇଥିଲେ। ଟ୍ରକ୍‌ଟି ଦ୍ରୁତଗତିରେ ତାଙ୍କ ଉପରେ ମାଡ଼ିଯାଇଥିଲା। କିରଣଙ୍କୁ ଗୁରୁତର ଅବସ୍ଥାରେ କରମସାଦ୍‌ସ୍ଥିତ ଶ୍ରୀକୃଷ୍ଣ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବୁଧବାର ପୂର୍ବାହ୍ନ ୧୦ଟା ୩୦ରେ ତାଙ୍କ ମୃତ୍ୟୁ ଘଟିଛି। ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଉଦ୍ୟମ କରାଯାଉଥିବା ଆନନ୍ଦ ଏସ୍‌ପି ଅଜିତ ରାଜିଆନ୍ କହିଛନ୍ତି। ଏଥିରେ ଆଉ ଜଣେ ହୋମଗାର୍ଡ ଆହତ ହୋଇଛନ୍ତି। ହରିୟାଣାର ନୁହ ଜିଲା ଆରାବଳୀ ପର୍ବତମାଳା ପାଦଦେଶରେ ବେଆଇନ ପଥର ଖନନ ହେଉଥିବା ନେଇ ସୂଚନା ପାଇ ମଙ୍ଗଳବାର ଡିଏସ୍‌ପି ସୁରେନ୍ଦ୍ର ସିଂ ବିଷ୍ଣୋଇ ସେଠାକୁ ଯାଇଥିଲେ। ସୁରେନ୍ଦ୍ର ପଥର ବୋଝେଇ ଏକ ଡମ୍ପରକୁ ରୋକିଥିଲେ। କିନ୍ତୁ ଉକ୍ତ ନମ୍ବର ବିହୀନ ଡମ୍ପର ସେଠାରେ ପଥର ଅନ୍‌ଲୋଡ୍ କରି ଡିଏସ୍‌ପିଙ୍କ ଉପରେ ମାଡ଼ିଯାଇଥିଲା। ପୋଲିସ ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ଉକ୍ତ ଟ୍ରକ୍‌କୁ ଜବତ କରିଛି। ଏଥିରେ ଆଉ କେଉଁମାନଙ୍କ ସମ୍ପୃକ୍ତି ଅଛି ତାହା ଜାଣିବା ପାଇଁ ପୋଲିସ ତନାଘନା କରୁଥିବାବେଳେ ସମାନ ଶୈଳୀରେ ଆହୁରି ଦୁଇଟି ହତ୍ୟାକାଣ୍ଡ ସାରା ଦେଶରେ ଚାଞ୍ଚଲ୍ୟ ସୃଷ୍ଟି କରିଛି।

# ମାଟ୍ରିକ ପରୀକ୍ଷାରେ ୪୪,୨୪୫ ପିଲା ଅନୁପସ୍ଥିତ ଥିଲେ

**ଭୁବନେଶ୍ୱର,୨୦।୭(ବ୍ୟୁରୋ)**

ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ୪୪,୨୪୫ଜଣ ଛାତ୍ରୀଛାତ୍ର ଅନୁପସ୍ଥିତ ଥିଲେ। ବିଧାନସଭାରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହୀନିପତିଙ୍କ ପ୍ରଶ୍ନରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଛାତ୍ରୀଛାତ୍ରମାନେ କାହିଁକି ଅନୁପସ୍ଥିତ ଥିଲେ ତାହା ଜାଣିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ଅନୁପସ୍ଥିତ ଥିବା ପିଲାଙ୍କ ଜିଲାୱାରୀ ତାଲିକା ଦେଇଛନ୍ତି। ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ

### ମୟୂରଭଞ୍ଜରେ ସର୍ବାଧିକ ୪,୪୬୨

କେଉଁ ଜିଲାରୁ କେତେଜଣ ପିଲା ଅନୁପସ୍ଥିତ ଥିଲେ, ସେନେଇ ତାଲିକା ପ୍ରକାଶ ପାଇଛି। ଏହି ତାଲିକାରେ ମୟୂରଭଞ୍ଜ ଜିଲା ଶୀର୍ଷରେ ରହିଛି। ଏହି ଜିଲାରେ ୪,୪୬୨ ଜଣ ପିଲା ଅନୁପସ୍ଥିତ ଥିଲେ। ତାଲିକାର ଦ୍ୱିତୀୟ ସ୍ଥାନରେ ଥିବା ଗଞ୍ଜାମ ଜିଲାରେ ୩,୨୭୩ ପିଲା ମାଟ୍ରିକ ପରୀକ୍ଷା ଦେଇପାରି ନ ଥିଲେ।ସୂଚନାଯୋଗ୍ୟ, ଚଳିତବର୍ଷ ମାଟ୍ରିକ ପରୀକ୍ଷାରେ ୪୪ ହଜାରରୁ ଅଧିକ ଛାତ୍ରୀଛାତ୍ର ଅନୁପସ୍ଥିତ ରହିଥିଲେ। ଏହି ଛାତ୍ରୀଛାତ୍ରମାନେ ଫର୍ମ ପୂରଣ କରିଥିବାବେଳେ ପରୀକ୍ଷା ଦେଇ ନ ଥିଲେ। ଏତେ ସଂଖ୍ୟକ ଛାତ୍ରୀଛାତ୍ର ପରୀକ୍ଷା ନ ଦେବା ଓଡ଼ିଶା ମାଧ୍ୟମିକ ଶିକ୍ଷା ବୋର୍ଡର ବ୍ୟବସ୍ଥା ପ୍ରତି ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ସେହିଭଳି ଚର୍ଚ୍ଚା ହୋଇଥିଲା ଯେ, ଅନେକ ପିଲା ନିଜେ ବି ଜାଣି ନ ଥିଲେ ତାଙ୍କର ଫର୍ମ ପୂରଣ କିଏ କରିଥିଲା, ଯାହାକୁ ନେଇ ସାରା ରାଜ୍ୟରେ ହଇଚଇ ସୃଷ୍ଟି ହୋଇଥିଲା।

## classifieds Everyday
0674-2580101, 2549302



**SALE**

ଭୁବନେଶ୍ୱର Ravi Talkies 1.5 km. ଭିତରେ ଘରବାଡ଼ି ପାଚେରି ପ୍ଲଟ୍ ବିକ୍ରିହେବ। 9827119799. D-73842

**ନନ୍ଦନକାନନ Backside ଚନ୍ଦକା-ତ୍ରିଶୂଳିଆ ବାଇପାସ୍ Road ପାଖରେ well developed ସ୍ଥିତିବାନ plots sqft. 900/-ରେ କିଣନ୍ତୁ- 9348767829, 8018603523.** D-73272

Newly constructed 2BHK flat (Res.) for immediate sale, 1300sqft. fully furnished at prime location Sahidnagar, Bhubaneswar. Contact owner: 9437036066. D-73625

ନଖରା East College ନିକଟରେ 15,00,000ରେ ଘରବାରି ପାଚେରି ହୋଇଥିବା ପ୍ଲଟ୍ ଇଲେକ୍ଟ୍ରି ସହିତ ଦିଆଯାଉଅଛି। 9776846520. D-73281

ଭୁବନେଶ୍ୱର ହଂସପାଳ ନିକଟବର୍ତ୍ତୀ **Sudhananda School & Collegeକୁ ଲାଗି layout approval plot (Bank finance) @9,00,000/-** ଦେଇ ତୁରନ୍ତ ଘର କରନ୍ତୁ। **(OD Group). 9437033320.** D-73283

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. plotକୁ 3,60,000/- (outright). 9439660381. D-73280

**Immediate** ଘରକରି ରହିବା ପାଇଁ ଭିଙ୍ଗାରପୁରଠାରେ **sqft. 500/** ବାଳକାଟିରେ **sqft.1000/- .8114929186.** D-73541



Ground floor only Family Goutam Nagar. Contact No.- 9937010827. D-1040

**6 Nos. of 2BHK Residential Flat (Newly constructed) with all facilities & parking available for rent at Cuttack. Shivajee Nagar, Tulsipur. Contact: 9040029298.** D-1047



Refreshing your mind and body with the best therapy, 7873794731. D-872

Newly open full body massage ladies and gents. 8327740003, 8093860513. D-73937

**Relax, Refresh your body, Mind at Saikrupa Spa with best therapies. 8984068077.** D-980

Only male to male full body massage. Bhubaneswar. Contact:8328868891, 8339028052. D-1048

**LOST**

I, Om Prakash Sankholia, R/o. Tiwari Gali, PO/PS- Khetrajpur, Dist. Sambalpur have lost the R.O.R. of Mouza- Rampur, Tahasil- Rairakhol, Dist. Sambalpur, Khata No.73 on 20.07.2022. The aforesaid R.O.R. has been lost near Khetrajpur market area. Inspite of through search it could not been traced out. If anybody found please Contact-9337890563. D-1052

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ସର୍ବାଧିକ ବର୍ଷେ ଘରେ ରହି କାମ କରିପାରିବେ

**ନୂଆଦିଲ୍ଲୀ,୨୦।୭**

### କେନ୍ଦ୍ର ଜାରିକଲା ନୂଆ ନିୟମ

ଘରେ ରହି କାର୍ଯ୍ୟ କରିବା ବା ୱାର୍କ ଫ୍ରମ୍ ହୋମ୍ (ଡବ୍ଲ୍ୟୁଏଫ୍‌ଏଚ୍) ପାଇଁ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି। ସ୍ପେଶିଆଲ୍ ଇକୋନୋମିକ ଜୋନ୍ସ(ଏସ୍‌ଇଜେଡ୍) ରୁଲ୍ସ,୨୦୦୬ରେ ଡବ୍ଲ୍ୟୁଏଫ୍‌ଏଚ୍ ପାଇଁ ବାଣିଜ୍ୟ ବିଭାଗ ପକ୍ଷରୁ ନୂଆ ରୁଲ୍ ୪୩(ଏ) ଅଣାଯାଇଛି। ନୂଆ ନିୟମ ଅନୁସାରେ ଏସ୍‌ଇଜେଡ୍ ୟୁନିଟରେ କାର୍ଯ୍ୟ କରୁଥିବା କର୍ମଚାରୀ ସର୍ବାଧିକ ବର୍ଷେ ପର୍ଯ୍ୟନ୍ତ ଘରେ ରହି କାର୍ଯ୍ୟ କରିପାରିବେ। ସେହିପରି ଏହା ସମ୍ପୃକ୍ତ ସଂସ୍ଥାରେ କାର୍ଯ୍ୟ କରୁଥିବା ମୋଟ କର୍ମଚାରୀଙ୍କ ସଂଖ୍ୟାରୁ ସର୍ବାଧିକ ୫୦ପ୍ରତିଶତ ପାଇଁ ଲାଗୁ ହୋଇପାରିବ।

ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶ ପାଇଥିବା ବିଜ୍ଞପ୍ତି ଅନୁସାରେ ସାରା ଦେଶରେ ଡବ୍ଲ୍ୟୁଏଫ୍‌ଏଚ୍ ନିୟମରେ ଏକକ ବ୍ୟବସ୍ଥା ଅଣାଯାଇଛି। ବିଶେଷକରି ଏସ୍‌ଇଜେଡ୍ ଅଧୀନରେ ଆସୁଥିବା ସୂଚନା ଓ ପ୍ରଯୁକ୍ତି(ଆଇଟି) କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ପାଇଁ ଏହି ନୂଆ ନିୟମ ଲାଗୁ ହେବ। ଏଥିସହିତ ଯେଉଁମାନେ ସାମୟିକ ଅକ୍ଷମ, ବିଭିନ୍ନ ସ୍ଥାନ ଯାତ୍ରା କରୁଥିବା କର୍ମଚାରୀ, କ୍ଷେତ୍ର ବାହାରେ କାର୍ଯ୍ୟକରୁଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ଏହି ନିୟମ ଲାଗୁ ହେବ। ଏସ୍‌ଇଜେଡ୍ ଅଧୀନ ସଂସ୍ଥାରେ କାର୍ଯ୍ୟ କରୁଥିବା ମୋଟ କର୍ମଚାରୀଙ୍କ ମଧ୍ୟରୁ ସର୍ବାଧିକ ୫୦% ପର୍ଯ୍ୟନ୍ତ ୱାର୍କ ଫ୍ରମ୍ ହୋମ କରିବାକୁ ଅନୁମତି ମିଳିପାରିବ। ଏହି ସୁବିଧା ଚୁକ୍ତିଭିତ୍ତିକ କର୍ମଚାରୀ ମଧ୍ୟ ପାଇପାରିବେ। ଏବେ ଏହି ନିୟମ ସର୍ବାଧିକ ଏକ ବର୍ଷ ପାଇଁ ଲାଗୁ କରାଯାଇଥିବାବେଳେ ଭବିଷ୍ୟତରେ ନିର୍ଦ୍ଦିଷ୍ଟ ସଂସ୍ଥାର ଅନୁରୋଧକ୍ରମେ ବାଣିଜ୍ୟ ବିଭାଗ ଏହାକୁ ବୃଦ୍ଧି କରିପାରିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏସ୍‌ଇଜେଡ୍ ଅଧୀନ ଯେଉଁ ସଂସ୍ଥାରେ କର୍ମଚାରୀମାନେ ପୂର୍ବରୁ ୱାର୍କ ଫ୍ରମ୍ ହୋମ୍ କରୁଛନ୍ତି, ସେମାନଙ୍କ ପାଇଁ ନୂଆ ନିୟମ ଲାଗୁ କରିବା ନିମନ୍ତେ ଅନୁମତି ନେବାକୁ ୯୦ଦିନର ଅତିରିକ୍ତ ସମୟ ଦିଆଯାଇଛି।

# ଆଜି ଇଡି କାର୍ଯ୍ୟାଳୟ ବାହାରେ ଆନ୍ଦୋଳନ କରିବ କଂଗ୍ରେସ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

### ସୋନିଆ ଗାନ୍ଧୀ ଇଡିରେ ହାଜର ହେବା ପ୍ରସଙ୍ଗ

ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧକ୍ଷା ସୋନିଆ ଗାନ୍ଧୀଙ୍କୁ ଗୁରୁବାର ଇଡିରେ ହାଜର ହେବା ସକାଶେ ନୋଟିସ୍ ଜାରି କରାଯାଇଛି। ଏହାକୁ ଦେଶବ୍ୟାପୀ ବିରୋଧ କରି କଂଗ୍ରେସ କର୍ମୀମାନେ ରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବେ ବୋଲି ଯୋଜନା କରିଛନ୍ତି। ସେହିକ୍ରମରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ମଧ୍ୟ ଇଡି ଅଫିସ ଘେରାଉ ସକାଶେ ଯୋଜନା କରାଯାଇଛି। ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ଟିମ୍ ପୂର୍ବାହ୍ନ ୧୧ଟା ସମୟରେ କଂଗ୍ରେସ ଭବନରୁ ବାହାରି ରାଜମହଲ ଛକଠାରୁ ଏଜି ଛକ ଏବଂ ସେଠାରୁ ରାଜଭବନ ଛକ ପର୍ଯ୍ୟନ୍ତ ଯିବେ। ସେଠାରୁ ପାୱାର ହାଉସ ଛକ ଏବଂ ସିଆର୍‌ପି ଛକ ଦେଇ ଇଡି କାର୍ଯ୍ୟାଳୟରେ ପହଞ୍ଚିବେ। କଂଗ୍ରେସ କର୍ମୀମାନେ ଇଡି କାର୍ଯ୍ୟାଳୟ ବାହାରେ ଏକତ୍ର ହେବା ପରେ ଆନ୍ଦୋଳନ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ୨୨ରେ ଜିଲାୱାରୀ ଆନ୍ଦୋଳନ ଏବଂ ବିକ୍ଷୋଭ କରିବା ଲାଗି ସେମାନେ ଯୋଜନା କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** - ଆଜି ରାହୁ ସହ ଚନ୍ଦ୍ରଙ୍କ ସଂଯୋଗ ହେତୁ ଭୁଲ୍ ବୁଝାମଣାରୁ ପାରିବାରିକ ଅଶାନ୍ତି ସୃଷ୍ଟିହେବ। ଅବଶ୍ୟ କର୍ମକ୍ଷେତ୍ରରେ ଅଗ୍ରଗତି ବେଶ୍ ଦ୍ରୁତ ହେବ କିନ୍ତୁ ସାମାନ୍ୟ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡିପାରେ। ଶିଳ୍ପ ଓ ବାଣିଜ୍ୟରେ ଉନ୍ନତି ହେବା ସାଙ୍ଗକୁ ବ୍ୟବସାୟିକ ଦିଗଟି ବେଶ୍ ଭଲ ରହିବ। ସ୍ଥଗିତ କାମପାଇଁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିବ।

**ବୃଷ** - ମିତ୍ରଗୃହରେ ରାଶ୍ୟାଧିପତି ଯୋଗୁ ସ୍ୱାସ୍ଥ୍ୟ ସମସ୍ୟା ପୂର୍ବପରି ରହିଲେ ମଧ୍ୟ ବିଶେଷ କିଛି ଅସୁବିଧା ହେବ ନାହିଁ। କର୍ମକ୍ଷେତ୍ରରେ କୌଣସି ବନ୍ଧୁଙ୍କ ଦ୍ୱାରା ପ୍ରତାରିତ ହୋଇପାରନ୍ତି। ମୂଲ୍ୟବାନ ଜିନିଷ କ୍ରୟ ସକାଶେ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ପଡିପାରେ। ପାରିବାରିକ କ୍ଷେତ୍ରରେ ନିଜର ପ୍ରାଧାନ୍ୟତା ହରାଇବାକୁ ପଡିବାର ଆଶଙ୍କା ରହିଛି।

**ମିଥୁନ** - ଦ୍ୱିତୀୟସ୍ଥ ବୁଧ ପ୍ରଭାବରେ ବ୍ୟବହାରରେ ନିୟନ୍ତ୍ରଣ ନ ରଖିଲେ ପ୍ରତ୍ୟେକ କାମରେ ବ୍ୟତିକ୍ରମ ଲାଗିରହିବ। ଫାଇଦା ହାସଲ ପାଇଁ ସମ୍ପର୍କୀୟମାନେ ଫନ୍ଦିଫିକର ଲାଗି ମନ ବଳାଇପାରନ୍ତି। ବନ୍ଧୁଙ୍କ ପ୍ରାୟୋଜିତ କୌଣସି ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିବେ। ନିର୍ମାଣମୂଳକ କାର୍ଯ୍ୟ ସୁବିଧାରେ ହାସଲ କରିବା କଷ୍ଟକର ହୋଇପଡିବ।

**କର୍କଟ** - ଧନାଧିପ ରାଶିରେ ରହି ଅର୍ଥପ୍ରାପ୍ତିର ମାର୍ଗକୁ ସୁଗମ କରିବେ। କଠୋର ପରିଶ୍ରମଜନିତ ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମିଯିବ। ଆଜିର ସକାଳୁଆ ଯାତ୍ରା ଓ ଆନୁଷ୍ଠାନିକ କାମରୁ ଖୁସି ରହିବେ। ପରିବାରର ଆର୍ଥିକ ଅବନତିର ସମୀକ୍ଷା କରି ଚିନ୍ତିତ ରହିପାରନ୍ତି।

**ସିଂହ** - ସ୍ୱଗୃହୀ ବୃହସ୍ପତିଜନିତ ସୁଚିନ୍ତିତ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ତତ୍ପରତା ପ୍ରକାଶ କରିପାରନ୍ତି। ବନ୍ଧୁମାନଙ୍କ ଛଳନାପୂର୍ଣ୍ଣ କଥାକୁ ଠିକ୍ ଭାବେ ବୁଝି ପାରିବେନି। ପରିବାରର ଖର୍ଚ୍ଚ ପରିମାଣ କ୍ରମଶଃ ବୃଦ୍ଧିପାଇଲେ ମଧ୍ୟ ଆବଶ୍ୟକତା ଅପୂରଣ ରହିବ ନାହିଁ। ଉପରିସ୍ଥଙ୍କ ଆଦେଶାନୁସାରେ ଦୂରଯାତ୍ରା କରିବାକୁ ପଡିପାରେ।

**କନ୍ୟା** - ଆଜିର ଗ୍ରହସ୍ଥିତି ବହୁତ ଭଲ ହେତୁ ଯେଉଁ କାମରେ ହାତଦେବେ ନିଶ୍ଚିତ ସଫଳତା ପାଇବେ। ପ୍ରତ୍ୟୁଷ ଯାତ୍ରାରେ ସାମାନ୍ୟ ପ୍ରତିବନ୍ଧକ ଦେଖାଦେଇପାରେ। ଭାଇଙ୍କ ସମସ୍ୟାର ସମାଧାନ ପାଇଁ ଚିନ୍ତାଜନକ ସ୍ଥିତି ଉପୁଜିବ। ବ୍ୟବସାୟ କ୍ଷେତ୍ରରେ ଲାଭ କିଛି କମ୍ ନ ହେଲେ ମଧ୍ୟ ବନ୍ଧୁଙ୍କ ସହ ସମ୍ପର୍କ ହାନି ଯୋଗୁ ଚିନ୍ତାପ୍ରକଟ କରିପାରନ୍ତି।

**ତୁଳା** - ଶନିଙ୍କ କେନ୍ଦ୍ରାବସ୍ଥାନ ଯୋଗୁ ଆଜି ଆପଣଙ୍କ କୌଣସି କାମ ଅସାଧ ରହିବ ନାହିଁ। ଛୋଟ ଛୋଟ ଘଟଣାକୁ କେନ୍ଦ୍ରକରି ପରିବାରରେ ମନାନ୍ତର ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ସଚ୍ଚୋଟତା କାରଣରୁ ସମ୍ମାନର ସହ ପ୍ରତିଷ୍ଠିତ ହେବେ। ନିକଟରେ ରହୁଥିବା ବ୍ୟକ୍ତିମାନେ ଶତ୍ରୁତା ଆଚରଣ କରିପାରନ୍ତି।

**ବିଛା** - ଭାଗ୍ୟସ୍ଥାନରେ ବୁଧାଦିତ୍ୟ ଯୋଗ ଆପଣଙ୍କୁ ସାମଗ୍ରିକ ସୁଖ ସୁବିଧା ପ୍ରଦାନ କରିବ। କିନ୍ତୁ ବିଶାଖା ନକ୍ଷତ୍ରର ଆକସ୍ମିକ ସମସ୍ୟା ଦେଖାଦେବା କାରଣରୁ ଚେଷ୍ଟା କରୁଥିବା କାର୍ଯ୍ୟରେ ଗତି ମନ୍ଥର ହେବ। ସଭାସମିତି, ପ୍ରଶାସନ, ପ୍ରକାଶନ, ଆଇନ ଓ ଅଦାଲତ କ୍ଷେତ୍ରରେ ଆଶ୍ୱସ୍ତି ଲାଭ କରିବେ।

**ଧନୁ** - ରାହୁମଙ୍ଗଳ ପ୍ରଭାବରେ ଅଧୈର୍ଯ୍ୟ ନ ହୋଇ ପରିସ୍ଥିତିର ମୁକାବିଲା କରିପାରିଲେ ଉପକୃତ ହେବେ। ପୂର୍ବରାଗ ଶୁଝାବାକୁ ଯାଇ ନିଜ ଲୋକମାନେ ବିଶ୍ୱାସଘାତକତା କରିପାରନ୍ତି। ଜମିଜମା ସମ୍ବନ୍ଧୀୟ ଆଲୋଚନା କାଳରେ ନୂତନ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ଶିଳ୍ପ, ବାଣିଜ୍ୟ ଓ ପରିବହନ ପାଇଁ ଅସୁବିଧା ହେବ ନାହିଁ।

**ମକର** - ଚତୁର୍ଥଭାବର କୁପ୍ରଭାବରେ ପାରିବାରିକ ଶାନ୍ତି ନଷ୍ଟ ହୋଇପାରେ। ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରତିବେଶୀଙ୍କ ସୌହାର୍ଦ୍ଦ୍ୟରୁ ଉପକୃତ ହେବେ। ଆକସ୍ମିକ ଭାବରେ ପାଖକୁ ଆସିଥିବା ବନ୍ଧୁଙ୍କ ଆଚରଣ ମନରେ ସନ୍ଦେହ ସୃଷ୍ଟି କରିପାରେ। ଗୃହସୀମା, ନିର୍ମାଣ, ଜମିଜମା କାରବାରରେ ସମସ୍ୟାମୁକ୍ତ ରହିବେ।

**କୁମ୍ଭ** - ଦ୍ୱିତୀୟସ୍ଥ ଗୁରୁ ଆପଣଙ୍କୁ ଅର୍ଥ ଓ ସମ୍ମାନରେ ଗୌରବାନ୍ୱିତ କରାଇବେ। ଧନିଷ୍ଠା ନକ୍ଷତ୍ରର ପାରିବାରିକ କ୍ଷେତ୍ର ବିବାଦବହୁଳ ହେବା କାରଣରୁ ମାନସିକ ସ୍ଥିରତା ରହି ନ ପାରେ। ପୁରାତନ ସମସ୍ୟା ସମାଧାନ ପାଇଁ ବନ୍ଧୁଙ୍କ ସହ ଯୋଗାଯୋଗ କଲେ ଉପକୃତ ହେବେ। ପିଲାମାନଙ୍କ ପଢ଼ା ନେଇ ମନ ଭାରାକ୍ରାନ୍ତ ରହିବ।

**ମୀନ** - ପାପଗ୍ରହ ମଧ୍ୟସ୍ଥ ବୃହସ୍ପତିଜନିତ ପ୍ରତ୍ୟେକ କ୍ଷେତ୍ରରେ ସାମାନ୍ୟ ପ୍ରତିବନ୍ଧକ ଦୃଷ୍ଟିଗୋଚର ହେବ। ଅଂଶୀଦାର ବ୍ୟବସାୟୀଙ୍କ ସହ ତର୍କ, ବିତର୍କ ହେତୁକ ମାନମନାନ୍ତର ଦେଖା ଦେଇପାରେ। ପରିବାରର ଆବଶ୍ୟକତା ଉପଲବ୍ଧି କରି ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି। କଳା, ସାହିତ୍ୟ, ସାମ୍ବାଦିକତା କ୍ଷେତ୍ରରୁ ସୁଫଳ ମିଳିବ।

# ପାର୍ସାଲି ପିଇଓ ଭିଜିଲାନ୍ସ ଦ୍ୱାରା ଗିରଫ

ରାୟଗଡ଼ା ଅଫିସ,୨୦।୭: ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକ ପାର୍ସାଲି ପଞ୍ଚାୟତ ନିର୍ବାହୀ ଅଧିକାରୀ(ପିଇଓ) ପ୍ରଦୀପ କୁମାର ମାଣ୍ଡାଙ୍ଗୀ ଭିଜିଲାନ୍ସ ଦ୍ୱାରା ବୁଧବାର ଗିରଫ ହୋଇଛନ୍ତି। ବାର୍ଦ୍ଧକ୍ୟ ଭତ୍ତା ଏବଂ ମଧୁବାବୁ ପେନ୍‌ସନ ବାବଦକୁ ଆସିଥିବା ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ କରିଥିବା ହିତାଧିକାରୀମାନେ ଅଭିଯୋଗ କରିଥିଲେ। ଭତ୍ତା ଟଙ୍କା କିଛିମାସ ହେଲା ପାଉ ନ ଥିବା ନେଇ ସେମାନେ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ଯାଇଥିଲେ। ଅଭିଯୋଗକୁ ନେଇ ତଦନ୍ତ ପରେ ରାୟଗଡ଼ା ଭିଜିଲାନ୍ସ ବିଭାଗ ପକ୍ଷରୁ ପ୍ରଦୀପଙ୍କୁ ଗିରଫ କରାଯାଇଛି।



ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀ ଉପରେ ଜିଏସ୍‌ଟି ଲାଗୁ ନେଇ ଜମ୍ମୁଠାରେ ବୁଧବାର ନ୍ୟାଶନାଲ କନ୍‌ଫରେନ୍ସର କର୍ମୀମାନେ ବିକ୍ଷୋଭ କରୁଛନ୍ତି।

# ବର୍ଣ୍ଟା ହେବ ୫ କୁଇଣ୍ଟାଲ ଲଡ୍ଡୁ

- ରାଷ୍ଟ୍ରପତି ନିର୍ବାଚନ ଫଳାଫଳ ଘୋଷଣାକୁ ଅପେକ୍ଷା
- ବିଜୟ ଉତ୍ସବ ମନାଇବାକୁ ଚଳଚଞ୍ଚଳ ମୟୂରଭଞ୍ଜ

**ବାରିପଦା ଅଫିସ,୨୦।୭**

ଦେଶର ପ୍ରଥମ ଆଦିବାସୀ ମହିଳା ଦ୍ରୌପଦୀ ମୁର୍ମୁ ଦେଶର ପରବର୍ତ୍ତୀ ରାଷ୍ଟ୍ରପତି ହେବା ନେଇ ସମ୍ଭାବନା ଥିବାରୁ ବିଜୟ ଉତ୍ସବ ମନାଇବାକୁ ମୟୂରଭଞ୍ଜ ଜିଲାବାସୀ ବ୍ୟାପକ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଗୁରୁବାର ଫଳାଫଳ ଘୋଷଣାକୁ ଅପେକ୍ଷା କରି ରହିଛନ୍ତି ସମଗ୍ର ଜିଲାର ଲୋକେ। ଦ୍ରୌପଦୀଙ୍କ ଜନ୍ମମାଟି କୁସୁମୀ ବ୍ଲକ ଉପରବେଡ଼ା, ଶାଶୁଘର ପାହଡ଼ପୁର ଓ ନିଜସ୍ୱ ବାସସ୍ଥାନ ରାଇରଙ୍ଗପୁରରେ ଏହାର ପ୍ରଭାବ ବେଶ୍ ଦେଖିବାକୁ ମିଳୁଛି। ରାଇରଙ୍ଗପୁର ସହରବାସୀଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ଦେଖିବାକୁ ମିଳିଥିବା ବେଳେ ସମସ୍ତ ସହରବାସୀଙ୍କ ମୁହଁ ମିଠା କରିବାକୁ ଚାଲିଛି ଲଡ୍ଡୁ ପ୍ରସ୍ତୁତି। ୫ କୁଇଣ୍ଟାଲ ଓଜନର ଲଡ୍ଡୁ ତିଆରି କରିବାକୁ ଲାଗିଛନ୍ତି ୧୨ଜଣ କାରିଗର।

ଭାଜପା (ପଶ୍ଚିମ) ସଂଗଠନ ସଭାପତି ନବ ଚରଣ ମାଝୀଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଲଡ୍ଡୁ, ମିଠା, ବାଣ ରୋଶଣି ଓ ଗୀତନାଚରେ ମସ୍‌ଗୁଲ ହେବା ପାଇଁ ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ଦଳ ପକ୍ଷରୁ ୧୦ହଜାର ଲଡ୍ଡୁ ପ୍ରସ୍ତୁତି ଚାଲିଥିବା ବେଳେ ବିଭିନ୍ନ ସଂଗଠନ ପକ୍ଷରୁ ମଧ୍ୟ ୧୦ହଜାର ଲଡ୍ଡୁ ତିଆରି ଲାଗିଛି। ଭୋଟ ଗଣତି ଆରମ୍ଭ ହେବା ପରେ ଲଡ୍ଡୁ ବଣ୍ଟନ ସହିତ ଏକ ଶୋଭାଯାତ୍ରା ବାହାରି ବଜାର ପରିକ୍ରମା କରିବ। ସେହିପରି ଜିଲାର ୨୬ ବ୍ଲକରେ ଥିବା ଗ୍ରାମଗୁଡ଼ିକରେ ବିଜୟ ଉତ୍ସବ ପାଳନ ପାଇଁ ଭାଜପା ପକ୍ଷରୁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଗାଁ ଗଣ୍ଡାରେ ନାଚଗୀତର ଆସର ପାଇଁ ଆଦିବାସୀ ସାନ୍ତାଳ ସମ୍ପ୍ରଦାୟର ମହିଳାପୁରୁଷମାନେ ସଜବାଜ ଆରମ୍ଭ କରିଛନ୍ତି। ଜିଲାର ଜଣେ ଆଦିବାସୀ ମହିଳା ରାଷ୍ଟ୍ରପତି ହେବାକୁ ନେଇ ଦଳୀୟ କର୍ମକର୍ତ୍ତା ଦିଲ୍ଲୀରେ ପହଞ୍ଚିଛନ୍ତି।

ଭାଜପାର ମୟୂରଭଞ୍ଜ ଜିଲା (ପୂର୍ବ) ସଭାପତି କାନ୍ଦରା ସୋରେନ କହନ୍ତି, ଅତି ଖୁସି ଓ ଆନନ୍ଦର ଦିନକୁ ଆମେ ଅପେକ୍ଷା କରିଛୁ। ଜିଲାର ଘରେ ଘରେ ବିଜୟ ଉତ୍ସବ ମନାଇବା ପାଇଁ ଆମେ ଆଶା ପ୍ରକଟ କରିଛୁ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡ.କୃଷ୍ଣଚନ୍ଦ୍ର ମହାପାତ୍ରଙ୍କ କହିବା ଅନୁଯାୟୀ, ଜଣେ ଆଦିବାସୀ ମହିଳା ସର୍ବୋଚ୍ଚ ଆସନରେ ବସିବାକୁ ଯାଉଥିବା ବେଳେ ଆମ ଜିଲା ତଥା ରାଜ୍ୟ ପାଇଁ ମହାଆନନ୍ଦର ପର୍ବ। ଭାଜପାର ବରିଷ୍ଠ ସଦସ୍ୟ କବି ବିଷ୍ଣୁ ଶତପଥୀଙ୍କ ମତରେ ଜଣେ ଆଦିବାସୀ ମହିଳା ଦେଶର ସମ୍ମାନଜନକ ଆସନରେ ବସିବାକୁ ଯାଉଥିବାରୁ ଜିଲାବାସୀଙ୍କ ସମେତ ରାଜ୍ୟବାସୀ ବେଶ୍ ଉତ୍ସାହିତ ଅଛନ୍ତି। ରାଇରଙ୍ଗପୁର ଅଞ୍ଚଳର ବାସିନ୍ଦା ବିକାଶ ମହାନ୍ତ କହନ୍ତି, ସହରବାସୀଙ୍କ ମୁହଁ ମିଠା କରିବା ପାଇଁ ବୁନ୍ଦି ଲଡ୍ଡୁ ତିଆରି କରାଯାଇଛି। ପଡ଼ୋଶୀ ରାଜ୍ୟରୁ ଆସୁଥିବା ଲୋକଙ୍କ ସହ ଅଞ୍ଚଳବାସୀଙ୍କୁ ଲଡ୍ଡୁ ବଣ୍ଟାଯିବ।


ଜଣେ କାରିଗର ଲଡ୍ଡୁ ତିଆରି କରୁଛନ୍ତି।

# କଂଗ୍ରେସର ୨ ବିଧାୟକ ଦ୍ରୌପଦୀଙ୍କୁ ଭୋଟ ଦେଇଛନ୍ତି: ମୋହନ

- ଫଳାଫଳ ବାହାରିବା ଯାଏଁ ଅପେକ୍ଷା କରିବାକୁ ପଡ଼ିବ: କଂଗ୍ରେସ
- କାର୍ଯ୍ୟାନୁଷ୍ଠାନ ହେବ ନା ନାହିଁ ଫୋନ୍‌ରେ କହି ହେବନି: ଶରତ

**ଭୁବନେଶ୍ୱର, ୨୦।୭(ବ୍ୟୁରୋ)**

ରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀ ଦ୍ରୌପଦୀ ମୁର୍ମୁଙ୍କୁ ୨ଜଣ କଂଗ୍ରେସ ବିଧାୟକ ସମର୍ଥନ କରିଛନ୍ତି। କେବଳ କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ନୁହନ୍ତି, ତାଙ୍କ ସହିତ ଆଉ ଜଣେ କଂଗ୍ରେସ ବିଧାୟକ ମଧ୍ୟ ମୁର୍ମୁଙ୍କୁ ଭୋଟ ଦେଇଛନ୍ତି। ଏନେଇ ବୁଧବାର ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ସୂଚନା ଦେବାପରେ ରାଜନୈତିକ ମହଲରେ ଚର୍ଚ୍ଚା ବଢ଼ିଯାଇଛି। ଦ୍ୱିତୀୟ ବିଧାୟକ ଜଣଙ୍କ କିଏ ତାକୁ ନେଇ ଜୋରଦାର ଚର୍ଚ୍ଚା ଆରମ୍ଭ ହୋଇଛି। ଅନ୍ୟପକ୍ଷରେ କଂଗ୍ରେସ କିନ୍ତୁ ପାଲଟା ଭାଜପାକୁ ଟାର୍ଗେଟ କରିଛି। ସମାନଭାବେ ଭାଜପାର ୨ ଜଣ ବିଧାୟକ ବିରୋଧୀ ମେଣ୍ଟର ପ୍ରାର୍ଥୀ ଯଶବନ୍ତ ସିହ୍ନାଙ୍କୁ ଭୋଟ ଦେଇଥିବା କଂଗ୍ରେସ ଅଭିଯୋଗ କରିଛି। ତେବେ ମୋକିମଙ୍କ ବିରୋଧରେ ଏ ପର୍ଯ୍ୟନ୍ତ କଂଗ୍ରେସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବାବେଳେ ଏହାର କାରଣ କ'ଣ ବୋଲି ସବୁଆଡ଼େ ପ୍ରଶ୍ନ ଉଠିବାରେ ଲାଗିଛି।

ଅନ୍ୟପଟେ ମୋହନ ଆହୁରି କହିଛନ୍ତି, ରାଷ୍ଟ୍ରପତି ନିର୍ବାଚନରେ ମାଟିର ଝିଅକୁ ସମସ୍ତେ ସମର୍ଥନ ଦେଇଛନ୍ତି। କଂଗ୍ରେସ ବିଧାୟକ ମୋକିମ ମଧ୍ୟ ଦ୍ରୌପଦୀଙ୍କୁ ସମର୍ଥନ ଦେଲେ। ତାଙ୍କ ଦଳର ଅନ୍ୟ ଜଣେ ମଧ୍ୟ ଏନ୍‌ଡିଏ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି। ଗୁରୁବାର ଗଣତି ପରେ ଏସବୁ ସ୍ପଷ୍ଟ ହୋଇଯିବ ବୋଲି ମୋହନ କହିଛନ୍ତି। ତେବେ ମୋହନଙ୍କ ଏଭଳି ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ଆଗ ପାର୍ଟି ତା'ପରେ ମାଟି। ଦଳୀୟ ନିଷ୍ପତ୍ତି ଅନୁଯାୟୀ ସିହ୍ନାଙ୍କୁ ଭୋଟ ଦେଇଛନ୍ତି। ଦଳର ୮ଟି ଭୋଟ ସିହ୍ନାଙ୍କ ସପକ୍ଷରେ ଯାଇଛି। ହେଲେ ବିଜେଡି ଏବଂ ଭାଜପାର ଜଣେ ଲେଖା ବିଧାୟକ ଦ୍ରୌପଦୀଙ୍କୁ ଭୋଟ ନ ଦେଇ ଯଶୱନ୍ତଙ୍କୁ ଦେଇଥିବା ସୁର କହିଛନ୍ତି।

ସେହିପରି ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି, କଂଗ୍ରେସରେ ସବୁ ମର୍ଦ୍ଦପିଲା। ଭାଜପାର ୨ ବିଧାୟକ ଯଶୱନ୍ତଙ୍କୁ ଭୋଟ ଦେଇଥିବା ସେ କହିଛନ୍ତି। ତେବେ ଏହି କଥାରୁ କଂଗ୍ରେସ ଏବଂ ଭାଜପାର କେଉଁ ବିଧାୟକମାନେ ରାଷ୍ଟ୍ରପତି ଭୋଟିଂ ସମୟରେ କ୍ରସ୍ ଭୋଟିଂ କରିଛନ୍ତି ନା ଏହି କଥାର କିଛି ସତ୍ୟତା ନାହିଁ ସେ କଥା ଗୁରୁବାର ସ୍ପଷ୍ଟ ହୋଇଯିବ। ତେବେ ମୋକିମଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ନା ନାହିଁ ସେନେଇ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ଏନେଇ ଟେଲିଫୋନ୍ ଯୋଗେ କିଛି କହିବା ଠିକ୍ ହେବ ନାହିଁ, ଭୋଟ ଫଳାଫଳ ବାହାରିବା ପରେ ସବୁ ଜଣାପଡ଼ିଯିବ।

# '୧୦୦ କୋଟି ଦିଅ, ମନ୍ତ୍ରୀ ପଦ ନିଅ'

**ପୁଣେ,୨୦।୭:** ମହାରାଷ୍ଟ୍ରର ପୁଣେରେ ଜଣେ ଭାଜପା ବିଧାୟକଙ୍କୁ ମନ୍ତ୍ରୀ ପଦ ଦେବା ନାଁରେ ଠକେଇ ଉଦ୍ୟମ ସାମ୍ନାକୁ ଆସିଛି। ଏହି ଘଟଣାରେ ମୁମ୍ବାଇ କ୍ରାଇମବ୍ରାଞ୍ଚ ୪ଅଭିଯୁକ୍ତଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତମାନେ ଭାଜପା ବିଧାୟକ ରାହୁଲ କୁଲଙ୍କୁ ମହାରାଷ୍ଟ୍ର କ୍ୟାବିନେଟରେ ସ୍ଥାନ ଦେବାକୁ କହି ୧୦୦ କୋଟି ଟଙ୍କା ମାଗିଥିଲେ। ନିକଟରେ ମହାରାଷ୍ଟ୍ରରେ ନୂତନ ସରକାର ଗଠନ କରାଯାଇଛି। ନବ ଗଠିତ ସରକାରରେ ଏପର୍ଯ୍ୟନ୍ତ କ୍ୟାବିନେଟ ଗଠନ ହୋଇନାହିଁ। ବର୍ତ୍ତମାନ ଏହି କ୍ୟାବିନେଟରେ କିଏ ରହିବେ ତାହା ଉପରେ ସମସ୍ତଙ୍କ ଧ୍ୟାନ ରହିଛି। ଏହାର ଫାଇଦା ନେବାକୁ ଚେଷ୍ଟା କରୁଥିବା ୪ ଅଭିଯୁକ୍ତ କ୍ୟାବିନେଟରେ ମନ୍ତ୍ରୀ ପଦ ଦେବା ନାଁରେ ଭାଜପାର ଡୌଣ୍ଡ ବିଧାୟକ ରାହୁଲ କୁଲଙ୍କୁ ଠକିବାକୁ ଚେଷ୍ଟା କରିଥିଲେ। ରାହୁଲଙ୍କୁ ୧୦୦ କୋଟି ଟଙ୍କାରେ ମନ୍ତ୍ରୀ ପଦର ଅଫର ମିଳିଥିଲା। ରିୟାଜ ଶେଖ ନାମକ ଜଣେ ବ୍ୟକ୍ତି ଜୁଲାଇ ୧୬ରେ ରାହୁଲଙ୍କ ପିଏଙ୍କୁ ଫୋନ କରିଥିଲେ। ସେ ବିଧାୟକଙ୍କୁ ଭେଟି ଗୋଟିଏ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରିବାକୁ ଚାହୁଁଥିବା ଫୋନରେ କହିଥିଲେ। ଏହି ଫୋନ କଲ ପରେ ବିଧାୟକ ରିୟାଜଙ୍କୁ ମୁମ୍ବାଇର ଗୋଟିଏ ହୋଟେଲରେ ଭେଟିଥିଲେ। ଏହି ସମୟରେ ସେ ବିଧାୟକଙ୍କୁ କହିଥିଲେ ଯେ ତା'ର ବଡ ବଡ ରାଜନେତା ଚିହ୍ନା ଅଛନ୍ତି। ସେମାନେ ଚାହିଁଲେ ରାହୁଲ ବେଶ ସହଜରେ ମନ୍ତ୍ରୀ ପଦ ପାଇପାରିବେ। ହେଲେ ଏଥିପାଇଁ ତାଙ୍କ ଠାରୁ ରିୟାଜ ୧୦୦ କୋଟି ଟଙ୍କା ଦାବି କରିଥିଲେ। ବିଧାୟକ ଏହି ପ୍ରସ୍ତାବରେ ରାଜି ଥିବା ଜଣାଇବା ପାଇଁ ସେ ରିୟାଜ ସହ ଟଙ୍କାକୁ ନେଇ ବୁଝାମଣା ଆରମ୍ଭ କରିଥିଲେ। ଶେଷରେ ୯୦ କୋଟି ଟଙ୍କାରେ ଡିଲ ଫାଇନାଲ କରିଥିଲେ। ତେବେ ଏହାର ୨୦% ମନ୍ତ୍ରୀ ହେବା ପୂର୍ବରୁ ଦେବାକୁ ପଡିବ ବୋଲି ରିୟାଜ କହିଥିଲେ। ଏଥିରେ ବିଧାୟକ ରାଜି ହେବା ସହ ଟଙ୍କା ନେବାକୁ ପଛରେ ଆସିବା ପାଇଁ କହିଥିଲେ। କିନ୍ତୁ ବିଧାୟକ ଏନେଇ ଦଳର ବରିଷ୍ଠ ନେତାଙ୍କୁ ଜଣାଇବା ସହ ପୋଲିସ ଷ୍ଟେଶନରେ ଅଭିଯୋଗ କରିଥିଲେ। ମୁମ୍ବାଇ ପୋଲିସ କମିଶନର ବିବେକ ଫାନସଲକର ଘଟଣାର ତଦନ୍ତ ଦାୟିତ୍ୱ ମୁମ୍ବାଇ କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଯୋଜନା ମୁତାବକ ୧୮ କୋଟି ଟଙ୍କା ଦେବାକୁ ବିଧାୟକ ଜଣକ ରିୟାଜକୁ ହୋଟେଲ ଆସିବା ପାଇଁ କହିଥିଲେ। ଟଙ୍କା ଲୋଭରେ ସେ ନିଜର ଆଉ ୩ ସହଯୋଗୀଙ୍କ ସହ ହୋଟେଲରେ ପହଞ୍ଚିଥିଲେ। ହେଲେ ପୋଲିସ ଟିମ ସମସ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା।

## ଗଣତନ୍ତ୍ର ପ୍ରତି କଂଗ୍ରେସର ବିନାଶକାରୀ ମନୋଭାବ ରହିଛି: କେନ୍ଦ୍ର ମନ୍ତ୍ରୀ

**ନୂଆଦିଲ୍ଲୀ,୨୦।୭:** ପ୍ୟାକଡ୍ କ୍ଷୀର, ଦହି, ଅଟା, ଚାଉଳ ଇତ୍ୟାଦି ଦୈନନ୍ଦିନ ଆବଶ୍ୟକ ଖାଦ୍ୟ ଉପରେ ଜିଏସ୍‌ଟି ଲାଗୁ ହେବା ପରେ ବିରୋଧୀ ବାରମ୍ବାର କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରୁଛନ୍ତି। ମୁଦ୍ରାସ୍ଫୀତି ଏବଂ ଜିଏସ୍‌ଟି ଉପରେ ଆଲୋଚନାରୁ ସରକାର ପଳାୟନ କରୁଥିବା ବିରୋଧୀ ଅଭିଯୋଗ କରିଛନ୍ତି। ବୁଧବାର କେନ୍ଦ୍ର ମନ୍ତ୍ରୀ ପୀୟୁଷ ଗୋୟଲ କହିଛନ୍ତି, ସରକାର ମୁଦ୍ରାସ୍ଫୀତି ଏବଂ ଜିଏସ୍‌ଟି ବିତର୍କରୁ ଦୂରେଇ ଯାଉନାହାଁନ୍ତି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କରୋନାରୁ ସୁସ୍ଥ ହେବା ପରେ ସଂସଦରେ ଏହି ପ୍ରସଙ୍ଗ ଉପରେ ଆଲୋଚନା କରାଯାଇପାରିବ। ଗୃହ କାର୍ଯ୍ୟରେ କଂଗ୍ରେସ ବାଧା ସୃଷ୍ଟି କରିଥିବା ସେ ଅଭିଯୋଗ କରିଛନ୍ତି। ଗଣତନ୍ତ୍ର ପ୍ରତି କଂଗ୍ରେସର ବିନାଶକାରୀ ମନୋଭାବ ରହିଛି। କଂଗ୍ରେସ ନେତା ଜୟରାମ ରମେଶଙ୍କ ଟୁଇଟ୍‌ରୁ ଯାହା ଜଣାପଡୁଛି କଂଗ୍ରେସ ଗୃହକୁ ଭଣ୍ଡୁର କରିବାକୁ ଚାହୁଁଥିବା ଏକପ୍ରକାର ପ୍ରତିଯୋଗିତା ଚାଲିଛି ବୋଲି ଗୋୟଲ କହିଛନ୍ତି।


DSPL-110

GOVERNMENT OF ODISHA
HEALTH & FAMILY WELFARE DEPARTMENT
NOTICE

File No. HFW-MSI-ESTT-0036-2022__________/H. Dated.

The Orientation Programme for newly recruited Medical Officers (Allopathic), Medical Officers (Homoeopathic) and Lecturers (Homoeopathic) under Health & Family Welfare Department as per the recommendation of OPSC will be held at Convention Centre, Loka Seva Bhawan, Bhubaneswar on 22.07.2022 AT 5.30 P.M.

**They will report at 12.30 P.M. at Gita Govinda Sadan (Near IG Park), Bhubaneswar on 22.07.2022 for receipt of appointment order.**

The details of the concerned Medical Officers are available in Health & FW Department website http//www.odisha gov.in/health_portal/index.html.

They are requested to attend the event as per the above programme.

**For any clarification, Please contact**
**Shri Sudhanshu Sekhar Panda**
**Deputy Secretary to Government**
**Mob. No.- 7846974148**

**Sd./-**
**Additional Secretary to Government**

OIPR-10001/13/0015/2223



YEARS OF CELEBRATING THE MAHATMA
**Govt. of India, Ministry of Defence,**
**Defence Estates Office, Odisha Circle,**
**E-AUCTION NOTICE**

It is hereby notified for information of general public that **E-auction notice of 398** different standing trees at Army AD Centre in Gopalpur Mil. Stn., District Ganjam through Central Public Procurement Portal of Govt of India i.e. www.eauction.gov.in. The bidders have to submit their bid documents online till 30.07.2022 up to 04:20 PM and the e-auction will be carried out on 02.08.2022 from 10:00AM to 05:00PM. The other details/descriptions of the trees along with terms and conditions of the auction can be obtained through www.eauction.gov.in. For further information if required, kindly mail deobhub-stats@nic.in.

Auction Id 2022_MoD_1912 — Sd/-
Ph No.0674-2747631, 2747345 — Defence Estates Officer, Bhubaneswar



**ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ**

**ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଆର୍ଥିକ ସହାୟତା ପାଉଥିବା କଳାକାରଙ୍କ ନିମନ୍ତେ ବିଶେଷ ସୂଚନା**

No. RR-15: ରାଜ୍ୟ ସରକାର ପ୍ରଥମେ "ଦୁଃସ୍ଥ କଳାକାରମାନଙ୍କୁ ଭତ୍ତା" ଯୋଜନାରେ ଆର୍ଥିକ କ୍ଷେତ୍ରରେ ଅନଗ୍ରସର କଳାକାରମାନଙ୍କୁ ମାସିକ କଳାକାର ଭତ୍ତା ପ୍ରଦାନ କରୁଥିଲେ। ପରବର୍ତ୍ତୀ ସମୟରେ ଏହି ଯୋଜନାକୁ ବ୍ୟାପକ କରିବା ଉଦ୍ଦେଶ୍ୟରେ ସରକାର ୨୦୧୮ ମସିହାରେ ଏକ ନୂତନ ଯୋଜନା **"ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା"** ପ୍ରଣୟନ କଲେ। ବର୍ତ୍ତମାନ ରାଜ୍ୟର ପ୍ରାୟ ୩୫,୦୦୦ କଳାକାର ଏହି ଯୋଜନାରେ ଉପକୃତ ହେଉଛନ୍ତି।

ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାରେ ଉପକୃତ ହେଉଥିବା ରାଜ୍ୟର ସମସ୍ତ କଳାକାରମାନେ ପ୍ରତି ବର୍ଷ ଏପ୍ରିଲ ମାସରେ ସେମାନଙ୍କରେ ଜୀବିତ ପ୍ରମାଣପତ୍ର ଦାଖଲ କରିବା ବିଧେୟ। ତେବେ ୨୦୨୦ ମସିହାରୁ ମହାମାରୀ କୋଭିଡ୍-୧୯ ହେତୁ ଅନେକ କଳାକାର ସେମାନଙ୍କର ଜୀବିତ ପ୍ରମାଣପତ୍ର ଦାଖଲ କରିବା ପାଇଁ ସମର୍ଥ ହୋଇନାହାନ୍ତି।

ଏଠାରେ ଉଲ୍ଲେଖଯୋଗ୍ୟ ଏହିକି ଯେ ବର୍ତ୍ତମାନ ଡି.ବି.ଟି. (D.B.T.) ମାଧ୍ୟମରେ ଆର୍ଥିକ ସହାୟତା ସମସ୍ତ ହିତାଧିକାରୀ କଳାକାରମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଧାସଳଖ ପଠାଯାଉଛି। ଏଥିପାଇଁ ପ୍ରତ୍ୟେକ କଳାକାରମାନେ ସେମାନଙ୍କର ଜୀବିତ ପ୍ରମାଣପତ୍ର, ଆଧାର କାର୍ଡର ନକଲ ଏବଂ ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ ଆସନ୍ତା ଅଗଷ୍ଟ ମାସ ୩୧ତାରିଖ, ୨୦୨୨ ମଧ୍ୟରେ ଦାଖଲ କରି ଉକ୍ତ ସହାୟତାର ନବୀକରଣ କରାଇବା ଜରୁରୀ ଅଟେ।

ତେଣୁ ଯେଉଁ କଳାକାରମାନେ ଏହି ବିଭାଗସ୍ତରରୁ ଉକ୍ତ ସହାୟତା ପାଉଛନ୍ତି ସେମାନେ ସେମାନଙ୍କର ଜୀବିତ ପ୍ରମାଣପତ୍ର, ଆଧାର କାର୍ଡର ନକଲ, ମୋବାଇଲ ନମ୍ବର ଏବଂ ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ ଏହି ବିଭାଗରେ ଦାଖଲ କରିବେ ଏବଂ ଯେଉଁ କଳାକାରମାନେ ଜିଲ୍ଲାସ୍ତରରୁ ଏହି ସହାୟତା ପାଉଛନ୍ତି ସେମାନେ ସେମାନଙ୍କର ଜୀବିତ ପ୍ରମାଣପତ୍ର, ଆଧାର କାର୍ଡ଼ର ନକଲ ଏବଂ ବ୍ୟାଙ୍କ ଜମାଖାତାର ପ୍ରଥମ ପୃଷ୍ଠାର ନକଲ ନିଜ ନିଜ ଜିଲ୍ଲାର ଜିଲ୍ଲା ସଂସ୍କୃତି ଅଧିକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବେ। ଏହି ଜୀବିତ ପ୍ରମାଣପତ୍ର ଦାଖଲର ଶେଷ ତାରିଖ ଆସନ୍ତା ଅଗଷ୍ଟ ମାସ ୩୧ତାରିଖ, ୨୦୨୨ ଧାର୍ଯ୍ୟ କରାଯାଇଛି।

ଉକ୍ତ ସହାୟତାର ନବୀକରଣ ନ କରାଇଲେ ଆସନ୍ତା ସେପ୍ଟେମ୍ବର ମାସଠାରୁ ସହାୟତା ଆପେ ଆପେ ବନ୍ଦ ହୋଇଯିବ।

ଉପରୋକ୍ତ ବିଷୟରେ କଳାକାରମାନଙ୍କ ସହାୟତା ସକାଶେ ବିଭାଗ ତରଫରୁ ଏକ ସହାୟକ (Helpline) ନମ୍ବର 0674-2432945 ଉପଲବ୍ଧ ଅଛି, ଯାହାକି ଯେକୌଣସି ସରକାରୀ କାର୍ଯ୍ୟ ଦିବସରେ ବ୍ୟବହାର କରାଯାଇପାରିବ। ଏତଦ୍‌ବ୍ୟତୀତ କଳାକାରମାନେ ମଧ୍ୟ ଆବଶ୍ୟକ ସ୍ଥଳେ E-mail: **helpdesk.ollc@gmail.com** ଜରିଆରେ ଯୋଗାଯୋଗ କରିପାରିବେ। ତେବେ Email ଜରିଆରେ ଜୀବିତ ପ୍ରମାଣ ପତ୍ର ପଠାଇବେ ନାହିଁ।

**ସ୍ୱା./- ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ**
**ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ**
**OIPR-03001/11/0007/2223**

ପ୍ରତିବନ୍ଧକକୁ ଭୟ କରନାହିଁ। ନୈରାଶ୍ୟକୁ ମନରେ ସ୍ଥାନ ଦିଅନାହିଁ। ସ୍ଥିର ଓ ଶାନ୍ତ ଭାବେ ସାଧନା କରିଚାଲ। ଏବେ ଯାହା କଠିନ, ତାହା ପରେ ସହଜ ହୋଇଉଠିବ। **-ଶ୍ରୀମା**



# ଏବକାର ମହାସଙ୍କଟ




ଜୋସେ ରାମୋସ-ହୋର୍ତ୍ତା
ନୋବେଲ ବିଜେତା ; ରାଷ୍ଟ୍ରପତି, ଟିମୋର ଲିସ୍ତେ ( ପୂର୍ବ ଟିମୋର)

ଡାନିଲୋ ତୁର୍କ
ଅଧ୍ୟକ୍ଷ କ୍ଲବ୍ ଡେ ମାଡ୍ରିଡ୍, ପୂର୍ବତନ ରାଷ୍ଟ୍ରପତି, ସ୍ଲୋଭେନିଆ

ନିକଟରେ ଜି୭, ନାଟୋ ସଦସ୍ୟ ଓ ଜି୨୦ ବୈଦେଶିକ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତେ ଜାଣିଲେ ଯେ, ପୃଥିବୀ ଅନେକ ସଙ୍କଟଜନକ ସ୍ଥିତିକୁ ଏକାଠି ସାମ୍ନା କରୁଛି। ଖାଦ୍ୟ ଓ ଶକ୍ତି ଅସୁରକ୍ଷା, ମୁଦ୍ରା ମୂଲ୍ୟହ୍ରାସ, ଜଳବାୟୁ ପରିବର୍ତ୍ତନର ତୀବ୍ରତା ଏବଂ ସଶସ୍ତ୍ର ସଂଘର୍ଷକୁ ନେଇ ଏବେ ଅନ୍ତର୍ଜାତୀୟ ସ୍ତରରେ ଚିନ୍ତା ବଢ଼ିଯାଇଛି। ଏ ଦୃଷ୍ଟିରୁ ଆଗକୁ ନଭେମ୍ବରରେ ହେବାକୁ ଥିବା ଜି୨୦ ଗୋଷ୍ଠୀର ନେତାମାନଙ୍କ ସମ୍ମିଳନୀ ଅତି ଗୁରୁତ୍ୱପୂର୍ଣ୍ଣ ମନେ ହୁଏ। କିନ୍ତୁ ଏକାବେଳକେ ଦେଖାଦେଇଥିବା ସଙ୍କଟଗୁଡ଼ିକର ସମାଧାନ କରିବାକୁ ଆମେ ଆଉ ଅପେକ୍ଷା କରିପାରିବା ନାହିଁ। ଏଣୁ ନଭେମ୍ବରରେ ହେବାକୁ ଥିବା ଜି୨୦ ସମ୍ମିଳନୀ ପୂର୍ବରୁ ଏକ ସାଧାରଣ, ସମନ୍ୱିତ କାର୍ଯ୍ୟ କରିବା ଲାଗି ଏକ ଅନ୍‌ଲାଇନ ପ୍ରକ୍ରିୟା ଆରମ୍ଭ କରିବା ଉଚିତ।

ବିଶ୍ୱ ଖାଦ୍ୟ କାର୍ଯ୍ୟକ୍ରମ(ଡବ୍ଲ୍ୟୁଏଫ୍‌ପି) ଅନୁଯାୟୀ, ବିଶ୍ୱରେ ଦୀର୍ଘ ବର୍ଷ ହେବ ଭୋକିଲା ରହୁଥିବା ଲୋକଙ୍କ ସଂଖ୍ୟା ୮୦୦ ମିଲିୟନରୁ ଅଧିକ ଥିବାବେଳେ ଏବେ ଆଉ ୩୨୩ ମିଲିୟନ ଲୋକ କ୍ଷୁଧାକୁ ସାମ୍ନା କରୁଥିବା ଅନୁମାନ କରାଯାଉଛି। ଶକ୍ତି ମୂଲ୍ୟ ବୃଦ୍ଧି ପାଇଛି । ଗରିବ ଦେଶଗୁଡ଼ିକ ମଧ୍ୟରୁ ୬୦% ଏବେ ଋଣ ସଙ୍କଟରେ ପଡ଼ିଛନ୍ତି। ବିଶ୍ୱର ବିଭିନ୍ନ ଅଞ୍ଚଳରେ ଲୋକମାନେ ମରୁଡ଼ି, ବନ୍ୟା, ବନାଗ୍ନି ଏବଂ ଜଳବାୟୁ ଖରାପ ହେବାର ଅନ୍ୟ ସଙ୍କେତଗୁଡ଼ିକୁ ଅନୁଭବ କରୁଛନ୍ତି। ଏପ୍ରିଲରେ ଜାତିସଂଘ ମହାସଚିବ ଆଣ୍ଟୋନିଓ ଗୁଟେରସ ସତର୍କ କରିଦେଇଥିଲେ ଯେ, ଏବେ ଏକାଠି ପ୍ରକାଶ ପାଇଥିବା ସବୁ ସଙ୍କଟ ମାନବଜାତିର ଏକ ପଞ୍ଚମାଂଶ ଅର୍ଥାତ୍ ୧.୭ ବିଲିୟନ ଲୋକଙ୍କୁ ବିଗତ ଦଶନ୍ଧି ତୁଳନାରେ ସବୁଠୁ ଭୟଙ୍କର ଦାରିଦ୍ର୍ୟ, ଅଭାବ ଓ କ୍ଷୁଧା ମଧ୍ୟକୁ ଠେଲି ଦେଇପାରେ। କିନ୍ତୁ ସ୍ଥିତି ଅତ୍ୟନ୍ତ ବିପଜ୍ଜନକ ହୋଇଥିଲେ ବି ଆମେ ଏହାକୁ ପରିବର୍ତ୍ତନ କରିବାରେ ଅକ୍ଷମ ନୋହୁଁ। ଋଣ, ଶକ୍ତି ଏବଂ ଖାଦ୍ୟ ଅସୁରକ୍ଷା ସ୍ଥିତିର ସମାଧାନ କରିବା ଲାଗି ବିଭିନ୍ନ ଦେଶ ଦ୍ୱାରା କିଛି ପଦକ୍ଷେପ ନେବା ଆରମ୍ଭ ହୋଇଗଲାଣି। ତେବେ ସମନ୍ୱିତ ଏବଂ ସମ୍ମିଳିତ ପଦକ୍ଷେପଗୁଡ଼ିକ ନିଆଯିବା ଦରକାର। ସମସ୍ୟାଗୁଡ଼ିକ ପରସ୍ପର ଭାବେ ଏଭଳି ଯୋଡ଼ି ହୋଇ ରହିଛି ଯେ, ଏଗୁଡ଼ିକୁ ସ୍ତର ସ୍ତର କରି ଆମକୁ ସମାଧାନ କରିବାକୁ ପଡ଼ିବ।

ସାମ୍ପ୍ରତିକ ପରିସ୍ଥିତିରେ ଆମକୁ ପ୍ରାଥମିକତାଭିତ୍ତିରେ ଉଚିତ ମୂଲ୍ୟ ସୁନିଶ୍ଚିତ କରିବା ସହ ସାରା ବିଶ୍ୱରେ ଖାଦ୍ୟ ଓ ଶକ୍ତି ବଜାରରେ ଯୋଗାଣଗୁଡ଼ିକୁ ସୁରକ୍ଷିତ କରିବାକୁ ହେବ। ଚଳିତ ବର୍ଷ ଡବ୍ଲ୍ୟୁଏଫ୍‌ପିର ନିଅଣ୍ଟ ଥିବା ୧୦ ବିଲିୟନ ଡଲାର ଯୋଗାଡ଼ କରିବା ଆବଶ୍ୟକ। ଏବେ ସୁଦ୍ଧା ଅନ୍ତର୍ଜାତୀୟ ସଂସ୍ଥାସବୁ ଏବଂ ଅନେକ ଦେଶ ଖାଦ୍ୟ ଅଭାବ ପ୍ରତି ସେମାନଙ୍କ ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଖାଦ୍ୟ ବ୍ୟବସ୍ଥାର ସାମର୍ଥ୍ୟ ବଢ଼ାଇବା ଲାଗି ମାନବୀୟ ପାଣ୍ଠି ଯୋଗାଣ ଏବଂ ନିବେଶକୁ ସଂଯୋଜିତ କରିବା ସକାଶେ



ସେମାନେ ନିକଟରେ 'ଖାଦ୍ୟ ସୁରକ୍ଷା ପାଇଁ ବୈଶ୍ୱିକ ମେଣ୍ଟ' ଗଠନ କରିଛନ୍ତି। ଆମେରିକା ନେତୃତ୍ୱରେ 'ଗ୍ଲୋବାଲ ଫୁଡ୍ ସିକ୍ୟୁରିଟି ଟୁ ଆକ୍ସନ' ପାଇଁ ପ୍ରସ୍ତୁତ ନକ୍ସାକୁ ୮୦ରୁ ଊର୍ଦ୍ଧ୍ୱ ଦେଶ ସମର୍ଥନ କରିଛନ୍ତି। ଅନେକ ଆଞ୍ଚଳିକଭିତ୍ତିକ ସମ୍ମିଳନୀ ଯଥା ଖାଦ୍ୟ ସୁରକ୍ଷା ସଙ୍କଟ ଉପରେ ମେଡିଟେରିଆନ ମନ୍ତ୍ରୀସ୍ତରୀୟ ବୈଠକ ଏବଂ ବିଶ୍ୱ ଖାଦ୍ୟ ସୁରକ୍ଷା ମନ୍ତ୍ରୀସ୍ତରୀୟ ସମ୍ମିଳନୀ ଆୟୋଜିତ କରାଯାଇଛି। କିନ୍ତୁ ଖାଦ୍ୟ ଅସୁରକ୍ଷା ରୋକିବାକୁ ମୁକ୍ତ ବାଣିଜ୍ୟ ଅତି ଜରୁରୀ ବୋଲି ଆମେ ଜାଣିଥିଲେ ମଧ୍ୟ ୨୦ରୁ ଅଧିକ ଦେଶ ଖାଦ୍ୟ ରପ୍ତାନି ଉପରେ କଟକଣା ଲଗାଇଛନ୍ତି। ତେବେ ରପ୍ତାନି କଟକଣାରୁ ଡବ୍ଲ୍ୟୁଏଫ୍‌ପିର ମାନବୀୟ କ୍ରୟକୁ ବାଦ୍ ଦେବା ଲାଗି ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟ ଦେଶଗୁଡ଼ିକ ରାଜି ହୋଇଥିବାବେଳେ, ତାହା ଏଥିପାଇଁ ପର୍ଯ୍ୟାପ୍ତ ନୁହେଁ। ଭଣ୍ଡାରଗୁଡ଼ିକରେ ଖାଦ୍ୟ ଶସ୍ୟ ଗଚ୍ଛିତ ରଖିଥିବା ପ୍ରମୁଖ ଦେଶଗୁଡ଼ିକ ଆଗକୁ ମୂଲ୍ୟବୃଦ୍ଧି ରୋକିବା ସହ ଏହାକୁ ହ୍ରାସ କରିବା ଲାଗି ଅନ୍ତର୍ଜାତୀୟ ବଜାରକୁ ଗଚ୍ଛିତ ଖାଦ୍ୟ ଯୋଗାଇବା ଦରକାର। ଏହା ସହ ବଜାରର ସ୍ୱଚ୍ଛତା ଏବଂ ସଞ୍ଚାଳନରେ ଉନ୍ନତି ଆଣିବା ଏବଂ ଅଧିକ ମୂଲ୍ୟରେ ବିକ୍ରିକୁ ରୋକିବା ଲାଗି ସରକାରଗୁଡ଼ିକ କୃଷି ବଜାର ସୂଚନା ବ୍ୟବସ୍ଥା(ଏଏମ୍‌ଆଇଏସ୍)କୁ ଦୃଢ଼ କରିବା ଉଚିତ।

ଶକ୍ତି କ୍ଷେତ୍ରରେ ଇଟାଲୀର ପ୍ରଧାନମନ୍ତ୍ରୀ ମାରିଓ ଡ୍ରାଘି, ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଏବଂ ଅନ୍ୟମାନେ ଏକ ତୈଳ କ୍ରେତା ସଂଘ ଗଠନ କରି ସେ ସମ୍ପର୍କରେ ଆଲୋଚନା କରିଛନ୍ତି। ସେମାନେ ମଧ୍ୟ ଅକ୍ଷୟ ଶକ୍ତି ଉପଯୋଗକୁ ଗତିଶୀଳ କରିବା , ଶକ୍ତି ଦକ୍ଷତା ବଢ଼ାଇବା ଏବଂ ଜୀବାଶ୍ମ ଇନ୍ଧନ ଉପରେ ନିର୍ଭରଶୀଳତା କମାଇବା ସକାଶେ ଅନେକ ନୂଆ ପଦକ୍ଷେପ ନେଇଛନ୍ତି। କିନ୍ତୁ ଇଜିପ୍ଟରେ ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଜାତିସଂଘ ଜଳବାୟୁ ପରିବର୍ତ୍ତନ ସମ୍ମିଳନୀ(କପ୍‌୨୭)କୁ ଦୃଷ୍ଟିରେ ରଖି ଜୋର୍ ଦାର କାମ କରିବାକୁ ପଡ଼ିବ। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ( ଆଇଏମ୍‌ଏଫ୍) ଏବଂ ବହୁ ଦେଶୀୟ ଡେଭଲପ୍‌ମେଣ୍ଟ ବ୍ୟାଙ୍କଗୁଡ଼ିକ ତରଫରୁ ଏବକାର ଖାଦ୍ୟ, ଶକ୍ତି ଏବଂ ଋଣ ସଙ୍କଟରୁ ମୁକ୍ତି ଦେବା ପାଇଁ ଅଧିକ କିଛି କରିବା ଉଚିତ। କେବଳ ଆଇଏମ୍‌ଏଫ୍ ଏବେ ସଙ୍କଟରେ ସଂଘର୍ଷରତ ଦେଶଗୁଡ଼ିକୁ ଋଣ ଓ ଆର୍ଥିକ ସହାୟତା ଯୋଗାଇ ଦେବାରେ ଟ୍ରିଲିୟନ ଡଲାରର ଏକ ତ୍ରୈମାସିକ ଲାଗି ପ୍ରତିବଦ୍ଧତା ପ୍ରକାଶ କରିଛି। ସେହିଭଳି ସଙ୍କଟ ଦୂର କରିବା ଲାଗି ବିଶ୍ୱ ବ୍ୟାଙ୍କ ମଧ୍ୟ ପୁଣି ପୁଞ୍ଜି ଯୋଗାଇ ଦେବା ଲାଗି ତା ସଦସ୍ୟ ଦେଶଗୁଡ଼ିକ ସହ କଥାବାର୍ତ୍ତା କରିପାରେ। ଗରିବ ଦେଶଗୁଡ଼ିକରେ ୨୦୧୫ରୁ ଋଣ ସଙ୍କଟ ଓ ତଜ୍ଜନିତ ବିପଦ ଦୁଇଗୁଣ ବଢ଼ିଯାଇଛି। ଏଣୁ ଋଣ ସଙ୍କଟ ଦୂର କରିବା ଲାଗି ଏବକାର ପଦକ୍ଷେପ ଠାରୁ ଆହୁରି ଅଧିକ କିଛି କରିବାକୁ ପଡ଼ିବ। ମହାମାରୀ ପୂର୍ବରୁ ଆରମ୍ଭ କରାଯାଇଥିବା ଡେବିଟ ସର୍ଭିସ ସସ୍‌ପେନସନ ଇନିସିଏଟିଭ(ଡିଏସ୍‌ଏସ୍‌ଆଇ) ୪୮ଟି ଗରିବ ଦେଶକୁ ୩ ବିଲିୟନ ଡଲାରର ସହାୟତା ଯୋଗାଇ ଦେବା ପରେ ତା'ର କାର୍ଯ୍ୟ ସମାପ୍ତ ହୋଇଯାଇଛି। ଡିଏସ୍‌ଏସ୍‌ଆଇ ପରେ ଦେଶଗୁଡ଼ିକୁ ଦେବାଳିଆ ସମସ୍ୟାରୁ ରକ୍ଷା କରିବା ଓ ଅନ୍ତର୍ଜାତୀୟ ସ୍ତରରୁ ଋଣ ଆଣି ନିଅଣ୍ଟ ଭରଣା କାମ କରିବା ଲାଗି 'କମନ ଫ୍ରେମ୍‌ୱର୍କ ଫର୍ ଡେବିଟ୍ ଟ୍ରିଟ୍‌ମେଣ୍ଟ ଗଠନ କରାଗଲା। ଏହା ଋଣ ସହାୟତା ଯୋଗାଇବା ଏବଂ ଋଣଦାତାର ଅପରିହାର୍ଯ୍ୟ ବ୍ୟୟ ଆବଶ୍ୟକତା ଓ ଦେୟ କ୍ଷମତାକୁ ପୁନର୍ଗଠନ ତଥା ସୁସଙ୍ଗତ କରିବ ବୋଲି ଅନୁମାନ କରାଯାଉଥିଲା। କିନ୍ତୁ ଗଠନ ହେବାର ଦେଢ଼ ବର୍ଷ ପରେ କେବଳ ଚାଦ,ଇଥିଓପିଆ ଏବଂ ଜାମ୍ବିଆ ଏଥିରେ ସ୍ୱାକ୍ଷର କରିଛନ୍ତି ଏବଂ କେହି ବି ସେମାନଙ୍କ ଋଣ ଜନିତ ଦୁଃଖ ଦୂର କରିବାକୁ ସକ୍ଷମ ହୋଇ ନାହାନ୍ତି। କମନ ଫ୍ରେମ୍‌ୱାର୍କରେ ଏବେ କେବଳ ୭୩ଟି ଗରିବ ଦେଶ ଯୋଗ ଦେବାରେ ସୀମିତ ଥିବାରୁ ଯୋଗ୍ୟତା ମାନଦଣ୍ଡ ଉପରେ ପୁନଃ ସମୀକ୍ଷା କରି ଏହି ସଂଖ୍ୟା ବଢ଼ାଇବା ଆବଶ୍ୟକ।

ଶେଷରେ ଅତ୍ୟଧିକ ଋଣ ନେଉଥିବା ଦେଶଗୁଡ଼ିକ ଉପରେ ଆଇଏମ୍‌ଏଫ୍‌ର ଅତିରିକ୍ତ ଦେୟ ଲଗାଯିବା ଧାରାକୁ ଶୀଘ୍ର ବନ୍ଦ କରିବା ଉଚିତ। ମହାମାରୀ ଆରମ୍ଭ ହେବା ପରଠାରୁ ଏଭଳି କ୍ଷତିକୁ ସାମ୍ନା କରୁଥିବା ଦେଶଗୁଡ଼ିକର ସଂଖ୍ୟା ୯ରୁ ବଢ଼ି ୧୬ରେ ପହଞ୍ଚିଛି। ୨୦୧୫ ସୁଦ୍ଧା ଆଇଏମ୍‌ଏଫ୍ ପ୍ରୋଜେକ୍ଟଗୁଡ଼ିକ ସଂଖ୍ୟା ମୋଟରେ ୩୮ରେ ପହଞ୍ଚିପାରେ। ତେବେ ଆମେ ଏବେ ଏକାଠି ଅନେକ ସଙ୍କଟକୁ ଅପ୍ରତ୍ୟାଶିତ ଭାବେ ସାମ୍ନା କରୁଛୁ, ଯାହା ଆମ ଭବିଷ୍ୟତକୁ ଗମ୍ଭୀର ରୂପେ ବିପଦକୁ ଠେଲି ଦେଇପାରେ। ଏଣୁ ଜି୨୦ ଆଗକୁ ଆସି ପ୍ରତିବଦ୍ଧତାର ସହ ଏହି ସଙ୍କଟଗୁଡ଼ିକର ସମାଧାନ କରୁ, ଏହା ହିଁ ଆଜିର ବିଶ୍ୱ ଆବଶ୍ୟକ କରୁଛି।

## ଏଇ ଭାରତରେ

ବର୍ଷାଦିନରେ ଜାମୁକୋଳି ଚାହିଦା କାହିଁରେ କ'ଣ। କିନ୍ତୁ ବର୍ଷାଋତୁ ପରେ ଏହି କୋଳି ପାଇବା ସାତସପନ ହୋଇଯାଏ । ହେଲେ ରାଜସ୍ଥାନର ଏକ ଦମ୍ପତି ବର୍ଷସାରା ଜାମୁ ଉପାଦ ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ପାଲି ଜିଲାର ରାଜେଶ ଓ ପୂଜା ଓଜା 'ଜୋଭାକି 'ଏବଂ 'ଟ୍ରାଇବାଲ୍‌ବେଦ୍' ନାମକ ସଂସ୍ଥା ମାଧ୍ୟମରେ ଜାମୁ କୋଳି ପ୍ରୋସେସିଂ କରିବା ସହ ପାଲି ଜିଲାର ବେରା ଗାଁର ୧ ହଜାର ଆଦିବାସୀ ପରିବାରକୁ ସଶକ୍ତ କରିପାରିଛନ୍ତି। ବେରାରେ ପ୍ରଚୁର ପରିମାଣରେ ବିଭିନ୍ନ ଋତୁଭିତ୍ତିକ ଫଳ ଫଳେ। ସେଠାକାର ଲୋକେ ପୂର୍ବରୁ ଏହାକୁ ବଜାରରେ କମ୍ ମୂଲ୍ୟରେ ବିକ୍ରି କରିବାକୁ ବାଧ୍ୟ ହୋଇଥାନ୍ତି। ଏବେ ଆଉ ସେମାନେ କ୍ଷତି ସହୁନାହାନ୍ତି। ଏହି ଦମ୍ପତିଙ୍କ ଉଦ୍ୟମରେ ସେମାନେ ଜାମୁମଞ୍ଜି ପାଉଡର ଓ ଜାମୁରୁ ଗ୍ରୀନ୍ ଟି ଏବଂ ଭିନେଗାର ଆଦି ପ୍ରସ୍ତୁତ କରୁଛନ୍ତି। ଏଣୁ ଏହି ଫଳର ସ୍ୱାଦ ବର୍ଷର ବିଭିନ୍ନ ସମୟରେ ପାଇ ହେଉଛି ବୋଲି କହନ୍ତି ରାଜେଶ। ଗୋଟିଏ ୟୁନିଟ୍‌ରେ ସେମାନେ ପ୍ରୋସେସିଂ ଲାଗି ୭୦ ଜଣ ଆଦିବାସୀ ମହିଳା ଏବଂ କୋଳି ତୋଳିବା ଲାଗି ୧୫୦ ମହିଳାଙ୍କୁ ନିଯୁକ୍ତ କରିଛନ୍ତି। ମହିଳାମାନେ ଏଥିରୁ ମାସକୁ ୧୫,୦୦୦ ଟଙ୍କା ରୋଜଗାର କରିବାକୁ ସକ୍ଷମ ହୋଇପାରିଛନ୍ତି। ରାଜସ୍ଥାନ ବାଦ୍ ଏବେ ସେମାନେ ଏହି କାର୍ଯ୍ୟ ଛତିଶଗଡ଼ ଏବଂ ମଧ୍ୟପ୍ରଦେଶରେ ଆରମ୍ଭ କରିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

**୨୧ ଜୁଲାଇ ୧୯୯୭**

- ଦଳବିରୋଧୀ କାର୍ଯ୍ୟରେ ଲିପ୍ତ ଅଭିଯୋଗରେ ଆସାମ ଗଣପରିଷଦର ପ୍ରାଥମିକ ସଦସ୍ୟ ପଦରୁ ପୂର୍ବତନ ଗୃହମନ୍ତ୍ରୀ ଭୃଗୁ ଫୁକନ ନିଲମ୍ବିତ।
- ବରିଷ୍ଠ ସ୍ୱାଧୀନତା ସଂଗ୍ରାମୀ, ଲେଖକ, ସମାଜସେବୀ ଜୟକୃଷ୍ଣ ମିଶ୍ରଙ୍କ ୮୫ ବର୍ଷ ବୟସରେ ପରଲୋକ।
- କୋରାପୁଟ ଜିଲାର ବନ୍ଧୁଗାଁ, ନାରାୟଣପାଟଣା ଓ ଲକ୍ଷ୍ମୀପୁର ବ୍ଲକ୍‌ର ବିଭିନ୍ନ ଗ୍ରାମରେ ଝାଡ଼ାବାନ୍ତି, ମ୍ୟାଲେରିଆ ଓ ମସ୍ତିଷ୍କ ଜ୍ୱରରେ ଆକ୍ରାନ୍ତ ହୋଇ ୩୦ ଜଣଙ୍କ ମୃତ୍ୟୁ।

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 1 | | | | | | 6 | |
| 8 | | 7 | | 4 | | 9 | | |
| | | | 8 | | | | | |
| | | 2 | 3 | | | | | |
| | 3 | | | 6 | | 1 | | 7 |
| | | | | | | | 3 | |
| | 5 | | | | 1 | | | |
| | | | | 3 | 8 | 2 | 9 | |
| 7 | | | | | 9 | | | 8 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 3 | 2 | 1 | 8 | 5 | 9 | 6 | 7 |
| 7 | 1 | 9 | 4 | 3 | 6 | 5 | 2 | 8 |
| 6 | 5 | 8 | 2 | 9 | 7 | 1 | 3 | 4 |
| 9 | 6 | 1 | 8 | 7 | 2 | 3 | 4 | 5 |
| 3 | 8 | 7 | 6 | 5 | 4 | 2 | 1 | 9 |
| 2 | 4 | 5 | 9 | 1 | 3 | 8 | 7 | 6 |
| 1 | 7 | 6 | 5 | 2 | 9 | 4 | 8 | 3 |
| 8 | 9 | 4 | 3 | 6 | 1 | 7 | 5 | 2 |
| 5 | 2 | 3 | 7 | 4 | 8 | 6 | 9 | 1 |

ଗତକାଲିର ଉତ୍ତର

# ଓଲଟା ପାଦ



ପରଂବ୍ରହ୍ମ ତ୍ରିପାଠୀ

ମହାଭାରତ ସମୟରେ ନିୟୋଗ ପ୍ରଥାର ପ୍ରଚଳନ ଥିଲା। ଧୃତରାଷ୍ଟ୍ର, ପାଣ୍ଡୁ ଓ ବିଦୁର ଏ ତିନିଜଣ ନିୟୋଗ ପ୍ରଥାର ଉପଜ ଥିଲେ। ସେମିତି ଅନେକ ଦିନ ଧରି ସତୀଦାହ ପ୍ରଥା ପ୍ରଚଳିତ ଥିଲା। ବିକଶିତ ଦେଶ ଓ ପୃଥିବୀର ବିଭିନ୍ନ ପ୍ରାନ୍ତରେ କ୍ରୀତଦାସ ପ୍ରଥା ବି ଅନେକ ଦିନ ଧରି ବିଦ୍ୟମାନ ଥିଲା। ସେ ସମୟର ସମ୍ଭ୍ରାନ୍ତ ଓ ତଥାକଥିତ ବଡ଼ପଣ୍ଡାମାନେ ଏହାର ପୃଷ୍ଠପୋଷକ ଥିଲେ। ଚର୍ଚ୍ଚ ଅନେକ ଦିନ ଧରି ବିଶ୍ୱର ଅନେକ ଦେଶରେ କ୍ଷମତା ଓ ଶାସନର ପ୍ରାଣକେନ୍ଦ୍ର ଥିଲା। ସୂର୍ଯ୍ୟ ପୃଥିବୀ ଚାରିପଟେ ବୁଲୁଛି ବୋଲି ଅବଧାରଣାର ବିରୋଧ ପାଇଁ ମୃତ୍ୟୁଦଣ୍ଡ ମଧ୍ୟ ମିଳୁଥିଲା। ହେଲେ ଆଜିର ସମୟରେ ସତୀଦାହ ହେଉ କି କ୍ରୀତଦାସ ପ୍ରଥା, ଏ ସମସ୍ତ ଦଣ୍ଡନୀୟ ଅପରାଧ। ଉପରେ ଦିଆଯାଇଥିବା ପ୍ରଥା ପରମ୍ପରାକୁ ଆଜି ଯଦି ଆପଣଙ୍କ ଉପରେ ଲଦି ଦିଆଯାଏ, ଆପଣଙ୍କୁ ସେସବୁ ଭିତରୁ କୌଣସି ଗୋଟିଏକୁ ମାନିବା ପାଇଁ ବାଧ୍ୟ କରାଯାଏ, ଆପଣ କ'ଣ ତାକୁ ମାନିବେ ? ଉତ୍ତର ବୋଧହୁଏ ନା, କାରଣ ଏ ସମସ୍ତ ବିଷୟ ବର୍ତ୍ତମାନ ସମୟ ପାଇଁ ଅପ୍ରାସଙ୍ଗିକ।

ପ୍ରତି କାଳଖଣ୍ଡର ନିଜସ୍ୱ ନିୟମ ଥାଏ, ନିଜସ୍ୱ ଯୁଗସତ୍ୟ ଥାଏ, ନିଜସ୍ୱ ରୀତିନୀତି ଚାଲିଚଳନ ଥାଏ। ଏହି ପ୍ରସଙ୍ଗରେ ପ୍ରତିଟି କାଳଖଣ୍ଡ ତା' ପୂର୍ବ ଓ ପରବର୍ତ୍ତୀ କାଳଖଣ୍ଡଠାରୁ ଭିନ୍ନ। କେଉଁ ସମୟରେ କେଉଁ ପରିସ୍ଥିତି ପାଇଁ କେଉଁ ନିୟମ ବା ରୀତିନୀତି ତିଆରି କରାଯାଇଛି ତା'ର ପ୍ରାସଙ୍ଗିକତା ଏକ ସର୍ବକାଳୀନ ବ୍ୟାପାର ନୁହେଁ। ସଭ୍ୟତାର ବିବର୍ତ୍ତନ ସହ ତାଳ ଦେଇ ମଣିଷ ବଦଳେ, ସମାଜ ବଦଳେ ଓ ତା' ସହ ବଦଳେ ପରମ୍ପରା ଓ ରୀତିନୀତି। କାରଣ ମଣିଷ ପରମ୍ପରା, ବ୍ୟବସ୍ଥା, ଲୋକାଚାର, ରୀତିନୀତି ଆଦିକୁ ଜନ୍ମ ଦେଇଛି। ସେମାନେ ମଣିଷକୁ ତିଆରି କରିନାହାନ୍ତି। ସେଇଥିପାଇଁ ତ ଗୋଟିଏ କାଳଖଣ୍ଡର ସତ୍ୟ-ଅସତ୍ୟ, ନ୍ୟାୟ-ଅନ୍ୟାୟ ତା' ପରବର୍ତ୍ତୀ ବା ପୂର୍ବବର୍ତ୍ତୀ କାଳଖଣ୍ଡର କଷଟି ପଥରରେ ନିଜ ପରାକାଷ୍ଠା ଦେଖାଇବାରେ ଅନେକ ସମୟରେ ବିଫଳ ହୁଅନ୍ତି।

ସମୟ ଓ ସମସ୍ୟା ଅନୁଯାୟୀ ପରିବର୍ତ୍ତନ ହିଁ ଅବଧାରିତ ନିୟମ ଏବଂ କୌଣସି ଜିନିଷକୁ ଅନ୍ଧ ଭାବେ ଜାବୁଡ଼ି ଧରିବା କାଳଖଣ୍ଡ ବିବର୍ତ୍ତନର ମୌଳିକ ନିୟମର ବିରୋଧାଚରଣ କରେ। ଧର୍ମର କଥା ନିଅନ୍ତୁ। ଧର୍ମ ଆସ୍ଥାର ବିଷୟ। ଆଗ ମଣିଷର ସୃଷ୍ଟି, ମଣିଷ ଜନ୍ମଦେଲା ଧର୍ମକୁ। ମଣିଷକୁ ଭଲ ମଣିଷ କରିବା ପ୍ରାୟ ସବୁ ଧର୍ମର ସାରକଥା। ମାତ୍ର ମାନବ ସଭ୍ୟତାର ଇତିହାସ ଯଦି ଆମେ ଦେଖିବା ତେବେ ଏହାର ଓଲଟା କଥାଟି ପାଇବା। ସଭ୍ୟତା ଆରମ୍ଭରୁ ମହାମାରୀ ଓ ପ୍ରାକୃତିକ ବିପର୍ଯ୍ୟୟରେ ଯେତିକି ଲୋକ ମରି ନାହାନ୍ତି, ତା'ଠାରୁ ଅଧିକ ମଣିଷ ମରିଛନ୍ତି ବିଭିନ୍ନ ଧର୍ମଯୁଦ୍ଧରେ। ସିଏ ଧର୍ମଯୁଦ୍ଧ ହିନ୍ଦୁ-ବୌଦ୍ଧଙ୍କ ଭିତରେ ହେଉ, ଇହୁଦୀ-ଖ୍ରୀଷ୍ଟିଆନଙ୍କ ଭିତରେ ହେଉ, ହିନ୍ଦୁ-ମୁସଲମାନଙ୍କ ଭିତରେ ହେଉ କିମ୍ବା ଶିୟା-ସୁନ୍ନିଙ୍କ ଭିତରେ ହେଉ, ଆସ୍ଥାର ଉତ୍କର୍ଷ ପ୍ରମାଣ କରିବାର ଯଜ୍ଞବେଦିରେ ଆହୁତି ଦିଆଯାଇଛି କୋଟି କୋଟି ମଣିଷ ଜୀବନ। ଆଉ ସେ ପ୍ରକ୍ରିୟା ଆଜି ବି ବଳବତ୍ତର ରହିଛି। ଏହା ପଛର ପ୍ରମୁଖ କାରଣଟି ବୋଧ ହୁଏ ଏଇଆ ଯେ ଅସ୍ଥାଠାରୁ ରୂଢ଼ିବାଦକୁ ଅଲଗା କରିବାରେ ପୃଥିବୀର ବିଭିନ୍ନ ପ୍ରାନ୍ତରେ ମଣିଷ ଓ ବିଭିନ୍ନ ସମୟରେ ହୋଇଥିବା ସାଂସ୍କୃତିକ ବିପ୍ଳବଗୁଡ଼ିକ ବିଫଳ ହୋଇଛି।



ଶିଳ୍ପ ବିପ୍ଳବ, ବୈଜ୍ଞାନିକ ନବାଚାର ଓ ନବଜାଗରଣ ପରେ ରୂଢ଼ିବାଦ ତା'ର ପ୍ରାସଙ୍ଗିକତା ହରେଇବ ବୋଲି ବିଶ୍ୱର ବିଭିନ୍ନ କୋଣରେ ଆଶାଟିଏ ସଂଚାର ହୋଇଥିଲା। ଦାରିଦ୍ର୍ୟ, ଅସମାନତା, କ୍ଷୁଧା ବିରୋଧରେ ସାମୂହିକ ଲଢ଼େଇ ମଣିଷ ସମାଜର ଧ୍ୟେୟ ହେବ ବୋଲି ସାରା ବିଶ୍ୱର ବୁଦ୍ଧିଜୀବୀମାନେ ଆଶାବାଦୀ ହୋଇଉଠିଥିଲେ। ମାତ୍ର ଏ ଆଶା ଦୀର୍ଘସ୍ଥାୟୀ ହେଲାନାହିଁ। ପରବର୍ତ୍ତୀ କାଳଖଣ୍ଡରେ ଶାସକ ଓ କ୍ଷମତାଧାରୀମାନେ ଜନସାଧାରଣଙ୍କ ଆଶା ଆକାଂକ୍ଷା, ସ୍ୱପ୍ନକୁ ପୂରଣ କରିବାରେ ବିଫଳ ହେଲେ। ଜନତାର ମୋହଭଙ୍ଗ ସମୟ ଆସିଲା। ଶାସକଙ୍କ କ୍ଷମତା ଓ ପଦ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେଲେ। କିନ୍ତୁ ଯିଏ ଥରେ କ୍ଷମତା ଉପଭୋଗ କରିଛି, କ୍ଷମତା ବିନା ବଞ୍ଚିବା ତା' ପାଇଁ ଅସମ୍ଭବ ପ୍ରାୟ। ସେଇଠୁ ହିଁ ପୁଣି ଥରେ ବିଶ୍ୱର ବିଭିନ୍ନ ପ୍ରାନ୍ତରେ କଡ଼ ଲେଉଟାଇଲା ଆସ୍ଥା ଓ ମନଗଢ଼ା କୃତ୍ରିମ ଉତ୍କର୍ଷକୁ ଆୟୁଧ କରି ଜନତାଙ୍କୁ ମୁଖ୍ୟ ପ୍ରସଙ୍ଗରୁ ଦୂରେଇ ରଖି ଶାସନ କରିବାର ପ୍ରକ୍ରିୟା। ଶାସକ ଜାଣିଥିଲେ ଯେ ଆସ୍ଥା ଏମିତି ଏକ ଜିନିଷ ଯାହାଠାରୁ ରୂଢ଼ିବାଦକୁ ଅଲଗା କରିବା ସାଧାରଣ ମଣିଷ ପକ୍ଷେ ଏକ ଦୁରୂହ ବ୍ୟାପାର। ଆସ୍ଥା ଏମିତି ଏକ ଯାଦୁବାଡ଼ି ଯାହା ସଂଖ୍ୟାଲଘୁ ହେଉ କି ସଂଖ୍ୟାଗରିଷ୍ଠ, ଉଭୟଙ୍କୁ କ୍ଷମତାକୁ ପ୍ରଶ୍ନ ନ କରି କ୍ଷମତା ପଛରେ ଅନ୍ଧ ଭାବେ ସଂଘବଦ୍ଧ ହୋଇ ଏକାଠି କରି ପାରିବାର କ୍ଷମତା ରଖେ। ଏ ପ୍ରକ୍ରିୟାରେ ଶାସକ ତା' କ୍ଷମତା ବଜାୟ ରଖିବାରେ ଅନେକ କ୍ଷେତ୍ରରେ ସଫଳ ହେଲା, ହେଲେ ସାଧାରଣ ମଣିଷ ପାଇଲା କ'ଣ ? ଯେଉଁ ସମୟରେ ବୈଜ୍ଞାନିକ ଆଭିମୁଖ୍ୟ, ପ୍ରଗତିବାଦୀ ଦୃଷ୍ଟିଭଙ୍ଗୀ ଆଉ ସମ୍ମିଳିତ ପ୍ରୟାସର ଆବଶ୍ୟକତା ରହିଛି, ସେତେବେଳେ ସାଧାରଣ ମଣିଷଟିକୁ ଉସୁକା ଯାଉଛି ନିଜ ପଡ଼ୋଶୀକୁ ସନ୍ଦେହ କରିବାକୁ। ତା' ମୁଣ୍ଡରେ ବୁଣା ଯାଉଛି ବିଭେଦର ମଞ୍ଜି। ତାକୁ ପ୍ରୋତ୍ସାହିତ କରାଯାଉଛି ରୂଢ଼ିବାଦକୁ ବଞ୍ଚିବାର ଆଦର୍ଶ ଭାବେ ଗ୍ରହଣ କରିବାକୁ। ଏହା ପଛରେ ନ୍ୟସ୍ତସ୍ୱାର୍ଥ ଗୋଷ୍ଠୀର ଉଦ୍ଦେଶ୍ୟ ସ୍ପଷ୍ଟ। ସେମାନେ ଜାଣନ୍ତି ଆସ୍ଥାର ରୂଢ଼ିବାଦରେ ବାନ୍ଧି ହୋଇ ରହିଲେ ଜନତା କ୍ଷମତାକୁ ପ୍ରଶ୍ନ କରିବ ନାହିଁ।

କଟୁ ହେଲେ ବି କଥାଟି ସତ। ଯେତେବେଳେ ଆଉ କିଏ ଆସି ଆପଣଙ୍କୁ ଆପଣଙ୍କ ଗାଁ, ଦେଶ, ଜାତି, ଧର୍ମ କି ଭାଷା ପୃଥିବୀର ଶ୍ରେଷ୍ଠ ବୋଲି ବୁଝେଇବା ଆରମ୍ଭ କରେ, ବୁଝିଯିବେ ଯେ ଏ ଶ୍ରେଷ୍ଠ ଗୁଣଗାନ ପଛରେ ଭିନ୍ନ କିଛି ଉଦ୍ଦେଶ୍ୟ ନିହିତ। ଏବଂ ଯେତେବେଳେ ଏ ଶ୍ରେଷ୍ଠତ୍ୱର ଗୁଣଗାନ ଅନ୍ୟ କୌଣସି ଜିନିଷକୁ ଛୋଟ ବା ଘୃଣିତ କରି କରାଯାଏ, ସେତେବେଳେ ବୁଝିବା ଆବଶ୍ୟକ ଯେ ଆପଣଙ୍କୁ ଏମିତି ଏହା ବିଷମ ବଳୟରେ ଛନ୍ଦି ଦେବାର ପ୍ରୟାସ କରାଯାଉଛି। ଯାହାର ଆରମ୍ଭ ଘୃଣା, ଶେଷରେ ଘୃଣା ଏବଂ ଉଭୟ ଗରିଷ୍ଠ ସାଧାରଣ ଗୁଣନୀୟକ ଓ ଲଘିଷ୍ଠ ଗୁଣିତକ ହେଉଛି ଚବିଶ କ୍ୟାରେଟ ଖାଣ୍ଟି ଘୃଣା। ଘୃଣାର ବିଷମବଳୟ ଭିତରେ ଶାନ୍ତି, ସାମ୍ୟ, ପ୍ରଗତି, ସହାବସ୍ଥାନ ହେଉଛି କେବଳ ଅଭିଧାନର ଶବ୍ଦ।

ଶେଷରେ ଏତିକି ଯେ ଆମେ ଆଗକୁ ଯିବା ନା ରୂଢ଼ିବାଦର ଘୃଣା ବଳୟ ଦିଗରେ ଓଲଟା ପାଦ ପକେଇବା। ରୂଢ଼ିବାଦକୁ ତା' କବର ତଳୁ ଉଠେଇବା ପାଇଁ ବର୍ତ୍ତମାନ ଯେଉଁ ସଂଘବଦ୍ଧ ପ୍ରୟାସ ଚାଲିଛି ତା' ବିରୋଧରେ ଆମେ ସମସ୍ତେ ସତର୍କ ହୋଇଯିବାର ଆବଶ୍ୟକତା ରହିଛି। କାରଣ ପରମ୍ପରାରେ ଏ ମାନ୍ୟତା ବି ଅଛି ଯେ ଓଲଟା ପାଦ ଜୀବନ୍ତ ମଣିଷର ନୁହେଁ, ଭୂତର ଥାଏ।

**ନାଉଗାଁହାଟ, ଜଗତ୍‌ସିଂହପୁର**
**ମୋ-୯୭୭୩୦୨୨୦୫**

# ଅପରାଧର ପେଟେଣ୍ଟ ମେଡିସିନ



ଓମ୍‌ପ୍ରକାଶ ନାଥ

ଗାଁଠୁ ସହର, ଦେଶଠୁ ବିଦେଶ, ସବୁଠି ଦିନକୁ ଦିନ ବଢ଼ିଚାଲିଛି ଅପରାଧ, ଦୁର୍ନୀତି, କଳାବଜାର। ସରକାର ଯେତେ ବି କଡ଼ା କାର୍ଯ୍ୟାନୁଷ୍ଠାନ ନେଲେ ଅପରାଧ କମିବା ବଦଳରେ ଦ୍ରୁତ ଗତିରେ ବଢ଼ିଚାଲିଛି। ଘର ବାହାରେ ହେଉ କି ଭିତରେ ସବୁଠି କାୟା ମେଲେଇ ଚାଲିଛି ଅପରାଧ। ଅପରାଧ ରୋକିବାକୁ ସରକାରୀ ସ୍ତରରେ ଅନେକ ନୀତି ନିୟମ ହେଉଛି ସତ, କିନ୍ତୁ ତାହା କେବଳ ଧର୍ମକୁ ଆଖିଠାର ସଦୃଶ। ନିଶା କାରବାର ହେଉ କି ଚୋରି ଡକାୟତି ଏ ସବୁଥିରେ ଯେତେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯାଉଛି ତା'ର କିଛି ପ୍ରଭାବ ପଡୁନି। ଏଠି ସଚେତନତା ଅଭାବର ଆଳ ଦେଖେଇ ଜନତାଠୁ ସରକାର ସବୁ ଚୁପ୍ ହୋଇ ଖସି ଯାଉଛନ୍ତି।

ପ୍ରକୃତରେ ଏହାର ବିକଳ୍ପ କେଉଁଠି ଅଛି ଖୋଜିବାକୁ କାହା ପାଖେ ସମୟ ନାହିଁ କି ଚେଷ୍ଟା ନାହିଁ। ଅନେକ ଘଟଣା ଦେଖିବାକୁ ମିଳିଛି ଜନତାଙ୍କ ରକ୍ଷକ ନିଜେ ଭକ୍ଷକ ସାଜି ଶେଷରେ ଆଇନକାନୁନ ଦ୍ୱାରା ସଜା ପାଇଛି, ଆଉ କେତେକ ଅର୍ଥ ବଳରେ ଖସି ବି ଯାଉଛନ୍ତି। ଦୋଷ କାହାର ? ଯେଉଁଠି ଜନତାଙ୍କ ଦ୍ୱାରା ନିର୍ବାଚିତ ହୋଇ ଦୁର୍ନୀତିରେ ବୁଡ଼ି ରହି ନିଜକୁ ସୁରକ୍ଷିତ କରିବା ପାଇଁ ଅପରାଧ ଘଟାଉଛି, ଅର୍ଥ ଲୋଭରେ କଳାବଜାରକାରୀଙ୍କୁ ପୋଲିସ ନିଜେ ସହଯୋଗ କରୁଛି, ସମ୍ବିଧାନର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଗଣମାଧ୍ୟମ ବି ଏଥିରୁ ବାଦ୍‌ପଡ଼ିନି ଓ ସମସ୍ତେ ନିଜ ହିତ ସ୍ୱାର୍ଥରେ ଲିପ୍ତ, କିଏ ବା କାହିଁକି ଅନ୍ୟ ପାଇଁ ହେଉ କି ସମାଜର ହିତ ଚିନ୍ତା କରିବ ! କିନ୍ତୁ ହଁ ଏ ସ୍ୱାର୍ଥପର ଦୁନିଆରେ କିଛି ଭଲ ଲୋକ ଅଛନ୍ତି ଯେଉଁଥିପାଇଁ କି ଆଜି ଏ ଦୁନିଆ ବିଶ୍ୱାସର ସହ ବଞ୍ଚିଛି।

ଅପରାଧକୁ ରୋକିବା ପାଇଁ ବିଚାର ବିଭାଗ ରହିଛି ଏବଂ ସେଥିରେ ଅନେକ ନିୟମକାନୁନ ଅଛି। ଅପରାଧ ଅନୁଯାୟୀ ବିଭିନ୍ନ ପ୍ରକାର ଦଫା ଅଛି ଏବଂ ଦଫା ଅନୁସାରେ ଦଣ୍ଡ ବି , କିନ୍ତୁ ସେଇ କାନୁନ କଚେରି ଭିତରେ ଅନେକ ଗଳାବାଟ ଅଛି, ଯେଉଁ ବାଟ ଦେଇ ଅପରାଧୀ ଦଣ୍ଡରୁ ମୁକ୍ତ ହୋଇ ଖଲାସ ହେଉଛନ୍ତି । ନ୍ୟାୟ ଅପେକ୍ଷାରେ ଅନେକ ମାଟିରେ ମିଶି ଗଲେଣି । ଏଠି କହିବ କାହାକୁ ଶୁଣିବ କିଏ, ଶୁଣିଲାବାଲା ତ କାଉ, କୋଇଲିର ଗପ ଶୁଣାଏ। ନୀତିନିୟମରେ ଏମିତି ଅନେକ ବ୍ୟତିକ୍ରମ ଦେଖିବାକୁ ମିଳିଛି।

ଯଦି କରୋନା ସଂକ୍ରମଣ ସମୟରେ କୋଟି କୋଟି ଲୋକଙ୍କ ଭିତରେ ସଂକ୍ରମିତ ରୋଗୀକୁ ଠାବ କରାଯାଇପାରୁଛି, ତାହାହେଲେ ଅପରାଧୀକୁ କାହିଁକି ଧରାଯାଇପାରିବନି ? ଏତେବଡ଼ ବିପଦକୁ ଯଦି ଚତୁରତା ସହ ମୁକାବିଲା କରିପାରୁଛି ତାହାହେଲେ ଅପରାଧକୁ କାହିଁକି ଅଟକାଇ ପାରିବନି ? ସଚେତନ ଦ୍ୱାରା କୋଟି କୋଟି ଜନତାଙ୍କୁ ଆୟତ୍ତ କରିପାରିଲ କିନ୍ତୁ ସେଇ ସଚେତନ ଦ୍ୱାରା ଅପରାଧକୁ କାହିଁକି ଆୟତ୍ତ କରାଯାଇପାରୁନାହିଁ। ଆଉ କିଛି ବି କାରଣ ନାହିଁ, କେବଳ ଆନ୍ତରିକତାର ଅଭାବ, ଯେଉଁଥିପାଇଁ ଏ ସମାଜ ଅପରାଧର କଳାବାଦଲରେ ଢାଙ୍କି ହୋଇଗଲାଣି।

ନୀତିନିୟମ ଲାଗୁ କରିଦେଲେ ଅପରାଧ ବନ୍ଦ ହୋଇଯାଏନା, ତତ୍ପରତା ଦେଖେଇବା ଦରକାର। କିଛି ନିୟମକାନୁନ ବଦଳିବା ଦରକାର, ଯେମିତି କି ସାମାନ୍ୟ ଅପରାଧ ପାଇଁ ହାଲୁକା ଦଣ୍ଡ ବଦଳରେ କଠୋର ଦଣ୍ଡ ଦିଆଯାଉ। କାରଣ ଗୋଟେ ଅପରାଧୀ ଏକାଥରେ ବଡ଼ ଅପରାଧ କରି ନ ଥାଏ। ଛୋଟମୋଟ ଅପରାଧ କରୁ କରୁ ବଡ଼ ଅପରାଧ କରିବସେ, ଛୋଟ ଅପରାଧ କରି ଅଳ୍ପ ଦଣ୍ଡରେ ମୁକୁଳିବା ପରେ ଦେହସୁହା ହୋଇଯାଏ ଏବଂ ପୁଣି ସେ ନିର୍ଭୟରେ ବାରମ୍ବାର ଅପରାଧ କରିଚାଲେ। ଯେମିତି କି ଚୋରି, ଲାଞ୍ଚ, ଦୁର୍ନୀତି, କଳାବଜାର ଭଳି ପେସାଦାର ଅପରାଧୀଙ୍କ ସଂଖ୍ୟା ଶତକଡା ୯୦ଭାଗ। ତେଣୁ ପ୍ରଥମ ଅପରାଧରୁ ଯଦି ବଡ଼ ଦଣ୍ଡ ମିଳେ ତାହାହେଲେ ସେ ଅପରାଧୀର ପୁନର୍ବାର ସାହସ ହେବନି କି ଅନ୍ୟମାନେ ବି ଅପରାଧ କରିବାକୁ ସାହସ କରିବେ ନାହିଁ। ସେ ଚୋରି ହେଉ କି ହତ୍ୟା ହେଉ କି ଦୁର୍ନୀତି ହେଉ। ପ୍ରଥମ ଅପରାଧ କଲେ ଦୃଷ୍ଟାନ୍ତମୂଳକ ଦଣ୍ଡରେ ଦଣ୍ଡିତ କରାଯାଉ। ଅପରାଧ ମାନେ ଅପରାଧ। ସେ ଯେକୌଣସି ପ୍ରକାର ଅପରାଧ ହେଉ ପଛକେ, ଛୋଟ ହେଉ ବା ବଡ଼। ୧୦ ଟଙ୍କା ଚୋରି ହେଉ କି ଦୁର୍ନୀତି କଲେ ତା'ର ୧୦ଗୁଣା ଅର୍ଥ ଆଦାୟ କରାଯାଉ, କଳାବଜାର କଲେ କଠିନ କାରାଦଣ୍ଡରେ ଦଣ୍ଡିତ କରାଯାଉ, ବିନା କାରଣରେ ଆକ୍ରମଣ କଲେ ହତ୍ୟାକାଣ୍ଡର ଦଫା ଲଗାଇ ଦଣ୍ଡିତ କରାଯାଉ। ତତସହିତ ନିୟମକାନୁନ ସ୍ୱଚ୍ଛଳ ରହିବା ନିହାତି ଜରୁରୀ। ପ୍ରଥମ ଅପରାଧ ଉପରେ ଯଦି କଡ଼ା ଏବଂ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଏ ତେବେ ଅପରାଧ ଦୁନିଆରେ ପାଦ ଥାପିବାକୁ ଅନ୍ୟମାନେ ଭୟଭୀତ ହେବେ, ତେବେ ହିଁ ଅପରାଧକୁ ରୋକାଯାଇପାରିବ।

**ଭଦ୍ରକ, ମୋ: ୯୬୫୮୪୧୮୯୪୧**

## ପାଠକ ଶ୍ରେଷ୍ଠ ବିଚାରକ

### ଗଛ ପାଇଁ ଚିନ୍ତା

ମହାଶୟ,

ଗଛ ହିଁ ଜୀବମାନଙ୍କର ଆତ୍ମା। ବିଶେଷ କରି ମନୁଷ୍ୟଙ୍କୁ ଖାଦ୍ୟପେୟ ଓ ବସ୍ତ୍ର ଗଛରୁ ହିଁ ମିଳିଥାଏ। ଏତଦ୍‌ଭିନ୍ନ ମଣିଷ ଶରୀରକୁ ସୁସ୍ଥ ସବଳ ରଖିବା ପାଇଁ ଏଥିରୁ ଔଷଧୀୟ ଗୁଣ ମିଳିଥାଏ। ବର୍ତ୍ତମାନ ବର୍ଦ୍ଧିତ ଜନସଂଖ୍ୟା ହେତୁ ବହୁ ପରିମାଣରେ ରାସ୍ତାଘାଟ, କୋଠାବାଡ଼ି ଓ ଶିଳ୍ପ କାରଖାନା ନିର୍ମାଣ ପାଇଁ ବହୁ ଗଛ ହଣା ହେଉଛି। କାଠ ଚୋରମାନେ ଜଙ୍ଗଲରୁ କାଠ ହାଣି ନେଇଯିବା ଯୋଗୁ ଜଙ୍ଗଲ ଗଛଶୂନ୍ୟ ହେବାରେ ଲାଗିଛି। ଯାହାଫଳରେ ଜଙ୍ଗଲୀ ଜୀବଜନ୍ତୁ ଲୋକମାନଙ୍କ ବାସସ୍ଥଳୀକୁ ଆସି ଉତ୍ପାତ କରୁଛନ୍ତି। ଏହିପରି ନିରବଚ୍ଛିନ୍ନ ଭାବେ ଗଛକଟା ଲାଗି ରହିଲେ, ଧରିତ୍ରୀ ଗଛଶୂନ୍ୟ ହୋଇଯିବ ଏଥିରେ ସନ୍ଦେହ ନାହିଁ। ରଥ ଲାଗି ମଧ୍ୟ ଗଛ କଟାଯାଉଛି। ଏହି ଧାରା ଚାଲିଲେ ଆଗକୁ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ରଥ ନିର୍ମାଣ ପାଇଁ କାଠର ସମସ୍ୟା ଦେଖାଦେଇପାରେ। ଉକ୍ତ ପରିପ୍ରେକ୍ଷୀରେ ଗଜପତି ମହାରାଜା ସରକାରଙ୍କ ଜଙ୍ଗଲ ବିଭାଗକୁ ଗଛର ଯତ୍ନ ନେବା ସହ ଅଧିକରୁ ଅଧିକ ଗଛ ଲଗାଇବା ପାଇଁ ପରାମର୍ଶ ଦେଇଛନ୍ତି। ସବୁଜ ବଳୟ ସୃଷ୍ଟି ପାଇଁ ବେସରକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଓ ସରକାରଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ଗଛ ଲଗାଯାଉଛି। କେବଳ ଗଛ ଲଗାଇଲେ ହେବ ନାହିଁ, ଏହାର ଯତ୍ନ ନେଇ ବଢ଼ାଇବା ଅଧିକ ଗୁରୁତ୍ୱପୂର୍ଣ୍ଣ।

**-ମହେଶ୍ୱର ନାୟକ, ଦୋବନ୍ଧା, ଗୋଗୁଆ, କେନ୍ଦ୍ରାପଡ଼ା**

## ଚିରନ୍ତନୀ

ଥରାଇ ଧୀରେ ଧୀରେ କୁସୁମ ବନ
ପବନ ଉଲୁସାଏ ପରାଣ ମନ
ସରସୀ ନୀଳ ନୀରେ ସରୋଜ ଢଳେ ଧୀରେ
ଚଳଇ ହଂସ କରି ମଧୁର ସ୍ୱନ
ପବନ ଉଲୁସାଏ ପରାଣ ମନ।
-(ପ୍ରଭାତ ପ୍ରାସ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ନ୍ୟାୟ ପାଇଁ ପୀଡ଼ିତାଙ୍କ ପରିବାର ପକ୍ଷରୁ ଅଭିଯୋଗ
#### ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ ଘଟଣା

**ମହାକାଳପଡ଼ା,୨୦।୭(ଡି.ଏନ୍.ଏ.):** କେନ୍ଦ୍ରାପଡ଼ା ଜିଲା ମହାକାଳପଡା ଥାନା ଅଧୀନ ଏକ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଶ୍ରେଣୀଗୃହରେ ଜଣେ ଦଶମ ଶ୍ରେଣୀ ଛାତ୍ରୀଙ୍କୁ ଉକ୍ତ ବିଦ୍ୟାଳୟର ଜଣେ ଶିକ୍ଷକ ଅସଦାଚରଣ କରିଥିବା ଅଭିଯୋଗ ହୋଇଥିଲା ।ଏ ସଂକ୍ରାନ୍ତ ପରିବାର ପକ୍ଷରୁ ପ୍ରଧାନଶିକ୍ଷକଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା । ପ୍ରଧାନ ଶିକ୍ଷକ ସ୍କୁଲରେ ଏକ ଆଭ୍ୟନ୍ତରିଣ କମିଟି ଗଠନ କରି ଉକ୍ତ ଘଟଣାର ସତ୍ୟାସତ୍ୟ ଜାଣିବା ପାଇଁ ତଦନ୍ତ କରାଇଥିଲେ । ତଦନ୍ତ ରିପୋର୍ଟ ପ୍ରଧାନ ଶିକ୍ଷକଙ୍କୁ କମିଟି ସଦସ୍ୟମାନେ ପ୍ରଦାନ କରିଛନ୍ତି । କମିଟି ପ୍ରଦାନ କରିଥିବା ରିପୋର୍ଟକୁ ପ୍ରଧାନ ଶିକ୍ଷକ ବୁଧବାର ପୂର୍ବାହ୍ନରେ ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିବା ପ୍ରଧାନ ଶିକ୍ଷକ କହିଛନ୍ତି । ଏ ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ସିଂ କହିଛନ୍ତି, ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

### ସ୍କୁଲ ଟପ୍ପରଙ୍କୁ ସମ୍ବର୍ଦ୍ଧନା

**କେନ୍ଦ୍ରାପଡ଼ା ଅଫିସ, ୨୦।୭:** କେନ୍ଦ୍ରାପଡ଼ା ବ୍ଲକ ଶ୍ୟାମସୁନ୍ଦର ପଞ୍ଚାୟତ ଦୁତିଆଲସ୍ଥିତ ଆଦର୍ଶ ଉଚ୍ଚ ବିଦ୍ୟାଳୟ ପରିସରରେ ପଞ୍ଚାୟତର ୨ ସ୍କୁଲ ଟପ୍ପରଙ୍କୁ ମଙ୍ଗଳବାର ସମ୍ବର୍ଦ୍ଧିତ କରାଯାଇଛି । ଏହି ଦୁଇ ସ୍କୁଲ ଟପ୍ପର ହେଉଛନ୍ତି ଉଚ୍ଚ ବିଦ୍ୟାଳୟର ଛାତ୍ରୀ ଅନନ୍ୟା ସଞ୍ଜିବନୀ ପତି ଓ ଶ୍ୟାମସୁନ୍ଦରପୁର ଉଚ୍ଚ ବିଦ୍ୟାଳୟର ଛାତ୍ରୀ ପ୍ରାଚୀ ଦାସ। ପ୍ରଧାନଶିକ୍ଷକ ମନୋରଞ୍ଜନ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଅଙ୍କୁର ସେଠୀ ଯୋଗ ଦେଇ ଏହି କୃତୀ ଛାତ୍ରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଶିକ୍ଷା ପାଇଁ ଶୃଙ୍ଖଳା ଓ ଅଧ୍ୟବସାୟ ଉପରେ ମତ ରଖିଥିଲେ । ଶ୍ୟାମସୁନ୍ଦରପୁର ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବାବାଜୀ ଚରଣ ବାରିକ, ପରିଚାଳନା କମିଟି ସଭାପତି ଶିକ୍ଷାବିତ୍ ଅଜୟ ସାମଲ, ସାମାଜିକ କର୍ମୀ ଆଦିକନ୍ଦ ରାଉଲ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଶିକ୍ଷାର୍ଥୀ ପାଇଁ ଶିକ୍ଷକ ଓ ଅଭିଭାବକଙ୍କ କର୍ତ୍ତବ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ଉତ୍ସବକୁ ପଣ୍ଡିତ ପ୍ରତାପ ପତି, ରାଜକିଶୋର ନାୟକଙ୍କ ସମେତ ଶିକ୍ଷାନୁଷ୍ଠାନର ସମସ୍ତ କର୍ମଚାରୀ ପରିଚାଳନା କରିଥିଲେ ।

### ଷଣ୍ଢର ମୃତଦେହ ସତ୍କାର

**ପାଣିକୋଇଲି,୨୦।୭(ଡି.ଏନ.ଏ.):** ପାଣିକୋଇଲି ବଜାରର ୨୦ ନମ୍ବର ଜାତୀୟ ରାଜପଥ ଉପରେ ଅଜଣା ଗାଡ଼ି ଧକ୍କାରେ ଗୁରୁତର ହୋଇଥିବା ଷଣ୍ଢର ମୃତ୍ୟୁ ହୋଇଛି। ଏହାପରେ ଜାତୀୟ ରାଜପଥ ରୋଡ୍ ସେଫ୍ଟି ଟିମ୍ ସହଯୋଗରେ ଏକ ଜେସିବି ସାହାଯ୍ୟରେ ଷଣ୍ଢଟିକୁ ନିଆଯାଇ ସତ୍କାର କରାଯାଇଛି। ଗୁରୁତର ଷଣ୍ଢକୁ ଆମେ ବିପଦରେ ସାଥି ସଂଘର କର୍ମକର୍ତ୍ତାଙ୍କ ସହଯୋଗରେ ପାଣିକୋଇଲି ଓଭରବ୍ରିଜ ତଳକୁ ଅଣାଯାଇଥିଲା। ଜାତୀୟ ରାଜପଥ ପାଟ୍ରୋଲିଂ ଦାୟିତ୍ୱରେ ଥିବା ଏସ୍ଆଇ ଅଶୋକ କୁମାର ବଳଙ୍କ ନେତୃତ୍ୱରେ ତା'ର ଚିକିତ୍ସା କରାଯାଉଥିଲା। ତେବେ ୧୫ଦିନର ଚିକିତ୍ସା ପରେ ବୁଧବାର ଷଣ୍ଢଟି ଆଖି ବୁଜିଥିଲା।



କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ନହରକି ଗାଁ ରାସ୍ତା ପାଣି,କାଦୁଅରେ ବୁଡ଼ି ରହିଛି ।

# ୧୫୮୨୦ ଗ୍ରାମୀଣ ରାସ୍ତା କାମ ଅସମ୍ପୂର୍ଣ୍ଣ

**କେନ୍ଦ୍ରାପଡ଼ା ଅଫିସ,୨୦।୭**

- ବର୍ଷା ଆରମ୍ଭରୁ କାଦୁଅରେ ବୁଡ଼ିଛି ରାସ୍ତା
- ଗମନାଗମନ ବାଧକ ଯୋଗୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ
- ଧୋୟା ଅଞ୍ଚଳ ରାସ୍ତା ସ୍ଥିତି ଗମ୍ଭୀର

ଗତ ୨ଦିନ ଧରି ମୌସୁମୀ ବର୍ଷା କେନ୍ଦ୍ରାପଡ଼ା ଜିଲାରେ ଲାଗି ରହିଛି । ଏହି ବର୍ଷା ଚାଷୀଙ୍କ ମନରେ ଖୁସି ଆଣିଥିବା ବେଳେ ବହୁ ରାସ୍ତା ଅବସ୍ଥା ବେହାଲ ହୋଇଛି । ବର୍ଷା ଆରମ୍ଭରୁ କାଦୁଅରେ ବୁଡ଼ିଛି ଅଧିକାଂଶ ରାସ୍ତା । ଧୋୟା ଅଞ୍ଚଳରେ ଏହି ସ୍ଥିତି ଗମ୍ଭୀର ରୂପ ନେଇଛି । ଫଳରେ ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ପରି ମୌଳିକ ଆବଶ୍ୟକତା ବିପର୍ଯ୍ୟସ୍ତ ହୋଇଛି । ଚଳିତ ଆର୍ଥିକ ବର୍ଷରେ କେବଳ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିନ୍ତ କର୍ମ ନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆରଇଜିଏସ୍)ରେ ହେବାକୁ ଥିବା ୧୫୮୨୦ ଗ୍ରାମୀଣ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ । ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ତଥ୍ୟ ଅନୁଯାୟୀ, ଜିଲାର ଆଳି ବ୍ଲକ ଅଞ୍ଚଳରେ ମୋଟ ୪୨୧ ରାସ୍ତା ନିର୍ମାଣାଧୀନ ଅଛି । ୨୪୯ ପ୍ରକଳ୍ପକୁ ମଞ୍ଜୁରୀ ମିଳିଥିବା ବେଳେ ୨୧୦ ପ୍ରକଳ୍ପ ପ୍ରସ୍ତାବରେ ସୀମିତ ଅଛି। ସେହିପରି ଡେରାବିଶ ବ୍ଲକ ୧୬୨୯ ରାସ୍ତାରୁ ୫୯୧ ନିର୍ମାଣାଧୀନ ଅବସ୍ଥାରେ ଅଛି । ଗରଦପୁର ବ୍ଲକର ୧୦୭୯ରୁ ୫୩୫ ପ୍ରକଳ୍ପ, କେନ୍ଦ୍ରାପଡାର ୨୦୮୩ରୁ ୯୭୦ ପ୍ରକଳ୍ପ, ମହାକାଳପଡ଼ାର ୧୩୮୦ରୁ ୫୪୨ ପ୍ରକଳ୍ପ, ମାର୍ଶାଘାଇର ୧୨୯୬ରୁ ୭୦୧ ପ୍ରକଳ୍ପ, ପଟ୍ଟାମୁଣ୍ଡାଇର ୩୨୮୨ରୁ ୧୧୨୬ ପ୍ରକଳ୍ପ, ରାଜକନିକାର ୨୦୩୧ରୁ ୧୨୮୦ ପ୍ରକଳ୍ପ ଓ ରାଜନଗର ବ୍ଲକର ୧୯୮୦ରୁ ୪୧୬ ପ୍ରକଳ୍ପ ନିର୍ମାଣାଧୀନ ଅଛି। ଚଳିତ ଆର୍ଥିକ ବର୍ଷରେ ଅଦ୍ୟାବଧି ମାତ୍ର ୨୭୭ ଗ୍ରାମ୍ୟ ରାସ୍ତା ନିର୍ମାଣ ହୋଇଛି ।

ଏ ସମ୍ପର୍କରେ ବୁଦ୍ଧିଜୀବୀ ଚିତ୍ତରଞ୍ଜନ ସାହୁ, ଆଶିଷ କୁମାର ସେନାପତି, ରାଷ୍ଟ୍ରୀୟ ମଧ୍ୟବିତ୍ ପରିବାର ମହାସଂଘର ରାଜ୍ୟ ଉପସଭାପତି ସମ୍ପଦ କୁମାର ସ୍ୱାଇଁ, ସାମାଜିକ କର୍ମୀ ଅମରବର ବିଶ୍ୱାଳ ପ୍ରମୁଖ କହିଛନ୍ତି, ଜିଲାର ବିକାଶ ପାଇଁ ଗମନାଗମନ ପଥର ଗୁରୁତ୍ୱ ଅଧିକ । ତେବେ ଜିଲା ପ୍ରଶାସନ ଏ ସମ୍ପର୍କରେ ଅଣଦେଖା କରି ଚାଲିଛନ୍ତି । ମୌସୁମୀ ବର୍ଷା ଆରମ୍ଭରୁ ସିଂହଗାଁ, ଏକମାଣିଆ, ବତୀଘର, ପଦନୀପାଳ ଆଦି ପଞ୍ଚାୟତକୁ ସଂଯୋଗୀ ରାସ୍ତା ବର୍ଷା ଓ ସମୁଦ୍ର ଜୁଆର ପାଣିରେ ବେହାଲ ହୋଇଛି। ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ ସହିତ ଅନ୍ୟ ମୌଳିକ ଆବଶ୍ୟକତା ପୂରଣ ହୋଇପାରୁନାହିଁ । ଧୋୟା ଅଞ୍ଚଳରେ ରାସ୍ତା ଉପରେ ପାଣି ଜମି ରହିବା ଫଳରେ ଯାତାୟାତ ବ୍ୟବସ୍ଥା ଏକ ପ୍ରକାର ବନ୍ଦ ରହିଛି । ବର୍ଷାଋତୁ ପ୍ରାରମ୍ଭରୁ ରାସ୍ତା ଏପରି ହୋଇଛି । ଆଉ କିଛିଦିନ ପରେ ଏହି ସମସ୍ୟା ଗମ୍ଭୀର ହେବ ବୋଲି ସେମାନେ କ୍ଷୋଭ ପ୍ରକାଶ କରିଛନ୍ତି । ଏସମ୍ପର୍କରେ ପିଡି ଦିଲ୍ଲୀପ କୁମାର ପରିଡ଼ା କହିଛନ୍ତି, ଏମ୍‌ଜିଏନ୍‌ଆରଇଜିଏସ୍‌କୁ ଏହି ଜିଲାରେ ଗୁରୁତ୍ୱ ଦିଆଯାଇଛି । ଜବ୍‌କାର୍ଡଧାରୀଙ୍କ ଦାବି ମୁତାବକ କାମ ଦିଆଯାଉଛି । ଚଳିତ ଆର୍ଥିକ ବର୍ଷ ଶେଷ ସୁଦ୍ଧା ପ୍ରକଳ୍ପଗୁଡ଼ିକ ଶେଷ କରିବା ପାଇଁ ଜିଲାର ୯ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

### ରଶି ଲଗାଇ ବୃଦ୍ଧଙ୍କ ଆତ୍ମହତ୍ୟା

**ମାର୍ଶାଘାଇ,୨୦।୭(ଡି.ଏନ୍.ଏ.)**

ମାର୍ଶାଘାଇ ଥାନା ଅନ୍ତର୍ଗତ ଡ଼ଙ୍ଗରମୁଣ୍ଡ ଗ୍ରାମର ଜଣେ ବୃଦ୍ଧ ନିଜ ଘରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି । ପୋଲିସ ସୂଚନା ଅନୁଯାୟୀ,ମୃତକଙ୍କ ନାମ ଦୁର୍ଯ୍ୟୋଧନ ନାୟକ (୬୫) । ସେ ଗତ କିଛି ମାସ ହେବ ମାନସିକ ଯନ୍ତ୍ରଣା ଭିତରେ ଗତି କରୁଥିଲେ। ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ବିୟୋଗ ଘଟିଥିଲା। ତାଙ୍କର କୌଣସି ସନ୍ତାନ ନାହାନ୍ତି । ମଙ୍ଗଳବାର ରାତିରେ ସେ ଆତ୍ମହତ୍ୟା କରିଥିଲେ । ପୋଲିସ ମୃତଦେହ ଜବତ କରିବ ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ. ୧୬/୨୨) ରୁଜୁ ହୋଇଛି ।

### କର୍କଟ ରୋଗୀଙ୍କ ପରିବାରକୁ ସହାୟତା

**ରାଜନଗର,୨୦।୭ (ଡି.ଏନ.ଏ.)**

ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତ ବାରଦିଆଗାଁର ଯୁବକ ପ୍ରଦୀପ କୁମାର ପ୍ରଧାନ କ୍ୟାନସରରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଅଛନ୍ତି । ଉନ୍ନତ ଚିକିତ୍ସାରେ ଅର୍ଥ ବାଧକ ସାଜିଛି। ଏ ସଂକ୍ରାନ୍ତରେ ଜଣାପଡିବା ପରେ ବ୍ଲକର ମା'ପଞ୍ଚୁବରାହୀ ସେବାସଂସ୍ଥାନ ସାତଭାୟାର ଯୁବକମାନେ ବୁଧବାର ପ୍ରଦୀପଙ୍କ ଘରେ ପହଞ୍ଚି ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ପ୍ରଦୀପଙ୍କ ଭଉଣୀ ଉର୍ମିଳା ସ୍ୱାଇଁ ୫ହଜାର ଟଙ୍କା ଗ୍ରହଣ କରିଛନ୍ତି । ସେବାସଂସ୍ଥାର ସଭାପତି ଅମିତ କୁମାର ପରିଡା, ସାମାଜିକ କର୍ମୀ କୈଳାସ କୁମାର ମହାନ୍ତି, ଅଧ୍ୟାପକ ଚିତ୍ତରଞ୍ଜନ ସ୍ୱାଇଁ, ଅନୁଷ୍ଠାନର ସଦସ୍ୟ ସୌମ୍ୟରଞ୍ଜନ ସାହାଣୀ, ମଳୟ ମୁଦୁଲି, ବାପୁଜୀ ଜେନା, ଦୃଷ୍ଟାନ୍ତ ବରାଳ, ଅମର ସାହାଣୀ ପ୍ରମୁଖ ଏହି ଅବସରରେ ପ୍ରଦୀପଙ୍କ ଚିକିତ୍ସା ସଂକ୍ରାନ୍ତରେ ପରିବାର ସଦସ୍ୟଙ୍କ ସହିତ ଆଲୋଚନା କରିଛନ୍ତି ।

## ତୃଣମୂଳ ସହିତ ଯୋଡ଼ିହେବ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍



ସେମିନାରରେ ରିମ୍‌ଝିମ୍ ଓ ଅନ୍ୟମାନେ ।

**କେନ୍ଦ୍ରାପଡ଼ା ଅଫିସ,୨୦।୭**

କେନ୍ଦ୍ରୀୟ ଯୋଜନା ତୃଣମୂଳସ୍ତରରେ ପହଞ୍ଚିବ । ସ୍ଥାନୀୟ ଅଞ୍ଚଳର ସମସ୍ୟାଗୁଡ଼ିକ ଲୋକମାନେ ସିଧାସଳଖ ପ୍ରଧାନମନ୍ତ୍ରୀଙ୍କ ନିକଟରେ ପହଞ୍ଚାଇ ପାରିଲେ ଏହାର ସମାଧାନର ସୂତ୍ର ବାହାରିବ । ଫଳରେ ଏହାର ସୁଫଳ ଦେଶବାସୀ ପାଇପାରିବେ। ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍‌ର ରେଡିଓ କାର୍ଯ୍ୟକ୍ରମକୁ ଆହୁରି ବ୍ୟାପକ କରିବା ପାଇଁ ଗ୍ରାମ୍ୟ ଓ ମେଣ୍ଟେଜା ମିଳିତ ସହଯୋଗରେ ସହରର ଏକ କଲ୍ୟାଣ ମଣ୍ଡପରେ ଆୟୋଜିତ ସେମିନାର ସଂଯୋଜିକା ରିମ୍‌ଝିମ କହିଛନ୍ତି ।

ସେ ପୁଣି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରତି ମାସରେ ମନ୍ କି ବାତ୍‌ରେ ଦେଶର ବିଭିନ୍ନ କ୍ଷେତ୍ରକୁ ପ୍ରୋତ୍ସାହିତ କରୁଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଏହି ବାର୍ତ୍ତାକୁ କାର୍ଯ୍ୟକାରୀ ପାଇଁ ପ୍ରତି ପଞ୍ଚାୟତସ୍ତରରେ ଉଦ୍ୟମ ଆରମ୍ଭ ହୋଇଛି । ସ୍ଥାନୀୟ ସରପଞ୍ଚଙ୍କ ସହ ମନ୍ କି ବାତ୍‌ର ପ୍ରସଙ୍ଗ ସହ ସଂପୃକ୍ତ କ୍ଷେତ୍ର ସହ ଯୋଡି ହୋଇଥିବା ବିଶେଷଜ୍ଞଙ୍କୁ ନେଇ ଆଲୋଚନା ହେବ । ସମସ୍ୟା ଥିଲେ ଆବଶ୍ୟକ ସମାଧାନ ପାଇଁ ପ୍ରସ୍ତାବ ଆଗତ କରାଯିବ । ଫଳରେ ତୃଣମୂଳ ସମସ୍ୟା ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ସୂଚନା ମିଳିବା ସହ ସମାଧାନର ରାସ୍ତା ଖୋଲିବ । ଗ୍ରାମ୍ୟ ଓ ମେଣ୍ଟେଜା ପକ୍ଷରୁ ଓଡ଼ିଶାରେ କେନ୍ଦ୍ରାପଡ଼ା ଏବଂ ମୟୂରଭଞ୍ଜ ଜିଲାକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକ୍ରମ ସଞ୍ଚାଳନ ପାଇଁ ଗୁରୁତ୍ୱ ଦିଆଯାଇଥିବା ସଂଯୋଜିକା ରିମ୍‌ଝିମ୍ ପ୍ରକାଶ କରିଥିଲେ । ଏହି ସେମିନାରରେ ବହୁ ବୁଦ୍ଧିଜୀବୀ ସାମିଲ ହୋଇଥିଲେ ।

## ଜିଲା କାର୍ଯ୍ୟାଳୟ କର୍ମଚାରୀଙ୍କ ବୈଠକ



ବୈଠକରେ ଯୋଗଦେଇଥିବା କର୍ମଚାରୀ ।

**କେନ୍ଦ୍ରାପଡ଼ା ଅଫିସ,୨୦।୭**

କେନ୍ଦ୍ରାପଡ଼ା ଜିଲା କାର୍ଯ୍ୟାଳୟ କର୍ମଚାରୀଙ୍କ ବୈଠକ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଡିଏମ୍ ପୀତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ଓ କରୋନା ସଂକ୍ରମଣକୁ ଗୁରୁତ୍ୱ ଦିଆଯାଇଥିଲା । ଏଡିଏମ୍ ସାମଲ ପ୍ରକାଶ କରିଥିଲେ, କରୋନା ସଂକ୍ରମଣର ଚତୁର୍ଥ ଲହର ଆରମ୍ଭ ହୋଇଛି । ଏଥିପାଇଁ ସମସ୍ତ କର୍ମଚାରୀ ମାସ୍କ ପିନ୍ଧିବା ସହ ଆଗତ ଜନସାଧାରଣଙ୍କୁ ଏନେଇ ସଚେତନ କରାଇବେ । ସେହିପରି ଗତ ୨ ବର୍ଷ ଧରି କରୋନା ସଂକ୍ରମଣ ଚାଲିଥିବାରୁ ଜନସାଧାରଣଙ୍କ ସମସ୍ୟା ଅଧିକ ହୋଇଛି । ସହୃଦୟତାର ସହ ଶୁଣାଣୀ କରି ସମସ୍ୟାର ସମାଧାନ କରିବାକୁ ଏଡିଏମ୍ ସାମଲ ପରାମର୍ଶ ଦେଇଥିଲେ । ଏହି ବୈଠକରେ ଏଡିଏମ୍ ଦୁର୍ଗାପ୍ରସାଦ ମହାରଣା, ଉପଜିଲାପାଳ ନିରଞ୍ଜନ ବେହେରା, ଡେପୁଟି କଲେକ୍ଟର ରାଜେନ୍ଦ୍ର କୁମାର ଆଚାର୍ଯ୍ୟ, ଡେପୁଟି କଲେକ୍ଟର ସୁଶାନ୍ତ କୁମାର ନାୟକ, ଡିଏସ୍‌ଏସ୍‌ଓ ପ୍ରଭାସ ଚନ୍ଦ୍ର ଦାସ, ଡିପିଓ ସନ୍ତୋଷ କୁମାର ସାହୁ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ । ଏଥିରେ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ ।

## ନବନିର୍ବାଚିତ ସମବାୟ ସମିତି ସଭାପତିଙ୍କୁ ସମ୍ବର୍ଦ୍ଧନା

**ଡେରାବିଶ,୨୦।୭(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଚାଟରାଚକଡ଼ା ପଞ୍ଚାୟତ ଛତାଠାରେ ବୁଧବାର ବ୍ଲକ ଅଧୀନ ୧୦ ସମବାୟ ସମିତିର ନବନିର୍ବାଚିତ ସଭାପତିଙ୍କୁ ସମ୍ବର୍ଦ୍ଧିତ କରା ଯାଇଛି। ବ୍ଲକ ସମବାୟ କର୍ମଚାରୀ ସଂଘ ଦ୍ୱାରା ଆୟୋଜିତ ଏହି ସମ୍ବର୍ଦ୍ଧନା ଉତ୍ସବରେ ସଂଘର ସଭାପତି ଗୌରାଙ୍ଗ ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ଉତ୍ସବରେ ଜିଲା ସହକାରୀ ସମବାୟ ନିବନ୍ଧକ ସନ୍ତୋଷ କୁମାର ଦାସ ମୁଖ୍ୟଅତିଥି, ଜିଲା ସହକାରୀ ଉପନିବନ୍ଧକ ମନମୋହନ ରାଉତ ମୁଖ୍ୟବକ୍ତା ଭାବେ ଯୋଗଦେଇ କୃଷି ଓ କୃଷକଙ୍କ ଉନ୍ନତି ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ବିଭିନ୍ନ ଯୋଜନା ଉପରେ ଗୁରୁତ୍ୱାରୋପ କରିଥିଲେ । ସମ୍ମାନିତ ଅତିଥି ସମବାୟବିତ୍ ପ୍ରମୋଦ କୁମାର ସାମଲ, ଚିତ୍ତରଞ୍ଜନ କର୍ଣ୍ଣ, କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ଚାନ୍ଦୋଳ ଶଖାର ସହକାରୀ ପରିଚାଳକ ହରପ୍ରସାଦ ସାମଲ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ତଥା ରଘୁଦେଇପୁର ସମବାୟ ସମିତିର ସଭାପତି ସରୋଜକାନ୍ତ ସାହୁ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ । ଏହି ଉତ୍ସବରେ କାଉପଡ଼ା ପ୍ରାଥମିକ କୃଷି ସମବାୟ ସମିତିର ସଭାପତି ପ୍ରଶାନ୍ତ କୁମାର ଦାସ, ଗୋଲରାହାଟ ସମିତିର ସଭାପତି ଖୁର୍ସିଦ୍ ଆଲମ୍ ଖାଁ, ଏରଡର ସମିତିର ସଭାପତି ଶ୍ୟାମଳେନ୍ଦୁ ନାୟକ, ନହଙ୍ଗ ସମିତିର ସଭାପତି ଭାଗୀରଥି ସାହୁ, କୁଶିଆପାଳ ସମିତି ସଭାପତି ନାରାୟଣ ପ୍ରସାଦ ପାତ୍ର, ଦାନପୁର ସମିତି ସଭାପତି ପର୍ଶୁରାମ ମଲ୍ଲ, ପଲେଇ ସମିତି ସଭାପତି ରମାକାନ୍ତ ପରିଡ଼ା, କପିଳେଶ୍ୱର ସମିତି ସଭାପତି ସୁଧାଂଶୁ ଭୂଷଣ ସାମନ୍ତରାୟ ଓ ରତାଦିଆ ଖଣ୍ଡସାହି ସମିତି ସଭାପତି ବିମଳ ପ୍ରସାଦ ତ୍ରିପାଠୀଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଉତ୍ସବରେ ଏଣ୍ତର ସମିତି ସମ୍ପାଦକ ମନୋରଞ୍ଜନ ଦାସ, ରଘୁଦେଇପୁର ସମିତି ସମ୍ପାଦକ ଜୟପ୍ରକାଶ ଲେଙ୍କାଙ୍କ ସମେତ ସମସ୍ତ ସମିତିର ସମ୍ପାଦକମାନେ ଉପସ୍ଥିତ ରହି ଚଳିତ ଖରିଫ୍ ଚାଷରେ କିଭଳି ଚାଷୀମାନେ ଉପକୃତ ହେବେ ସେ ବିଷୟରେ ନିଜ ନିଜର ମତ ରଖିଥିଲେ ।




ଛତାଠାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମଞ୍ଚାସୀନ ଅତିଥି ।

## ବିହନ ଅଭାବ ନେଇ ଚିନ୍ତାରେ ଚାଷୀ

**ପଟ୍ଟାମୁଣ୍ଡାଇ,୨୦।୭ (ସ୍ୱ.ପ୍ର.)**

- ଚାହିଦା ପୂରଣରେ କୃଷି ବିଭାଗ ବିଫଳ, ପଡ଼ିଆ ପଡ଼ିବ ଜମି
- ବଜାରରେ ମିଳୁଥିବା ବିହନରୁ ୬୦ପ୍ରତିଶତ ଗଜା ହେଉନି

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକରେ ମୌସୁମୀ ବର୍ଷା ଲାଗି ରହିଛି । ମୌସୁମୀ ବାୟୁ ସକ୍ରିୟ ଥିବାରୁ ଚାଷ ଉପଯୋଗୀ ଅନୁକୂଳ ବାତାବରଣ ସୃଷ୍ଟି ହୋଇଛି। ଚାଷୀମାନେ ଚାଷ କାମରେ ଲାଗି ପଡିଛନ୍ତି। ମାତ୍ର ତଳି ବିହନର ଅଭାବ ଏ କ୍ଷେତ୍ରରେ ମୁଖ୍ୟ ପ୍ରତିବନ୍ଧକ ସୃଷ୍ଟି କରିଛି । ଜୁନ୍ ମାସରେ ସ୍ୱାଭାବିକଠୁ କମ୍ ବର୍ଷା ହୋଇଛି । ତଥାପି ଚାଷୀମାନେ ତଳି ପକାଇ ପାରି ନ ଥିବା ହେତୁ ଏଭଳି ପରିସ୍ଥିତି ଜାରି ରହିଛି । ଏହାକୁ ନେଇ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି । ସମବାୟ ସମିତିରେ ଧାନ ବିହନ ନାହିଁ । ତେଣୁ କୃଷି ବିଭାଗ ଚାଷୀମାନଙ୍କ ବିହନ ଚାହିଦାକୁ ପୂରଣ କରିପାରୁ ନାହାନ୍ତି । ବାଧହୋଇ ଚାଷୀ ବଜାରରୁ ବିହନ କିଣି ପକାଇଥିଲେ । ମାତ୍ର ବଜାରରେ ମିଳୁଥିବା ବିହନରୁ ୬୦ ଭାଗ ଗଜା ବାହାରୁ ନାହିଁ ବୋଲି ଅଭିଯୋଗ ହୋଇଛି ।

ମୌସୁମୀ ବର୍ଷା ଆସିବା ପରେ ଏବେ ଚାଷୀ ତଳି ପକାଇବା ପାଇଁ ତରବର ହେଉଛି । କିନ୍ତୁ ସରକାରୀ ବିହନ ମିଳୁନି । ତେଣୁ ଚାଷୀ ବିହନ ପାଇବା ପାଇଁ ଦୋକାନ,ବଜାର ବୁଲୁଛି । ଭଲ ଅମଳକ୍ଷମ ବିହନ ନ ହେଲେ ମଧ୍ୟ ସାଧାରଣ ବିହନ ପାଇଁ ଚାଷୀ ବିକଳ ହେଉଛି । କମ୍ ଅମଳକ୍ଷମ ବିହନ ନେଇ ଧାନ ଚାଷ କରିବାକୁ ଚାଷୀ ବାଧ ହେଉଛି । ତେଣୁ ଚାଷୀଙ୍କୁ ବିହନ ଯୋଗାଇବାରେ ସରକାର ବିଫଳ ହୋଇଛନ୍ତି ବୋଲି ଅଭିଯୋଗ ହେଉଛି। ଏପରି କି ଚଳିତ ବର୍ଷ କୃଷି ବିଭାଗର ଏଭଳି ବେପରୁଆ ମନୋଭାବ ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି । ରଜ ପୂର୍ବରୁ ଧାନ ବୁଣିଥିବା ବହୁ ଚାଷୀଙ୍କ ବିହନ ବିଲରେ ନଷ୍ଟ ହୋଇଛି । ବୁଣାଯାଇଥିବା ଧାନ ବିହନ ପ୍ରବଳ ଗରମ ଯୋଗୁ ଗଜା ହୋଇନାହିଁ। ତେଣୁ ଚାଷୀମାନେ ସେହି ସବୁ ଜମିରେ ଧାନ ରୋଇବା ପାଇଁ ବାହାରିଛନ୍ତି । ମାତ୍ର ପରିତାପର କଥା, ସମବାୟ ସମିତି ଗୁଡ଼ିକରେ ବିହନ ମିଳୁନାହିଁ।

କୃଷି ବିଭାଗ ତଥ୍ୟ ଅନୁଯାୟୀ, ଚଳିତବର୍ଷ ପଟ୍ଟାମୁଣ୍ଡାଇ ବ୍ଲକରେ ୧୧ ହଜାର ୭୦୦ ହେକ୍ଟର ଜମିରେ ଧାନ ଚାଷ ପାଇଁ ଲକ୍ଷ୍ୟ ରଖାଯାଇଛି । ସେଥିମଧ୍ୟରୁ ୩୦୦ ହେକ୍ଟର ଜମିରେ ବୁଣା ସରିଛି । ବାକି ୧୧ ହଜାର ୪୦୦ ହେକ୍ଟର ଜମିରେ ରୁଆପୋତା ପାଇଁ ପ୍ରାୟ ୧୧ ଶହ ହେକ୍ଟର ଜମିରେ ବିହନ ତଳି ପଡିବା କଥା । ବର୍ତ୍ତମାନ ସୁଦ୍ଧା ୪୦୦ ହେକ୍ଟର ଜମିରେ ତଳି ପଡିଛି । ଯାହା ଫଳରେ ୪ ହଜାର ହେକ୍ଟର ଜମିରେ ରୁଆପୋତା ହୋଇପାରିବ ବୋଲି ଅତିରିକ୍ତ କୃଷି ଅଧିକାରୀ ଭଦ୍ରନାରାୟଣ ଦାଶ କହିଛନ୍ତି ।

କୃଷକ ନେତା ବିଜୟ ନାୟକ, ସୁରେନ୍ଦ୍ର ପରିଡ଼ା, ପ୍ରଫୁଲ୍ଲ ତରାଇ, ଅଜୟ ନାୟକ, ସୁଶାନ୍ତ ସାମଲ ପ୍ରମୁଖ କହିଛନ୍ତି, ମୌସୁମୀ ସକ୍ରିୟ ହୋଇପଡ଼ିବା ପରେ ଚାଷୀମାନେ ବିଲରେ ତଳି ପକାଇ ରୁଆ କାମ ପାଇଁ ପ୍ରସ୍ତୁତି ଚଳାଇଛନ୍ତି । ମାତ୍ର ସବୁ ସରିବା ପରେ ସମବାୟ ସମିତି ବିହନ ଦେଇ ନ ଥିଲା । ଫଳରେ ଚାଷୀମାନେ ବଜାରରୁ ବିହନ କିଣି ଥିଲେ । ମାତ୍ର ସେ ବିହନରୁ ଗଜା ବାହାରୁ ନାହିଁ । ଏଣେ ଚାଷୀମାନଙ୍କ ପାଖରେ ବିକଳ୍ପ ବିହନ ନାହିଁ । ଗଜା ନ ହେବାରୁ ଚାଷୀଙ୍କ ଟଙ୍କା ପାଣିରେ ପଡିବା ସାର ହୋଇଛି । ଖାଲି ସେତିକି ନୁହେଁ, ତଳି ପ୍ରସ୍ତୁତ କରିବା ପାଇଁ ହଳ ମଜୁରି ମଧ୍ୟ ପାଣିରେ ପଡ଼ିଛି। ଏବେ ଚାଷୀଙ୍କ ପାଖରେ ବିହନ ପାଇଁ ଟଙ୍କା ନାହିଁ କି ସମୟ ମଧ୍ୟ ନାହିଁ । ତେଣୁ ବିଲ ପଡ଼ିଆ ପଡ଼ିବା ନିଶ୍ଚିତ ହୋଇପଡ଼ିଛି । କେତେଜଣ ଚାଷୀ ଧାର,କରଜ କରି କାମ ଚଳାଉଥିବା ବେଳେ ବହୁ ଚାଷୀ ବିହନ ଅଭାବରୁ ଜମି ପଡ଼ିଆ ପକାଇବାକୁ ବାଧ ହୋଇଛନ୍ତି ।

## ସରକାରୀ ଜମି ଜାଲିଆତି

**ପଟ୍ଟାମୁଣ୍ଡାଇ,୨୦।୭ (ସ୍ୱ.ପ୍ର.)**

**ପୂର୍ବତନ ତହସିଲଦାରଙ୍କ ବିରୋଧରେ ଅଭିଯୋଗ**

ସରକାରୀ ଜମି ଜାଲିଆତି କରିବା ନେଇ ଜଣେ ପୂର୍ବତନ ତହସିଲଦାରଙ୍କ ବିରୋଧରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଅଭିଯୋଗ ହୋଇଛି। ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ଅନୁଯାୟୀ, ପୂର୍ବତନ ତହସିଲଦାରଙ୍କ ସହଯୋଗରେ ଅନ୍ୟ ଜଣେ ବ୍ୟକ୍ତି ପ୍ରାୟ ୨ ଏକର ସରକାରୀ ଜମିକୁ ହାତେଇ ନେଇଛନ୍ତି। ୨୦୨୦ରେ ପଟ୍ଟାମୁଣ୍ଡାଇ ତହସିଲ ଅଧୀନରେ ଏଭଳି ଘଟଣା ଘଟିଥିବା ଅଭିଯୋଗ ହୋଇଛି। ପଟ୍ଟାମୁଣ୍ଡାଇର ପୂର୍ବତନ ତହସିଲଦାର ଏହି ସରକାରୀ ଜମିକୁ ଜାଲିଆତି କରି ଅନ୍ୟଜଣଙ୍କ ନାମରେ ବେଆଇନ ଭାବେ ରେକର୍ଡ କରିଦେଇଥିବା ନେଇ ସୂଚନା ଅଧିକାର କର୍ମୀ ଦୁଷ୍ମନ୍ତ ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି । ଆଚାର୍ଯ୍ୟଙ୍କ ଅଭିଯୋଗ ଅନୁଯାୟୀ, ପଟ୍ଟାମୁଣ୍ଡାଇ ତହସିଲର ପୂର୍ବତନ ତହସିଲଦାର ପ୍ରାୟ ୨ଏକର ସରକାରୀ ଜମିକୁ ବେଆଇନ ଭାବେ ଅନ୍ୟ ଜଣଙ୍କ ନାମରେ ରେକର୍ଡ କରିଦେଇଥିବା ନେଇ ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟରୁ ଜାଣିବାକୁ ପାଇଥିଲେ। ଏହି ଜାଲିଆତି ଘଟଣାର ତଦନ୍ତ କରାଯାଇ ସେହି ସରକାରୀ ଜମିକୁ ତୁରନ୍ତ ସରକାରୀ ଖାତାକୁ ଫେରାଇ ଅଣାଯିବା ସହ ଏଥିରେ ସଂପୃକ୍ତ ଥିବା ପୂର୍ବତନ ତହସିଲଦାର, ପେସ୍କାର, ଅମିନ ଓ ଅନ୍ୟ ସମସ୍ତ ସରକାରୀ କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଆଚାର୍ଯ୍ୟ ଦାବି କରିଛନ୍ତି।

## ନୂଆମାହାରା-ଦାମୋଦରପୁର ରାସ୍ତା ଶୋଚନୀୟ

**ରାଜକନିକା,୨୦।୭ (ଡି.ଏନ.ଏ.)**

ରାଜକନିକା ବ୍ଲକ ଦାମୋଦରପୁର ନୂଆମାହାରା ପର୍ଯ୍ୟନ୍ତ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡିଛି । ଏହି ରାସ୍ତାରେ ମୋରମ ଉଠିଗଲାଣି। ରାସ୍ତାର ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇଛି । ଏଥିପାଇଁ ଉକ୍ତ ରାସ୍ତାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ଘଟୁଛି । ସେହିପରି ବେଙ୍ଗା ନଦୀରେ ଚିଙ୍ଗୁଡ଼ିଆ ଦଳ ଭର୍ତ୍ତି ହୋଇ ରହିଛି । ଦିନକୁ ଦିନ ବେଙ୍ଗାନଦୀ ପୋତି ହେବାରେ ଲାଗିଛି। ଯାଜପୁର ଜଳସମ୍ପଦ ବିଭାଗ ଏ ସଂକ୍ରାନ୍ତରେ ଦୃଷ୍ଟି ଦେବାକୁ ସାମାଜିକ କର୍ମୀ ବିନୋଦ ବିହାରୀ ଦାସ, ନିର୍ମଳ ଦାସ, ପ୍ରାକ୍ତନ ସରପଞ୍ଚ ଦେବଦତ୍ତ ଦାସ, ଶ୍ରୀବତ୍ସ ଲାଛନ ଦାସ ଓ କ୍ଷୀରୋଦ ସାମଲ ପ୍ରମୁଖ ଦାବି କରିଛନ୍ତି ।

## ସେନ୍‌ସେକ୍ସରେ ୬୩୦ ପଏଣ୍ଟ ବୃଦ୍ଧି

**ନୂଆଦିଲ୍ଲୀ:** ଗତ କିଛିଦିନର ବଜାର ଅସ୍ଥିରତା ପରେ ଚଳିତ ସପ୍ତାହରେ ଷ୍ଟକ୍ ବଜାରର କାରବାର ପୂର୍ବ ସପ୍ତାହ ତୁଳନାରେ ଭଲ ରହିଛି। ଏପରିକି ଅନ୍ତଃରାଷ୍ଟ୍ରୀୟ ସମସ୍ୟା, ଜିଏସ୍‌ଟି ହାର ବୃଦ୍ଧି ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଦରବୃଦ୍ଧି ଭଳି ଘଟଣା ସତ୍ତ୍ୱେ ଶେୟାର ବଜାରରେ ଉତ୍ସାହ ଦେଖାଦେଇଛି। ଫଳରେ ଉଭୟ ସେନ୍‌ସେକ୍ସ ଓ ନିଫ୍‌ଟିରେ ୧%ରୁ ଊର୍ଦ୍ଧ୍ୱ କାରବାର ବୃଦ୍ଧି ଘଟିଛି। ବୁଧବାର ସେନ୍‌ସେକ୍ସ ୬୨୯.୯୧ ପଏଣ୍ଟ (୧.୧୫%) ବୃଦ୍ଧି ଘଟି ୫୫,୩୯୭.୫୩ ଅଙ୍କରେ ବନ୍ଦ ହୋଇଥିବା ବେଳେ ନିଫ୍‌ଟି-୫୦ରେ ୧୮୦.୩୦ପଏଣ୍ଟ (୧.୧%) ବଢ଼ି ୧୬,୫୨୦.୮୫ ଅଙ୍କରେ କାରବାର ଶେଷ କରିଥିବା ଜଣାପଡିଛି।

## ସଂକ୍ଷେପରେ

### ୪.୭୦ କୋଟି ଟଙ୍କା ଦେଲା ଏସ୍‌ବିଆଇ

**ନୂଆଦିଲ୍ଲୀ,୨୦।୭:** ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ (ଏସ୍‌ବିଆଇ) ପକ୍ଷରୁ ଆର୍ମି ସେଣ୍ଟ୍ରାଲ୍ ୱେଲ୍‌ଫେୟାର ଫଣ୍ଡକୁ ୪.୭୦ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ପାଣ୍ଠି ମୁଖ୍ୟତଃ ମୋହାଲିରେ ଥିବା ଭାରତୀୟ ସେନାର ପାରାପ୍ଲେଜିକ୍ ହୋମ୍‌ର କାର୍ଯ୍ୟକଳାପ ଏବଂ ଦିବ୍ୟାଙ୍ଗ ସେନା କର୍ମଚାରୀ-ଭେଟେରାନ୍‌ଙ୍କ ଅନ୍ୟାନ୍ୟ କଲ୍ୟାଣମୂଳକ କାର୍ଯ୍ୟକଳାପ ପ୍ରତି ସହାୟତା ପ୍ରଦାନ କରିବ। ସେହିଭଳି ବୁଧବାର ନୂଆଦିଲ୍ଲୀରେ ଏସ୍‌ବିଆଇ ଡିଏମ୍‌ଡି ପି.ସି.କାଣ୍ଡପାଲ,ଏସ୍‌ବିଆଇର ସିଜିଏମ୍ ଦେବେନ୍ଦ୍ର କୁମାର ଓ ଭାରତୀୟ ସେନାର ଆଡଜୁଟାଣ୍ଟ ଜେନେରାଲ ଲ୍ୟୁଟ୍‌ନାଣ୍ଟ ଜେନେରାଲ୍ ସି.ବି.ପୋପନ୍ନାଙ୍କ ଉପସ୍ଥିତିରେ ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ ଜେନେରାଲ ମନୋଜ ପାଣ୍ଡେଙ୍କୁ ଏସ୍‌ବିଆଇର ଅଧକ୍ଷ ଦୀନେଶ ଖାରା ଚେକ୍ ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଦିନେଶ କହିଛନ୍ତି, ସାରା ଦେଶରେ ପ୍ରତିରକ୍ଷା କର୍ମଚାରୀଙ୍କୁ ବ୍ୟାଙ୍କିଙ୍ଗ୍ ଓ ଆର୍ଥିକ ସେବା ପ୍ରଦାନ କରିବାରେ ଏହାର ପ୍ରତିବଦ୍ଧତା ପାଇଁ ଏସ୍‌ବିଆଇ ଗର୍ବିତ ମନେକରୁଛି। ଏସ୍‌ବିଆଇରେ ଆମେ ନିରନ୍ତର ନବସୃଜନ ଜାରି ରଖିବାକୁ ଏବଂ ବ୍ୟାଙ୍କିଙ୍ଗ୍ ସମାଧାନ ଆଣିବାକୁ ଲକ୍ଷ୍ୟ ରଖିଛୁ।

### ୟୁନିୟନ ଗିଲ୍‌ଟ ଫଣ୍ଡର ପ୍ରଚଳନ

**ନୂଆଦିଲ୍ଲୀ,୨୦।୭:** ୟୁନିୟନ ଏଏମ୍‌ସି ପକ୍ଷରୁ ୟୁନିୟନ ଗିଲ୍‌ଟ ଫଣ୍ଡର ପ୍ରଚଳନ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଏକ ଓପନ ଏଣ୍ଡେଡ ଡେବିଟ ସ୍କିମ୍, ଯାହା ନିଜର ମୋଟ ସମ୍ପତ୍ତିର ସର୍ବନିମ୍ନ ୮୦% ସରକାରୀ ପ୍ରତିଭୂତିରେ ନିବେଶ କରୁଛି। ଗିଲ୍‌ଟ ମ୍ୟୁଚୁଆଲ ଫଣ୍ଡ ସମୂହ ବ୍ୟାଙ୍କ ପ୍ରତିବଦଳରେ ଏକ ଚମତ୍କାର ନିବେଶ ହୋଇପାରିବ। ସେଗୁଡିକ ନିରାପଦ ଏବଂ ବ୍ୟାଙ୍କ ଏଫ୍‌ଡି ତୁଳନାରେ ଯଥେଷ୍ଟ ଅଧିକ ରିଟର୍ନ ଦେଇଥାଏ। ୟୁନିୟନ ଗିଲ୍‌ଟ ଫଣ୍ଡର ନ୍ୟୁ ଫଣ୍ଡ ଅଫର ୨୦୨୨ ଜୁଲାଇ ୧୮ରେ ଉନ୍ମୁକ୍ତ ହୋଇଛି ଏବଂ ୨୦୨୨ ଅଗଷ୍ଟ ୧ରେ ବନ୍ଦ ହେବ।

# ଚିନ୍ତା ବଢ଼ାଉଛି ଟଙ୍କାର ମୂଲ୍ୟ ହ୍ରାସ

ନୂଆଦିଲ୍ଲୀ,୨୦।୭




### ଡଲାର ତୁଳନାରେ ଟଙ୍କା ମୂଲ୍ୟ ୮୦ ଟପିଲା

ଗତ କିଛି ବର୍ଷ ହେବ ବିଭିନ୍ନ ସମସ୍ୟା ଓ ଦରବୃଦ୍ଧିକୁ ନେଇ କେନ୍ଦ୍ର ସରକାର ଚିନ୍ତାରେ ଥିବାବେଳେ ବର୍ତ୍ତମାନ ଲଗାତର ଭାବେ ଟଙ୍କାର ମୂଲ୍ୟ ଦୁର୍ବଳ ହେବା ସରକାରଙ୍କ ପାଇଁ ଅନେକ ସମସ୍ୟା ସୃଷ୍ଟି କରିଛି। ଏପରିକି ରୁଷିଆ-ୟୁକ୍ରେନ ଯୁଦ୍ଧ ଆରମ୍ଭ ହେବା ପରଠାରୁ ଟଙ୍କାର ଅବମୂଲ୍ୟାୟନ ଆରମ୍ଭ ହୋଇଥିଲା। ଫଳରେ କ୍ରମାଗତ ଭାବେ ଟଙ୍କାର ମୂଲ୍ୟ ଦୁର୍ବଳ ହୋଇ ୮୦ ଟଙ୍କା ପାର କରିଛି। ଯଦି ଏହି ଧାରା ଜାରି ରୁହେ ତେବେ ଆଗାମୀ ଦିନ ମଧ୍ୟରେ ଡଲାର ମୂଲ୍ୟ ଆହୁରି ବୃଦ୍ଧି ଘଟିପାରେ ବୋଲି ବଜାର ବିଶେଷଜ୍ଞ ଓ ବରିଷ୍ଠ ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି।

ବୁଧବାର ଆମେରିକୀୟ ଡଲାର ତୁଳନାରେ ଟଙ୍କାର ମୂଲ୍ୟ ପ୍ରାୟ ୧୩ ପଇସା ହ୍ରାସ ପାଇ ୭୯.୯୯ ଟଙ୍କାରେ ରହିଛି। ଉଲ୍ଲେଖଯୋଗ୍ୟ ଯେ ପ୍ରଥମଥର ପାଇଁ ଏକ ଡଲାର ମୂଲ୍ୟ ୮୦ ଟଙ୍କା ଟପିଯାଇଛି। ମୁଖ୍ୟତଃ ଆନ୍ତଃ ଗ୍ରୀନ୍‌ବ୍ୟାକ ଏବଂ ବ୍ୟାଙ୍କ ମୁଦ୍ରା ବିନିମୟ ବଜାର କାରବାର ସମୟରେ ଡଲାର ମୂଲ୍ୟ ୮୦.୦୬ ଟଙ୍କା ହୋଇଯାଇଥିଲା। ଏଭଳି ପରିସ୍ଥିତିରେ ଟଙ୍କାକୁ ବଞ୍ଚାଇବା ଲାଗି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ହସ୍ତକ୍ଷେପ ସାଙ୍ଗକୁ ଠିକ ଆବଶ୍ୟକ ପଦକ୍ଷେପ ଯୋଗୁ ସ୍ଥିତିରେ ସୁଧାର ଆସିଥିଲା। ଫଳରେ ମୁଦ୍ରା ବଜାର କାରବାର ଶେଷ ବେଳକୁ ଡଲାର ମୂଲ୍ୟ ୭୯.୯୫ ଟଙ୍କାରେ ବନ୍ଦ ହୋଇଥିଲା। ସେହିଭଳି ଆର୍‌ବିଆଇ ମଧ୍ୟ ଉଭୟ ସ୍ୱାଟ୍ ଓ ଫର୍‌ୱାର୍ଡ ମାର୍କେଟରେ ହସ୍ତକ୍ଷେପ କରି ଟଙ୍କାର ନିମ୍ନଗତିକୁ ରୋକିବାକୁ ପ୍ରୟାସ କରିଥିଲା। ସମଗ୍ର ବିଶ୍ୱରେ ଆମେରିକୀୟ ଡଲାର ଶକ୍ତିଶାଳୀ ରହିଛି, ତା'ର ପ୍ରଭାବରେ ଭାରତୀୟ ମୁଦ୍ରା, ଡଲାର ତୁଳନାରେ ଦୁର୍ବଳ ରହୁଛି ବୋଲି ଆକଳନ କରାଯାଉଛି। ସେହିପରି ରିଜର୍ଭ ବ୍ୟାଙ୍କ ନିକଟରେ ୨ଦୁଇ ଥର ଏହାର ସୁଧ ହାରରେ ୦.୯% ବୃଦ୍ଧି କରିଛନ୍ତି। ସେହିଭଳି କେନ୍ଦ୍ର ସରକାର ବିଭିନ୍ନ ସାମଗ୍ରୀର ଆମଦାନୀ ଟିକସକୁ ହ୍ରାସ କରିଥିବା ବେଳେ କିଛି ସାମଗ୍ରୀର ରପ୍ତାନି ଟିକସକୁ ମଧ୍ୟ ବଢାଇଛନ୍ତି। ସରକାରଙ୍କ ଏଭଳି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଦେଶ ଭିତରେ ଲୋକମାନଙ୍କୁ ବିଭିନ୍ନ ସାମଗ୍ରୀ ଯଥା ସମ୍ଭବ କମ୍ ଦାମରେ ଉପଲବ୍ଧ କରାଇବା। ଅପରପକ୍ଷରେ ଅର୍ଥନୀତିଜ୍ଞଙ୍କ କହିବା ଅନୁସାରେ ଦୁର୍ବଳ ମୁଦ୍ରା ଅର୍ଥନୀତି ପାଇଁ ଘାତକ ସାବ୍ୟସ୍ତ ହୋଇପାରେ। ସେହିପରି ଆମେରିକାର ଫେଡେରାଲ ରିଜର୍ଭ ଯେବେ ଠାରୁ ସୁଧ ବଢ଼ାଇଛି ସେବେଠାରୁ ବିଦେଶୀ ନିବେଶକମାନେ ଅଧିକ ରିଟର୍ନ ପାଇବା ଆଶାରେ ଭାରତ ଭଳି ବିକାଶଶୀଳ ଦେଶରୁ ପାଣ୍ଠି ପ୍ରତ୍ୟାହାର କରି ଡଲାରରେ କାରବାର ହେଉଥିବା ଦେଶ ବିଶେଷକରି ଆମେରିକାରେ ତାହାକୁ ନିବେଶ କରୁଛନ୍ତି ବିଦେଶୀ ମୁଦ୍ରା ଆସିବା କମ୍ ହୋଇଥିବାରୁ ଦେଶର ଗଚ୍ଛିତ ବିଦେଶୀ ମୁଦ୍ରାଭଣ୍ଡାର ଉପରେ ମଧ୍ୟ ଚାପ ସୃଷ୍ଟି ହୋଇଛି।

# ବିଓଏମ୍‌ର ୧ମ ତ୍ରୈମାସିକ ନେଟ୍ ଲାଭ ୪୫୨ କୋଟି




ଭୁବନେଶ୍ୱର,୨୦।୭

ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର (ବିଓଏମ୍) ଚଳିତ ଆର୍ଥିକ ବର୍ଷ ପ୍ରଥମ ତ୍ରୈମାସିକ ସୁଦ୍ଧା ୪୫୨ କୋଟି ଟଙ୍କାର ନେଟ୍ ଲାଭ ସଂଗ୍ରହକରି ଶତକଡା ୧୧୭.୨୫% ଅଭିବୃଦ୍ଧି ହାର ହାସଲ କରିପାରିଛି। ଏ ସମ୍ପର୍କରେ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ସିଇଓ ଏ.ଏସ୍. ରାଜୀବ କହିଛନ୍ତି, କର୍ମଚାରୀମାନଙ୍କ ସ୍ଥାନାନ୍ତର ତଥା ପଦୋନ୍ନତି ସତ୍ତ୍ୱେ ବ୍ୟାଙ୍କ ଉତ୍ତମ ପ୍ରଦର୍ଶନ କରିଛି। ବ୍ୟାଙ୍କର ନେଟ୍ ସୁଧ ଆୟ ୨୦% ଅଭିବୃଦ୍ଧି ହାର ହାସଲ କରି ୧,୬୮୬ କୋଟି ଟଙ୍କାରେ ପହଞ୍ଚିପାରିଛି, ଯାହା ପୂର୍ବ ବର୍ଷ ଏହି ସମୟରେ ୧,୪୦୬ କୋଟି ଟଙ୍କା ଥିଲା। ବ୍ୟାଙ୍କର ନେଟ୍ ଇଣ୍ଟରେଷ୍ଟ ମାର୍ଜିନ୍ (ଏନ୍‌ଆଇଏମ୍) ୩.୦୫%ରୁ ୩.୨୮%କୁ ବୃଦ୍ଧି ପାଇଛି। ନେଟ୍ ଏନ୍‌ପିଏ ୨.୨୨% ରୁ ହ୍ରାସ ପାଇ ୦.୮୮% ରେ ପହଞ୍ଚିଛି। ରିପୋର୍ଟିଂ କ୍ୱାର୍ଟରରେ ବ୍ୟାଙ୍କର ରିକଭରି ଓ ଅପ୍‌ଗ୍ରେଡେଶନ ୩୮୮ କୋଟି ଟଙ୍କା ରହିଥିବା ବେଳେ ଏହା ଆର୍ଥିକ ବର୍ଷ ୨୦୨୩ ସୁଦ୍ଧା ୩୦୦୦କୋଟି ଟଙ୍କାରେ ପହଞ୍ଚିବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ବୋଲି ରାଜୀବ ସୂଚନା ଦେଇଛନ୍ତି। ସେହିଭଳି ବ୍ୟାଙ୍କର ପ୍ରୋଭିଜନ୍ କଭରେଜ ରେସିଓ ୯୦.୭୦%ରୁ ୯୫.୦୪% କୁ ବୃଦ୍ଧି ପାଇଛି। ବ୍ୟାଙ୍କର ପୁଞ୍ଜି ସ୍ୱଚ୍ଛଳତା ହାର ୧୨.୧୬% ରୁ ୧୬.୧୫% କୁ ବୃଦ୍ଧି ପାଇଛି। ବ୍ୟାଙ୍କର ଅଗ୍ରିମ ଋଣ ହାର ପୂର୍ବ ବର୍ଷ ତୁଳନାରେ ୨୭.୧୦% ଅଭିବୃଦ୍ଧି ହାରରେ ୧,୪୦,୫୬୧ କୋଟି ଟଙ୍କାରେ ପହଞ୍ଚିଛି ଏବଂ ଜମା ହାର ଶତକଡା ୧୨.୩୫% ଅଭିବୃଦ୍ଧି ହାରରେ ୧,୯୫,୯୦୯ କୋଟି ଟଙ୍କାରେ ପହଞ୍ଚିଛି। ବ୍ୟାଙ୍କର ଅଗ୍ରିମ ଋଣରେ ୨୦ରୁ୨୨% ଏବଂ ଜମା କ୍ଷେତ୍ରରେ ୧୨ରୁ୧୪% ବୃଦ୍ଧି ଘଟିବ ବୋଲି ଆଶା କରାଯାଉଛି। ବ୍ୟାଙ୍କ ପକ୍ଷରୁ ୨୦,୦୦୦ରୁ ୨୨,୦୦୦ କୋଟି ଟଙ୍କାର ଋଣ କର୍ପୋରେଟ୍ କ୍ଷେତ୍ରକୁ ଏବଂ ୬,୦୦୦ରୁ ୭,୦୦୦ କୋଟି ଟଙ୍କାର ଋଣ ଏମ୍‌ଏସ୍‌ଏମ୍‌ଇ ଓ ଅନ୍ୟାନ୍ୟ କ୍ଷେତ୍ରକୁ ମଞ୍ଜୁରୀ କରାଯାଇଛି। ବ୍ୟାଙ୍କର ଅଂଶଧନ ୩.୧୧% ବୃଦ୍ଧି ପାଇ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ) ରେ ଶତକଡ଼ା ୧୬.୬% ରେ ସମାପ୍ତ ହୋଇଛି।

# ୩ ବର୍ଷରେ ୫ ଲକ୍ଷ କାର୍ ବିକ୍ରି

ନୂଆଦିଲ୍ଲୀ,୨୦।୭



### କିଆ ଇଣ୍ଡିଆର ମାଇଲଖୁଣ୍ଟ ହାସଲ

ଦେଶର ପ୍ରମୁଖ ଚାରିଚକିଆ ଯାନ (କାର୍) ନିର୍ମାତା 'କିଆ ଇଣ୍ଡିଆ' ନିକଟ ଅତୀତରେ ଭାରତ ବଜାରରେ ପ୍ରବେଶ କରିଥିଲା। କମ୍ପାନୀ ଲକ୍ଷ୍ୟସ୍ଥଳ ଓ କର୍ମଚାରୀଙ୍କ କଠିନ ପରିଶ୍ରମ ଫଳରେ ମାତ୍ର ୩ ବର୍ଷର କାର୍ଯ୍ୟକ୍ଷମ ସମୟ ମଧ୍ୟରେ କମ୍ପାନୀ ୫ଲକ୍ଷ କାର୍ ବିକ୍ରିକରି ଏକ ମାଇଲଖୁଣ୍ଟ ହାସଲ ସହ ଭାରତରେ ଦ୍ରୁତ କାର ନିର୍ମାତାର ସ୍ୱୀକୃତି ଲାଭ କରିପାରିଛି । ରପ୍ତାନି ସହ କିଆ ଇଣ୍ଡିଆର କ୍ରମବର୍ଦ୍ଧନଶୀଳ ଡେସ୍‌ପାଚ ୬,୩୪,୨୨୪ ୟୁନିଟ୍ ଏହାର ଅନନ୍ତପୁର ନିର୍ମାଣ କେନ୍ଦ୍ରରୁ ହୋଇପାରିଛି।

ଏ ସମ୍ପର୍କରେ କିଆ ଇଣ୍ଡିଆର ମୁଖ୍ୟ ସେଲ୍‌ସ ଅଧକ୍ଷ ମ୍ୟୁଙ୍ଗ-ସିକ୍ ସୋନ କହିଛନ୍ତି, ଭାରତରେ ୩ବର୍ଷର ସ୍ୱଳ୍ପ ସମୟ ମଧ୍ୟରେ ଆମେ କେବଳ ନିଜକୁ ଟ୍ରେଣ୍ଡର ଅଗ୍ରଣୀ ଏବଂ ପ୍ରେରଣାଦାୟକ ବ୍ରାଣ୍ଡ ଭାବରେ ଉପସ୍ଥାପନ କରିନାହୁଁ ବରଂ ଏହା ସହିତ ନୂତନ ପ୍ରଯୁକ୍ତିର ମଧ୍ୟ ଗ୍ରହଣ କରିଛୁ। କିଆ ଇଣ୍ଡିଆର ସଫଳତା ପଛରେ ସଭିଙ୍କର ଯୋଗଦାନ ରହିଛି, ଯେଉଁମାନେ ଏହି ଇକୋସିଷ୍ଟମର ଏକ ଅଂଶ ଭାବରେ ରହିଛନ୍ତି । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାବରେ ମୁଁ ମୋର ଗ୍ରାହକମାନଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବାକୁ ଚାହୁଁଛି।

# ଏସ୍‌ବିଆଇର ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ୍ ସେବା

ନୂଆଦିଲ୍ଲୀ,୨୦।୭

ଭାରତୀୟ ଷ୍ଟେଟ ବ୍ୟାଙ୍କ (ଏସ୍‌ବିଆଇ) ପକ୍ଷରୁ ହ୍ୱାଟ୍ସଆପ୍ ବ୍ୟାଙ୍କିଙ୍ଗ୍ ସେବାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏହା ଜରିଆରେ ବ୍ୟାଙ୍କର ଗ୍ରାହକମାନେ ହ୍ୱାଟ୍ସଆପ୍ ମାଧ୍ୟମରେ କେତେକ ନିର୍ଦ୍ଦିଷ୍ଟ ବ୍ୟାଙ୍କ ସେବା, ଯେ ପରିକି ବାଲାନ୍ସ ଚେକ୍, ମିନି ଷ୍ଟେଟ୍‌ମେଣ୍ଟ ଆଦି ପାଇପାରିବେ। ବୁଧବାର ଏସ୍‌ବିଆଇ ପକ୍ଷରୁ ଏ ନେଇ ଏକ ଟୁଇଟ କରି ଉକ୍ତ ସେବା ଆରମ୍ଭ କରାଯିବା ସମ୍ପର୍କରେ ଘୋଷଣା କରାଯାଇଛି। ଏହି ସେବା ଆରମ୍ଭ ହେବା ପରେ ଗ୍ରାହକମାନଙ୍କୁ ବାଲାନ୍ସ ଚେକ୍ କିମ୍ବା ମିନି ଷ୍ଟେଟ୍‌ମେଣ୍ଟ ପାଇଁ ଆପ୍ ଡାଉନ୍‌ଲୋଡ୍ କିମ୍ବା ଏଟିଏମ୍ ଯିବାକୁ ପଡ଼ିବ ନାହିଁ।

# ବିଓବିର ୧୧୫ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୦।୭

ବ୍ୟାଙ୍କ ଅଫ୍ ବରୋଦା (ବିଓବି)ର ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ଏହାର ୧୧୫ତମ ପ୍ରତିଷ୍ଠା ଦିବସ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ବ୍ୟାଙ୍କ ପକ୍ଷରୁ ରକ୍ତଦାନ ଶିବିର, ପିଲାଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଆଦି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିବା ସହ ଭୁବନେଶ୍ୱରସ୍ଥିତ ଡମଣା ସ୍କୋୟାରଠାରେ ଥିବା ମା' ଆନନ୍ଦ ଆଶ୍ରମକୁ ବୁକ୍ ସେଲ୍ଫ ପ୍ରଦାନ କରାଯାଇଥିଲା। ପ୍ରତିଷ୍ଠା ଦିବସ ଉପଲକ୍ଷେ ବ୍ୟାଙ୍କ ପକ୍ଷରୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରର ଅଡିଟୋରିୟମ୍‌ରେ ଆୟୋଜିତ ହୋଇଥିଲା। ଏହି ଅବସରରେ ବ୍ୟାଙ୍କର କ୍ଷେତ୍ରୀୟ ପ୍ରବନ୍ଧକ ରାଜୀବ କ୍ରିଷ୍ଣା ବ୍ୟାଙ୍କ ସମ୍ବନ୍ଧରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ଭୁବନେଶ୍ୱର କ୍ଷେତ୍ରୀୟ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଉକ୍ତ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

# କୋବିନ୍ଦଙ୍କ ନୂଆ ଠିକଣା: ରାଷ୍ଟ୍ରପତି ଭବନରୁ ୧୨ ଜନପଥ

**ନୂଆଦିଲ୍ଲୀ:** ଖୁବ୍ ଶୀଘ୍ର ଶେଷ ହେବାକୁ ଯାଉଛି ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ କାର୍ଯ୍ୟକାଳ। ଏହାପରେ କୋବିନ୍ଦଙ୍କ ଠିକଣା ମଧ୍ୟ ବଦଳିଯିବ। ରାଷ୍ଟ୍ରପତି ଭବନ ଛାଡ଼ିବା ପରେ ଦିଲ୍ଲୀ ସ୍ଥିତ ୧୨ ଜନପଥରେ ଥିବା ବଙ୍ଗଳାରେ ରହିବେ ରାମନାଥ। ତେବେ ଏହି ବଙ୍ଗଳା ପାଖରେ ରୁହନ୍ତି କଂଗ୍ରେସର ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧୀ। ୧୦ ଜନପଥରେ ସେ ରହୁଥିବାବେଳେ କୋବିନ୍ଦ ତାଙ୍କ ପଡ଼ିଶା ହେବାକୁ ଯାଉଛନ୍ତି। ଜୁଲାଇ ୨୨ରେ ରାଷ୍ଟ୍ରପତିଙ୍କ ପରିବାର ଲୋକେ ବଙ୍ଗଳାକୁ ସ୍ଥାନାନ୍ତର ହେବାକୁ ଥିବାବେଳେ ଜୁଲାଇ ୨୫ରେ ରାମନାଥ ରାଷ୍ଟ୍ରପତି ଭବନ ଛାଡ଼ିବେ। ପୂର୍ବରୁ ଉକ୍ତ





### ସୋନିଆଙ୍କ ପଡ଼ୋଶୀ

ବଙ୍ଗଳାରେ ରାମବିଳାସ ପାଶ୍ୱାନ ରହୁଥିଲେ। ରାମ ବିଳାସ ୨୦ ବର୍ଷରୁ ଊର୍ଦ୍ଧ୍ୱ ଦିନ ଧରି ଏଠାରେ ରହିଥିଲେ। ମାତ୍ର ତାଙ୍କ ବିୟୋଗ ପରେ ପରିବାର ଲୋକେ ଏହି ବଙ୍ଗଳା ଖାଲି କରିଥିଲେ। ବର୍ତ୍ତମାନ ଏହି ଘରକୁ ରାମନାଥ କୋବିନ୍ଦଙ୍କ ପାଇଁ ଆଲର୍ଟ କରାଯାଇଛି। ତେବେ ଏହି ବଙ୍ଗଳାର ଡିଜାଇନ୍ ପରିବର୍ତ୍ତନ କରାଯାଉଥିବାବେଳେ ଏହାର ଦେଖାରେଖା କରୁଛନ୍ତି ରାଷ୍ଟ୍ରପତିଙ୍କ ଝିଅ ଶ୍ୱାତୀ କୋବିନ୍ଦ। ରାମ ବିଳାସଙ୍କ ମୃତ୍ୟୁ ପରେ ଭାଇ ପଶୁପତିଙ୍କୁ ଏହି ବଙ୍ଗଳାଟି ଆଲର୍ଟ କରାଯାଇଥିବାବେଳେ ସେ ବଙ୍ଗଳାରେ ରହିବାକୁ ମନା କରିଥିଲେ। ବର୍ତ୍ତମାନ ଏହି ବଙ୍ଗଳାରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ରହୁଛନ୍ତି। ତେବେ କୋବିନ୍ଦ ବଙ୍ଗଳାକୁ ଆସିବା ପୂର୍ବରୁ ଅଶ୍ୱିନୀ ବୈଷ୍ଣବ ଅନ୍ୟ ବଙ୍ଗଳାକୁ ସ୍ଥାନାନ୍ତର ହେବେ।

### ସେଣ୍ଟ୍ରାଲ ହଲ୍‌ରେ ହେବ ବିଦାୟୀ ସଭା

ଜୁଲାଇ ୨୪ରେ ରାଷ୍ଟ୍ରପତିଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ୨୩ରେ ଉପରାଷ୍ଟ୍ରପତି ଭେଙ୍କୟା ନାଇଡୁ ପାର୍ଲାମେଣ୍ଟ ସ୍ଥିତ ସେଣ୍ଟ୍ରାଲ ହଲ୍‌ରେ ଏକ ବିଦାୟୀ ସଭାର ଆୟୋଜନ କରିବେ। ଏହି ବିଦାୟକାଳୀନ ସଭାରେ କୋବିନ୍ଦଙ୍କୁ ଏକ ମେମେଣ୍ଟୋ ଏବଂ ସିଗ୍‌ନେଚର ବୁକ୍ ଉପହାର ସ୍ୱରୂପ ପ୍ରଦାନ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ବାଚସ୍ପତି ଓମ୍ ବିର୍ଲାଙ୍କ ସହିତ ଉଭୟ ଗୃହର ସଦସ୍ୟ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବେ।

### ସରକାରୀ ସୁବିଧା

ଅବସର ପରେ କୋବିନ୍ଦଙ୍କୁ ମାସିକ ୧.୫ ଲକ୍ଷ ପେନ୍‌ସନ ସରକାର ଦେବେ। ଏହା ବ୍ୟତୀତ କୋବିନ୍ଦଙ୍କ ସଚିବାଳୟ କର୍ମଚାରୀ ଓ ଅଫିସ ପାଇଁ ମାସକୁ ୬୦ ହଜାର ଟଙ୍କା ସରକାର ପ୍ରଦାନ କରିବେ। ବଙ୍ଗଳା ଭଡ଼ା ପାଇଁ ତାଙ୍କୁ କୌଣସି ଦେୟ ଦେବାକୁ ପଡ଼ିବ ନାହିଁ। ସେହିପରି ସରକାରଙ୍କ ତରଫରୁ ତାଙ୍କୁ ଦୁଇଟି ଲ୍ୟାଣ୍ଡଲାଇନ୍ ଫୋନ୍, ମୋବାଇଲ, ବ୍ରଡ୍‌ବ୍ୟାଣ୍ଡ ଏବଂ ଇଣ୍ଟରନେଟ୍ କନେକ୍ସନର ସୁବିଧା ଯୋଗାଇ ଦିଆଯିବ। ଇଲେକ୍ଟ୍ରିସିଟି ଓ ପାଣି ବିଲ୍ ତାଙ୍କୁ ଦେବାକୁ ପଡ଼ିବ ନାହିଁ। ତେବେ ସରକାରଙ୍କ ତରଫରୁ କୋବିନ୍ଦଙ୍କୁ ଜଣେ ଡ୍ରାଇଭର ଓ କାର୍ ଦିଆଯିବ।

## ଫୁରସତ୍

# ସାହାଯ୍ୟ ମାଗୁଛନ୍ତି ତନୁଶ୍ରୀ

ମୁମ୍ବାଇ



ବଲିଉଡ୍ ଅଭିନେତ୍ରୀ ତନୁଶ୍ରୀ ଦତ୍ତ ଏବେ ଅଡୁଆରେ ବଢ଼ିଯାଇଛନ୍ତି। ଦିନପ୍ରତିଦିନ ତାଙ୍କ ସହ କିଛି ନା କିଛି ଅଘଟଣା ଘଟୁଥିବା ସେ କହିଛନ୍ତି। ନିଜ ଇନ୍‌ଷ୍ଟାଗ୍ରମରେ ଏକ ପୋଷ୍ଟ ଶେୟାର କରି ତନୁଶ୍ରୀ ସାହାଯ୍ୟ ଲୋଡ଼ିଛନ୍ତି। ସେ କହିଛନ୍ତି ଯେ, ମୁଁ ବର୍ତ୍ତମାନ ବଲିଉଡ୍ ମାଫିଆଙ୍କ ଟାର୍ଗେଟରେ। ସେମାନେ ମୋତେ ମାରିବାକୁ ଚାହୁଁଥିବା ବେଳେ ଆକ୍ରୋଶମୂଳକ ଭାବେ ସେମାନେ ବିଭିନ୍ନ ଘଟଣା ଘଟାଉଥିବା ସେ କହିଛନ୍ତି। କିଛିଦିନ ପୂର୍ବେ ତାଙ୍କ ଘରେ କାମ କରୁଥିବା ଜଣେ ମହିଳା ତନୁଶ୍ରୀଙ୍କ ପାନୀୟରେ ଔଷଧ ମିଶାଇ ତାଙ୍କୁ ହାନି ପହଞ୍ଚାଇବାକୁ ଚେଷ୍ଟା କରୁଥିବାବେଳେ ଜାଣିଶୁଣି ତାଙ୍କ ଗାଡ଼ି କେତେଜଣ ଦୁର୍ବୃତ୍ତ ଭାଙ୍ଗି ଦେଇଥିବା ସେ କହିଛନ୍ତି। ବଲିଉଡ୍ ମାଫିଆ ତାଙ୍କୁ ଜୀବନରୁ ମାରି ଦେବା ପାଇଁ ଚାହୁଁଥିବା ଭଳି ସଙ୍ଗିନ ଅଭିଯୋଗ ସେ ଆଣିଛନ୍ତି। ୨୦୧୮ ମସିହାରେ ହିନ୍ଦୀ ଫିଲ୍ମ ଇଣ୍ଡଷ୍ଟ୍ରିରେ ଆରମ୍ଭ ହୋଇଥିବା ମି ଟୁ' ଅଭିଯାନର ଅଂଶ ପାଲଟିଥିଲେ ତନୁଶ୍ରୀ। ପ୍ରଖ୍ୟାତ ଅଭିନେତା ନାନା ପାଟେକରଙ୍କ ବିରୋଧରେ ସେ ଅଭିଯୋଗ ଆଣି ବିବାଦକୁ ଆସିଥିଲେ।

# ବର୍ଷା ପାଇଁ ବେଙ୍ଗ ବାହାଘର



**ଲକ୍ଷ୍ନୌ:** ଏବେବି କିଛି ଅଞ୍ଚଳ ରହିଛି ଯେଉଁଠାରେ ଲୋକଙ୍କ ମନରେ ଅନେକ ଜିନିଷକୁ ନେଇ ଅନ୍ଧ ବିଶ୍ୱାସ ଘର କରିଛି। ଉତ୍ତର ପ୍ରଦେଶ ଗୋରଖପୁରରେ ଦେଖିବାକୁ ମିଳିଛି ଏମିତି ଏକ ଘଟଣା। ବର୍ଷା ପାଇଁ ଏଠାକାର ଲୋକେ ଦୁଇ ବେଙ୍ଗଙ୍କ ବାହାଘର କରିଛନ୍ତି। ଗୋରଖପୁରରେ ଆବଶ୍ୟକତାଠାରୁ କମ୍ ପରିମାଣର ବର୍ଷା ହେବା କାରଣରୁ ଏଠାକାର ଲୋକେ ନାହିଁ ନ ଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି। ତେବେ ଏ ପ୍ରକାର ଅସୁବିଧାକୁ ଦୂର କରିବା ପାଇଁ ହିନ୍ଦୁ ମହାସଂଘ ପକ୍ଷରୁ ଏହି ବାହାଘର ଅନୁଷ୍ଠିତ ହୋଇଥିଲା। ତେବେ ସ୍ଥାନୀୟ କାଳିବାର ମନ୍ଦିରରେ ଏହି ବାହାଘର କରାଯାଇଛି। ଇନ୍ଦ୍ର ଦେବଙ୍କୁ ସନ୍ତୁଷ୍ଟ କରିବା ପାଇଁ ଏହି ବାହାଘର କରାଯାଇଥିବା ହିନ୍ଦୁ ମହାସଂଘର ସଦସ୍ୟ ରମାକାନ୍ତ ବର୍ମା କହିଛନ୍ତି।

# ଗୁମ୍ଫାରେ ସଙ୍ଗୀତ ସମାରୋହ

**ଶିଲଂ:** ଭାରତର ଅଧିକାଂଶ ଲୋକ ମନୋରଞ୍ଜନ ପ୍ରେମୀ, ଯାହାକୁ ନେଇ ଅନେକ ସମୟରେ ବିଭିନ୍ନ ସଙ୍ଗୀତ ସମାରୋହର ଆୟୋଜନ କରାଯାଇଥାଏ। ତେବେ ମେଘାଳୟରେ ଅନୁଷ୍ଠିତ ଏକ ସଙ୍ଗୀତ ସମାରୋହ କାର୍ଯ୍ୟକ୍ରମର ଆୟୋଜନ ଏକ ଗୁମ୍ଫାରେ କରାଯାଇଛି। ଏଭଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ଦେଶରେ ପ୍ରଥମ। ମେଘାଳୟର ସୋହରାରେ ଥିବା ଅରୱାହ ଗୁମ୍ଫାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ତେବେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଏହାର ଆୟୋଜନ କରାଯାଇଥିବା ଜଣାପଡ଼ିଛି। ଆଞ୍ଚଳିକ ଭାଷାରେ ଏହି କାର୍ଯ୍ୟକ୍ରମର ନାଁ 'କି ସୁର



ନା ପୁବୋନ' ରଖାଯାଇଥିଲା, ଏହାକୁ ଇଂଲିଶରେ 'ମେସେଜ୍ ଫ୍ରମ୍ ଦ କେଭ୍' ବୋଲି କୁହାଯିବ। ପ୍ରକୃତିକୁ ସୁରକ୍ଷା ଦେବା ବାର୍ତ୍ତା ପ୍ରଚାର ପାଇଁ ଏହାର ଆୟୋଜନ କରାଯାଇଥିବା ଏହି କ୍ୟାମ୍ପେନ୍‌ର ମୁଖ୍ୟ ଆଲାନ ୱେଷ୍ଟ ଖାକୋଙ୍ଗୋର କହିଛନ୍ତି।

# ପଥପାର୍ଶ୍ୱ ବିକ୍ରେତା ଅସହାୟ

- ଅର୍ଥନୈତିକ ଅଭିବୃଦ୍ଧି ନୈରାଶ୍ୟଜନକ
- ୧୧୪ ସହରରେ ୧,୦୫,୨୩୨ ଚିହ୍ନଟ
- ବହୁ ଦୂରରେ ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତା

ଯାଜପୁର ଅଫିସ,୨୦।୭

ସହରର ଅର୍ଥନୀତି କ୍ଷେତ୍ରରେ ପଥପାର୍ଶ୍ୱ ବିକ୍ରେତାଙ୍କ ବହୁ ଗୁରୁତ୍ୱପୂର୍ଣ୍ଣ ଅବଦାନ ରହିଛି। ଏହି ପରିପ୍ରେକ୍ଷୀରେ ସେମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ଓ ସୁରକ୍ଷା ନିମନ୍ତେ ଏକାଧିକ ଯୋଜନା ପ୍ରଣୟନ କରାଯାଇ ଲକ୍ଷାଧିକ ଟଙ୍କା ବିନିଯୋଗ ହୋଇଛି। ହେଲେ ଆଜି ବି ପଥପାର୍ଶ୍ୱ ବିକ୍ରେତା ଅସହାୟ ଅବସ୍ଥାରେ ପଡି ରହିଛନ୍ତି। ଏପରିକି ଖାଦ୍ୟ ସୁରକ୍ଷା ଓ ସ୍ୱଚ୍ଛତାକୁ ନେଇ ଆଖିଦୃଶିଆ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ରାଜ୍ୟର ବିଭିନ୍ନ ପୌର ପରିଷଦ ଏବଂ ବିଜ୍ଞାପିତ ପରିଷଦ ଅଞ୍ଚଳ କର୍ତ୍ତୃପକ୍ଷ ସେମାନଙ୍କଠାରୁ କେବଳ ଟିକସ ଆଦାୟରେ ପଦକ୍ଷେପ ସୀମିତ ରହୁଥିବା ମତପ୍ରକାଶ ପାଇଛି।

ଜାତୀୟ ସହରାଞ୍ଚଳ ଜୀବିକା ମିଶନର ଗାଇଡ୍ ଲାଇନ ଅନୁଯାୟୀ ୨୦୧୭-୧୮ ବର୍ଷରେ ପଥପାର୍ଶ୍ୱ ବିକ୍ରେତାଙ୍କ ସର୍ଭେ ଆରମ୍ଭ ହୋଇଥିଲା। ଏହି କ୍ରମରେ ରାଜ୍ୟର ବିଭିନ୍ନ ସହରାଞ୍ଚଳରେ ଏଯାଏ ୧,୦୫,୨୩୨ ପଥପାର୍ଶ୍ୱ ବିକ୍ରେତା ଚିହ୍ନଟ ହୋଇଛନ୍ତି। ଫୁଟ୍‌ପାଥ୍, ପାର୍କ, ବସ୍‌ଷ୍ଟାଣ୍ଡ, ରେସିଡେନ୍ସିଆଲ ପ୍ରମୁଖ ସ୍ଥାନରେ ଛୋଟବଡ ବିକ୍ରେତାଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଉଛି। ପ୍ରଥମ ପର୍ଯ୍ୟାୟରେ ୬୩,୧୧୬ ସଂଖ୍ୟକ ପଥପାର୍ଶ୍ୱ ବିକ୍ରେତା ଚିହ୍ନଟ ହୋଇଥିଲାବେଳେ ପ୍ରଧାନମନ୍ତ୍ରୀ ଷ୍ଟ୍ରିଟଭେଣ୍ଡର ଆତ୍ମନିର୍ଭର ନିଧି(ପିଏମ୍ ଏସ୍‌ଭିଏନିଧି) ଯୋଜନା କାର୍ଯ୍ୟକାରୀ ହେବା ପରେ ନୂତନ ଭାବେ ୪୨୧୧୬ ଜଣଙ୍କୁ ଚିହ୍ନଟ କରାଯାଇଛି। ଏମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ନିମନ୍ତେ ସେମାନଙ୍କ ପାଇଁ ଉର୍ଦ୍ଧିଷ୍ଟ ନିୟମାବଳୀ, ଦାୟିତ୍ୱ ଓ କର୍ତ୍ତବ୍ୟ ସହ ଖାଦ୍ୟ ନିରାପତ୍ତା, ସ୍ୱାସ୍ଥ୍ୟ ଓ ସ୍ୱଚ୍ଛତା, ଅଗ୍ନି ନିରୋଧକ ବାବଦରେ ସଚେତନତା ଓ ବୀମା ସଂକ୍ରାନ୍ତରେ ତାଲିମ ପ୍ରଦାନ କରାଯାଉଛି। ଏହିକ୍ରମରେ ଜାତୀୟ ସହରାଞ୍ଚଳ ଜୀବିକା ମିଶନ ମାଧ୍ୟମରେ ୨୦୧୮-୧୯ ଏବଂ ୨୦୧୯-୨୦ ବର୍ଷରେ ୮୭ ପୌରାଞ୍ଚଳମାନଙ୍କୁ ୨୮,୪୪,୩୦୦ ଟଙ୍କା ଯୋଗାଇ ଦିଆଯାଇଛି। ଏହାବାଦ୍ ପିଏମ୍ ଏସ୍‌ଭିଏନିଧି ଯୋଜନାରେ ୨୦୨୦-୨୧ ବର୍ଷଠାରୁ ଅଦ୍ୟାବଧି ୩୭,୭୭୯ ପଥପାର୍ଶ୍ୱ ବିକ୍ରେତା ବ୍ୟାଙ୍କ ମାଧ୍ୟମରେ ଋଣ ପାଇଥିବା ରିପୋର୍ଟରେ ଦର୍ଶାଯାଇଛି। ୨୦୧୯-୨୦ ବର୍ଷରେ ରାଜ୍ୟର ୬ ପୌରାଞ୍ଚଳର ୧୭,୦୮୯ ଜଣ ପଥପାର୍ଶ୍ୱ ବିକ୍ରେତାଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଫନୀ ବାତ୍ୟା ସମୟରେ ୧୭ କୋଟି ୮ ଲକ୍ଷ ୯୦ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଛି। ଏତଦ୍‌ବ୍ୟତୀତ କୋଭିଡ୍-୧୯ ମହାମାରୀ ସମୟରେ ପଥପାର୍ଶ୍ୱ ବିକ୍ରେତାମାନଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ପର୍ଯ୍ୟାୟରେ ୨,୫୧,୬୧୮ ଜଣଙ୍କୁ ମୁଣ୍ଡପିଛା ୩ ହଜାର ଟଙ୍କା ହିସାବରେ ୭୫ କୋଟି ୪୮ ଲକ୍ଷ ୫୪ ହଜାର ଟଙ୍କା ଆବଣ୍ଟନ କରାଯାଇଛି। ଚଳିତ ବିଧାନସଭାରେ ବିଧାୟକ ମୋହନଚରଣ ମାଝିଙ୍କ ଏକ ପ୍ରଶ୍ନର ଉତ୍ତରରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଉଷା ଦେବୀ ଉପରୋକ୍ତ ତଥ୍ୟ ରଖିଛନ୍ତି। ହେଲେ ବାସ୍ତବରେ ପଥପାର୍ଶ୍ୱ ବିକ୍ରେତାମାନେ ଏହିସବୁ ସରକାରୀ ଯୋଜନାରେ ଉପକୃତ ହୋଇଛନ୍ତି କି ନାହିଁ ତାହା ତଦନ୍ତ ସାପେକ୍ଷ।

ଏଠାରେ ଯାଜପୁର ଜିଲାର ଯାଜପୁର ଓ ବ୍ୟାସନଗର ପୌର ପରିଷଦକୁ ଉଦାହରଣ ଭାବେ ନିଆଯାଇପାରେ। ଯାଜପୁର ସହରର ମେଡିକାଲ ରାସ୍ତା, ଏନ୍‌ସି କଲେଜ ରାସ୍ତା, ବିରଜା ମନ୍ଦିର ରାସ୍ତା, କୋର୍ଟ ସାମ୍ନା, ରିଙ୍ଗରୋଡ ଆଦି ସ୍ଥାନରେ ୬୫୭ ଜଣ ପଥ ପାର୍ଶ୍ୱ ବିକ୍ରେତାଙ୍କୁ ଚିହ୍ନଟ କରାଯାଇଛି। ସେମାନଙ୍କ ମଧ୍ୟରୁ କେତେକ ଫନୀ ସହାୟତା ପାଇଥିବାବେଳେ ଖାଦ୍ୟ ନିରାପତ୍ତା, ସ୍ୱଚ୍ଛତା ଆଦି ଉପରେ କୌଣସି ସଚେତନତା କାର୍ଯ୍ୟକ୍ରମ କରାଯାଇ ନ ଥିବା ଜଣାପଡିଛି। ସେହିପରି ବ୍ୟାସନଗର ପୌର ପରିଷଦ ଅନ୍ତର୍ଗତ ଗଣେଶ ବଜାର, ଦଳା, ନହକା ଗୋଲେଇ ଛକ, କୋପଣ୍ଡ ଛକ, କନ୍ହେଇପୁର, କୋର୍ଟ ପାଖ, ଧବଳଗିରି, ଚୋର୍ଦ୍ଧା, ବସ୍‌ଷ୍ଟାଣ୍ଡ ଆଦି ସ୍ଥାନରେ ୩୧୭ ପଥପାର୍ଶ୍ୱ ବିକ୍ରେତା ଚିହ୍ନଟ ହୋଇଛନ୍ତି। ଏହି ସହରର ବିଭିନ୍ନ ରାସ୍ତାରେ ଅସ୍ୱାସ୍ଥ୍ୟକର ପରିବେଶରେ ପଥପାର୍ଶ୍ୱ ବିକ୍ରେତାମାନେ ବ୍ୟବସାୟ କରୁଛନ୍ତି। ବର୍ଷା ପାଣିରେ ବସି ଏହି ବ୍ୟବସାୟୀମାନେ ଦୁଃଖ ଭୋଗୁଛନ୍ତି । ଏହା ଖାଉଟିମାନଙ୍କ କ୍ଷେତ୍ରରେ ନକାରାତ୍ମକ ଭାବନା ସୃଷ୍ଟି କରୁଛି। ଆଇନ ଅନୁସାରେ ଏମାନଙ୍କୁ କୌଣସି ସଚେତନ କରାଯାଉନାହିଁ। ଏପରି କି ଆଇକାର୍ଡ ଏବଂ ପ୍ରମାଣପତ୍ର ପାଇଁ ଟଙ୍କା ଅସୁଲି କରିବା ସହ ବିନା ରସିଦରେ ଟିକସ ଆଦାୟ ହେଉଥିବା ଅଭିଯୋଗ ହେଉଛି। ଯାଜପୁରର ପଥପାର୍ଶ୍ୱ ବିକ୍ରେତା ଇତିଶ୍ରୀ ପରିଡ଼ା କୁହନ୍ତି, କରୋନା ସମୟରେ ୩ ହଜାର ଟଙ୍କା ସହାୟତା ମିଳିଥିଲା। କିନ୍ତୁ କୌଣସି ସଚେତନତା କାର୍ଯ୍ୟକ୍ରମ ହେଉନାହିଁ।


ବ୍ୟାସନଗର ସହରର ଗଣେଶ ବଜାରରେ ପଥପାର୍ଶ୍ୱ ବିକ୍ରେତା ବର୍ଷା ପାଣିରେ ବସି ବ୍ୟବସାୟ କରୁଛନ୍ତି।

## ଯୁକ୍ତ୨ ନାମଲେଖା ପାଇଁ ଆବେଦନ ଆରମ୍ଭ

### ପ୍ରଥମ ଦିନରେ ୭୭ହଜାରରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କ ପଞ୍ଜୀକରଣ

ଭୁବନେଶ୍ୱର,୨୦।୭(ବ୍ୟୁରୋ): ୨୦୨୨-୨୩ ଶିକ୍ଷାବର୍ଷରେ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ନାମଲେଖା ପାଇଁ ବୁଧବାରଠାରୁ ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ରାତି ସାଢ଼େ ୯ଟା ସୁଦ୍ଧା ମୋଟ ୭୭,୦୧୫ଜଣ ଛାତ୍ରୀଛାତ୍ର ନାମ ପଞ୍ଜୀକରଣ କରିଥିବା ବେଳେ ସେଥିରୁ ୫୫,୩୫୫ଜଣ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। ସେହିପରି ୫୪,୭୬୭ଜଣ ଆବେଦନ ପ୍ରକ୍ରିୟା ପାଇଁ ଥିବା ଟଙ୍କା ପୈଠ କରିସାରିଛନ୍ତି। ଅଗଷ୍ଟ ୧୦ତାରିଖ ପର୍ଯ୍ୟନ୍ତ ଆବେଦନ ପ୍ରକ୍ରିୟା ଚାଲୁ ରହିବ। ଅଗଷ୍ଟ ୧୭ତାରିଖ ଅପରାହ୍ନ ୩ଟାରେ ପ୍ରଥମ ପର୍ଯ୍ୟାୟ ମେଧା ତାଲିକା ପ୍ରକାଶ ପାଇବାକୁ ଥିବାବେଳେ ୧୯ ରୁ ୨୫ତାରିଖ ମଧ୍ୟରେ ପ୍ରଥମ ପର୍ଯ୍ୟାୟ ନାମଲେଖା ପ୍ରକ୍ରିୟା ଚାଲିବ। ତେବେ ସେପ୍ଟେମ୍ବର ପ୍ରଥମ ସପ୍ତାହରୁ ଯୁକ୍ତ୨ ପ୍ରଥମବର୍ଷ ପାଠପଢ଼ା ଆରମ୍ଭ ହେବ ବୋଲି ସୂଚନା ମିଳିଛି। ସୂଚନାଯୋଗ୍ୟ, ରାଜ୍ୟରେ ୨,୦୫୮ଟି ଉଚ୍ଚ ମାଧ୍ୟମିକ ସ୍କୁଲରେ ୪ଲକ୍ଷ ୨୪ହଜାର ୭୩୯ ସିଟ୍ ରହିଛି। ତେବେ ୨୩୧ଟି ଧନ୍ଦାମୂଳକ ଶିକ୍ଷା ପାଠ୍ୟକ୍ରମରେ ୧୧,୦୮୮ ଏବଂ ୧୭୪ଟି ସଂସ୍କୃତ ସ୍କୁଲରେ ଥିବା ୧୨,୦୨୦ଟି ସିଟ୍ ଲାଗି ନାମଲେଖା ପ୍ରକ୍ରିୟା କରାଯିବ। ଉଲ୍ଲେଖଯୋଗ୍ୟ, ଗତବର୍ଷ ସିଟ୍ ଅଭାବ ସମସ୍ୟା ରହିବାରୁ ଚଳିତବର୍ଷ ରାଜ୍ୟରେ ପ୍ରାୟ ୫୫ ହଜାର ସିଟ୍ ବୃଦ୍ଧି କରାଯାଇଛି। ଫଳରେ ଯୁକ୍ତ୨ ନାମଲେଖା ପାଇଁ ଏବେ ପାଖାପାଖି ୫ ଲକ୍ଷ ସିଟ୍ ଉପଲବ୍ଧ ହୋଇଛି। ଏଥର ୯୦ପ୍ରତିଶତ ଛାତ୍ରୀଛାତ୍ର ମାଟ୍ରିକରେ ପାସ୍ କରିଛନ୍ତି। ତେଣୁ ଏଥର ବି ସିଟ୍ ସମସ୍ୟା ହେବ ବୋଲି ଆଶଙ୍କା କରାଯାଉଛି। ଯଦି ସିଟ୍ ଅଭାବ ପରିଲକ୍ଷିତ ହୁଏ, ତେବେ ସିଟ୍ ବୃଦ୍ଧି କରାଯିବ ବୋଲି ପୂର୍ବରୁ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାସ ସୂଚନା ଦେଇଥିଲେ।


## ୧୨ତମ ଜନ୍ମଦିନ ଶୁଭେଚ୍ଛା



ଲିପ୍‌ସା ଦାସ (ଲକି)

ଆଜି ତୋର ୧୨ତମ ଜନ୍ମବାର୍ଷିକୀ ଅବସରରେ ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସହ ତୋର ଭବିଷ୍ୟତ ଉଜ୍ଜ୍ୱଳ ପାଇଁ ଜଗତର ନାଥ ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ଶ୍ରୀଲିଙ୍ଗରାଜଙ୍କ ନିକଟରେ ପ୍ରାର୍ଥନା କରୁଅଛୁ।
ଦାସ ପରିବାରବର୍ଗ
ଜୟ ମାତାଦୀ
ଶ୍ରୀରାମ ନଗର, ଓଲ୍ଡ ଟାଉନ୍

ଧ-୭୩୩୩୫


## ଜାତୀୟସ୍ତରରେ ରେଡ୍‌କ୍ରସ୍ ଓଡ଼ିଶା ରାଜ୍ୟ ଶାଖା ପୁରସ୍କୃତ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

**ପାଣ୍ଠି, ସଭ୍ୟ ଓ ସ୍ୱେଚ୍ଛାକୃତ ରକ୍ତ ସଂଗ୍ରହରେ ଦେଶରେ ପ୍ରଥମ**

ଭାରତୀୟ ରେଡ୍‌କ୍ରସ୍‌ର ଓଡ଼ିଶା ରାଜ୍ୟ ଶାଖା ଜାତୀୟସ୍ତରରେ ପୁରସ୍କୃତ ହୋଇଛି। ପାଣ୍ଠି ସଂଗ୍ରହ, ସଭ୍ୟ ସଂଗ୍ରହ ଓ ସ୍ୱେଚ୍ଛାକୃତ ରକ୍ତଦାନ ସଂଗ୍ରହରେ ୨୦୧୯-୨୦ ଓ ୨୦୨୦-୨୧ ବର୍ଷରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିବାରୁ ପୁରସ୍କାର ସହ ପ୍ରଶଂସାପତ୍ର ପାଇଛି। ରାଜ୍ୟପାଳ ତଥା ଭାରତୀୟ ରେଡ୍‌କ୍ରସ୍ ଓଡ଼ିଶା ରାଜ୍ୟ ଶାଖାର ଅଧ୍ୟକ୍ଷ ପ୍ରଫେସର ଗଣେଶୀ ଲାଲ ରେଡ୍‌କ୍ରସ୍ କାର୍ଯ୍ୟଧାରାର ଭୂୟସୀ ପ୍ରଶଂସା କରିବା ସହ ସେବାର ପରିସର, ଆକାର ଓ ପରିମାଣକୁ ଆହୁରି ବ୍ୟାପକ କରିବାକୁ ପରାମର୍ଶ ଦେଇଛନ୍ତି। ବୁଧବାର ରାଜଭବନରେ ଆୟୋଜିତ ଏକ ଉତ୍ସବରେ ରାଜ୍ୟପାଳ ସେବାକୁ ଆଧ୍ୟାତ୍ମିକ ସାଧନା ଭାବରେ ବର୍ଣ୍ଣନା କରି ଏଥିନିମନ୍ତେ ଉତ୍ସର୍ଗୀକୃତ ମନୋଭାବ ଓ ନିଷ୍ଠା ଏକାନ୍ତ ଆବଶ୍ୟକ ବୋଲି ପ୍ରକାଶ କରିଥିଲେ। ଅବୈତନିକ ସଚିବ ସିଟିଏମ୍ ସୁଗୁଣା ଓଡ଼ିଶାରେ ରେଡ୍‌କ୍ରସ ବିଭିନ୍ନ କାର୍ଯ୍ୟକ୍ରମ ଓ ଭବିଷ୍ୟତ ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ରାଜ୍ୟପାଳ ଗଣେଶୀ ଲାଲ୍ ଅବୈତନିକ ସଚିବଙ୍କୁ ସିଲ୍ଡ ପ୍ରଦାନ କରିଥିଲେ। ବୌଦ୍ଧ ଜିଲା ଶାଖାର ଆଜୀବନ ସଭ୍ୟ ପ୍ରବୀର କୁମାର ଦାସଙ୍କୁ ମଧ୍ୟ ଉଲ୍ଲେଖନୀୟ କୃତି ପାଇଁ ରେଡ୍‌କ୍ରସ୍ ସାର୍ଟିଫିକେଟ୍ ଅଫ୍ ମେରିଟ୍ ପ୍ରଦାନ କରାଯାଇଥିଲା। ଉତ୍ସବରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ରଙ୍କ ସମେତ ରାଜଭବନର ଅଧିକାରୀ ଓ ରେଡ୍‌କ୍ରସ୍‌ର ସ୍ୱେଚ୍ଛାସେବୀମାନେ ଉପସ୍ଥିତ ଥିଲେ।

# ନିର୍ମାଣାଧୀନ କୋଠା ଛାତ ଭୁଶୁଡ଼ିଲା

- ରାଜମିସ୍ତ୍ରି, ୪ ଶ୍ରମିକ ଚାପିହୋଇଗଲେ
- ଓଡ୍ରାଫ୍, ଅଗ୍ନିଶମ ବାହିନୀ ଉଦ୍ଧାର କଲେ

ପୁରୀ ଅଫିସ, ୨୦।୭

ପୁରୀ ସହରରେ ବୁଧବାର ଏକ ବଡ଼ ଅଘଟଣ ଘଟିଛି। ମଶାଣିଚଣ୍ଡୀ ଛକ ନିକଟରେ ଏକ ନିର୍ମାଣାଧୀନ କୋଠା ଘରର ଛାତ ଭୁଶୁଡ଼ି ପଡ଼ିଛି। ଭାଙ୍ଗିପଡ଼ିଥିବା ଛାତ ତଳେ ରାଜମିସ୍ତ୍ରିଙ୍କ ସମେତ ୪ ଶ୍ରମିକ ଚାପିହୋଇ ରହିଥିଲେ। ଖବର ପାଇ ଓଡ୍ରାଫ୍ ଏବଂ ଅଗ୍ନିଶମ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ପ୍ରାୟ ୩ ଘଣ୍ଟାର ଅକ୍ଳାନ୍ତ ଉଦ୍ୟମ ପରେ ସମସ୍ତ ୫ଜଣଙ୍କୁ ଉଦ୍ଧାର କରିଛନ୍ତି। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ବାସେଳି ସାହି ଥାନା ଅନ୍ତର୍ଗତ ପୁରୀ-ବ୍ରହ୍ମଗିରି ରାସ୍ତା ପାର୍ଶ୍ୱସ୍ଥ ମଶାଣିଚଣ୍ଡୀ ଛକ ନିକଟରେ ବିଭୂତି ମିଶ୍ରଙ୍କର ଏକ କୋଠା ଘର ନିର୍ମାଣ ଚାଲିଛି। ବୁଧବାର ଛାତ ପାଇଁ ଢଳେଇ କାମ ହେଉଥିଲା। ଏହି କାମରେ ପ୍ରାୟ ୧୫ଜଣ ଶ୍ରମିକ ନିୟୋଜିତ ଥିଲେ। କାମ ସରିଆସୁଥିଲା। ତେବେ ଏହା ପୂର୍ବରୁ ଅର୍ଥାତ୍ ଅପରାହ୍ନ ପ୍ରାୟ ସାଢ଼େ ୪ଟାରୁ ୫ଟା ମଧ୍ୟରେ ହଠାତ୍ ବହ୍ଲା ସ୍ଥାନରେ ଦିଆଯାଇଥିବା ବାଉଁଶ ଖସୁଥିବା ଜଣେ ଶ୍ରମିକ ଦେଖି ରାଜମିସ୍ତ୍ରି ଭରତ ଜେନାଙ୍କୁ ଜଣାଇଥିଲେ। ଭରତ ଆସି ଅନ୍ୟ ଏକ ବାଉଁଶ ଠେସ ଦେବା ବେଳେ ଏହା ଖସିଯିବାରୁ କୋଠାର ଛାତ ଦବିଯାଇ ଭୁଶୁଡ଼ି ପଡ଼ିଥିଲା। ଫଳରେ ଭରତ ଓ ୪ଜଣ ଶ୍ରମିକ ଚାପିହୋଇଯାଇଥିଲେ। ଖବର ପାଇ ଜିଲା ପ୍ରଶାସନର ଅଧିକାରୀଙ୍କ ସମେତ ଓଡ୍ରାଫ୍ ଏବଂ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଜଣକ ପରେ ଜଣେ ଏଭଳି ଭାବେ ୪ଜଣ ଶ୍ରମିକଙ୍କୁ ପ୍ରଥମେ ଉଦ୍ଧାର କରାଯାଇଥିଲା। ତେବେ ଭରତଙ୍କ ଦୁଇଟି ଗୋଡ଼ କଂକ୍ରିଟ ଗଦା ଓ ବାଇଣ୍ଡିଂ ହୋଇଥିବା ଲୁହାରଡ୍ ମଧ୍ୟରେ ଚାପିହୋଇ ରହିଯାଇଥିଲା। ସେ ଯନ୍ତ୍ରଣାରେ ଛଟପଟ ହୋଇ ଚିତ୍କାର କରୁଥିଲେ। ତେଣୁ ଭରତଙ୍କୁ ଉଦ୍ଧାର କରିବା ପାଇଁ କଂକ୍ରିଟ ଗଦା ସଫା କରାଯିବା ସହ ଲୁହାରଡ୍‌ଗୁଡ଼ିକୁ କଟର ଦ୍ୱାରା କଟାଯାଇଥିଲା। ଏହାପରେ ତାଙ୍କୁ ଉଦ୍ଧାର କରାଯାଇ ଆମ୍ବୁଲାନ୍ସ ଯୋଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଭରତଙ୍କ ମୁଣ୍ଡରେ ଆଘାତ ଲାଗିବା ସହ ବାମଗୋଡ଼ ଭାଙ୍ଗଯାଇଛି। ଘଟଣାସ୍ଥଳରେ ଉପଜିଲାପାଳ ଭବତାରଣ ସାହୁ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି କାର୍ଯ୍ୟ ଅନୁଧ୍ୟାନ କରିଥିଲେ। ଭରତଙ୍କ ଚିକିତ୍ସା ଖର୍ଚ୍ଚ ପ୍ରଶାସନ ପକ୍ଷରୁ ବହନ କରାଯିବ ବୋଲି ଉପଜିଲାପାଳ ସାହୁ ଘୋଷଣା କରିଛନ୍ତି। ଉଦ୍ଧାର କାର୍ଯ୍ୟ ସମୟରେ ଗହଳି ଯୋଗୁ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସୂଚନାଯୋଗ୍ୟ, ପ୍ରାୟ ୧୫ବର୍ଷ ତଳେ ପୁରୀ ଟାଉନ ଥାନା ଅନ୍ତର୍ଗତ ଦୋଳମଣ୍ଡପ ସାହିର ଦଇତା ଗଳିରେ ଏକ ଘରର ଛାତ ଭୁଶୁଡ଼ି ପଡ଼ିଥିଲା। ଏଥିରେ ପ୍ରାୟ ୪ଜଣଙ୍କ ଜୀବନ ଯାଇଥିଲା।


ଘଟଣାସ୍ଥଳରେ ଉଦ୍ଧାର କାର୍ଯ୍ୟ ଚାଲିଛି।

## ଦୂଷିତ ଝରଣାପାଣି କାଶୀପୁର ଝାଡ଼ାବାନ୍ତିର କାରଣ

ଭୁବନେଶ୍ୱର, ୨୦।୭(ବ୍ୟୁରୋ)

ଦୂଷିତ ଝରଣା ପାଣି ହିଁ ରାୟଗଡ଼ା ଜିଲା କାଶୀପୁରରେ ବ୍ୟାପିଥିବା ଝାଡ଼ାବାନ୍ତିର କାରଣ। ସେଠାରେ ଭିବ୍ରିଓ କଲେରା ବ୍ୟାକ୍ଟେରିଆ ଠାବ ହୋଇଥିବାବେଳେ ଏହାର ମୂଳ ସଂକ୍ରମଣ ପାଣି ଉତ୍ସରୁ ହିଁ ଆରମ୍ଭ ହୋଇଛି ବୋଲି ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ବିଜୟ ମହାପାତ୍ର କହିଛନ୍ତି। କାଶୀପୁରରେ ବ୍ୟାପିଥିବା ଝାଡ଼ାବାନ୍ତିରେ ଏଯାଏ ୧୦୪ଜଣ ଆକ୍ରାନ୍ତ ହୋଇଥିବାବେଳେ ୭ଜଣଙ୍କ ମୃତ୍ୟୁ ଘଟି ସାରିଲାଣି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳବାସୀ ସାଧାରଣତଃ ଝରଣାରୁ ପାଣି ସଂଗ୍ରହ କରି ବ୍ୟବହାର କରନ୍ତି। ପାଣି ଉତ୍ସ ସମସ୍ତଙ୍କ ପାଇଁ ସମାନ ଥିବାରୁ ସଂକ୍ରମଣ ସହଜରେ ଆଖପାଖ ସ୍ଥାନକୁ ସଂକ୍ରମିତ ହୋଇଛି। ତେଣୁ ପ୍ରଥମେ ଏହି ସଂକ୍ରମଣ ଚେନ୍ ଭାଙ୍ଗିବାକୁ ସ୍ୱାସ୍ଥ୍ୟ ବିଭାଗ ଟିମ୍‌କୁ ସେଠାରେ ନିୟୋଜିତ କରାଯାଇଛି। ରାୟଗଡ଼ା, କୋରାପୁଟର ସ୍ୱାସ୍ଥ୍ୟ ବିଭାଗ ଟିମ୍ ସମ୍ପୃକ୍ତ ସ୍ଥାନରେ ନିୟୋଜିତ ହୋଇ ସ୍ଥିତି ମନିଟରିଂ କରୁଛନ୍ତି। ସଂକ୍ରମିତ ଝରଣା ପାଣି ଯୁଆଡେ ଯାଇଛି, ସେଠାରେ ସଂକ୍ରମଣ ଆଶଙ୍କା ରହିଛି। ସେଥିଲାଗି ଉକ୍ତ ଉତ୍ସରୁ ପାଣି ବ୍ୟବହାର ନ କରିବାକୁ ସ୍ୱାସ୍ଥ୍ୟ ଟିମ୍ ଲୋକମାନଙ୍କୁ ବୁଝାଯାଉଥିବା ସ୍ୱାସ୍ଥ୍ୟ ନିର୍ଦ୍ଦେଶକ କହିଛନ୍ତି। ଏଥିସହ ଜଳ ବିଶୋଧନ କାର୍ଯ୍ୟକ୍ରମ ଚାଲିଛି। ଲୋକଙ୍କୁ କିଭଳି ଭଲ ପାଣି ଯୋଗାଇ ଦିଆଯାଇପାରିବ ସେନେଇ ବ୍ୟବସ୍ଥା କରାଯାଉଛି। ଭୁବନେଶ୍ୱରରୁ ସ୍ୱାସ୍ଥ୍ୟ ବିଭାଗର ଟିମ୍ ଯାଇଥିଲେ। ବୁଧବାର ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର ରାୟଗଡ଼ା ଓ କୋରାପୁଟ ଯାଇଛନ୍ତି। ପ୍ରତିଦିନ ସେଠାରୁ ନମୁନା ପରୀକ୍ଷା କରାଯାଉଛି। ପ୍ରଥମେ ସେଠାରେ ଅବସ୍ଥା ଖରାପ ଥିଲା। ଏବେ ସ୍ଥିତି ନିୟନ୍ତ୍ରଣରେ ଅଛି। ବିଶୋଧନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଉଛି। ଭୟଭୀତ ହେବାର କିଛି ନାହିଁ। ପାନୀୟ ଜଳ ସଂକ୍ରମିତ ହୋଇଥିବାରୁ ତାହାକୁ ବିଶୁଦ୍ଧ କରାଯିବାକୁ ପ୍ରୟାସ କରାଯାଉଛି ବୋଲି ଡା. ମହାପାତ୍ର କହିଛନ୍ତି।


CLASSIFIED DISPLAY
ALL EDITION - BW (Everyday)
MORE SPACE • SAME PRICE
For Booking Contact: 0674-2580385, 8637280816, 7894447167, 9338226625

KUBER FINANCE
(Registered)
ଭାରତର ନଂ୧ କମ୍ପାନୀ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡ଼ାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ମହିଳା, ଛାତ୍ର/ଛାତ୍ରୀ, ଫୌଜୀ ଭାଇମାନଙ୍କ ପାଇଁ ବିଶେଷ ରିହାତୀ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା କଲ କରନ୍ତୁ
2th floor, Krishna Reddy, Mumbai, Maharastra
9417930815

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଜେଲଗଲେ ଡାକ୍ତର

- ୧୪ଦିନ ବିଚାର ବିଭାଗୀୟ ହାଜତରେ ରହିବେ
- ୭ଦିନ ମଧ୍ୟରେ କେସ ଡାଏରି ଦାଖଲ ନିର୍ଦ୍ଦେଶ

ଢେଙ୍କାନାଳ ଅଫିସ, ୨୦।୭

ଜୀବନ ବୀମା କାଗଜପତ୍ରରେ କାଉଣ୍ଟର ସାଇନ୍ କରିବା ଲାଗି ଜଣେ ଏଜେଣ୍ଟଙ୍କଠାରୁ ୧୧ହଜାର ଟଙ୍କା ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିଥିବା ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟ ଫରେନ୍‌ସିକ ମେଡିସିନ ଟେକ୍ସୋକୋଲୋଜି ବିଭାଗର ସହକାରୀ ଡାକ୍ତର ଉମାକାନ୍ତ ଖେଜୁରିଆ ବୁଧବାର ଗିରଫ ହୋଇଛନ୍ତି। ଅପରାହ୍ନ ୨ଟାରେ କଟକ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଢେଙ୍କାନାଳ ଆଣି ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଇଥିଲେ। ଜାମିନ ନାମଞ୍ଜୁର ହେବା ପରେ ଅଭିଯୁକ୍ତ ଡାକ୍ତର ଖେଜୁରିଆଙ୍କୁ ୧୪ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୭ଦିନ ମଧ୍ୟରେ ମାମଲାର କେସ୍ ଡାଏରି ଦାଖଲ କରିବା ପାଇଁ କୋର୍ଟ ଭିଜିଲାନ୍ସ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ଭିଜିଲାନ୍ସ ବିଭାଗର ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ଗଦାଧର ସାହୁ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ସାହୁ ମାମଲା ପରିଚାଳନା କରିଥିଲେ। ଏ ନେଇ ଆଡ୍‌ଭୋକେଟ୍ କୃଷ୍ଣଚନ୍ଦ୍ର କୁହନ୍ତି, ତାଙ୍କ ମହକିଲ ତଥା ଡାକ୍ତରଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ୭ଦିନ ପରେ ଜାମିନ ଆବେଦନ ସମ୍ପର୍କରେ ଶୁଣାଣି ହେବ।

ସୂଚନାଯୋଗ୍ୟ, ସଦର ଥାନା ଚାଉଳିଆ ଗ୍ରାମର ନନ୍ଦିନୀ ନାୟକ ନାମ୍ନୀ ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ପରେ ତାଙ୍କର ୮ ବର୍ଷର ଏକମାତ୍ର କନ୍ୟା ଡେଥ୍ ଇନସ୍ୟୁରାନ୍ସର ନୋମିନି ଭାବେ ବୀମାଟଙ୍କାର ଦାବିଦାର ପାଲଟିଥିଲେ। ପଲିସି ଫର୍ମରେ ଡାକ୍ତର ଖେଜୁରିଆଙ୍କ ଏକ କାଉଣ୍ଟର ସାଇନର ଆବଶ୍ୟକତା ଥିଲା। ଏଥିଲାଗି ସେ ପଲିସି ଏଜେଣ୍ଟ ବୈକୁଣ୍ଠନାଥ ସାହୁଙ୍କଠାରୁ ୧୧ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ମଙ୍ଗଳବାର ଲାଞ୍ଚ ଟଙ୍କା ଗ୍ରହଣ କରୁଥିବାବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ ଗିରଫ କରିଥିଲା। ଏହାପରେ ଡାକ୍ତର ଖେଜୁରିଆଙ୍କ ବାଲେଶ୍ୱର ଜିଲା ଔପଦା ଥାନା ଗଡ଼ାସାହିସ୍ଥିତ ପୈତୃକ ଘର, ମୟୂରଭଞ୍ଜ ଜିଲା ଯଶୀପୁରଠାରେ ଶିକ୍ଷୟିତ୍ରୀ ସ୍ତ୍ରୀ ରହୁଥିବା ଘରେ ଏବଂ ଢେଙ୍କାନାଳ ସହର ରଥଗଡ଼ାସ୍ଥିତ ଭଡ଼ାଘରେ ଚଢ଼ାଉ କରାଯାଇଥିଲା।


ଡାକ୍ତର ଅରବିନ୍ଦ ଖେଜୁରିଆଙ୍କୁ କୋର୍ଟ ଚାଲାଣ କରାଯାଉଛି।

## ରସିକିଆ ଡାକ୍ତରଙ୍କ ଆଲବମ୍ ନିଶା

ପେସାରେ ଡାକ୍ତର। ହେଲେ ନିଶା ଥିଲା ଆଲ୍‌ବମରେ ଅଭିନୟ। ଏଥିପାଇଁ ସେ ଖର୍ଚ୍ଚ କରୁଥିଲେ ବିପୁଳ ଟଙ୍କା। ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଧରାପଡ଼ିବା ପରେ ଡାକ୍ତର ଉମାକାନ୍ତ ଖେଜୁରିଆଙ୍କ ଏଭଳି ରସିକିଆ ରୂପ ପଦାକୁ ଆସିଛି। ଡାକ୍ତର ଖେଜୁରିଆ ବିଭିନ୍ନ ଓଡ଼ିଆ ଆଲବମ୍ ଶୁଟିଂ କରି ଏହାକୁ ସୋସିଆଲ୍ ମିଡିଆରେ ଅପ୍‌ଲୋଡ୍ କରୁଥିଲେ। ଲଭର-୪୨୦, ଜିରୋ ଫିଗରବାଲି, କୁତୁକୁତିଆ ପ୍ରେମ ଭଳି ଅନେକ ଆଲ୍‌ବମରେ ସେ ଅଭିନୟ କରିଛନ୍ତି। ଏହା ଜଣାପଡ଼ିବା ପରେ ଭିଜିଲାନ୍ସ ପକ୍ଷରୁ ତାଙ୍କ ଫୋନ୍ ଜବତ କରାଯାଇଛି। ଆଲ୍‌ବମ୍ ପ୍ରସ୍ତୁତିରେ କେତେ ଟଙ୍କା ଖର୍ଚ୍ଚ ହୋଇଛି, ଏଥିରେ ବିନିଯୋଗ କରାଯାଇଥିବା ଟଙ୍କା ସେ କେଉଁଠୁ ଆଣୁଥିଲେ, ଲାଞ୍ଚ ଟଙ୍କା ସହିତ ଏହାର କୌଣସି ଲିଙ୍କ୍ ଅଛି କି ନାହିଁ ସେ ସଂକ୍ରାନ୍ତରେ ଭିଜିଲାନ୍ସ ପକ୍ଷରୁ ଖୋଳତାଡ଼ ଜାରି ରହିଛି।


## ମନେ ପଡ଼ନ୍ତି

ଉନବିଂଶ (19th) ଶ୍ରାଦ୍ଧବାର୍ଷିକୀ



୰ସିପ୍ରା ଦାଶ
ଗ୍ରାମ: ବୀରରାମଚନ୍ଦ୍ରପୁର, ସାକ୍ଷିଗୋପାଳ, ଜି:- ପୁରୀ
ତିରୋଧାନ: ତା. ୨୨।୦୭।୨୦୦୩
ନିନା, ତୋର ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଆଦର୍ଶ, ସତ୍ୟବାଦିତା, କର୍ତ୍ତବ୍ୟପରାୟଣତା ଆମ୍ଭମାନଙ୍କୁ ଚିରକାଳ ଅନୁପ୍ରାଣିତ କରୁଥିବ। ତୋର ଅନୁପସ୍ଥିତି ଆମ୍ଭ ସମସ୍ତଙ୍କ ପାଇଁ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୋର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ବିନମ୍ର ପ୍ରାର୍ଥନା କରୁଛି।
-:ଶୋକସନ୍ତପ୍ତ:-
ସ୍ୱାମୀ- ମନୋଜ କୁମାର ଦାଶ ଓ ପରିବାରବର୍ଗ।
ଧ-୭୩୨୮୨

୧୦ମ ଶ୍ରାଦ୍ଧବାର୍ଷିକ



ସ୍ୱର୍ଗତ ଡାକ୍ତର କୈଳାସ ଚନ୍ଦ୍ର ମହାନ୍ତି
ତିରୋଧାନ: ୧୨।୦୭।୨୦୧୨
(ଶ୍ରାବଣ କୃଷ୍ଣପକ୍ଷ ନବମୀ ତିଥି)
ଗ୍ରାମ-ଜଳପୋକ, ଜିଲ୍ଲା-କେନ୍ଦ୍ରାପଡ଼ା
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପତ୍ନୀ-ଅନସୂୟା ମହାନ୍ତି,
ପୁଅ: ଜନ୍ମେଜୟ ମହାନ୍ତି, ବୋହୂ: କୃଷ୍ଣପ୍ରିୟା ମହାନ୍ତି, ପୁଅ: ମୃତ୍ୟୁଞ୍ଜୟ ମହାନ୍ତି, ମମତାଞ୍ଜଳି ମହାନ୍ତି, ନାତୁଣୀ: ଶାଶ୍ୱତୀ ମହାନ୍ତି ଏବଂ ପରିବାରବର୍ଗ।
ଧ-୧୦୫୧

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ବିକ୍ରମ କେଶରୀ ବରାଳ
ଆବିର୍ଭାବ- ୧୭ ଜୁନ୍ ୧୯୬୯
ତିରୋଧାନ- ୨୭ ଜୁଲାଇ ୨୦୦୮
ଭାଇ, ତୁମ କଥା ସବୁବେଳେ ମନେପଡୁଛି । ତୁମର ସ୍ୱର୍ଗବାସ ସୁଖମୟ ହେଉ, ଏହି କାମନା କରୁଅଛୁ ।
ତୁମର ଭଣଜା- ଶାଶ୍ୱତ, ଭଉଣୀ- ନିବେଦିତା
ଧ-୧୦୪୯

# କରୀନାଙ୍କ ପୂର୍ବାନୁମାନ



ମନରେ ପୁଳାଏ ଆଶା। ତାହା ପୁଣି କେମିତି ରହିବନି କହୁନାହାନ୍ତି? ଯେଉଁ ଫିଲ୍ମଟିର ଶୁଟିଂ ସମୟରେ ସେ ନିଜର ବେଷ୍ଟ ଦେବାକୁ ଚେଷ୍ଟା କରିଛନ୍ତି ତାହାର ସଫଳତାକୁ ନେଇ ଆଶା ବାନ୍ଧିବା କ'ଣ ଭୁଲ? ହଁ, ସେ ହେଲେ କରୀନା କପୁର। କଥା କ'ଣ କି ଆମିର ଖାଁ-କରୀନାଙ୍କୁ ନେଇ ନିର୍ମିତ 'ଲାଲ୍ ସିଂ ଚଡ୍ଢା' ଆସନ୍ତା ମାସ ୧୧ରେ ମୁକ୍ତିଲାଭ କରିବ। ତେଣୁ ଏ ନେଇ ବେଶ୍ ଉତ୍ସୁକ ଅଛନ୍ତି କରୀନା। ଏ ବିଷୟରେ କରୀନା କହନ୍ତି, 'ଏହି ଫିଲ୍ମଟିର କାହାଣୀ ବେଶ୍ ଦମଦାର। ତା'ସହ ଶୁଟିଂ ସମୟରେ ପ୍ରତିଟି ବିଷୟକୁ ବେଶ୍ ଗମ୍ଭୀରତାର ସହ ନେଇଥିଲେ ନିର୍ଦ୍ଦେଶକ ଅଦ୍ୱୈତ ଚନ୍ଦନ। ଏଥିରେ ମୋତେ ଯେଉଁ ଭୂମିକାଟି ମିଳିଛି ତାହାକୁ ଶତ ପ୍ରତିଶତ ସଫଳ କରିବାକୁ ଚେଷ୍ଟା କରିଛି। ବାକି ସବୁ ଦର୍ଶକଙ୍କ ଉପରେ ନିର୍ଭର କରେ। 'ଲାଲ୍ ସିଂ ଚଡ୍ଢା' ମୋ କ୍ୟାରିୟର ଅନ୍ୟତମ ହିଟ୍ ଫିଲ୍ମ ହେବ ବୋଲି ଆଶା ରଖିଛି। ଫିଲ୍ମଟିର ରିଲିଜ ଡେଟ୍ ଯେତିକି ପାଖେଇ ଆସୁଛି ମୋ ମନରେ ଆଗ୍ରହ ସେତିକି ବଢ଼ିବାରେ ଲାଗିଛି।' ତେବେ ଫିଲ୍ମଟି ବକ୍ସ ଅଫିସରେ କି କମାଲ କରୁଛି ତାହା ଅଗଷ୍ଟ ୧୧ ପରେ ହିଁ ଜଣାପଡିବ।

## ନୀରବତା ଅନ୍ତରାଳେ..

ସୈଫ୍ ତନୟା ସାରା ଅଲ୍ଲୀ ଖାଁ ଏବେ ଅଧିକାଂଶ ସମୟ ନୀରବ ରହୁଛନ୍ତି। ଅଯଥା କୌଣସି କଥାରେ ମନ୍ତବ୍ୟ ଦେବାକୁ ଚାହୁଁନାହାନ୍ତି। ହେଲେ ହଠାତ୍ ତାଙ୍କର ଏଭଳି ଅବତାର ପଛରେ ନିଶ୍ଚୟ ତ କିଛି କାରଣ ଥିବ। ତେବେ ଆସନ୍ତୁ ଜାଣିବା ତାହା କ'ଣ। ଏ ନେଇ ସାରା କହନ୍ତି, 'ବର୍ତ୍ତମାନ ମୁଁ ମୋ କ୍ୟାରିୟର ପ୍ରତି ବେଶ୍ ସଚେତନ। କେମିତି ଆକ୍ଟିଂରେ ଆହୁରି ସଫଳତା ଅର୍ଜନ କରିବି ସେ ନେଇ ଯୋଜନା କରିସାରିଛି। ମୋର ମାର୍ଗଦର୍ଶକ ମୋତେ କିଛି ମାସ ନୀରବତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଛନ୍ତି। ବାସ୍, ତାହାକୁ ମୁଁ ଜଷ୍ଟ ଫଲୋ କରୁଛି। ଏହା ପଛରେ ଆଉ ସେମିତି କିଛି କାରଣ ନାହିଁ।' ସାରା ଯେତେବେଳେ ମାର୍କେଟ ଯାଇଥାଆନ୍ତି ଗୋଟିଏ ଜିନିଷ କିଣିବାକୁ ପଛାଇ ନ ଥାନ୍ତି। ତାହା ହେଲା ମନଲାଖି ଡ୍ରେସ୍। ବେଳେବେଳେ ଏପରି ଡ୍ରେସ ଚଏସ କରିବାକୁ ସେ ଘଣ୍ଟା ଘଣ୍ଟା ଲଗାଇ ଦିଅନ୍ତି। ସାରା ନନ୍-ଭେଜ୍ ଖାଦ୍ୟ ଖାଇବାକୁ ପସନ୍ଦ କରିଥାଆନ୍ତି। ଏହାବ୍ୟତୀତ ଅବସର ସମୟରେ ଡ୍ୟାନ୍ସ କରିବା, ଦର୍ଶନୀୟ ସ୍ଥାନ ବୁଲିବା ସହ ବହି ପଢ଼ିବାକୁ ଖୁବ୍ ଭଲ ପାଆନ୍ତି। ତେବେ ଦେଖାଯାଉ, ସାରାଙ୍କ ନୀରବତା ତାଙ୍କର କ୍ୟାରିୟରକୁ କି ମାଇଲେଜ ଦେଉଛି।

### ଅପେରା ହାଲ୍‌ଚାଲ୍

## ସମ୍ପର୍କ ମିଛକୁ ସପନ ମିଛ

ସମ୍ପର୍କକୁ ଆଧାର କରି ତଥା ଏକ ଭିନ୍ନ ଧରଣର କାହାଣୀକୁ ନେଇ ପ୍ରସ୍ତୁତ ହୋଇଛି ଅପେରା ନାଟକ 'ସମ୍ପର୍କ ମିଛକୁ ସପନ ମିଛ' (ରଚନା-ସଚ୍ଚି ସ୍ୱାଇଁ, ନିର୍ଦ୍ଦେଶନା-ବୀରେନ୍ଦ୍ର ମଲ୍ଲିକ)। ଏଭଳି ଏକ ନାଟକକୁ ନେଇ ଏଥର ମଇଦାନକୁ ଓହ୍ଲାଉଛି ଚଳିତବର୍ଷ ନବଗଠିତ ହାଇବଜେଟ୍ ଅପେରା ପାର୍ଟି 'ଯାତ୍ରା ରାଜନନ୍ଦିନୀ'। ଷ୍ଟାର-ଷ୍ଟଡେଡ୍ ଏହି ପାର୍ଟି ଦ୍ୱାରା ଉକ୍ତ ନାଟକର ରିହରସାଲ ଭଦ୍ରକର ରାଣୀପୋଲଠାରେ ଚାଲୁ ରହିଛି। ଏହି ପାର୍ଟିର ଅନୁସନ୍ଧାନ ନାଟକଦ୍ୱୟ ('ଗୁପ୍ତ ସମ୍ପର୍କ' ଫେମ୍ ନବଘନ ରାଉଳଙ୍କ 'ସ୍କୁଲ ମାଷ୍ଟର' ଏବଂ ବଙ୍କିମ ସ୍ୱାଇଁଙ୍କ 'ମଲ୍ଲୀମାଳ ଶ୍ୟାମକୁ ଦେବି'ର ପ୍ରସ୍ତୁତି ଚାଲିଛି ବୋଲି ସୂଚନା ଦେଇଛନ୍ତି ପାର୍ଟିର ମୁଖ୍ୟ ପରିଚାଳକ ଭାନୁ ମିଶ୍ର। ଏ ସମ୍ପର୍କରେ ସେ କହନ୍ତି, 'ଯାତ୍ରା ରାଜନନ୍ଦିନୀ ଏଥର ଫୁଲ୍ ଜୋସ୍‌ରେ ମଇଦାନକୁ ଓହ୍ଲାଇବ। ଏହି ପାର୍ଟି ଆସନ୍ତା ସିଜନରେ ବାଜିମାତ କରିବ ବୋଲି ଦୃଢ଼ ବିଶ୍ୱାସ ରହିଛି।' ସ୍ମୃତି ରଞ୍ଜନ ପଲେଇଙ୍କ ପ୍ରଯୋଜନା ଏବଂ ସରୋଜ ସେନାପତିଙ୍କ ସହ ପ୍ରଯୋଜନାରେ ଉକ୍ତ ଅପେରା ପାର୍ଟିରେ କୈଳାସ ବେହେରା, ସୁର-ରଞ୍ଜି, ବୁଲୁ ବିଶ୍ୱାଳ, ଗୋପାଳ, ମାନସ, ସୁଦର୍ଶନ, ପ୍ରଭୁ, ଜିତ୍, କାର୍ତ୍ତିକ, ନୃସିଂହ, ବିନ୍ନି, ଟିକି, ବେବି, ମୀନା ଏବଂ ଜୟନ୍ତୀ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିବ।


ବିନ୍ନି

## ଖୋଜିଲା ଚିଜ ମିଳିଗଲା

ଗୋଟିଏ ବ୍ୟାନରରେ ବ୍ୟାକ୍-ଟୁ-ବ୍ୟାକ୍ ତିନୋଟି ସିନେମାରେ ନାୟିକା ସାଜିବେ ଭୂମି ପେଡେନକର। ତାଙ୍କ ଆକ୍ଟିଂ କ୍ୟାରିୟରରେ ଏପରି ଶୁଭ ଘଟଣା ଘଟିବ ବୋଲି ସେ କେବେ କଳ୍ପନା କରି ନ ଥିଲେ। ଏପରି ହ୍ୟାଟ୍ରିକ୍ ଚାନ୍ସ ସମ୍ପର୍କରେ ଭୂମି କହନ୍ତି, 'ଏହା ଏକ ନୂଆ ବ୍ୟାନର। କିନ୍ତୁ ଏଥିରେ ନିର୍ମିତ ହେବାକୁ ଯାଉଥିବା ତିନୋଟି ଫିଲ୍ମର କାହାଣୀ ଭିନ୍ନ ଭିନ୍ନ। ଗୋଟିଏ ସିନେମା ଲଭ୍‌ଷ୍ଟୋରି ଉପରେ ଆଧାରିତ। ଅନ୍ୟଟି ପାରିବାରିକ କାହାଣୀକୁ ନେଇ ପ୍ରସ୍ତୁତ କରାଯିବ। ଆଉ ତୃତୀୟ ଫିଲ୍ମରେ ଜଣେ ନାରୀ ନିଜ ପରିବାରକୁ ବଞ୍ଚାଇବା ଲାଗି କିପରି ନିଜ ଜୀବନକୁ ବାଜି ଲଗାଇ ଦେଉଛି ତାହା ଦେଖିବାକୁ ମିଳିବ। ଏହି କାହାଣୀଗୁଡ଼ିକ ମୋତେ ବେଶ୍ ପ୍ରଭାବିତ କରିଛି ଏବଂ ସେଗୁଡ଼ିକ ଦର୍ଶକଙ୍କ ମନକୁ ଛୁଇଁବ ବୋଲି ଆଶା ରଖିଛି। ତା'ସହ ସେଗୁଡ଼ିକରେ ମୋ ଭୂମିକା କୌଣସି ଗୁଣରେ ମଧ୍ୟ କମ୍ ନୁହେଁ। ତେଣୁ ପ୍ରଯୋଜକଙ୍କର ତିନୋଟି ଅଫରକୁ ଗ୍ରହଣ କରିଛି। ଏଗୁଡ଼ିକର ଶୁଟିଂ ମଧ୍ୟ ନିୟମିତ ସମୟ ଅନ୍ତରାଳରେ ହେବ।' ତେବେ ଏହି ଫିଲ୍ମଗୁଡ଼ିକ ଭୂମିଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


ଭୂମି

## ବଡ଼ ସୁଯୋଗକୁ ଅପେକ୍ଷା

'ଅଭିନୟ ଏକ ସହଜ କଥା ନୁହେଁ। ବର୍ତ୍ତମାନ ସୁଦ୍ଧା ମୋତେ ଯେତୋଟି ଅଫର ମିଳିଛି ସେଥିରେ ନିଜ ଦକ୍ଷତା ଦେଖାଇବାରେ ମୁଁ ଆଦୌ ଅବହେଳା କରିନାହିଁ। ବାସ୍, ଏକ ବଡ଼ ସୁଯୋଗ ଅପେକ୍ଷାରେ ଅଛି ବୋଲି କହନ୍ତି ପଲ୍ଲବୀ।' ଓଡ଼ିଆ ଫିଲ୍ମ 'ତେଜସ୍ୱିନୀ'ରେ ଶିଶୁ କଳାକାର ଭାବରେ ତାଙ୍କୁ ଦେଖିବାକୁ ମିଳିଥିଲା। ଏହାର ସଫଳତା ପରେ ସେ ଆଉ ପଛକୁ ଫେରି ଚାହିଁ ନ ଥିଲେ। ବର୍ତ୍ତମାନ ସେ ଅଭିନୟ କରିଥିବା ଓଡ଼ିଆ ଚିତ୍ର 'ବାଏ ବାଏ ଦିଲ୍' ଖୁବ୍ ଶୀଘ୍ର ମୁକ୍ତିଲାଭ କରିବାକୁ ଯାଉଛି। ମଲ୍ଲାର ଏଣ୍ଟରଟେନମେଣ୍ଟ ବ୍ୟାନରରେ ପ୍ରସ୍ତୁତ ଏବଂ କୁନାଲ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ତାଙ୍କୁ ଅନ୍ୟତମ ଲିଡ୍ ରୋଲ୍‌ରେ ଦେଖିବାକୁ ମିଳିବ। ପଲ୍ଲବୀଙ୍କ ବ୍ୟତୀତ ଏଥିରେ ନାୟକ ଭୂମିକାରେ ରାଜ୍ ଏବଂ ଅନ୍ୟତମ ନାୟିକା ଭୂମିକାରେ ରୁଷିଆ ସୁନ୍ଦରୀ ସାସା, କୁନାଲ ପଟ୍ଟନାୟକ, ଜୀବନ ପଣ୍ଡା, ପ୍ରୀତିରାଜ ଅଭିନୟ କରିଛନ୍ତି। ବର୍ତ୍ତମାନ ଭୁବନେଶ୍ୱରସ୍ଥିତ କେନ୍ଦ୍ରୀୟ ବିଦ୍ୟାଳୟ-୫ରେ ଅଧ୍ୟୟନରତା ପଲ୍ଲବୀ ଗ୍ରାଜୁଏଶନ ପରେ ପୁଣେସ୍ଥିତ ନ୍ୟାଶନାଲ ସ୍କୁଲ ଅଫ୍ ଡ୍ରାମାରେ ଅଧ୍ୟୟନ କରିବାକୁ ଆଶା ରଖିଛନ୍ତି।


ପଲ୍ଲବୀ

## ଓମ୍ ଶ୍ରୀ ପ୍ରଜାପତୟେ ନମଃ

ନୂଆ ଓଡ଼ିଆ ସିନେମା 'ଓମ୍ ଶ୍ରୀ ପ୍ରଜାପତୟେ ନମଃ'ର ଶୁଟିଂ ବର୍ତ୍ତମାନ ରାଜ୍ୟର ବିଭିନ୍ନ ସ୍ଥାନରେ ଚାଲୁ ରହିଛି। ଓମ୍ ଫିଲ୍ମସ ବ୍ୟାନରରେ ଏହା ହେଉଛି ତୃତୀୟ ଚଳଚ୍ଚିତ୍ର। ଏହାର ପ୍ରଯୋଜନା କରିଛନ୍ତି ଶୁଭଲକ୍ଷ୍ମୀ ପଟ୍ଟନାୟକ। ଉମେଶ ପଟ୍ଟନାୟକଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ସୁନୀଲ। ଗୀତଗୁଡ଼ିକୁ ସ୍ୱରରେ ସଜାଇଛନ୍ତି ବୈଦନାଥ ଦାଶ। ବର୍ତ୍ତମାନର ଅନ୍ୟତମ ବ୍ୟସ୍ତ ଅଭିନେତା ସମ୍ବିତ ଫିଲ୍ମର ନାୟକ ସାଜିଥିବା ବେଳେ ତାଙ୍କ ସହ ସ୍କ୍ରିନ୍ ଶେୟାର କରିଛନ୍ତି 'ଆସ୍ତିକ ନାସ୍ତିକ'ର ନାୟିକା କୁକିଜ୍। ଏମାନଙ୍କ ବ୍ୟତୀତ ଅସିତ ପତି, ପିଣ୍ଟୁ ନନ୍ଦ, ରାଜୀବ ମହାନ୍ତି, ତୃପ୍ତି ସିହ୍ନା, ଲୋପାମୁଦ୍ରା ଏବଂ ତାପସ ପାଢ଼ୀ ପ୍ରମୁଖ କଳାକାର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ଏହାର ଚିତ୍ରନାଟ୍ୟ ରଚନା ସହ ନିର୍ଦ୍ଦେଶନା ଦେଇଛନ୍ତି ସଞ୍ଜୀବ ଦ୍ୱିବେଦୀ। ଏହା ପୂର୍ବରୁ ସଞ୍ଜୀବ ଓଡ଼ିଆ ସିନେମା 'ସାଥୀ ତୁ ସାତ ଜନମର' ବ୍ୟତୀତ ୨୦ଟି ସାନ୍ତାଳୀ ଏବଂ ଭୋଜପୁରୀ ଫିଲ୍ମର ନିର୍ଦ୍ଦେଶନା ଦେଇସାରିଛନ୍ତି।

ସମ୍ବିତ-କୁକିଜ୍


## ଏବେ ବି ମନେ ପଡ଼େ 'ବାଗୀ'

ଦିଶା


ଟାଇଗର ଶ୍ରଫଙ୍କ ଅଭିନୀତ 'ବାଗୀ' ହିଟ୍ ଫିଲ୍ମ ଭାବରେ ସାବ୍ୟସ୍ତ ହୋଇଥିଲା। କିନ୍ତୁ ଏହାର କାଷ୍ଟିଂ ସମୟର ଘଟଣାକୁ ଏ ପର୍ଯ୍ୟନ୍ତ ଭୁଲି ପାରୁନାହାନ୍ତି ଦିଶା ପଟାନି। ଏହି ଫିଲ୍ମରେ ଟାଇଗରଙ୍କ ଅପୋଜିଟ୍‌ରେ କିଏ ନାୟିକା ସାଜିବ ସେ ନେଇ ଟିକେ ଅଡୁଆରେ ପଡିଥିଲେ ନିର୍ଦ୍ଦେଶକ ସବୀର ଖାଁ। ହେଲେ ହଠାତ୍ ଦିଶା ପଟାନିଙ୍କ ନାମ ତାଙ୍କ ମନକୁ ଆସିଥିଲା। ବିଳମ୍ବ ନ କରି ତାଙ୍କ ସହ ସେ ଯୋଗାଯୋଗ କରିଥିଲେ। ଏହି ଫିଲ୍ମ ବିଷୟରେ ସବୁ କିଛି ଜାଣିବା ପରେ ଦିଶା ଏଥିରେ ଅଭିନୟ କରିବେ ବୋଲି ରାଜି ମଧ୍ୟ ହୋଇଥିଲେ। କିନ୍ତୁ ରାତାରାତି ଚକ ଏମିତି ଓଲଟି ଗଲା ଯେ ଦେଖିଲା ବେଳକୁ ଦିଶା ଆଉଟ୍ ଆଉ ଶ୍ରଦ୍ଧା କପୁର ଇନ୍। ଏ ସମ୍ପର୍କରେ ଦିଶା କହନ୍ତି, ' ଏ ପର୍ଯ୍ୟନ୍ତ ମୁଁ ବି ଜାଣିପାରୁନି ମୋତେ କାହିଁକି କାଷ୍ଟିଂରୁ ଆଉଟ୍ କରାଗଲା। ଏ ନେଇ ମୁଁ ଯେତେବେଳେ ପ୍ରଯୋଜନା ସଂସ୍ଥାକୁ ପଚାରିଲି ସେମାନେ ଉତ୍ତର ଦେଲେ ଯେ କାହାଣୀରେ ପରିବର୍ତ୍ତନ ହେବା ପରେ ଏହାର ନାୟିକା ଭୂମିକାରେ ଶ୍ରଦ୍ଧାଙ୍କୁ ନିଆଯାଇଥିଲା। ଯଦି ମୁଁ ସେଥିରେ ଆକ୍ଟିଂ କରିବାର ସୁଯୋଗ ପାଇଥାଆନ୍ତି ତେବେ ଆହୁରି ଖୁସି ହୋଇଥାଆନ୍ତି। ସେ ନେଇ ମୁଁ ଅନୁଶୋଚନା ନାହିଁ। ଏବେ ନିଜ କ୍ୟାରିୟର ପ୍ରତି ଅଧିକ ଧ୍ୟାନ ଦେଉଛି।'

## ସ୍ପେଶାଲ ସଜବାଜ

ଥରେ ମନେପକାନ୍ତୁ ନା ଓଡ଼ିଆ ଚଳଚ୍ଚିତ୍ର 'ଯୋଗୀ'କୁ। ଏହାର ନିର୍ଦ୍ଦେଶକ ଇତି ମଧ୍ୟରେ ବେଶ୍ କେତୋଟି ଫିଲ୍ମର ନିର୍ଦ୍ଦେଶନା ଦେଇସାରିଲେଣି। ହେଲେ ଏବେ ସେ ସ୍ପେଶାଲ ସଜଜବାଜ ହେଉଛନ୍ତି। କାରଣ କ'ଣ ଜାଣିବେନି? ତା' ପୂର୍ବରୁ ସେହି ନିର୍ଦ୍ଦେଶକ ଜଣଙ୍କ କିଏ ତାହା ସୂଚାଇ ଦେବା ଠିକ୍ ହେବ। ସେ ହେଲେ ନିରଞ୍ଜନ ବେହେରା। ବର୍ତ୍ତମାନ ଏକ ଭିନ୍ନ ଧରଣର ଲଭ୍ ଷ୍ଟୋରିକୁ ଆଧାର କରି ଏକ ସିନେମା ନିର୍ମାଣ କରିବାକୁ ଯାଉଛନ୍ତି ସେ। ଏ ସମ୍ପର୍କରେ ନିରଞ୍ଜନ କହନ୍ତି, 'ଏବେ ଟିନ୍ ଏଜ୍ ପ୍ରେମ କାହାଣୀର ଚାହିଦା ରହିଛି। କାରଣ ଯୁବପିଢ଼ିଙ୍କର ସିନେମା ପ୍ରତି ଅଧିକ ଆକର୍ଷଣ ଅଛି। ତେଣୁ ସେହିପରି ଏକ ଦମଦାର କାହାଣୀଟିଏ ପାଇବା ପରେ ତାହାକୁ ଆଧାର କରି ସିନେମାଟିଏ ନିର୍ମାଣ କରିବାକୁ ଅଣ୍ଟା ଭିଡିଛି। ଆଶା ରଖିଛି ଏହି ଫିଲ୍ମଟି ସବୁ ବର୍ଗର ଦର୍ଶକଙ୍କ ମନକୁ ଛୁଇଁ ପାରିବ।' ଏହାପୂର୍ବରୁ ନିରଞ୍ଜନ 'ଆଣ୍ଟି ନମସ୍କାର', 'ପ୍ରେମ ପାଇଁ ମହାଭାରତ', 'ହୀରୋ ନଂ ଜିରୋ', 'ପ୍ରେମଲୀଳା', 'ଫ୍ଲପ୍ ସିନେମା', 'ପ୍ରଥମ ପ୍ରେମ', 'ପ୍ରେମ ପାଇଁ କିଛି ବି' ଏବଂ ଜି ସାର୍ଥକ ପରିବାର ପୁରସ୍କାର ପାଇଥିବା 'ସାହାଣୀ ଘରର କାହାଣୀ'ର ନିର୍ଦ୍ଦେଶନା ଦେଇସାରିଛନ୍ତି।


ନିରଞ୍ଜନ






ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍‌ର ଉଦ୍‌ଯାପନୀ ଉତ୍ସବରେ ବାମରୁ କର୍ନାଟକ ସ୍ପୋର୍ଟ୍ସ ଏକାଡେମୀ ସଭାପତି ଗୋପାଲ ହୋସୁର, ଉଚ୍ଚଶିକ୍ଷା ମନ୍ତ୍ରୀ ରୋହିତ ପୂଜାରୀ, ବଲିଉଡ୍ ଅଭିନେତା ଆର୍. ମାଧବନ, କ୍ରୀଡ଼ା ଓ ଯୁବ ବ୍ୟାପାର ସଚିବ ଏବଂ କମିଶନର ଆର୍. ଭିନିଲ କ୍ରିଷ୍ଣା। ଟ୍ରଫି ସହ ଚାମ୍ପିୟନ କର୍ନାଟକ ଦଳ।

# ୧୫ ପଦକ ସହିତ ଭାରତ ପ୍ରଥମ

**ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍**

ଚାଙ୍ଗଓନ୍,୨୦।୭(ପି.ଟି)

କୋରିଆର ଚାଙ୍ଗଓନ୍‌ରେ ଖେଳାଯାଉଥିବା ଆଇଏସ୍‌ଏସ୍‌ଏଫ୍ ଶୁଟିଂ ବିଶ୍ୱକପ୍ ସମାପ୍ତ ହୋଇଛି। ମୋଟ୍ ୧୫ ପଦକ ହାସଲ କରି ଭାରତ ପ୍ରଥମ ସ୍ଥାନରେ ରହି ନିଜର ଅଭିଯାନ ଶେଷ କରିଛି। ଏହା ମଧ୍ୟରେ ୫ ସ୍ୱର୍ଣ୍ଣ, ୬ ରୌପ୍ୟ ଓ ୪ ବ୍ରୋଞ୍ଜ ସାମିଲ ରହିଛି। ପ୍ରତିଯୋଗିତାର ଅନ୍ତିମ ଦିନରେ ୨୫ ମିଟର ରାପିଡ୍ ଫାୟାର ପିସ୍ତଲ ଇଭେଣ୍ଟରେ ଭାରତୀୟ ପୁରୁଷ ଦଳ ରୌପ୍ୟ ହାସଲ କରିଥିଲା। ଅନିଶ ଭନୱାଲା, ବିଜୟବୀର ସିଦ୍ଧୁ ଓ ସମୀରଙ୍କ ଦଳ ଆରମ୍ଭରୁ ୧୦-୨ର ଅଗ୍ରଣୀ ହାସଲ କରିଥିଲା। ମାତ୍ର ଅଭିଜ୍ଞ ଚେକ୍ ରିପବ୍ଲିକ୍ ଦଳ ଶେଷରେ ୧୭-୧୫ ବ୍ୟବଧାନରେ ଜିତି ନେଇଥିଲା। ସ୍କିଟ୍‌ରେ ଭାରତୀୟ ମିକ୍ସଡ ଟିମ୍ ମୈରାଜ ଅହମ୍ମଦ୍ ଖାନ୍ ଓ ମୁଫାଦ୍ଦାଲ ଦିସାୱାଲା ନବମ ସ୍ଥାନରେ ରହିଥିଲେ। ୨୦୧୯ରେ ଭାରତ ସମସ୍ତ ୫ଟିଯାକ ଶୁଟିଂ ବିଶ୍ୱକପ୍‌ରେ ବିଜୟୀ ହୋଇଥିବା ବେଳେ ୨୦୨୧ରେ ଅନୁଷ୍ଠିତ ଗୋଟିଏ ଇଭେଣ୍ଟକୁ ମଧ୍ୟ ଭାରତୀୟ ଦଳ ଜିତି ନେଇଥିଲା। କାଇରୋରେ ଅନୁଷ୍ଠିତ ୨୦୨୨ର ପ୍ରଥମ ବିଶ୍ୱକପ୍‌କୁ ଭାରତୀୟ ଦଳ ଜିତିଥିବା ବେଳେ ଆସନ୍ତା ଅକ୍ଟୋବରରେ ସମାନ ଭେନ୍ୟୁରେ ଖେଳାଯିବ ବିଶ୍ୱ ଚାମ୍ପିୟନଶିପ୍।

# ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ଉଦ୍‌ଯାପିତ

**୬୨୩ ପଏଣ୍ଟ ସହ କର୍ନାଟକ ଦଳଗତ ଚାମ୍ପିୟନ**

**ୱାଟର ପୋଲୋ ବାଳିକାରେ କେରଳ, ବାଳକରେ ବେଙ୍ଗଲ ଚାମ୍ପିୟନ**

ଭୁବନେଶ୍ୱର, ୨୦।୭ (କ୍ରୀଡ଼ା ପ୍ରତିନିଧି)

କଳିଙ୍ଗ ଷ୍ଟାଡିୟମର ବିଜୁ ପଟ୍ଟନାୟକ ସୁଇମିଂ ପୁଲ୍‌ରେ ୪୮ତମ ଜାତୀୟ ଜୁନିୟର ଆକ୍ୱାଟିକ୍ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ଏଥିରେ କର୍ନାଟକ ୩୮ ସ୍ୱର୍ଣ୍ଣ, ୨୪ ରୌପ୍ୟ ଓ ୧୬ ବ୍ରୋଞ୍ଜ ସମେତ ମୋଟ ୭୮ ପଦକ ଜିତି ଦଳଗତ ଚାମ୍ପିୟନ ହୋଇଛି। କର୍ନାଟକକୁ ମୋଟ ୬୨୩ ପଏଣ୍ଟ ମିଳିଛି। ଏହି ଦଳ ଗ୍ରୁପ୍-୧ ବାଳକ ବିଭାଗରେ ୧୨୦ ଓ ବାଳିକାରେ ୧୫୮ ପଏଣ୍ଟ ପାଇଛି। ସେହିପରି ଗ୍ରୁପ୍-୨ ବାଳକ ବିଭାଗରେ ୧୪୨ ଓ ବାଳିକାରେ ୨୦୩ ପଏଣ୍ଟ ହାସଲ କରି ପ୍ରଥମ ସ୍ଥାନ ଅଧିକାର କରିଛି। ୱାଟର ପୋଲୋର ବାଳକ ବିଭାଗରେ ବେଙ୍ଗଲ ଓ ବାଳିକାରେ କେରଳ ଚାମ୍ପିୟନ ହୋଇଛି। ପ୍ରତିଯୋଗିତାରେ ମୋଟ ୨୬ଟି ନୂଆ ମିଟ୍ ରେକର୍ଡ ସ୍ଥାପନ ହୋଇଛି।

ବାଳିକା ବିଭାଗ ଗ୍ରୁପ୍-୧ରେ ମହାରାଷ୍ଟ୍ରର ଅପେକ୍ଷା ଫର୍ନାଣ୍ଡିଜ୍ (୫ ସ୍ୱର୍ଣ୍ଣ) ଓ ଗ୍ରୁପ୍-୨ରେ ହର୍ଷିକା ରାମଚନ୍ଦ୍ର (୪ ସ୍ୱର୍ଣ୍ଣ, ୧ ରୌପ୍ୟ) ଶ୍ରେଷ୍ଠ ସନ୍ତରଣକାରୀ ବିବେଚିତ ହୋଇଛନ୍ତି। ସେହିପରି ବାଳକ ବିଭାଗ କାଟେଗୋରି-୧ରେ କର୍ନାଟକର ଉତ୍କର୍ଷ ପାଟିଲ (୩ ସ୍ୱର୍ଣ୍ଣ, ୧ ରୌପ୍ୟ) ଓ ଗୁଜରାଟର ଦେବାଂଶ ପାର୍ମର (୩ ସ୍ୱର୍ଣ୍ଣ, ୧ ରୌପ୍ୟ) ଏବଂ ଗ୍ରୁପ୍-୨ରେ କର୍ନାଟକର ଆର.ନବନୀତ ଗୌଡ଼ା (୫ ସ୍ୱର୍ଣ୍ଣ) ଶ୍ରେଷ୍ଠ ସନ୍ତରଣକାରୀ ପୁରସ୍କାର ପାଇଛନ୍ତି।

କର୍ନାଟକ ବାଳକ ବିଭାଗରେ ୧୬ ସ୍ୱର୍ଣ୍ଣ, ୭ ରୌପ୍ୟ ଓ ୫ ବ୍ରୋଞ୍ଜ ପଦକ ଜିତିଥିବାବେଳେ ବାଳିକାରେ ୨୨ ସ୍ୱର୍ଣ୍ଣ, ୧୭ ରୌପ୍ୟ ଓ ୧୧ ବ୍ରୋଞ୍ଜ ପଦକ ହାସଲ କରିଛି। ମହାରାଷ୍ଟ୍ର ୧୫ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୧୫ ବ୍ରୋଞ୍ଜ ସମେତ ୪୨ ପଦକ ପାଇ ଦ୍ୱିତୀୟ ଓ ତେଲଙ୍ଗାନା ୭ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୬ ବ୍ରୋଞ୍ଜ ପଦକ ସହ ୧୭ ପଦକ ପାଇ ତୃତୀୟ ସ୍ଥାନ ଅଧିକାର କରିଛି। ଅନ୍ୟ ଦଳଗୁଡ଼ିକ ମଧ୍ୟରେ ଆସାମ (୪-୯-୪), ଗୁଜରାଟ (୩-୫-୨), ତାମିଲନାଡୁ (୨-୧୦-୧୩), ଦିଲ୍ଲୀ (୨-୪-୭), ବେଙ୍ଗଲ (୨-୩-୭), ପଞ୍ଜାବ (୨-୨-୨) ଓ ହରିୟାଣା (୨-୧-୨) ଟପ୍-୧୦ ଫିନିଶ୍ କରି ପଛକୁ ପଛ ରହିଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ମୁଖ୍ୟ ଅତିଥି ଏବଂ ଚଳଚ୍ଚିତ୍ର ଅଭିନେତା ଆର. ମାଧବନ, ରାଜ୍ୟ କ୍ରୀଡ଼ା ବିଭାଗର ସଚିବ ଓ କମିଶନର ଆର. ଭିନିଲ କ୍ରିଷ୍ଣା, କେଏସ୍‌ଏ ସଭାପତି ଗୋପାଲ ହୋସୁର, ସୁଇମିଂ ଫେଡେରେଶନ ଅଫ୍ ଇଣ୍ଡିଆର ମହାସଚିବ ମୋନାଲ ଚୋକ୍‌ସି, ଟିଓଏସ୍‌ଏସ୍‌ଏ କାର୍ଯ୍ୟକାରୀ ସଭାପତି ସୋମା ମିଶ୍ର ଓ ସାଧାରଣ ସମ୍ପାଦକ ଗୋଲାପ ମହନ୍ତ ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

# ଫାଓ ଲିଗ୍: କିଶୋର କ୍ଲବ ବିଜୟୀ



ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ଲିଗ୍‌ରେ ବୁଧବାର କିଶୋର କ୍ଲବ ଓ ଆଜାଦ ହିନ୍ଦ୍ କ୍ଲବ ମଧ୍ୟରେ ଅନୁଷ୍ଠିତ ମ୍ୟାଚ।

ଭୁବନେଶ୍ୱର, ୨୦।୭ (କ୍ରୀଡ଼ା ପ୍ରତିନିଧି)

ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ଆନୁକୂଲ୍ୟରେ କଟକ ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫୁଟବଲ ଲିଗ୍‌ର ବୁଧବାର ଅନୁଷ୍ଠିତ ମ୍ୟାଚରେ କିଶୋର କ୍ଲବ ବିଜୟ ହାସଲ କରିଛି। ଅବଦୁଲ ରଜାକ ସିଲିକିଙ୍କ ଡବଲ ଗୋଲ ବଳରେ କିଶୋର କ୍ଲବ ୪-୨ ଗୋଲରେ ଆଜାଦ ହିନ୍ଦ କ୍ଲବକୁ ପରାସ୍ତ କରିଛି। ସିଲିକି ୩୨ ଓ ୫୮ତମ ମିନିଟରେ ଗୋଲ ଦୁଇଟି ଦେଇଥିଲେ। କିଶୋର କ୍ଲବ ପକ୍ଷରୁ ଅନ୍ୟ ୨ଟି ଗୋଲ ଅନୁରାଗ ସାହୁ ୨୨ ଏବଂ ବିବେକ ବାଗ ୭୧ତମ ମିନିଟରେ ଦେଇଥିଲେ। ଆଜାଦ ହିନ୍ଦ କ୍ଲବର ଭାବଗ୍ରାହୀ କୁମୁରା ୭ମ ଏବଂ ଘନଶ୍ୟାମ ଶ' ୪୭ତମ ମିନିଟରେ ଗୋଲ ସ୍କୋର କରିଥିଲେ। ଆଶର୍ବାଦ କାନୁନ୍‌ଗୋ, ଅରୁଣ ନାୟକ, ଉତ୍କମଣୀ ବେହେରା ଓ ଜ୍ୟୋତି ରଞ୍ଜନ ସ୍ୱାଇଁ ମ୍ୟାଚ ପରିଚାଳନା କରିଥିଲେ। ଦୁର୍ଗା ମାଧବ ନାୟକ ମ୍ୟାଚ କମିଶନର ଥିଲେ। ଗୁରୁବାର ରାଇଜିଂ ଷ୍ଟୁଡେଣ୍ଟ କ୍ଲବ ଏବଂ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ।

# ବୁମରାଙ୍କ ର୍‌ୟାଙ୍କ ଖସିଲା

**ଦୁବାଇ,୨୦।୭(ପି.ଟି):** ବୁଧବାର ଆଇସିସି ପକ୍ଷରୁ ଦିନିକିଆ ର୍‌ୟାଙ୍କିଙ୍ଗ ତାଲିକା ପ୍ରକାଶ ପାଇଥିବା ବେଳେ ଦ୍ୱିତୀୟ ସ୍ଥାନକୁ ଖସିଛନ୍ତି ଯଶପ୍ରୀତ ବୁମରା। ପ୍ରଥମ ଦିନିକିଆରେ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ ଦେଇଥିବା ବୁମରା ପିଠି ଯନ୍ତ୍ରଣା କାରଣରୁ ଅନ୍ତିମ ଦିନିକିଆରୁ ବାଦ୍ ପଡିଥିଲେ। ବାଦ୍ ପଡିବା କାରଣରୁ ପ୍ରଥମ ସ୍ଥାନରେ ଥିବା ବୁମରା ଗୋଟିଏ ସ୍ଥାନ ତଳକୁ ଖସି ଦ୍ୱିତୀୟରେ ରହିଛନ୍ତି। ୭୦୪ ପଏଣ୍ଟ ସହିତ ନ୍ୟୁଜିଲାଣ୍ଡର ଟ୍ରେଣ୍ଟ ବୋଲ୍ଟ ପ୍ରଥମ ସ୍ଥାନ ହାସଲ କରିଥିବା ବେଳେ ବୁମରା ୭୦୩ ପଏଣ୍ଟରେ ରହିଛନ୍ତି। ତେବେ ଏହି ସିରିଜରେ ଚମତ୍କାର ଅଲରାଉଣ୍ଡ ପ୍ରଦର୍ଶନ କରିଥିବା ହାର୍ଦ୍ଦିକ ପାଣ୍ଡ୍ୟା ଅଲରାଉଣ୍ଡର ର୍‌ୟାଙ୍କିଙ୍ଗରେ ୧୩ଟି ସ୍ଥାନ ଉପରକୁ ଉଠିଛନ୍ତି। ଅନ୍ତିମ ଦିନିକିଆରେ ଭାରତ ବିଜୟର କର୍ଣ୍ଣଧାର ରହିଥିବା ପାଣ୍ଡ୍ୟା (୭୧ ରନ୍ ଓ ୪ ଉଇକେଟ) ୧୩ଟି ସ୍ଥାନ ଉପରକୁ ଉଠି ୮ ନମ୍ବରରେ ପହଞ୍ଚିଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ଏହି ସିରିଜରେ ପାଣ୍ଡ୍ୟା ଉଭୟ ବ୍ୟାଟ ଓ ବଲରେ ଚମତ୍କାର ପ୍ରଦର୍ଶନ କରିଥିଲେ। ପାଣ୍ଡ୍ୟା ୧୦୦ ରନ୍ କରିବା ସହିତ ୬ଟି ଉଇକେଟ ମଧ୍ୟ ଅକ୍ତିଆର କରିଥିଲେ। ପାଣ୍ଡ୍ୟା ବ୍ୟାଟିଂ ତାଲିକାରେ ୮ ସ୍ଥାନର ପଦୋନ୍ନତି ସହିତ ୪୨ତମ ସ୍ଥାନରେ ରହିଛନ୍ତି। ଇଂଲଣ୍ଡ ସିରିଜରେ ୭ ଉଇକେଟ ଅକ୍ତିଆର କରିଥିବା ଭାରତୀୟ ସ୍ପିନର ଯୁଜବେନ୍ଦ୍ର ଚହଲ ୪ଟି ସ୍ଥାନ ଉପରକୁ ଉଠି ୧୬ଶ ସ୍ଥାନରେ ରହିଛନ୍ତି।

ବ୍ୟାଟ୍ସମ୍ୟାନଙ୍କ ମଧ୍ୟରେ ପାକିସ୍ତାନର ବାବର ଆଜମ୍ ପୂର୍ବପରି ପ୍ରଥମ ସ୍ଥାନ ବଜାୟ ରଖିଛନ୍ତି। ବିରାଟ କୋହଲି(୪), ରୋହିତ ଶର୍ମା(୫) ଓ କ୍ୱିଣ୍ଟନ୍ ଡିକକ୍(୬)ଗୋଟିଏ ଲେଖାଏ ସ୍ଥାନ ତଳକୁ ଖସିଛନ୍ତି।

# ଓଡ଼ିଶା ପ୍ରତିଯୋଗୀଙ୍କୁ ଦୁଇ ପଦକ

**ଏସିଆନ୍ ବଡି ବିଲ୍‌ଡିଂ**

ଭୁବନେଶ୍ୱର, ୨୦।୭ (କ୍ରୀଡ଼ା ପ୍ରତିନିଧି)



କର୍ମକର୍ତ୍ତାଙ୍କ ଗହଣରେ ପଦକ ବିଜେତା ବଡିବିଲ୍ଡର।

୫୪ତମ ଏସିଆନ୍ ବଡି ବିଲ୍‌ଡିଂ ଚାମ୍ପିୟନଶିପ୍‌ରେ ଓଡ଼ିଶା ପ୍ରତିଯୋଗୀ ହାସଲ କରିଛନ୍ତି ଦୁଇ ପଦକ। ତରୁଣ କୁମାର ଚାଟାର୍ଜୀ ସ୍ୱର୍ଣ୍ଣ ଓ ବିଚିତ୍ର ନାୟକ ରୌପ୍ୟ ପଦକ ହାସଲ କରିଛନ୍ତି। ମାଲଡେଭିସ୍‌ରେ ଗତ ୧୫ ତାରିଖରୁ ଏହି ୭ ଦିନିଆ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଇଣ୍ଡିଆନ୍ ବଡି ବିଲ୍‌ଡିଙ୍ଗ୍ ଫେଡେରେଶନ ପକ୍ଷରୁ ଓଡ଼ିଶାର ଏକ ୫ ଜଣିଆ ଦଳ ପଠାଯାଇଥିଲା। ଏହି ଦଳରେ ୬୦ ବର୍ଷରୁ ଊର୍ଦ୍ଧ୍ୱ ବର୍ଗରେ ତରୁଣ କୁମାର ଚାଟାର୍ଜୀ ସ୍ୱର୍ଣ୍ଣ ପଦକ ହାସଲ କରି ୬୫ କିଗ୍ରା ଓଜନ ବର୍ଗରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ରାଜ୍ୟ ସୁନ୍ଦର ସ୍ୱାସ୍ଥ୍ୟ ସଂଘର ସଭାନେତ୍ରୀ ସୁମିତ୍ରା ତ୍ରିପାଠୀ ଏବଂ କାର୍ଯ୍ୟକାରୀ ଉପସଭାପତି ବାବୁଲି ଚରଣ ସ୍ୱାଇଁ ବିଚାରକ ଭାବେ ଯୋଗଦେଇଥିଲେ। ଉଭୟ ତରୁଣ ଓ ବିଚିତ୍ର ଦୀର୍ଘଦିନ ହେବ ଜାତୀୟସ୍ତରର ପ୍ରତିଯୋଗିତାରେ ଅଂଶଗ୍ରହଣ କରୁଥିବା ବେଳେ ପ୍ରଥମଥର ପାଇଁ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଯୋଗଦେଇଛନ୍ତି। ଏହି ସଫଳତା ପାଇଁ ସୁମିତ୍ରା ତ୍ରିପାଠୀ, ମୁଖ୍ୟ ଉପଦେଷ୍ଟା ମାନସରଞ୍ଜନ ମହାପାତ୍ର ଏବଂ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର ଧନ୍ୟବାଦ ଜଣାଇଛନ୍ତି।

# ଆଥ୍‌ଲେଟଙ୍କୁ ସଫଳତାର ମନ୍ତ୍ର ଦେଲେ ମୋଦି

**ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨**

ନୂଆଦିଲ୍ଲୀ,୨୦।୭(ପି.ଟି)




ରାଜ୍ୟଗୋଷ୍ଠୀ କ୍ରୀଡ଼ା ୨୦୨୨ ପୂର୍ବରୁ ଆଥ୍‌ଲେଟମାନଙ୍କ ସହିତ କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ଭିଡିଓ କନଫରେନ୍ସ ଜରିଆରେ ମୋଦି ଆଥ୍‌ଲେଟମାନଙ୍କ ସହିତ ଆଲୋଚନା କରିବା ସହିତ ସଫଳତାର ମନ୍ତ୍ର ପ୍ରଦାନ କରିଛନ୍ତି। ବର୍ମିଂହାମରେ ହେବାକୁ ଥିବା ଏହି ରାଜ୍ୟଗୋଷ୍ଠୀ କ୍ରୀଡ଼ା ପୂର୍ବରୁ ବୁଧବାର ମୋଦି ସମସ୍ତ ଖେଳାଳିଙ୍କ ସହିତ ଆଲୋଚନା କରିଥିଲେ। 'ଖୁଁ ପଡେ ହୋ ଚକ୍କର ମେଁ କୋଇ ନେହିଁ ହେ ଟକ୍କର ମେ' ନିଜ ବିପକ୍ଷ ଖେଳାଳିଙ୍କୁ ଭେଟିବା ପୂର୍ବରୁ ସର୍ବଦା ଏହି ମନ୍ତ୍ର ଉପରେ ଧ୍ୟାନ ଦେବାକୁ ମୋଦି ପରାମର୍ଶ ଦେଇଥିଲେ। ଏହା ସହିତ ସମସ୍ତ ଖେଳାଳିଙ୍କ ସଫଳତା କାମନା କରିଥିଲେ ପ୍ରଧାନମନ୍ତ୍ରୀ ମୋଦି।

ବର୍ତ୍ତମାନ ସମୟ ଭାରତୀୟ କ୍ରୀଡ଼ା ଇତିହାସରେ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ଏହି ସମୟରେ ଆପଣମାନେ ଦେଶ ପାଇଁ ପ୍ରଦର୍ଶନ କରିବାର ଯେଉଁ ସୁଯୋଗ ପାଇଛନ୍ତି ନିଶ୍ଚୟ ଗର୍ବ ଅନୁଭବ କରୁଥିବେ। ଆପଣମାନେ ସଫଳତାର ଶିଖରରେ ପହଞ୍ଚିବା ସହିତ ନୂତନ ଇତିହାସ ସୃଷ୍ଟି କରୁଛନ୍ତି। ବହୁ ଖେଳାଳି ଅନ୍ତର୍ଜାତୀୟ ସ୍ତରରେ ଅନେକ ରେକର୍ଡ କରିସାରିଛନ୍ତି। ତେବେ ପ୍ରଥମ ଥର ଯେଉଁ ଖେଳାଳିମାନେ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିବାକୁ ଯାଉଛନ୍ତି ମୁଁ ସେମାନଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି କହିଥିଲେ ମୋଦି। ୧୪୧ଟି କ୍ରୀଡ଼ା ଇଭେଣ୍ଟ ପାଇଁ ୨୧୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଥିବା ବେଳେ ଏଥି ମଧ୍ୟରୁ ୬୫ ଜଣ ପ୍ରଥମ ଥର ପାଇଁ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିବେ। ଏହି ଆଲୋଚନା ଅବସରରେ ପ୍ରଧାନମନ୍ତ୍ରୀ ମୋଦି ଅବିନାଶ ସାବଲେ, ଅଚିନ୍ତା ଶେଉଲି ଓ ତ୍ରିସା ଜୋଲିଙ୍କ ସହିତ ଆଲୋଚନା କରିଥିଲେ।

## ଡୋପ୍ ଟେଷ୍ଟରେ ବିଫଳ ଧନଲକ୍ଷ୍ମୀ ଓ ଐଶ୍ୱର୍ଯ୍ୟା



ଏସ୍. ଧନଲକ୍ଷ୍ମୀ ଓ ଐଶ୍ୱର୍ଯ୍ୟା ବାବୁ।

ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୨ ପୂର୍ବରୁ ଭାରତକୁ ବଡ ଝଟକା। ଡୋପ ଟେଷ୍ଟରେ ବିଫଳ ହୋଇଛନ୍ତି ଦୁଇ ଜଣ ଆଥଲେଟ। ସ୍ପ୍ରିଣ୍ଟର ଏସ୍. ଧନଲକ୍ଷ୍ମୀ ଏବଂ ଟ୍ରିପଲ୍ ଜମ୍ପର ଐଶ୍ୱର୍ଯ୍ୟା ବାବୁ ଡୋପ ଟେଷ୍ଟରେ ବିଫଳ ହୋଇଛନ୍ତି। ଫଳରେ ଏହି ଦୁଇ ଖେଳାଳି ରାଜ୍ୟ ଗୋଷ୍ଠୀ କ୍ରୀଡାରେ ଅଂଶଗ୍ରହଣ କରିପାରିବେ ନାହିଁ। ୱାଡାର ଆଥଲେଟିକ୍ସ ଇଣ୍ଟିଗ୍ରେସନ୍ ୟୁନିଟ୍(ଏଆଇୟୁ) ପକ୍ଷରୁ କରାଯାଇଥିବା ଡୋପ୍ ଟେଷ୍ଟରେ ଧନଲକ୍ଷ୍ମୀ ବିଫଳ ହୋଇଥିବା ଜଣାପଡିଛି। ଧନଲକ୍ଷ୍ମୀ ଭାରତ ପକ୍ଷରୁ ୧୦୦ ମିଟର ରେସ୍ ଏବଂ ୪ ଗୁଣା ୧୦୦ ମିଟର ରିଲେରେ ଅଂଶଗ୍ରହଣ କରିଥାନ୍ତେ। ୨୪ ବର୍ଷୀୟ ଧନଲକ୍ଷ୍ମୀ ରାଜ୍ୟଗୋଷ୍ଠୀ କ୍ରୀଡା ସହିତ ବିଶ୍ୱ ଆଥଲେଟିକ୍ସ ଚାମ୍ପିୟନଶିପ ଦଳରେ ମଧ୍ୟ ରହିଥିଲେ। ହେଲେ ଭିଜା ସମସ୍ୟା କାରଣରୁ ସେ ଅଂଶଗ୍ରହଣରେ ସମର୍ଥ ହୋଇ ନ ଥିଲେ। ସେହିପରି ନାଡା ପକ୍ଷରୁ ଐଶ୍ୱର୍ଯ୍ୟାଙ୍କ ନମୁନା ପରୀକ୍ଷଣ ପାଇଁ ନିଆଯାଇଥିଲା। ବିଗତ ମାସରେ ଚେନ୍ନାଇରେ ଅନୁଷ୍ଠିତ ଜାତୀୟ ଚାମ୍ପିୟନଶିପରେ ୧୪.୧୪ ମିଟର ଟ୍ରିପଲ ଜମ୍ପ ସହିତ ସେ ଜାତୀୟ ରେକର୍ଡ ପ୍ରତିଷ୍ଠା କରିଥିଲେ। ଏହି ଚାମ୍ପିୟନଶିପରେ ନିଆଯାଇଥିବା ନମୁନା ପଜିଟିଭ୍ ଆସିଥିବା ଜଣାପଡିଛି।

# ପାକିସ୍ତାନ ୧-୦ରେ ଆଗୁଆ

**ଗାଲେ,୨୦।୭:** ଶ୍ରୀଲଙ୍କା ବିପକ୍ଷ ଗାଲେ ଟେଷ୍ଟରେ ଅସମ୍ଭବକୁ ସମ୍ଭବ କରି ଦେଖାଇଛି ପାକିସ୍ତାନ। ଗାଲେ ପରି ସ୍ପିନ ସହାୟକ ପିଚ୍‌ରେ ଦଳ ଚତୁର୍ଥ ଇନିଂସରେ ୩୪୨ ରନ୍‌ର ପିଛା କରି ବିଜୟୀ ହୋଇଛି। ଅନ୍ତିମ ଦୁଇ ଦିନରେ ବିଜୟ ପାଇଁ ରନ୍‌ର ପାହାଡ ଆବଶ୍ୟକ ଥିବା ବେଳେ ଓପନର ଅବଦୁଲ୍ଲା ଶଫିକ୍‌ଙ୍କ ଅପରାଜିତ ଶତକ ବଳରେ ଦଳ ୬ ଉଇକେଟ ହରାଇ ଆବଶ୍ୟକ ରନ୍ ସଂଗ୍ରହ କରିବା ସହିତ ସିରିଜରେ ଆଗୁଆ ରହିଛି। ଶ୍ରୀଲଙ୍କା ୩ ଜଣ ସ୍ପେଶାଲିଷ୍ଟ ସ୍ପିନରଙ୍କୁ ନେଇ ଖେଳୁଥିବା ବେଳେ ଏକ ଧୈର୍ଯ୍ୟଭରା ମାରାଥନ ଇନିଂସ ଖେଳିଥିଲେ ଶଫିକ୍। ୪୦୮ ବଲ୍‌ର ଏହି ମାରାଥନ ଇନିଂସରେ ଶଫିକ୍ ୭ଟି ଚୌକା ଓ ଗୋଟିଏ ଛକା ସହିତ ୧୬୦ ରନରେ ଅପରାଜିତ ରହିଥିଲେ।

ଅନ୍ତିମ ଦିନରେ ପାକିସ୍ତାନକୁ ବିଜୟ ପାଇଁ ୧୨୦ ରନ ଆବଶ୍ୟକ ରହିଥିବା ବେଳେ ଶ୍ରୀଲଙ୍କାକୁ ଆବଶ୍ୟକ ରହିଥିଲା ୭ ଉଇକେଟ। ମହମ୍ମଦ ରିଜୱାନ ୪୦ ରନର ଗୁରୁତ୍ୱପୂର୍ଣ୍ଣ ଇନିଂସ ଖେଳି ଦଳକୁ ବିଜୟୀ କରାଇଥିଲେ। ଶ୍ରୀଲଙ୍କା ପକ୍ଷରୁ ପ୍ରଭାତ ଜୟସୁରିୟା ସର୍ବାଧିକ ୪ଟି ଉଇକେଟ ନେଇଥିଲେ। ଅବଦୁଲ୍ଲା ଶଫିକଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା।




1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

# ରୋଗୀଙ୍କୁ ଖଟିଆରେ ବୋହିଲେ ଆମ୍ବୁଲାନ୍ସ କର୍ମଚାରୀ

## ଗାଁକୁ ରାସ୍ତା ନ ଥିବାରୁ ୨ କି.ମି. ଦୂରରେ ଅଟକିଲା ଆମ୍ବୁଲାନ୍ସ

ନୟାଗଡ଼ ଅଫିସ,୨୦।୭

ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଚଢ଼େୟାପଲ୍ଲୀ ପଞ୍ଚାୟତର ମୁକ୍ତୁରୁବାଡ଼ି ଗାଁକୁ ରାସ୍ତା ନ ଥିବାରୁ ୨ କିମି ପର୍ଯ୍ୟନ୍ତ ରୋଗୀଙ୍କୁ ଖଟିଆରେ ଆଣି ଚର୍ଚ୍ଚାକୁ ଆସିଛନ୍ତି ଆମ୍ବୁଲାନ୍ସ କର୍ମଚାରୀ । ଏଥିପାଇଁ ଆମ୍ବୁଲାନ୍ସ ଡ୍ରାଇଭର ରାକେଶ ମହାନ୍ତି, ହେଲପର ରତ୍ନାକର ମହାନ୍ତି ଓ ଇଏମ୍‌ଟି ସୁଧାଂଶୁ ଶେଖର ଜାନୀଙ୍କୁ ସ୍ଥାନୀୟ ଲୋକେ ପ୍ରଶଂସା କରିଛନ୍ତି । ସୂଚନା ଅନୁଯାୟୀ, ମୁକ୍ତୁରୁବାଡ଼ି ଗାଁର କିଶୋର ଚନ୍ଦ୍ର କହଁରଙ୍କ ସ୍ତ୍ରୀ ସେବତୀ ଜ୍ୱରରେ ଆକ୍ରାନ୍ତ ହୋଇଥିଲେ ।

ଜ୍ୱର ଭଲ ହେବା ପରିବର୍ତ୍ତେ ବଢ଼ି ଥିଲା । ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସିବା ପାଇଁ ଆମ୍ବୁଲାନ୍ସ ପହଞ୍ଚିଥିଲା । ଗାଁକୁ ରାସ୍ତା ନ ଥିବାରୁ ୨ କିମି ଦୂର ଅରଣ୍ଡିଗଣ୍ଡାରେ ଆମ୍ବୁଲାନ୍ସ ଅଟକି ରହିଥିଲା । ଉପରୋକ୍ତ ୩ ଆମ୍ବୁଲାନ୍ସ କର୍ମଚାରୀ ଗାଁରେ ପହଞ୍ଚି ସେବତୀଙ୍କୁ ମଙ୍ଗଳବାର ଖଟିଆରେ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଆଣିଥିଲେ । ପରେ ଦଶପଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ ।


ରୋଗୀଙ୍କୁ ଖଟିଆରେ ବୋହି ଆଣୁଛନ୍ତି ଆମ୍ବୁଲାନ୍ସ କର୍ମଚାରୀ ।

# ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

ନୟାଗଡ଼ ଅଫିସ,୨୦।୭

ନୟାଗଡ଼ ଜିଲା ସଦର ଥାନା ଖଣ୍ଡଗାଁ ପଞ୍ଚାୟତ ଗୋଳାଗୋଳା ଉପରସାହିର ଅନିଲ ପ୍ରଧାନ (୭୦)ନାମକ ଜଣେ ବୃଦ୍ଧ ଡାହୁକା ନଦୀରେ ବୁଡି ପ୍ରାଣ ହରାଇଛନ୍ତି । ଅନୀଲ ବୁଧବାର ସକାଳେ ନଦୀକୁ ଗାଧେଇ ଯାଇଥିଲେ । ଗୋଡ଼ ଖସି ଯିବାରୁ ନଦୀ ସ୍ରୋତରେ ଭାସି ଯାଇଥିଲେ । ନୟାଗଡ଼ ଅଗ୍ନିଶମ ବାହିନୀ ମୃତଦେହ ଉଦ୍ଧାର କରିଥିଲା । ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା (ନଂ.୪/୨୨) ରୁଜୁ ହୋଇଛି ।

# ଅଟୋ ରିକ୍ସା ସହ ୧୬୦ ଲିଟର ମଦ ଜବତ

ନୟାଗଡ଼ ଅଫିସ,୨୦।୭

ଇଟାମାଟି ଥାନା ପୋଲିସ ଅଟୋରିକ୍ସା ସହ ୧୬୦ ଲିଟର ଦେଶୀ ମଦ ଜବତ କରିଛି । ଏହି ଘଟଣାରେ ୨ ମାମଲା ରୁଜୁ ହୋଇ ପୋଲିସ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ଇଟମାଟି ଦେଉଳସାହିର ପ୍ରଭାତ ସାହୁ(୩୦) ଓ ଇଟାମାଟିର ଚୈତନ୍ୟ ମହାନ୍ତି(୬୦), କାଳିଆ ବେହେରା(୨୮)ଙ୍କୁ ନୟାଗଡ଼ ସବ୍‌ଜେଲକୁ ପଠାଇ ଦିଆଯାଇଛି। ପ୍ରଭାତଙ୍କଠାରୁ ୪୦ ଲିଟର ଦେଶୀ ମଦ ଜବତ ହୋଇଥିଲା। ଚମ୍ପତିପୁରରୁ ପ୍ରଭାତଙ୍କୁ ଗିରଫ କରାଯାଇଯାଇଛି । ଏ ସଂକ୍ରାନ୍ତରେ ଏକ ମାମଲା(ନଂ.୧୫୭/୨୨) ରୁଜୁ ହୋଇଛି । ଅନ୍ୟପକ୍ଷେ ୧୫୮/୨୨ରେ ମାମଲା ରୁଜୁ କରାଯାଇ ମଜ୍ଜୁରିଆପଲ୍ଲୀଠାରୁ ଓଡି ୨୫ –୬୦୪୩ ନମ୍ବରର ଅଟୋରିକ୍ସା ସହ ୧୨୦ ଲିଟର ଦେଶୀ ମଦ ଜବତ ହୋଇଛି । ଏହି ଘଟଣାରେ ଚୈତନ୍ୟ ଓ କାଳିଆ ଗିରଫ ହୋଇଛନ୍ତି ।

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

ନଂ. ଏସ୍‌ଇସିଆର୍/ଆର୍/ଇଏନ୍‌ଜିଜି./ଟେଣ୍ଡର/ନୋଟିସ/୧ଟିଏସ୍/୧୦୭/ସିପିଆରଓ/୬୭ ତାରିଖ: ୧୬।୦୭।୨୦୨୨

**ବାତିଲକରଣ**

ଟେଣ୍ଡର ନୋଟିସ ନଂ. ଇ–ଆର୍–ଟି–୨୯–୨୨–୨୩ ମାଧ୍ୟମରେ ଜାରି ତଥା ତା୨୮।୦୭।୨୦୨୨ରିଖ ୧୧.୦୦ ଘଟିକାରେ ଖୋଲାଯିବା ପାଇଁ ଧାର୍ଯ୍ୟ "ବିଏମ୍‌ୱାଇ ଡିପୋଠାରେ ରେଳପଥର ସ୍ୱତନ୍ତ୍ର ଅନୁଯାୟୀ ରେଳପଥ ଜମି ବାହାରୁ ୨,୬୯,୦୩୫ ସିୟୁଏମ୍ ମେଶିନ କ୍ରସ୍ଡ ଟ୍ରାକ୍ ବାଲାଷ୍ଟର ଯୋଗାଣ, ଡେଲିଭରି ଏବଂ ଷ୍ଟାକିଂ ଓ ତାହାକୁ ରେଳ ୱାଗନରେ ବୋଝେଇ କରିବା ।" କାର୍ଯ୍ୟ ନିମନ୍ତେ ଟେଣ୍ଡର ଏତଦ୍ୱାରା ପ୍ରଶାସନିକ କାରଣବଶତଃ ବାତିଲ କରାଯାଉଛି ।

*ସିନିୟର ଡିଭିଜନାଲ ଇଞ୍ଜିନିୟର (ସିଓ.)*

PR/R/Engg/AN/74 ଦ.ପୂ.ମ.ରେ., ରାୟପୁର

South East Central Railway @secrail

**CENTRAL MINE PLANNING & DESIGN INSTITUTE LIMITED**
(A Subsidiary of Coal India Limited)
Gondwana Place, Kanke Road, Ranchi-834031, Jharkhand, India

**NOTICE**

"All the tenders issued by CIL and its Subsidiaries for procurement of Goods, Works and Services are available on websites of Coal India Ltd. **www.coalindia.in**/respective Subsidiary Company (CMPDI, **www.cmpdi.co.in**), CIL e-procurement portal **https://coalindiatenders.nic.in** and Central Public Procurement Portal **https://eprocure.gov.in.** In addition, procurement is also done through GeM Portal **https://gem.gov.in**"

**OFFICE OF THE REVENUE DIVISIONAL COMMISSIONER, NORTHERN DIVISION, ODISHA, SAMBALPUR**
e-Mail id- rdcsbp@nic.in

File No.XV9/2022 No.6416/Estt.(A) Dated :18.07.2022

**Advertisement for Engagement of Retired Govt. Servant**

Applications are invited from the willing retired ministerial Officers in proper format for re-engagement in the office of the RDC, (ND), Sambalpur as OSD against 04(four) numbers of vacant posts of Assistant Section Officers on contractual basis for a period of one year or till the vacancies are filled up, whichever is earlier. The application duly filled in may be sent to the O/o RDC, ND, Sambalpur by Regd/Speed Post only and should be reached on or before **10.08.2022 by 5.00 PM**. The application forms, details of terms and conditions, related Government guidelines etc. will be available at district website **www.sambalpur.nic.in till 10.08.2022.**

Sd/-
RDC, ND, Sambalpur

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଅଟକ

ଦିଗପହଣ୍ଡି,୨୦।୭(ଡି.ଏନ୍.ଏ.): ଦିଗପହଣ୍ଡି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ବୁଧବାର ଅଟକ ରଖିଛି। ଗତ ମେ ୨୧ ତାରିଖରେ ଯୁବକ ଜଣକ ନାବାଳିକାଙ୍କୁ ବିଭିନ୍ନ ସ୍ଥାନକୁ ବୁଲାଇବା ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏନେଇ ଥାନାରେ ଅଭିଯୋଗ ପରେ ନଂ. ୧୭୨/୨୨ରେ ମାମଲା ରୁଜୁ କରି ପୋଲିସ ତଦନ୍ତ କରିଥିଲା। ଗୁରୁବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ଏସଆଇ ସ୍ୱର୍ଣ୍ଣଲତା ପାତ୍ର କହିଛନ୍ତି।

# ଗଞ୍ଜେଇ ଜବତ, ଜଣେ ଗିରଫ

ଆସିକା,୨୦।୭(ଡି.ଏନ.ଏ.) ଆସିକା ଥାନା ଅନ୍ତର୍ଗତ ରଷିକୁଲ୍ୟା ବ୍ରିଜ ନିକଟ ଛକରୁ ପୋଲିସ ବୁଧବାର ଭୋର୍‌ରେ ଗଞ୍ଜେଇ ଚାଲାଣ କରୁଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି। ସେ ହେଲେ ସୁରଟ ପାଣ୍ଡସରା ଥାନା ଅନ୍ତର୍ଗତ ବମରୋଲି ରୋଡ ଅଞ୍ଚଳର ଧୀରଜ କୁମାର ସାହୁ। ତାଙ୍କ ନିକଟରୁ ୨୩କେଜି ୨୬୦ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଧୀରଜ ଏକ ବ୍ୟାଗ୍‌ରେ ଗଞ୍ଜେଇ ଧରି ରଷିକୁଲ୍ୟା ବ୍ରିଜ ନିକଟ ପୋଷ୍ଟମଟମ ଛକରେ ଥିବାବେଳେ ରାତି ପାଟ୍ରୋଲିଂ କରୁଥିବା ପୋଲିସ ହାବୁଡରେ ପଡିଥିଲେ। ତାଙ୍କୁ ସନ୍ଦେହରେ ପୋଲିସ ଅଟକାଇ ତଦନ୍ତ କରିବାରୁ ଗଞ୍ଜେଇ ମିଳିଥିଲା। ନଂ.୪୧୫/୨୨ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

# ବିଲୁଆ ଆକ୍ରମଣରେ ୨ ମହିଳା ଗୁରୁତର

ପୋଲସରା,୨୦।୭(ଡି.ଏନ.ଏ.): ପୋଲସରା ଏନ୍‌ଏସି ସ୍ଥିତ ସିଦ୍ଧିପୁର ଗ୍ରାମ ନିକଟ ବିଲରେ ବିଲୁଆ ଆକ୍ରମଣରେ ୨ ମହିଳା ଗୁରୁତର ହୋଇଛନ୍ତି। ସେମାନେ ହେଲେ ସିଦ୍ଧିପୁର ଗ୍ରାମର ଶାନ୍ତିଲତା ଗୌଡ଼ ଓ ଅପି ରାଉତ। ଉଭୟେ ବିଲରେ ଧାନ ରୋଉଥିବା ବେଳେ ବିଲୁଆ ଆକ୍ରମଣ କାମୁଡ଼ି କ୍ଷତବିକ୍ଷତ କରି ଦେଇଥିଲା। ପାଟି ଶୁଣି ସେହି ବିଲ ନିକଟରେ କାମ କରୁଥିବା କିଛି ଲୋକ ଉଭୟ ଗୁରୁତର ମହିଳାଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ।

**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BARIPADA**
E-Mail ID: serwcbaripada@gmail.com, Ph. No.: 06792-261343/261344, Gangraj, Baripada

No. O-691

**"e" Procurement Notice for Bridge Work**
**Identification No. - Online Tender - Bridge N.C.B. No. 239 for 2022-23**

**Letter No. 2627** **Date: 19.07.2022**

1. Name of the Work : Construction of H.L. Bridge over river Kanhu at 9.00 Km. on Badampahad - Uperbeda Road in the District of Mayurbhanj under BSY.
2. Total No. of Work : 01 No. (One)
3. Estimated Cost : Rs.707.57 lakhs (Approximately)
4. Eligible Class of Contractor : As per annexure
5. Period of Completion : As per annexure
6. Other details :

| Procurement Officer | Bid Identification No. | Availability of tender Online for Bidding | | Last date & time of seeking tender clarification | Date & time of Opening of Tender in O/o. C.C.E.R.W. Circle, Baripada | |
|---|---|---|---|---|---|---|
| | | From | To | | Technical Bid | Financial Bid |
| 1 | 2 | 3 | 4 | 5 | 6 | 7 |
| Chief Construction Engineer, Rural Works Circle, Baripada | Bridge Online N.C.B. No. 239 | Dt.22.07.2022 at 11.00 A.M. | Dt.06.08.2022 upto 5.00 P.M. | Dt.05.08.2022 upto 5.00 P.M. | Dt.08.08.2022 at 11.00 A.M. | Will be intimated later |

- Further details can be seen from the website: **www.tendersorissa.gov.in**.
- Any Corrigendum/Addendum will be displayed in the above e_tender website only.

**OIPR-25181/11/0033/2223** **Sd./- Chief Construction Engineer, R.W. Circle, Baripada**

**ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା**
(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା 12661/IND-II-PH-1024 ତାରିଖ 19.7.2022

**No. CAD-1190**

**ବିଜ୍ଞାପନ**

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଶ୍ରୀ ସୁବ୍ରତ କୁମାର ସାହୁ ଓଡ଼ିଶାର ଢେଙ୍କାନାଳ ଜିଲ୍ଲା ଭୁବନ ତହସିଲ ଅନ୍ତର୍ଗତ ମାର୍ଥାପୁର ଗ୍ରାମରେ ୫.୦୫୮ ହେକ୍ଟର ପରିମିତ ଅଞ୍ଚଳରେ ଅବସ୍ଥିତ ମାର୍ଥାପୁର ବାଲିଘାଟ ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ [State Environment Impact Assessment Authority (SEIAA)], ଓଡ଼ିଶା ଦ୍ୱାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଆବଶ୍ୟକ ପଡୁଥିବା ସର୍ବସାଧାରଣ ଶୁଣାଣି ନିମନ୍ତେ ଓଡ଼ିଶା ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡକୁ ଆବେଦନ କରିଛନ୍ତି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକଯୋଗେ ଜଣାଇପାରିବେ । ଏହାଛଡା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା୨୬।୦୮।୨୦୨୨ରିଖ ଦିବା ୧୧.୦୦ ଘଟିକା ସମୟରେ **ଯୋଗମାୟା କ୍ରିକେଟ ଖେଳପଡ଼ିଆ, ମୌଜା-ଆଦିପୁରା, ଖାତା ନଂ.-୨୭୮, ପ୍ଲଟ ନଂ.-୩୧୬୪, କିସମ-ବସ୍ତିଯୋଗ୍ୟ, ତହସିଲ-ଭୁବନ, ଜିଲ୍ଲା-ଢେଙ୍କାନାଳଠାରେ** ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଢେଙ୍କାନାଳ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଢେଙ୍କାନାଳ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଢେଙ୍କାନାଳ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଅନୁଗୁଳ**।
୬. ଜଙ୍ଗଲ ଓ ପରିବେଶ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.org ରୁ ମଧ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଅନୁଗୁଳ**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

**OIPR-08012/11/0155/2223** ସ୍ୱା./-ସଦସ୍ୟ ସଚିବ

# THE SAMBALPUR DISTRICT CO-OPERATIVE CENTRAL BANK LTD., BARGARH

## PROFIT & LOSS ACCOUNT FOR THE YEAR ENDED 31st MARCH 2022

| Amount (Rs.) As on 31.03.2021 | EXPENDITURE Particulars | Amount (Rs.) As on 31.03.2022 | Amount (Rs.) As on 31.03.2021 | INCOME Particulars | Amount (Rs.) As on 31.03.2022 |
|---|---|---|---|---|---|
| 2,091,067,826.85 | Interest Paid Account | 2,143,336,070.65 | 2,772,398,358.61 | Interest and Discount | 2,667,784,400.12 |
| 150,546,058.21 | Salary and Allowances | 164,750,221.38 | 6,520,256.51 | Commission Exchange & Brokerage | 2,880,682.90 |
| 74,625.00 | Director and Committee Member Fees & Allowance | 0.00 | 0.00 | Subsidies and Donation | 0.00 |
| 39,966,494.28 | Rent,Taxes,Insurance and Lighting etc. | 71,949,434.60 | 26,508,187.62 | Other Receipts | 6,300,424.29 |
| 952,942.00 | Law Charges and Legal Expenses | 1,311,959.00 | 7,189,069.40 | Reversal of Provisions | 0.00 |
| 4,239,945.37 | Postage, Telegram & Telephone Charges | 4,991,546.88 | | | |
| 1,876,442.00 | Audit fees | 2,612,378.00 | | | |
| 13,135,641.02 | Depreciation & Repairs to Properties | 11,582,458.75 | | | |
| 4,058,531.63 | Stationery, Printing and Advertisement etc. | 3,443,561.35 | | | |
| 0.00 | Loss from sale of or dealing with Non-Banking Assets | 0.00 | | | |
| 7,515,019.61 | Other Expenditures | 9,722,913.91 | | | |
| 137,014,562.11 | Provisions | 99,071,942.75 | | | |
| **2,450,448,088.08** | **Total Expenditure** | **2,512,772,487.27** | | | |
| 362,167,784.06 | Net Profit/(Loss) before Tax | 164,193,020.04 | | | |
| 151,155,330.00 | Less: Provision for Tax | 69,561,337.00 | | | |
| 211,012,454.06 | Net Profit Transferred to Reserve and Surplus | 94,631,683.04 | | | |
| **2,812,615,872.14** | **Total** | **2,676,965,507.31** | **2,812,615,872.14** | **Total** | **2,676,965,507.31** |

## BALANCE SHEET AS ON 31.03.2022

| Amount (Rs.) As on 31.03.2021 | CAPITAL & LIABILITIES Particulars | Amount (Rs.) As on 31.03.2022 | Amount (Rs.) As on 31.03.2021 | ASSETS Particulars | Amount (Rs.) As on 31.03.2022 |
|---|---|---|---|---|---|
| 2,420,160,406.00 | Capital | 2,717,712,838.00 | 130,877,344.00 | "Cash and Balances with Reserve Bank of India" | 124,062,360.00 |
| 1,360,550,394.53 | Reserves & Surplus | 1,548,751,412.92 | 2,665,620,726.98 | "Balances with Banks and Money at call and short Notice" | 1,746,939,071.33 |
| 21,152,244,773.76 | Deposits | 22,193,656,867.49 | 15,514,240,222.00 | Investments | 15,239,898,004.33 |
| 17,394,500,036.00 | Borrowings | 17,220,745,722.00 | 26,517,364,061.74 | Advances | 28,623,912,014.53 |
| 4,856,235,079.74 | Other Liabilities and Provisions | 4,755,545,499.99 | 228,958,581.62 | Fixed Assets | 224,355,274.77 |
| | | | 2,126,629,753.69 | Other Assets | 2,477,245,615.44 |
| **47,183,690,690.03** | **Total** | **48,436,412,340.40** | **47,183,690,690.03** | **Total** | **48,436,412,340.40** |
| | | | 3,654,591.54 | Contingent Liabilities | - |

**Sd./-** A.G.M. (O&A) | **Sd./-** Chief Executive Officer | **Sd./-** Administrator | **Sd./-** Statutory Auditor

## NOTES ON ACCOUNTS

1. Expenses are generally accounted for on accrual basis of accounting. However, some expenditures like telephone expenses, electricity expenses etc are accounted for on cash basis.
2. No depreciation charged on purchase of computer amounting to Rs.9,48,903.39 during the year 2021-22 as not put to use during the year.
3. Share capital of Rs.20,00,00,000.00 has been received from Govt. of Odisha during the year 2021-22.
4. Payment to Life Insurance Corporation of India as provision for gratuity in Profit & Loss Account has been shown as gratuity fund and also investment in Balance Sheet.
5. There has been contribution by PACS, CCB, OSCB and GOO to Deposit guarantee corpus Fund and which stands at Rs.13,09,52,447.70 as on 31.03.2022 for the security of depositors of PACS. However, GOO has not contributed its share.
6. Matured Fixed Deposit as on 31.03.2022 stands at Rs. 64,70,51,762.21 against previous year balance of Rs.70,05,07,266.21 as on 31.03.2021. Interest at the rate of Savings Account Interest has been provided for on the outstanding amount. An amount of Rs.2,26,46,812.00 has been shown as interest payable, which is included in the total interest payable on deposit of the bank reflected in Balance Sheet for the year 2021-22.
7. There is Suspense Payable of Rs.19,78,33,056.01 and Suspense Recoverable of Rs.36,89,285.27 as on 31.03.2022. Suspense payable represents amounts payable to employee, payable to others against various purposes. Similarly Suspense Recoverable represents festival advances to staff, mobile advances to staff, TA advances to staff and other recoverable.
8. Unreconciled Account Recoverable of Rs1,41,825.63 was outstanding as on 31.03.2017 at Jharsuguda Branch, which is included in Sundry Debtors Account. It has been reduced to Rs.95,217.08 as on 31.03.2022.
9. The Bank has transferred a sum of Rs.42,54,047.28 to Depositor Education & Awareness Fund as on 31.03.2022 and the same is shown as an Contra item. However, the corresponding previous year figure is shown as contingent liability.

(Amount in lakh)

| | Current Year | Previous Year |
|---|---|---|
| Opening balance of amounts transferred to DEAF | 36.55 | 34.50 |
| Add : Amounts transferred to DEAF during the year | 5.99 | 2.05 |
| Less: Amounts reimbursed by DEAF towards claims | 0.00 | 0.00 |
| Closing balance of amounts transferred to DEAF | 42.54 | 36.55 |

10. Payment of insurance premium to DICGC during the year 2021-22 was Rs.3,22,54,892.00.
11. Bank has achieved CRAR 13.05% as on 31.03.2022.
12. The average cost of deposit is 6.31% during the year 2021-22.
13. NPAs:
    a. Gross NPAs: Rs. 23705.32 lakh
    b. Net NPAs Rs. 11928.64 lakh
    c. Percentage of gross NPAs to total advances: 8.26%
    d. Percentage of net NPAs to total advances: 4.16%
14. Profitability:
    a. Interest income as a percentage of working fund: 5.54%
    b. Non-interest income as a percentage of working fund: 0.02%
    c. Operating profit as a percentage of working fund: 0.55%
    d. Return on Assets : 0.20%
    e. Business (Deposit+Advances) per employee: Rs.3655.94 lakh.
    f. Profit per employee: Rs.6.81 lakh
15. Provisions:
    a. Provisions on NPAs required to be made: Rs.11776.67 lakhs
    b. Provisions on NPAs actually made: Rs.11776.67 lakhs
    c. Provisions required to be made in respect of overdue interest taken into income account, gratuity fund, provident fund, arrears in reconciliation of inter-branch account: Nil
    d. Provisions required to be made on depreciation in investments: Nil
    e. Provisions actually made on depreciation in Investments: Nil

## INDEPENDENT AUDITOR'S REPORT

### Report on the Financial Statements as a Statutory Auditor

**Qualified Opinion**

We have audited the accompanying financial statements of **THE SAMBALPUR DISTRICT CO-OPERATIVE CENTRAL BANK LIMITED, BARGARH** as at 31st March 2022 which comprise the Balance Sheet at 31st March 2022 and Statement of Profit and Loss for the year then ended, and a summary of significant accounting policies and other explanatory information.

In our opinion, as shown by books of the Bank, and to the best of our information and according to the explanations given to us, except for the possible effects of the matters described in the Basis for Qualified Opinion section of our report, the financial statements together with the notes thereon give the information required by the Banking Regulation Act, 1949 as well as the Odisha Co-operative Societies Act, 1962, Odisha Cooperative Societies Rules, 1965, and other guidelines issued for the Bank, in the manner so required and give a true and fair view in conformity with the accounting principles generally accepted in India:

1. In the case of the Balance Sheet, of the state of affairs of the Bank as at 31st March 2022, and
2. In the case of the Statement of the profit and loss account of the profit of the Bank for the year ended on that date.

**Basis for Qualified Opinion**

With reference to Schedule 30 "Significant Accounting Policy", Para 6 and AS-9 "Revenue Recognition", Dividend income is recognized when the owner's right to receive payment is established.

Sambalpur District Co-operative Central Bank Ltd. (hereinafter referred to as "the bank") is one of the shareholders of Orissa State Co-operative Bank Ltd. The Orissa State Co-operative Bank Ltd. has declared dividend on 30th March 2022. In our opinion, the bank was entitled to recognize dividend income during the financial year 2021-22.

Accordingly, the dividend amount received by the bank on 25.04.2022 of Rs 1,76,67,031.00 should have been recognized by the bank as income during the financial year 2021-22 as a result of which the profit of the bank as well as dividend receivable is understated to that extent.

**Management's Responsibility for the Financial Statements**

Management is responsible for the preparation of these financial statements in accordance with the Odisha Co-operative Societies Act, 1962, Odisha Cooperative Societies Rules, 1965, Banking Regulation Act, 1949 and generally accepted accounting principles in India so far as applicable to the Bank. This responsibility includes the design, implementation and maintenance of internal control relevant to the preparation of the financial statements that are free from material misstatement, whether due to fraud or error.

**Auditor's Responsibility**

Our responsibility is to express an opinion on these financial statements based on our audit. We conducted our audit in accordance with the standards on Auditing issued by the Institute of Chartered Accountants of India. Those standards require that we comply with ethical requirements and plan and perform the audit to obtain reasonable assurance about whether statements are free from material misstatement.

An audit involves performing procedures to obtain audit evidence about the amounts and disclosures in the financial statements. The procedures selected depend on the auditor's judgment, including the assessment of the risks of material misstatement of the financial statements, whether due to fraud or error. In making those risk assessments, the auditor considers internal control relevant to the Bank's preparation and fair presentation of the financial statements in order to design audit procedures that are appropriate in the circumstances, but not for the purpose of expressing an opinion on effectiveness of the entity's internal control. An audit also includes evaluating the appropriateness of accounting policies used and the reasonableness of the accounting estimates made by management, as well as evaluating the overall presentation of the financial statements. We believe that the audit evidence we have obtained is sufficient and appropriate to provide a basis for our audit opinion.

**Report on Other Legal and Regulatory Requirements**

The Balance Sheet and Profit and Loss Account have been drawn up as per section 29 of the Banking Regulation Act, 1949 read with provisions of the Odisha Co-operative Societies Act, 1962, Odisha Cooperative Societies Rules, 1965.

**On the basis of the audit procedure indicated above and as required by the Section 31 of the Banking Regulation Act, 1949 (as applicable to District and Central Cooperative Banks) we report that:**

a) We have obtained all the information and explanations which to the best of our knowledge and belief, were necessary for the purposes of our audit and have found them to be satisfactory.
b) The transactions of the Bank, which have come to our notice, have been within the powers of the Bank.
c) In our Opinion, proper books of account as required by Law have been kept by the Bank so far, as appears from our examination of those books.
d) The Balance Sheet and Profit & Loss Account dealt with by this report are in agreement with the books of account and are drawn up in conformity with the law.

**M/S SINGH RAY MISHRA & CO**
**Chartered Accountants (FRN:318121E)**
**CA JITEN KUMAR MISHRA**
**Partner**
**UDIN: 22052796ANHMCJ9297**

## ସଂକ୍ଷେପରେ

### ନନ୍ଦନକାନନରେ ଜଳହସ୍ତୀ ଶାବକ ମୃତ

ବାରଙ୍ଗ,୨୦।୭(ଡି.ଏନ୍.ଏ.): ନନ୍ଦନକାନନ ପ୍ରାଣୀ ଉଦ୍ୟାନର ୬୨ ନଂ. ଏନ୍‌କ୍ଲୋଜରରେ ମା' ଜଳହସ୍ତୀ ସହିତ ରହୁଥିବା ୧୫ ଦିନର ଜଳହସ୍ତୀ ଶାବକର ବୁଧବାର ସକାଳେ ମୃତ୍ୟୁ ଘଟିଛି। ଶାବକଟିକୁ ଏନ୍‌କ୍ଲୋଜରରେ ଥିବା ଅନ୍ୟ ଅଣ୍ଡିରା ଜଳହସ୍ତୀ ପାଣି ଭିତରେ ଗୋଡ଼େଇ ଗୋଡ଼େଇ ଆକ୍ରମଣ କରିଥିଲେ। ଫଳରେ ଶାବକଟିର ପେଟରେ କ୍ଷତ ସୃଷ୍ଟି ହୋଇ ଅଚେତ ହୋଇ ପାଣି ଭିତରେ ବୁଡିଯାଇଥିଲା। କିଛି ସମୟ ପରେ ଶାବକଟି ମୃତ ଅବସ୍ଥାରେ ପାଣିରେ ଭାସୁଥିବା କର୍ମଚାରୀ ଦେଖିଥିଲେ। ଶାବକ ପେଟରେ ବଡ଼ କଣା ହୋଇଥିବା ନନ୍ଦନକାନନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ବନ୍ୟପ୍ରାଣୀ ଚିକିତ୍ସକ ଶାବକର ମୃତଦେହ ବ୍ୟବଚ୍ଛେଦ କରିଥିଲେ। ତେବେ ଶାବକର ମୃତ୍ୟୁ ପରେ ନନ୍ଦନକାନନରେ ଜଳହସ୍ତୀ ସଂଖ୍ୟା ୧୧କୁ ହ୍ରାସ ପାଇଛି। ସେମାନଙ୍କ ମଧ୍ୟରେ ୫ ଅଣ୍ଡିରା ଏବଂ ୬ ମାଈ ଜଳହସ୍ତୀ ରହିଛନ୍ତି। ନନ୍ଦନକାନନରେ ରକ୍ଷଣାବେକ୍ଷଣ ଅଭାବରୁ ଏହା ଭିତରେ ବର୍ଷାରେ ଓଦା ହୋଇ ଅସୁସ୍ଥ ହାଡଗିଲା ପକ୍ଷୀର ମୃତ୍ୟୁ ଏବଂ ବୁଲା କୁକୁରଙ୍କ ଆକ୍ରମଣରେ ଅଣ୍ଡିରା ଚିତ୍ରା ହରିଣ ପ୍ରାଣ ଯାଇଥିଲା। ଏଥିସହ ଲଘୁଚାପଜନିତ ବର୍ଷାରେ ତୃଣଭୋଜି ସଫାରୀ ପାଚେରି ଭାଙ୍ଗିବା ଓ ନବନିର୍ମିତ ମାଙ୍କଡ଼ ଏନ୍‌କ୍ଲୋଜରର ପାଚେରି ଭାଙ୍ଗିବା ଘଟଣା ଅଧିକାରୀଙ୍କ ସୁରକ୍ଷା ଉପରେ ପ୍ରଶ୍ନ ଉଠାଉଛି।

### ପଦ୍ମଶ୍ରୀ ଅଜୟ ପରିଡ଼ାଙ୍କ ବିୟୋଗରେ ଶୋକ

ଯାଜପୁର ରୋଡ/ ଧର୍ମଶାଳା,୧୯।୭ (ଡି.ଏନ.ଏ.): ଭୁବନେଶ୍ୱରସ୍ଥିତ ଆଇଏଲଏସ୍ (ଇନଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ)ର ନିର୍ଦ୍ଦେଶକ ପଦ୍ମଶ୍ରୀ ଅଜୟ କୁମାର ପରିଡ଼ାଙ୍କ ବିୟୋଗରେ ଉଦୟବଟ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଅନୁଷ୍ଠାନ ସମ୍ପାଦକ ଦୁଷ୍ମନ୍ତ କୁମାର ରାଉତଙ୍କ ଆବାହକତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଚନ୍ଦ୍ରମଣି ସାମଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ନିର୍ମଳ ଚନ୍ଦ୍ର ରାୟ, ଶ୍ରମିକ ନେତା ଅରୁଣ ଦାସ, ସାମାଜିକ କର୍ମୀ କୈଳାସ ଚନ୍ଦ୍ର ସ୍ୱାଇଁ, ଅଧାପକ ଅକ୍ଷୟ କୁମାର ପଣ୍ଡା, ନାରୀ ନେତ୍ରୀ କମଳିନୀ ସାମଲ, ବିଦ୍ୟୁତ୍‌ପ୍ରଭା ରାୟ, କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ରାଉତ, ପ୍ରଫୁଲ୍ଲ ବାରିକ, ଗୌରୀଶଙ୍କର ପତି, ଇନ୍ଦିରାଗାନ୍ଧୀ ମହିଳା ମହାବିଦ୍ୟାଳୟର ଅଧାପକ ସୁବାସ ଚନ୍ଦ୍ର ସ୍ୱାଇଁ, ସୁମନ ରାୟ, ଅଭିଷେକ ମଲ୍ଲ, ରଥ କୁମାର ଦାସ, ରାଜକିଶୋର ମଲ୍ଲିକ ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ବକ୍ତାମାନେ ଯାଜପୁର ମାଟି ତାର ଜଣେ ସୁଯୋଗ୍ୟ, ଜ୍ଞାନୀ ସନ୍ତାନକୁ ହରାଇଲା ବୋଲି କହିଛନ୍ତି। ସେହିପରି ପରିଡ଼ାଙ୍କ ବିୟୋଗରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ, ପୂର୍ବତନ ଏମ୍‌ପି ରୀତା ତରାଇ, ପୂର୍ବତନ ବିଧାୟକ ରବି ଲାବଣ୍ୟ, ବ୍ଲକ ଅଧକ୍ଷ ପ୍ରଭାତ ବଳବନ୍ତରାୟ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ରମେଶ ଚନ୍ଦ୍ର ପରିଡ଼ା, କିଷାନ ପଣ୍ଡା ଓ ଭାଜପା ନେତ୍ରୀ ସ୍ମୃତିରେଖା ପହି ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ୧୦ ବର୍ଷରେ ୯ ହାତୀଙ୍କ ମୃତ୍ୟୁ

ଚଣ୍ଡିଖୋଲ,୨୦।୭ (ଡି.ଏନ.ଏ.)




- ଡାଳି ଯୋଡ଼ା ବନାଞ୍ଚଳରେ ଅସୁରକ୍ଷିତ ବନ୍ୟପ୍ରାଣୀ
- ହାତୀ ଓ ବାରହା ଆକ୍ରମଣରେ ଯାଇଛି ୧୪ ଜୀବନ
- ସଂରକ୍ଷିତ ଜଙ୍ଗଲ ମାନ୍ୟତା ଅପେକ୍ଷାରେ ୧୯ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ

ଯାଜପୁର ଜିଲା ବୈରୀ ଡାଳିଯୋଡ଼ା ବନାଞ୍ଚଳରେ ଦିନକୁ ଦିନ ବନ୍ୟପ୍ରାଣୀଙ୍କ ସଂଖ୍ୟା କମିବାରେ ଲାଗିଛି। ଏଥିସହିତ ସେମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁ ବନ୍ୟପ୍ରାଣୀ ଜନବସତିକୁ ଚାଲି ଆସୁଛନ୍ତି। ତେବେ କେବଳ ଜଙ୍ଗଲ କ୍ଷୟ ନୁହେଁ ପ୍ରାଣୀ ଶିକାର, ଜଙ୍ଗଲରେ ବେଆଇନ ଭାବେ ମେଶିନ ଲଗାଇ ଲଘୁ ଖଣିଜ ଲୁଟ୍ କରିବା, ଜଙ୍ଗଲ ନିକଟରେ ଶିଳ୍ପ ସଂସ୍ଥା ଗଡ଼ି ଉଠିବା ଯୋଗୁ ବନ୍ୟପ୍ରାଣୀଙ୍କ ଚଳାଚଳରେ ବ୍ୟାଘାତ ଦେଖାଦେଇଛି। ଉପରୋକ୍ତ କାରଣ ପାଇଁ ଦିନକୁ ଦିନ ଏହି ବନାଞ୍ଚଳରେ ବନ୍ୟପ୍ରାଣୀଙ୍କ ସଂଖ୍ୟା କମୁଥିବା କୁହାଯାଉଛି। ଏହି ବନାଞ୍ଚଳରେ ବିଗତ ୧୦ ବର୍ଷରେ ବିଭିନ୍ନ କାରଣରୁ ୯ ହାତୀଙ୍କ ମୃତ୍ୟୁ ହୋଇଛି। ହାତୀ ଓ ଅନ୍ୟ ବନ୍ୟପ୍ରାଣୀ ଆକ୍ରମଣରେ ୧୪ ଲୋକଙ୍କ ଜୀବନ ଯାଇଛି। ସେହିପରି ଅନେକ ସଂଖ୍ୟାରେ ଖୁରାଣ୍ଟି, ଶମ୍ବର, ବାର୍‌ହା, ହରିଣ ଓ କୁଟୁରା ଆଦି ଶିକାରୀଙ୍କ ଦ୍ୱାରା ଓ ଜନବସତି ଆଡ଼କୁ ଆସି ମୃତ୍ୟୁକୁ ଆପଣେଇଛନ୍ତି। ମାତ୍ର ଏଦିଗରେ ବନ ବିଭାଗ ସେଭଳି କିଛି ଆଖିଦୃଶିଆ ପଦକ୍ଷେପ ନେଉଥିବା ନଜିର ନାହିଁ। ଦୀର୍ଘ ବର୍ଷ ହେବ ଶିକାରୀ ହରିଣ ଓ ଖୁରାଣ୍ଟିଙ୍କୁ ମାଂସ ଲୋଭରେ ଶିକାର କରୁଛନ୍ତି। ଯଦିଓ ବନ ବିଭାଗ ପକ୍ଷରୁ କେତେକ ସ୍ଥାନରେ କାର୍ଯ୍ୟାନୁଷ୍ଠାନ ନିଆଯାଇଛି, ମାତ୍ର ବନ୍ୟପ୍ରାଣୀ ଶିକାର ଉପରେ ରୋକ ଲଗାଇବାରେ ଏହା ଯଥେଷ୍ଟ ନୁହେଁ ବୋଲି ପରିବେଶବିତ କହିଛନ୍ତି। ଏହି ବନାଞ୍ଚଳର ବିଭିନ୍ନ ସଂରକ୍ଷିତ ଓ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲରେ ରହିଥିବା ବେଆଇନ ଲଘୁଖଣିଜ ଖାଦାନ ବନ୍ୟପ୍ରାଣୀ ମୃତ୍ୟୁର ଅନ୍ୟ ଏକ ପ୍ରମୁଖ କାରଣ ବୋଲି ଅଭିଯୋଗ ହେଉଛି।

ସୂଚନା ଥାଉକି, ଏହି ବନାଞ୍ଚଳରେ ୨୪୭୩ ହେକ୍ଟରରେ ଦୁଇଟି ସଂରକ୍ଷିତ ଜଙ୍ଗଲ ରହିଥିବା ବେଳେ ୮୪୭୮ ହେକ୍ଟର ପରିମିତ ୧୯ ଟି ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ରହିଛି। ଏହି ୧୯ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲର ୮୪୭୮ ହେକ୍ଟର ଅଞ୍ଚଳକୁ ସଂରକ୍ଷିତ ଜଙ୍ଗଲରେ ପରିଣତ କରିବା ପାଇଁ ବିଜ୍ଞପ୍ତି ପ୍ରକାଶନକୁ ପ୍ରାୟ ୫୦ ବର୍ଷ ବିତିଯାଇଛି। ମାତ୍ର ଆଜି ଯାଏ ଏହାକୁ ସଂରକ୍ଷିତ ଜଙ୍ଗଲରେ ପରିଣତ କରିବାକୁ କୌଣସି ପଦକ୍ଷେପ ନିଆଯାଇ ନାହିଁ। ସଂରକ୍ଷିତ ଜଙ୍ଗଲରେ ପରିଣତ ହୋଇଥିଲେ ଏହି ସବୁ ଜଙ୍ଗଲରେ ଅଧିକ କଟକଣା ସହ ବନ୍ୟଜନ୍ତୁଙ୍କ ସୁରକ୍ଷା, ଜଙ୍ଗଲ ସୁରକ୍ଷା ଆଦି ଉପରେ ଗୁରୁତ୍ୱ ଦିଆଯାଇପାରନ୍ତା। ତେବେ ଜଙ୍ଗଲ ଓ ରାଜସ୍ୱ ବିଭାଗ ମଧ୍ୟରେ ସମନ୍ୱୟ ଅଭାବ ପାଇଁ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଏହି ୧୯ ଜଙ୍ଗଲକୁ ଜଙ୍ଗଲ ଆଇନ ଧାରା୪(୧)ରେ ପ୍ରସ୍ତାବିତ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯାଇଥିଲା। ବନାଞ୍ଚଳର ବିଭିନ୍ନ ଜଙ୍ଗଲରେ ପୂର୍ବରୁ ଶମ୍ବର, ହରିଣ, ଭାଲୁ, ଖୁରାଣ୍ଟି ଓ ହେଟାବାଘ ଆଦି ପ୍ରଜାତିର ବନ୍ୟପ୍ରାଣୀ ସଂଖ୍ୟା ଢେର ଅଧିକ ରହିଥିଲା। ହେଲେ ଏବେ ଶମ୍ବର, ହରିଣ ଓ ଭାଲୁଙ୍କ ସଂଖ୍ୟା ଆଉ ଆଗଭଳି ନାହିଁ। ବନ ବିଭାଗ ଅଧିକାରୀଙ୍କ ଦାୟିତ୍ୱହୀନତା ପାଇଁ ବନ୍ୟପ୍ରାଣୀଙ୍କ ସଂଖ୍ୟା ଦିନକୁ ଦିନ ହ୍ରାସ ପାଉଥିବା କୁହାଯାଉଛି। ବଡ଼ଚଣାର ପଶ୍ଚିମାଞ୍ଚଳରେ ଅନେକ ହାତୀ ଚଲାପଥ ରହିଛି, ଯାହା ପାଇଁ ବୈରୀ ରାସ୍ତାରେ ଜଙ୍ଗଲ ବିଭାଗ ପକ୍ଷରୁ ଭାରିଯାନ ଚଳାଚଳ ଉପରେ କଟକଣା ରହିଛି। ମାତ୍ର ଏହି ନିର୍ଦ୍ଦେଶକୁ କେତେକ ଶିଳ୍ପସଂସ୍ଥା ଓ ଲଘୁ ଖଣିଜ ମାଫିଆ ମାନୁନାହାନ୍ତି। ପ୍ରତ୍ୟେକ ରାତିରେ ବହୁସଂଖ୍ୟାରେ ଭାରିଯାନ ଚଳାଚଳ କରୁଛି, ଯାହାକୁ ନିଜେ ଜଙ୍ଗଲ ବିଭାଗ ସ୍ୱୀକାର କରିଛି। ମାତ୍ର ସ୍ଥାନୀୟ ଅଧିକାରୀ ଘଟଣାକୁ ଅସ୍ୱୀକାର କରିଛନ୍ତି। ତେବେ ଏହି ରାସ୍ତାରେ ପ୍ରତ୍ୟେକ ରାତିରେ ଶହ ଶହ ଶିଳ୍ପ ସଂସ୍ଥାର ଭାରିଯାନ ଓ ବେଆଇନ ଲଘୁ ଖଣିଜ ପରିବହନ ହେଉଥିବା ସ୍ଥାନୀୟ ଲୋକେ ମଧ୍ୟ କହିଛନ୍ତି। ଏଦିଗରେ ବନ ବିଭାଗ ଓ ସ୍ଥାନୀୟ ପୋଲିସ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନେଉ ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବୈରୀ ରେଞ୍ଜର ଅଭିରାମ ଜେନାଙ୍କୁ ପଚାରିବାରୁ ସେ କହିଛନ୍ତି, ବନ୍ୟପ୍ରାଣୀଙ୍କ ସୁରକ୍ଷାରେ କୌଣସି ତ୍ରୁଟି କରାଯାଉ ନାହିଁ। ଯେଉଁଠି ଅଭିଯୋଗ ଆସୁଛି ସେଠାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

### ବୈତରଣୀ ଆଞ୍ଚଳିକ ଉନ୍ନୟନ ପରିଷଦ ବୈଠକ

ପାଣିକୋଇଲି,୨୦।୭(ଡି.ଏନ.ଏ.)

ବୈତରଣୀ ଆଞ୍ଚଳିକ ଉନ୍ନୟନ ପରିଷଦ ବୈଠକ କରଦାମଠାରେ ଅନୁଷ୍ଠାନ ଉପସଭାପତି ସନାତନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା। କରଦା, ଅମୃତିଆ, ବରୁଣ୍ଡାଇ, ବନ୍ଧାଲୋ ଓ ତାରାକୋଟ ଆଦି ୫ ପଞ୍ଚାୟତରେ ସଫେଇ କାର୍ଯ୍ୟକ୍ରମ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ବୈତରଣୀରୋଡ ଡାକ୍ତରଖାନାର ଉନ୍ନତି ଓ ବାସଗୃହ ସମ୍ପର୍କରେ ଆଲୋଚନା କରାଯିବା ସହ ଏନେଇ କୋରେଇ ବିଧାୟକ ଅଶୋକ କୁମାର ବଳଙ୍କୁ ସାକ୍ଷାତ ପାଇଁ ନିଷ୍ପତ୍ତି ହୋଇଥିଲା। ଏଠାରେ କାର୍ଯ୍ୟରତ ଦୁଇ ଡାକ୍ତରଙ୍କ କାର୍ଯ୍ୟଧାରାକୁ ପ୍ରସଂଶା କରାଯାଇଥିଲା। ବୈଠକରେ ବ୍ରଜକିଶୋର ମିଶ୍ର, ବଲ୍ଲଭାନନ୍ଦ ପଣ୍ଡା, ମହେନ୍ଦ୍ର ବେହେରା, ନାରାୟଣ ପତ୍ରୀ, ଗୋପନ କିଶୋର ଜେନା, ପ୍ରେମାନନ୍ଦ ପାଳ, ରାମକୃଷ୍ଣ ମଲ୍ଲିକ, ବିଶ୍ୱତଶ୍ୱ ସିହ୍ନା, ପ୍ରଭାତ ସିଂହ, ଶ୍ୟାମସୁନ୍ଦର ନାୟକ ଓ ଶରତ ଜେନା ପ୍ରମୁଖ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସଫେଇ କାର୍ଯ୍ୟକ୍ରମ ଅଗଷ୍ଟ ୧୫ରୁ କରଦାରୁ ଆରମ୍ଭ କରାଯାଇ ତାରାକୋଟ ପଞ୍ଚାୟତରେ ସମାପ୍ତ ହେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

**ସ୍ମୃତିରେ ଅଜୟ...**



ତତ୍କାଳୀନ ରାଷ୍ଟ୍ରପତି ପ୍ରଣବ ମୁଖର୍ଜୀଙ୍କଠାରୁ ଆଇଏଲ୍ଏସ୍ ନିର୍ଦ୍ଦେଶକ ଅଜୟ କୁମାର ପରିଡ଼ା ପଦ୍ମଶ୍ରୀ ପୁରସ୍କାର ଗ୍ରହଣ ବେଳର ଦୃଶ୍ୟ।

## ଶିକ୍ଷକଙ୍କ ମାଡ଼ରେ ଛାତ୍ରଙ୍କ ହାତ ଭାଙ୍ଗିଲା

ଯାଜପୁର ଅଫିସ,୨୦।୭

ଯାଜପୁର ଜିଲା ଯଖପୁରା ହାଇସ୍କୁଲର ଜଣେ ଶିକ୍ଷକଙ୍କ ମାଡ଼ରେ ନବମ ଶ୍ରେଣୀ ଛାତ୍ର ରୁଦ୍ରପ୍ରସାଦ ସେଠୀ(୧୪)ଙ୍କ ଡାହାଣ ହାତ ଭାଙ୍ଗି ଯାଇଥିବା ଅଭିଯୋଗ ହୋଇଛି। ରୁଦ୍ରଙ୍କ ଏକ ଭିଡିଓ କ୍ଲିପ୍ ଅନୁସାରେ ଗତ ୯ ତାରିଖରେ ସେ ଶ୍ରେଣୀରେ ବସିଥିଲେ । ଏହି ସମୟରେ ସମ୍ପୃକ୍ତ ଶିକ୍ଷକ ଶ୍ରେଣୀଗୃହକୁ ପ୍ରବେଶ କରୁଥିବା ସମୟରେ ତାଙ୍କ ଗୋଡ଼ ରୁଦ୍ରଙ୍କ ଗୋଡରେ ବାଜି ଥିଲା । ଏଥିରେ ଶିକ୍ଷକ ଜଣକ ଉତ୍‌କ୍ଷିପ୍ତ ହୋଇ ରୁଦ୍ରଙ୍କ ଚୁଟି ଧରି ପିଠିରେ ମାଡ ମାରିବା ସହ ବାଡିରେ ହାତକୁ କିଛି ସମୟ ପିଟି ଚାଲିଥିଲେ । ଘରକୁ ଆସିବା ପରେ ରୁଦ୍ରଙ୍କ ହାତ ଫୁଲି ଯାଇଥିଲା। ଔଷଧ ଖାଇଲେ ଫୁଲା କମି ଯିବ ବୋଲି ତାଙ୍କ ପରିବାର ଲୋକ ଭାବିଥିଲେ। ହେଲେ ଯନ୍ତ୍ରଣା ବଢିଥିଲା । ଫୁଲା ନ କମିବାରୁ ତାଙ୍କୁ ଗତ ୧୩ ତାରିଖରେ ଦାନଗଦି ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତରଙ୍କ ପରାମର୍ଶ କ୍ରମେ ରୁଦ୍ରଙ୍କ ହାତ ଏକ୍ସରେ କରାଯାଇଥିଲା। ଏକ୍ସରେ ରିପୋର୍ଟରେ ହାତରେ ଫ୍ୟାକ୍ଚର ଥିବା ଜଣାପଡିବା ପରେ ଦାନଗଦି



ରୁଦ୍ରପ୍ରସାଦ ସେଠୀ

ଡାକ୍ତରଖାନାରେ ଚିକିତ୍ସା ଆରମ୍ଭ କରାଯାଇଥିଲା । ରୁଦ୍ର ଯଖପୁରା ଗ୍ରାମର ଦିନ ମଜୁରିଆ ପଦ୍ମନାଭ ସେଠୀଙ୍କ ପୁଅ। ପଦ୍ମନାଭ ଅତି ଗରିବ ଶ୍ରେଣୀର ହୋଇଥିବାରୁ ଆବଶ୍ୟକ ଚିକିତ୍ସା କରିବା ସମ୍ଭବ ନୁହେଁ । ଏନେଇ ସେ ଥାନାରେ ଅଭିଯୋଗ କରିବେ ବୋଲି କହିଛନ୍ତି।

**ମଧ୍ୟାହ୍ନଭୋଜନ, ପୋଷାକ ଓ ଜୋତା ପ୍ରଦାନରେ ଅନିୟମିତତା**

## କୁଆଁରପୁର ନୋଡାଲ ସ୍କୁଲ୍ ପ୍ରଧାନଶିକ୍ଷକ ନିଲମ୍ବିତ

ଦଶରଥପୁର,୨୦।୭(ଡି.ଏନ୍.ଏ.)

ଦଶରଥପୁର ବ୍ଲକ୍ ଦଶରଥପୁର ମଣ୍ଡଳ ଶିକ୍ଷାଧିକାରୀଙ୍କ ଅଧୀନରେ ଥିବା କୁଆଁରପୁର ନୋଡାଲ ୟୁପି ସ୍କୁଲର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସଞ୍ଜୟ କୁମାର ନାୟକଙ୍କୁ ମଙ୍ଗଳବାର କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏନେଇ ଭାରପ୍ରାପ୍ତ ମଣ୍ଡଳ ଶିକ୍ଷାଧିକାରୀ କିଶୋର ଚନ୍ଦ୍ର ମଲ୍ଲିକ୍ ସୂଚନା ଦେଇଛନ୍ତି। ସ୍କୁଲର ଛାତ୍ରୀଛାତ୍ରଙ୍କ ଲାଗି ବିଦ୍ୟାଳୟକୁ ଆସିଥିବା ମଧ୍ୟାହ୍ନଭୋଜନ ଚାଉଳ, ପୋଷାକ ଓ ଜୋତା ବାବଦ ଅର୍ଥକୁ ସମ୍ପୃକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଦିଆଯାଇ ନ ଥିଲା। ଏନେଇ ଅଭିଭାବକଙ୍କ ପକ୍ଷରୁ ଚଳିତ ମାସ ୧୨ ତାରିଖରେ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ମଣ୍ଡଳ ଶିକ୍ଷାଧିକାରୀ ଏବିଇଓ ସାବିତ୍ରୀ ସେଠୀଙ୍କୁ ଘଟଣାର ତଦନ୍ତଭାର ଦେଇଥିଲେ। ତଦନ୍ତ ବେଳେ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମଧ୍ୟାହ୍ନଭୋଜନ, ପୋଷାକ ଓ ଜୋତାପାଇଁ ଆସିଥିବା ଅର୍ଥରେ ଲକ୍ଷାଧିକ ଟଙ୍କାର ଘୋଟାଲା କରିଥିବା ଜଣାପଡିଥିଲା। ଏବିଇଓ ସେଠୀ ତଦନ୍ତ ରିପୋର୍ଟ ପ୍ରଦାନ କରିବାପରେ ମଣ୍ଡଳ ଶିକ୍ଷାଧିକାରୀ ଉକ୍ତ ରିପୋର୍ଟକୁ ବିଭାଗୀୟ ଉଚ୍ଚ ଅଧିକାରୀଙ୍କୁ ପଠାଇଥିଲେ। ଯାଜପୁର ଜିଲା ଶିକ୍ଷାଧିକାରୀଙ୍କ ପତ୍ର ସଂଖ୍ୟା ୮୩୭୩ ନିର୍ଦ୍ଦେଶନାମା ଅନୁଯାୟୀ ମଣ୍ଡଳଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଚିଠି ନଂ.୧୪୬୬ରେ ସମ୍ପୃକ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକଙ୍କୁ ନିଲମ୍ବିତ କରାଯାଇଥିବା ସୂଚନା ଦିଆଯାଇଛି।

## ମାଟ୍ରିକ କୃତକାର୍ଯ୍ୟ ମାଙ୍କେଡ଼ିଆ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା




କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କାଳିଆପାଣି,୨୦।୭(ଡି.ଏନ.ଏ.)

କାଳିଆପାଣି ଖଣି ଅଞ୍ଚଳରେ ରହୁଥିବା ମାଙ୍କେଡ଼ିଆ ଜନଜାତିର ୭ ଛାତ୍ରୀଛାତ୍ର ଚଳିତ ଦଶମ ଶ୍ରେଣୀ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି। ଏହି ଅବସରରେ ବୁଧବାର ସେମାନଙ୍କୁ ଶ୍ରମଶକ୍ତି ହାଇସ୍କୁଲ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ଅତିରିକ୍ତ ମଣ୍ଡଳ ଅଧିକାରୀ ହୃଷୀକେଶ ବେହେରା, ଗୟାଧର ପରିଡ଼ା ଓ ବିଆର୍‌ସିସି ଗୋବର୍ଦ୍ଧନ ପ୍ରଧାନ ଅତିଥିଭାବେ ଯୋଗ ଦେଇଥିଲେ। ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ଶୁଭ ମାଙ୍କେଡ଼ିଆ, ସଲମୀ ମାଙ୍କେଡ଼ିଆ, ପପୁ ମାଙ୍କେଡ଼ିଆ, ସୁନୀଲ ମାଙ୍କେଡ଼ିଆ, ସଲୁ ମାଙ୍କେଡ଼ିଆ, ଢୁଡୁ ମାଙ୍କେଡ଼ିଆ ଓ ପିଆଷ ମାଙ୍କେଡ଼ିଆଙ୍କୁ ଅତିଥି ସମ୍ବର୍ଦ୍ଧିତ କରିବା ସହ ସେମାନଙ୍କର ଉତ୍ତୋରତ୍ତର ଉନ୍ନତି କାମନା କରିଛନ୍ତି। କାର୍ଯ୍ୟକ୍ରମରେ ଶିକ୍ଷକ ରାଜେନ୍ଦ୍ର କୁମାର ପ୍ରଧାନ ସଭାପତିତ୍ୱ କରିଥିବା ବେଳେ ସାମସୁନ୍ଦର ହାଁସଦା ଧନ୍ୟବାଦ ଦେଇଥିଲେ। ସ୍କୁଲର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ନଦୀବନ୍ଧ ଖୋଳି ଛାଡ଼ିଦେଲେ, ଲୋକେ ଭୟଭୀତ

ସିଂହପୁର,୨୦।୭(ଡି.ଏନ.ଏ.)

ବିଞ୍ଝାରପୁର ଜଳସମ୍ପଦ ବିଭାଗର ଖରସ୍ରୋତା ନଦୀବନ୍ଧ ପ୍ରଶସ୍ତୀକରଣ କାର୍ଯ୍ୟ ଚାଲିଛି। ତେବେ ଏହି ନଦୀବନ୍ଧରେ ଠିକାଦାର ପକାଉଥିବା ମାଟି ଦୂରରୁ ନ ଆଣି ନଦୀବନ୍ଧ ପଠାରୁ ଆଣୁଥିବାରୁ ବନ୍ଧ ପ୍ରତି ବିପଦ ସୃଷ୍ଟି ହେଉଛି। ଏ ସମ୍ପର୍କରେ ସ୍ଥାନୀୟ ଲୋକେ ବିଭାଗୀୟ ଅଧିକାରୀଙ୍କୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଅନ୍ୟପକ୍ଷେ ଓଳେଇ ଚନ୍ଦନପୁର ଗ୍ରାମ ନିକଟରେ ପ୍ରଶସ୍ତୀକରଣ କାର୍ଯ୍ୟରେ



ନଦୀବନ୍ଧକୁ ଖୋଳିଥିଲେ ମଧ୍ୟ ସେହି ସ୍ଥାନରେ କାର୍ଯ୍ୟ କରାଯାଉ ନ ଥିବାରୁ ବନ୍ଧଟି ମୁକୁଳା ପଡିଛି। କିଛିଦିନ ହେଲା ବର୍ଷା ଲାଗିରହିଥିବାରୁ ନଦୀର ଜଳସ୍ତର ମଧ୍ୟ ବୃଦ୍ଧି ପାଇଛି। ଯଦି ନଦୀରେ ବନ୍ୟାଜଳ ପ୍ରବେଶ କରେ ବନ୍ଧ ପ୍ରତି ବିପଦ ସୃଷ୍ଟି କରିବ। ଏହାକୁ ନେଇ ନଦୀକୁଳିଆ ଲୋକେ ଭୟଭିତ ହୋଇ ପଡ଼ିଛନ୍ତି। ଠିକାଦାରଙ୍କ ଏପରି ବେପରୁଆ ମନଭାବ କାର୍ଯ୍ୟ ଲୋକଙ୍କ ପାଇଁ କାଳ ସାଜିବ। ତେଣୁ ଏଥିପ୍ରତି ଜଳ ସମ୍ପଦ ବିଭାଗର ନିର୍ବାହୀ ଯନ୍ତ୍ରୀ ଓ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଲୋକେ ଦାବି କରିଛନ୍ତି।

## କଳ୍ପତରୁ ଦାସଙ୍କ ଶ୍ରାଦ୍ଧୋତ୍ସବରେ ହେବ ରକ୍ତଦାନ

ଧର୍ମଶାଳା,୨୦।୭(ଡି.ଏନ.ଏ.)

ଧର୍ମଶାଳା ବିଜେଡି ପକ୍ଷରୁ ପୂର୍ବତନ ମନ୍ତ୍ରୀ କଳ୍ପତରୁ ଦାସଙ୍କ ସପ୍ତମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅବସରରେ ନିର୍ବାଚନମଣ୍ଡଳୀର ବିଭିନ୍ନ ସ୍ଥାନରେ ଆସନ୍ତା ୨୫ ତାରିଖରେ ରକ୍ତଦାନ ଶିବିର ଅନୁଷ୍ଠିତ ହେବ। ଏଥିସହ ଜାରକାସ୍ଥିତ ଷ୍ଟାଡିୟମ ପରିସରରେ ସ୍ମୃତି ଶ୍ରଦ୍ଧାଞ୍ଜଳି ସଭା ହେବ। ଏନେଇ ବୁଧବାର ଦଳ ପକ୍ଷରୁ ଜାରକାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ବ୍ଲକ ସଭାପତି ଜଳଧର ମାହନ୍ତି ଏହି ସୂଚନା ଦେଇଛନ୍ତି। ୨୫ ତାରିଖ ଅପରାହ୍ନ ୩ଟାରେ ଜାରାକସ୍ଥିତ ଷ୍ଟାଡିୟମ ପରିସରରେ କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ଓ ବିଜେଡି ମିଳିତ ଆନୁକୁଲ୍ୟରେ ହେବାକୁଥିବା ଶ୍ରଦ୍ଧାଞ୍ଜଳି ସଭାରେ ରାଜସ୍ୱ ମନ୍ତ୍ରୀ ପ୍ରମିଳା ମଲ୍ଲିକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ଧର୍ମଶାଳା ବିଧାୟକ ପ୍ରଣବ ବଳବନ୍ତରାୟ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଜାରାକସ୍ଥିତ ଷ୍ଟାଡିୟମରେ ବିଜେଡି ଛାତ୍ର ଓ ମହିଳା, ଚଣ୍ଡିଖୋଲ ନିକଟସ୍ଥ ଧର୍ମଶାଳା ଭବନରେ ବଜେଡି, କାଏମା କଲ୍ୟାଣ ମଣ୍ଡପଠାରେ ଗାର୍ଲସ ଉଇଙ୍ଗ, ଚଢ଼େଇଧରାସ୍ଥିତ ଜଗନ୍ନାଥଜୀଉ ମହାବିଦ୍ୟାଳୟରେ ଯୁବ ବିଜେଡି ଓ ଓଡ଼ିଶୋ କଲ୍ୟାଣ ମଣ୍ଡପଠାରେ ନିର୍ବାଚନମଣ୍ଡଳୀର ୯ଟି ପଞ୍ଚାୟତର ବିଜେଡି କର୍ମୀଙ୍କ ପକ୍ଷରୁ ରକ୍ତଦାନ ଶିବିର ହେବ ବୋଲି ସଭାପତି ମହାନ୍ତି ସୂଚନା ଦେଇଛନ୍ତି। ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ମହାସଚିବ ଡ. ପ୍ରିୟନାଥ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଦୁଃଶାସନ ସାହୁ, ଉତ୍କଳମଣି ଦାସ, ନିର୍ବାଚନମଣ୍ଡଳୀ ସଭାପତି ଜଳଧର ସାହୁ, ନିର୍ବାଚନମଣ୍ଡଳୀ ସଭାନେତ୍ରୀ ରେଣୁବାଳା ଶତପଥୀ, ମମତା ଦଣ୍ଡପାଟ, ମମତା ଖୁଣ୍ଟିଆ ଓ ଛାତ୍ର ବିଜେଡି ସଭାପତି ଜଗଦାନନ୍ଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।



ବିଜେଡି ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପସ୍ଥିତ କର୍ମକର୍ତ୍ତା।

## ବକେୟା ଦରମା ଦାବିରେ ସଫେଇ କର୍ମଚାରୀଙ୍କ ବିକ୍ଷୋଭ

ଯାଜପୁର ରୋଡ,୨୦।୭(ଡି.ଏନ.ଏ.)

ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ଦେଢ଼ମାସର ବକେୟା ଦରମା ଓ ବିଭିନ୍ନ ସମସ୍ୟାର ସମାଧାନ ଦାବିରେ ବୁଧବାର ବିକ୍ଷୋଭ ସହ ପୌର ନିର୍ବାହୀ ଅଧିକାରୀଙ୍କୁ ଶତାଧିକ ସଫେଇ କର୍ମଚାରୀ ଘେରାଉ କରିଥିଲେ। କାର୍ଯ୍ୟାଳୟର ମୁଖ୍ୟ ଫାଟକକୁ କର୍ମଚାରୀମାନେ ବନ୍ଦ କରି ନିର୍ବାହୀ ଅଧିକାରୀଙ୍କୁ ଭିତରକୁ ପଶିବାକୁ ଦେଇ ନ ଥିଲେ।

ଅଭିଯୋଗ ମୁତାବକ, ବ୍ୟାସନଗର ପୌରପରିଷଦର ସଫେଇ କାର୍ଯ୍ୟ ନିମନ୍ତେ ଦାୟିତ୍ୱ ନେଇଥିବା ଠିକା ସଂସ୍ଥା ସବ୍ୟସାଚୀ ମହାକୁଡ ସଫେଇ କର୍ମଚାରୀମାନଙ୍କୁ ଦେଢ଼ମାସର ବକେୟା ଦରମା ଓ ବିଭିନ୍ନ ସୁରକ୍ଷା ସାମଗ୍ରୀ ଦେଇନାହାନ୍ତି। ଫଳରେ ସେମାନଙ୍କ ପରିବାର ପ୍ରତିପୋଷଣରେ ସମସ୍ୟା ସୃଷ୍ଟି ହୋଇଛି। ବୁଧବାର ସକାଳୁ ସଫେଇ କର୍ମଚାରୀମାନେ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହିତ ଦୀର୍ଘ ସମୟ ଧରି ନିର୍ବାହୀ ଅଧିକାରୀଙ୍କୁ ଅଟକ ରଖିଥିଲେ। ଏ ସମ୍ପର୍କରେ କର୍ମଚାରୀମାନେ ନିର୍ବାହୀ ଅଧିକାରୀଙ୍କୁ ପୂର୍ବରୁ ଭେଟି ଜଣାଇଥିଲେ ମଧ୍ୟ ସେ ସେମାନଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ଖବର ପାଇ ଯାଜପୁର ରୋଡ଼ ଥାନା ପୋଲିସ ପହଞ୍ଚି ସଫେଇ କର୍ମଚାରୀମାନଙ୍କୁ ବୁଝାଶୁଝା କରିବା ପରେ ନିର୍ବାହୀ ଅଧିକାରୀ ଅଫିସ ଭିତରକୁ ଯାଇଥିଲେ। ପୌରାଧକ୍ଷା ଓ ନିର୍ବାହୀ ଅଧିକାରୀ କର୍ମଚାରୀମାନଙ୍କ ସହିତ ଆଲୋଚନା କରି ଆଗାମୀ ୨ ଦିନ ମଧ୍ୟରେ ସମସ୍ୟା ସମାଧାନ ନିମନ୍ତେ ପ୍ରତିଶ୍ରୁତି ଦେବା ପରେ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଥିଲେ।



ବ୍ୟାସନଗର ପୌର ପରିଷଦ କାର୍ଯ୍ୟାଳୟ ସମ୍ମୁଖରେ ସଫେଇ କର୍ମଚାରୀଙ୍କ ବିକ୍ଷୋଭ।

## ସଂକ୍ଷେପରେ

### ବେଆଇନ ଦେଶୀ ମଦ ବିକ୍ରି ଅଭିଯୋଗ

**କାଶୀନଗର, ୨୦।୭:** ହାଡ୍ଡୁଭାଙ୍ଗି ପଞ୍ଚାୟତ ପର୍ଶୁରାମପୁର ଗ୍ରାମ ନିକଟସ୍ଥ ଆନ୍ଧ୍ରକୁ ସଂଯୋଗ ମୁଖ୍ୟ ରାସ୍ତା କଡ଼ରେ ଥିବା ଏକ ଜମିରେ ଭାଟିରେ ପ୍ରସ୍ତୁତ ଦେଶୀ ମଦ ବିନା ଲାଇସେନ୍ସ ତଥା ବେଆଇନ ଭାବେ ବିକ୍ରି ହେଉଥିବା ନେଇ ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ରାସ୍ତା କଡ଼ରେ ବିକ୍ରି ହେଉଥିବାରୁ ସେହି ରାସ୍ତାରେ ମଦ୍ୟପ ଲୋକମାନଙ୍କ ଉନ୍ମତ୍ତ କାଣ୍ଡ ଯୋଗୁ ମହିଳାମାନେ ଓ ସ୍କୁଲ ଛାତ୍ରୀଛାତ୍ରମାନେ ଯିବା ଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ସ୍ଥାନରେ ବିକ୍ରି ହେଉଥିବା ମଦ ମିନିଗାଁ ଗ୍ରାମ ନିକଟରେ ଥିବା ଲାଇସେନ୍ସ ପ୍ରାପ୍ତ ଦେଶୀ ମଦ ଭାଟିରୁ ଆଣି ବିକ୍ରି ହେଉଥିବା ଜଣାପଡିଛି। ଏ ନେଇ ହାଡ୍ଡୁଭାଙ୍ଗି ଗ୍ରାମର ଲୋକମାନେ ଉଭୟ ସ୍ଥାନୀୟ ଅବକାରୀ ବିଭାଗ ଓ ପୋଲିସକୁ ଜଣାଇଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିବା ଅଭିଯୋଗ କରିଛନ୍ତି। ସୂଚନା ମୁତାବକ, ଉକ୍ତ ମଦ ଭାଟିରେ ପ୍ରସ୍ତୁତ ଦେଶୀ ମଦ ବିଭିନ୍ନ ସ୍ଥାନରେ ବେଆଇନ ଭାବେ ବିକ୍ରି ହେବା ସହ ଆନ୍ଧ୍ରକୁ ମଧ ଚାଲାଣ ହେଉଛି। ମଦଭାଟି ମାଲିକଙ୍କ ସହ ଅବକାରୀ ବିଭାଗର ମଧୁଚନ୍ଦ୍ରିକା ଯୋଗୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉନାହିଁ ବୋଲି ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

ବ୍ୟାଙ୍କ ସମିତି ବୈଠକ, ସମନ୍ୱୟ ମେଳା

### ୬୫ ଏସ୍‌ଏଚ୍‌ଜିକୁ ୧କୋଟି ୯୯ଲକ୍ଷ ଋଣ ମଞ୍ଜୁର

**ଫୁଲବାଣୀ ଅଫିସ, ୨୦।୭:** ଫୁଲବାଣୀ ବ୍ଲକ ଓଡିଶା ଜୀବିକା ମିଶନ ଓ ମିଶନ ଶକ୍ତି ଆନୁକୂଲ୍ୟରେ ବ୍ଲକସ୍ତରୀୟ ସ୍ୱତନ୍ତ୍ର ବ୍ୟାଙ୍କର ସମିତି ଓ ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ବିଡିଓ ଶାନ୍ତନୁ କୁମାର ନାୟକ, ସମ୍ମାନିତ ଅତିଥି ଭାବେ ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପରାମର୍ଶଦାତା ଅଭିରାମ ନନ୍ଦ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଫୁଲବାଣୀ ବ୍ଲକ ଓ ମ୍ୟୁନିସିପାଲିଟିର ମୋଟ ୬୫ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ୧ କୋଟି ୯୯ ଲକ୍ଷ ଟଙ୍କା ଋଣ ପ୍ରଦାନର ଅନୁମୋଦନ ପତ୍ର ଦିଆଯାଇଥିଲା। ଫୁଲବାଣୀ ଓଡିଶା ଜୀବିକା ମିଶନ ଗୋଷ୍ଠୀ ପ୍ରକଳ୍ପ ପରିଚାଳିକା ସୁଶ୍ରୀ ସବିତା ସୁବୁଦ୍ଧି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆର୍ଥିକ ଅନ୍ତର୍ଭୁକ୍ତୀକରଣ ବୈଷୟିକ ସଂଯୋଜିକା ସୁଶ୍ରୀ ବାସନ୍ତୀ ଖୁଣ୍ଟିଆ, ମିଶନ ଶକ୍ତି ପ୍ରକଳ୍ପ ସହାୟିକା ସୁଶ୍ରୀ ମାନିନୀ ନାୟକ ଓ ଜାତୀୟ ସହରାଞ୍ଚଳ ଜୀବିକା ମିଶନ ପ୍ରକଳ୍ପ ପରିଚାଳିକ ଦେବଦତ୍ତ ଧୀର ବିଷୋୟୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ସମସ୍ତ ବ୍ୟାଙ୍କ ଶାଖାର ପରିଚାଳକମାନେ ଉପସ୍ଥିତ ଥିଲେ।

### ପ୍ରମାଣ ଅଭାବରୁ ପିତୃହନ୍ତା ନିର୍ଦ୍ଦୋଷ

**କୃଷି ବୈଜ୍ଞାନିକ ହତ୍ୟା ମାମଲା**

**ବ୍ରହ୍ମପୁର ଅଫିସ, ୨୦।୭:** ଗଞ୍ଜାମ ଜିଲା ଦୌରା ଜଜ୍ ଆନନ୍ଦ ଚନ୍ଦ୍ର ବେହେରା ବୁଧବାର ଅବସରପ୍ରାପ୍ତ କୃଷି ବୈଜ୍ଞାନିକ ହତ୍ୟା ମାମଲାର ଶୁଣାଣି କରିଥିଲେ। ପ୍ରମାଣ ଅଭାବରୁ ପିତୃହନ୍ତାଙ୍କୁ ସେ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ଅଭିଯୁକ୍ତ ଜଣକ ଗୋପାଳପୁର ଥାନା ଅନ୍ତର୍ଗତ ଭକ୍ତ ସାଲବେଗର ଆଶିଷ କୁମାର ନନ୍ଦ(୩୦)। ଗିରଫ ପରଠାରୁ ଆଶିଷ ବ୍ରହ୍ମପୁର ମଣ୍ଡଳ କାରାଗାରରେ ବିଚାରାଧୀନ ବନ୍ଦୀ ଭାବେ ଥିଲେ। ପ୍ରକାଶ ଯେ, ଗୋପାଳପୁର ଭକ୍ତ ସାଲବେଗରେ ଶରତ କୁମାର ନନ୍ଦ ସ୍ତ୍ରୀ ଓ ପୁଅ ଆଶିଷଙ୍କ ସହ ରହୁଥିଲେ। ଶରତ ଜଣେ ଅବସରପ୍ରାପ୍ତ କୃଷି ବୈଜ୍ଞାନିକ। ବିଭିନ୍ନ କାରଣକୁ କେନ୍ଦ୍ରକରି ଶରତ ତାଙ୍କ ପୁଅଙ୍କୁ ତାଗିଦ କରୁଥିଲେ। ୨୦୨୧ ଏପ୍ରିଲ ୧୫ରେ ଉଭୟ ବାପା ଓ ପୁଅଙ୍କ ମଧରେ କଳହ ହୋଇଥିଲା। ଏଥିରେ ପୁଅ ଆଶିଷ ଉତ୍‌କ୍ଷିପ୍ତ ହୋଇ ଏକ ଛୁରିରେ ବାପାଙ୍କୁ ଭୁସି ହତ୍ୟା କରିଥିଲେ। ଗୋପାଳପୁର ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ଅଭିଯୋଗ ପରେ ମାମଲା ନମ୍ବର ୬୮/୨୧ ରେ ଆଶିଷଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ବୁଧବାର ଏହି ମାମଲାର ବିଚାର ବେଳେ ଅଭିଯୁକ୍ତ ଆଶିଷଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୯ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ପ୍ରମାଣ ମିଳି ନ ଥିବାରୁ ଜିଲା ଜଜ୍ ଆଶିଷଙ୍କୁ ନିର୍ଦ୍ଦୋଷ ବୋଲି ରାୟ ପ୍ରକାଶ କରିଛନ୍ତି। ସରକାରଙ୍କ ପକ୍ଷରୁ ପିପି ତ୍ରିଲୋଚନ ପରିଡା ଓ ମୁଦାଲାଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କିଶୋର ବିଷୋୟୀ, ନିର୍ମଳ ସାହୁ, ବୀରେନ ଚୌଧୁରୀ ଓ ସଞ୍ଜୟ ବିଷୋୟୀ ମକଦମା ପରିଚାଳନା କରିଥିଲେ।

# ସୁନାଗହଣା ଚୋରି ଅଭିଯୋଗରେ ପୋଷ୍ୟ ପୁଅ ସହ ୨ ଗିରଫ

ବ୍ରହ୍ମପୁର ଅଫିସ, ୨୦।୭

ସୁନା ଗହଣା ଚୋରି କରି ପୋଲିସ ହାବୁଡ଼ରେ ଧରାପଡିଛନ୍ତି ଗୃହକର୍ତ୍ତାଙ୍କ ପୋଷ୍ୟ ପୁତ୍ର। ସେ ହେଲେ ନରସିଂହ ଚରଣ ଦାସ(୧୮)। ସେହିପରି ଏହି ଘଟଣାରେ ଚୋରି ସୁନା ଗହଣା କ୍ରୟ କରିଥିବା ଜଣେ ବ୍ୟକ୍ତିଙ୍କୁ ମଧ ପୋଲିସ ଗିରଫ କରିଛି। ସେ ହେଲେ ବାଲେଶ୍ୱର ଜିଲା ସୋର ଥାନା ଅଞ୍ଚଳର ଗୌରାଙ୍ଗ ରାଉଳ(୪୮)। ପୋଲିସ ସେମାନଙ୍କଠାରୁ ୭୯. ୬ ଗ୍ରାମ ସୁନା ଗହଣା ଜବତ କରିଥିବା ଜିଲା ପୋଲିସ ମୁଖ୍ୟାଳୟରୁ ଜାରି ହୋଇଥିବା ଏକ ପ୍ରେସ୍‌ନୋଟରେ ଅତିରିକ୍ତ ଏସ୍‌ପି ରମେଶ ଚନ୍ଦ୍ର ସେଠୀ ବୁଧବାର ସୂଚନା ଦେଇଛନ୍ତି। ନରସିଂହ ସୁନା ଚୋରି କରି ୧ଲକ୍ଷ ୬୭ ହଜାର ଟଙ୍କାରେ ଗୌରାଙ୍ଗଙ୍କୁ ବିକ୍ରି କରିଥିଲେ ବୋଲି ପୋଲିସ ସୂଚନା ଦେଇଛି। ଉପରୋକ୍ତ ଅଭିଯୁକ୍ତ ଦ୍ୱୟଙ୍କୁ ପୋଲିସ ମାମଲା ନମ୍ବର ୧୧୧/୨୨ ରେ ବୁଧବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରିଛି।



ଜବତ ସୁନା ଅଳଙ୍କାର

ପ୍ରକାଶ ଯେ, ବ୍ରହ୍ମପୁର ଗୋଷାଣୀନୂଆଗାଁ ଚାଞ୍ଚଡ଼ାପଡିଆ ସାହିରେ ରହୁଥିବା ମମତା ସାହୁ ପୁରୀ ବାସେଳିସାହିର ସ୍ୱର୍ଗତ ଜୟକୃଷ୍ଣ ଦାସଙ୍କ ପୁଅ ନରସିଂହଙ୍କୁ ପୋଷ୍ୟ ପୁତ୍ର ଭାବେ ଘରେ ରଖିଥିଲେ। ଗତ ୩ ତାରିଖରେ ମମତା ଓ ତାଙ୍କ ସ୍ୱାମୀ ବିମଳ କୁମାର ସାହୁ କୌଣସି କାମରେ ଘରେ ତାଲା ଦେଇ ବାହାରକୁ ଯାଇଥିଲେ। ପୂର୍ବରୁ ନରସିଂହ ମଧ ବାହାରକୁ ଚାଲି ଯାଇଥିଲେ। ଚାବି ତାଙ୍କ ପଡୋଶୀ ଘରେ ଦେଇ ଯାଇଥିଲେ। ଏକଥା ନରସିଂହ ଜାଣିଥିଲେ। ମମତା ଘରୁ ବାହାରକୁ ଯିବାର କିଛି ସମୟ ପରେ ନରସିଂହ ପଡୋଶୀ ଘରୁ ଚାବି ମାଗି ଆଲମିରାରେ ଥିବା ୨୫ ଭରି ସୁନା ଗହଣା ଚୋରି କରି ନେଇଯାଇଥିଲେ। ଯାହାକି ମମତା ଘରକୁ ଫେରିବା ପରେ ଜାଣିବାକୁ ପାଇଥିଲେ। ଘରେ ନରସିଂହ ନ ଥିବାରୁ ତାଙ୍କର ସନ୍ଦେହ ହୋଇଥିଲା। ସେମାନେ ଏନେଇ ଗୋଷାଣୀନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଘଟଣାର ଅନୁସନ୍ଧାନ କରି ଅଭିଯୁକ୍ତ ଦ୍ୱୟଙ୍କୁ କାବୁ କରିଥିବା କହିଛି।

## ଯୌତୁକଜନିତ ହତ୍ୟା

ପୁରୁଷୋତ୍ତମପୁର, ୨୦।୭ (ଡି.ଏନ.ଏ.)

ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ଥାନା ଅନ୍ତର୍ଗତ ଶିଖରପୁର ଗ୍ରାମରେ ଜଣେ ମହିଳାଙ୍କୁ ଶାଶୂଘର ଲୋକେ ଅଧିକ ଯୌତୁକ ଦାବି କରି ହତ୍ୟା କରିଥିବା ବୁଧବାର ପୋଲିସରେ ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ଝୁମୁରି ନାହାକ (୨୬)। ମୃତ ମହିଳାଙ୍କ ମାଆ ସୁନାଥର ଗ୍ରାମର ଶୁବାସି ନାହାକ ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅ ଝୁମୁରି ଗତ ସାତ ବର୍ଷ ତଳେ ଶିଖରପୁର ଗ୍ରାମର ସନ୍ତୋଷ ନାହାକଙ୍କୁ ବିବାହ କରିଥିଲେ। ଶାଶୂ ଘରଲୋକେ ଅଧିକ ଯୌତୁକ ଦାବି କରି ନିର୍ଯାତନା ଦେଇଆସୁଥିବା ବେଳେ ମଙ୍ଗଳବାର ଝୁମୁରିଙ୍କୁ ବିଷ ଦେଇଛନ୍ତି। ତାଙ୍କୁ ଗୁରୁତର ଅବସ୍ଥାରେ ବ୍ରହ୍ମପୁର ବଡମେଡିକାଲକୁ ନିଆଯାଇଥିବା ବେଳେ ସେଠାରେ ମୃତ୍ୟୁ ଘଟିଛି। ପୁରୁଷୋତ୍ତମପୁର ପୋଲିସ ନଂ ୪୦୩/୨୨ରେ ମାମଲା ରୁଜୁ କରିବା ସହ ବ୍ରହ୍ମପୁର ବଡମେଡିକାଲରେ ମୃତଦେହ ବ୍ୟବଚ୍ଛେଦ କରାଇ ଘଟଣାର ତଦନ୍ତ ଚଳାଇଛି।

## କୁଞ୍ଜବିହାରୀ ବାଳିକା ହାଇସ୍କୁଲର ବାର୍ଷିକ ଉତ୍ସବ

ଖଣ୍ଡପଡ଼ା, ୨୦।୭(ସ୍ୱ.ପ୍ର.)

କଣ୍ଟିଲୋ କୁଞ୍ଜ ବିହାରୀ ବାଳିକା ଉଚ୍ଚ ବିଦ୍ୟାଳୟର ୫୮ ତମ ବାର୍ଷିକ ଉତ୍ସବ ବୁଧବାର ପାଳିତ ହୋଇ ଯାଇଛି । ଏହି ଅବସରରେ ଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକ ଓ କର୍ମଚାରୀମାନେ ନୀଳମାଧବଙ୍କୁ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଥିଲେ। ପରେ ପ୍ରଧାନଶିକ୍ଷକ ଶ୍ରୀନିବାସ ପଣ୍ଡାଙ୍କ ଅଧ୍ୟକ୍ଷତାରେ ସ୍କୁଲର ପ୍ରତିଷ୍ଠାତା ସ୍ୱର୍ଗତ କୁଞ୍ଜ ବିହାରୀ ସାହୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବେ କଣ୍ଟିଲୋ ଜିଲା ପରିଷଦ ସଭ୍ୟା ତଥା ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଉଜ୍ଜ୍ୱଳ ମହାରଣା, ପୂର୍ବତନ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର କାଣ୍ଟି, ରାଜ କିଶୋର ପଣ୍ଡା, ନବ କିଶୋର ସାହୁ, ବିଦ୍ୟାଳୟ କମିଟି ସଭାପତି ସୁରେଶ କୁମାର ମହାରଣା, ସରୋଜ କୁମାର ମିଶ୍ର ଓ ଖବରଦାତା ପ୍ରଭାକର ଶିରୋମଣି ପ୍ରମୁଖ ଯୋଗଦେଇ ଛାତ୍ରୀମାନେ ଗାନ୍ଧୀ, ଗୋପବନ୍ଧୁଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ । ଶ୍ରେଣୀ ଗୃହ ସାଜସଜ୍ଜାରେ ୧୦ମ ଶ୍ରେଣୀ ପ୍ରଥମ, ୯ମ ଶ୍ରେଣୀ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ବେଳେ ୬ଷ୍ଠ, ୭ମ ଓ ୮ମ ଶ୍ରେଣୀ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। ସେହିପରି ଛାତ୍ରୀମାନଙ୍କ ଦ୍ୱାରା ପରିବେଷିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ନୃତ୍ୟ ନାଟିକାରେ ବିଦ୍ୟାଳୟର ୮ମ, ୧୦ମ ଓ ୯ମ ଶ୍ରେଣୀର ଛାତ୍ରୀମାନେ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ୩ୟ ସ୍ଥାନ ଅଧିକାର କରି ପୁରସ୍କୃତ ହୋଇଥିଲେ। କ୍ରୀଡା ଶିକ୍ଷକ ଜୟଦେବ ସ୍ୱାଇଁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।



ବାର୍ଷିକୋତ୍ସବ ଅବସରରେ ଛାତ୍ରୀମାନେ ନୃତ୍ୟ କରୁଛନ୍ତି।

## ବଳରାମ ଯୋଜନା ସଚେତନତା କର୍ମଶାଳା

ଖଣ୍ଡପଡା, ୨୦।୭ (ସ୍ୱ.ପ୍ର.)

ରାଜ୍ୟ ସରକାର ପ୍ରଣୟନ କରିଥିବା ବଳରାମ ଯୋଜନାର ରୂପରେଖ ନେଇ ଏକ ସଚେତନତା କର୍ମଶାଳ ଖଣ୍ଡପଡା ବ୍ଲକ ସମ୍ମିଳନୀ କକ୍ଷରେ ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ କର୍ମଶାଳାରେ ଖଣ୍ଡପଡ଼ା ତହସିଲଦାର ପାର୍ଥ ସାରଥୀ ହାଁସଦା ଅଧ୍ୟକ୍ଷତା କରିଥିବା ବେଳେ ଖଣ୍ଡପଡ଼ା ବ୍ଲକ ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ନୟାଗଡ଼ କୃଷି ଜିଲା ଅଧିକାରୀ ଜାନକୀ ବଲ୍ଲଭ ମହାପାତ୍ର, ବ୍ଲକ କୃଷି ଅଧିକାରୀ ଭବାନୀ ଶଙ୍କର ମିଶ୍ର, ସହକାରୀ କୃଷି ଅଧିକାରୀଣୀ ରଶ୍ମିତା କୁମାରୀ ସ୍ୱାଇଁ, ଆତ୍ମାର ଅଧ୍ୟକ୍ଷ ନାରାୟଣ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ । ଭୂମିହୀନ କୃଷିଜୀବି, ନାମମାତ୍ର କ୍ଷୁଦ୍ର ଓ ଭାଗଚାଷୀମାନଙ୍କୁ ଋଣ ପ୍ରଦାନ କରି ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ରାଜ୍ୟ ସରକାର ବଳରାମ ଯୋଜନାରେ ଗ୍ରହଣ କରିଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ କୃଷି ଜିଲା ଅଧିକାରୀ ମହାପାତ୍ର ସୂଚନା ପ୍ରଦାନ କରିଥିଲେ। କୃଷି ଓ କୃଷକ ସଶକ୍ତିକରଣ ଦ୍ୱାରା ଚାଷୀମାନେ ଲାଭବାନ ହୋଇପାରିବେ ବୋଲି ପ୍ରଶାସନିକ ଅଧିକାରିମାନେ ମତ ଦେବା ସହ ଯୋଜନାର ସଫଳ ରୂପାୟନ ନେଇ ଆଶା ବ୍ୟକ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଉଦ୍ୟାନ ବିଭାଗ, ରାଜସ୍ୱ ବିଭାଗ, ସମବାୟ ଓ କୃଷି ବିଭାଗର କର୍ମଚାରୀମାନେ ଯୋଗ ଦେଇଥିବା ବେଳେ ବିଭିନ୍ନ ଜାତୀୟ କରଣ ବ୍ୟାଙ୍କ ଶାଖା ଏବଂ ସମବାୟ ବ୍ୟାଙ୍କ ଶାଖାର ଅଧିକାରୀମାନେ ଅନୁପସ୍ଥିତ ରହିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଥିଲା ।

## ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

**ଜୁଏଲେରି, ପେଟ୍ରୋଲ ପମ୍ପ ଡକାୟତି ଘଟଣା**

ନୟାଗଡ଼ ଅଫିସ/ରଣପୁର, ୨୦।୭ (ସ୍ୱ.ପ୍ର.)

ମଙ୍ଗଳବାର ଅପରାହ୍ନରେ ନୟାଗଡ଼ ଜିଲା ଗୋଡିପଡ଼ା ଫାଣ୍ଡି ଗୋଡିପଡା ବଜାରର ରଣପୁର ରୋଡରେ ଥିବା ମହାଲକ୍ଷ୍ମୀ ଜୁଏଲେର ଓ ୱାର୍କ ସପ୍ ଭଙ୍ଗାରୁଜା କରି ଡକାୟତି ହୋଇଥିଲା । ସେହିପରି ଗୋଡିପଡା ନିକଟସ୍ଥ ରଣପୁର ଥାନା ଦର୍ପନାରାୟଣପୁର ଫାଣ୍ଡିର ଡମସାହି ବାଗ୍‌ଦେବୀ ମନ୍ଦିର ନିକଟସ୍ଥ ପେଟ୍ରୋଲ ପମ୍ପରୁ ଅନୁରୂପ ଭାବେ ଭଙ୍ଗାରୁଜା କରି ୧ ଲକ୍ଷ ୩୦ ହଜାର ଟଙ୍କା ଡକାୟତି ହୋଇଥିଲା । ଏହି ଦୁଇ ଘଟଣାରେ ସଂପୃକ୍ତ ଥିବା ୩ ଡକାୟତଙ୍କୁ ଠାବ କରିବାରେ ଶରଣକୁଳ ଓ ରଣପୁର ଥାନା ପୋଲିସ ବିଫଳ ହୋଇଛି । ଗୋଡିପଡ଼ାର ମହାଲକ୍ଷ୍ମୀ ଜୁଏଲେରିରୁ ୮ ଲକ୍ଷ ୫୦ ହଜାର ଟଙ୍କାର ସୁନା ରୂପା ଅଳଙ୍କାର ଡକାୟତି କରାଯାଇଥିବା ଅନୁମାନ କରାଯାଉଥିଲା । ହେଲେ ଜୁଏଲେର ସିଲ୍ ଥିବାରୁ ଡକାୟତି ନେଇ ସ୍ପଷ୍ଟ ଚିତ୍ର ଜଣା ପଡୁ ନ ଥିଲା । ବୁଧବାର ସାଇଣ୍ଟିଫିକ ଟିମ୍ ପହଞ୍ଚି ଯାଞ୍ଚ କରିବା ପରେ କ'ଣ ଚୋରି ହୋଇଛି ରିପୋର୍ଟ ଦେବାକୁ ଜୁଏଲେରି ମାଲିକଙ୍କୁ ପୋଲିସ କହିଛି । ଅନ୍ୟପକ୍ଷେ ପୋଲିସ ଅନୁମାନ କରିଛି ପ୍ରାୟ ୩ ଲକ୍ଷ ୫୦ ହଜାର ଟଙ୍କାର ସୁନାରୁପା ଅଳଙ୍କାର ଚୋରି ହୋଇଛି। କାରଣ କିଛି ସୁନା ଓ ରୁପା ଅଳଙ୍କାର ତଳେ ପଡି ରହିଛି। ସାଇଣ୍ଟିଫିକ୍ ଟିମ୍ ବୋମାର ଟୁକୁରା ଅଂଶ ଜବତ କରିଛି। ପୁଣି ଜୁଏଲେରିରୁ ଡକାୟତଙ୍କ ଏକାଧିକ ଫିଙ୍ଗରପ୍ରିଣ୍ଟ ମିଳିଛି । ପୁଣି ପେଟ୍ରୋଲ ପମ୍ପରୁ କିଛି ସୁରାକ ସଂଗ୍ରହ କରାଯାଇଛି।

ସୂଚନାଯୋଗ୍ୟ, ଡକାୟତି ବେଳେ ଜୁଏଲେରିର ସିସିଟିଭି କାମ କରୁ ନ ଥିଲା । ସେହିପରି ପେଟ୍ରୋଲ ପମ୍ପର ସିସିଟିଭି ବନ୍ଦ ଥିଲା । ପେଟ୍ରୋଲ ପମ୍ପ ଡକାୟତି ଘଟଣାରେ ମାଳିସାହିର ରଞ୍ଜନ ପ୍ରଧାନଙ୍କ ଅଭିଯୋଗ କ୍ରମେ ରଣପୁର ପୋଲିସ ଏକ ମାମଲା (ନଂ.୧୭୫/୨୨)ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

## ବନ୍ୟାଜଳରୁ କାଠ, ବାଉଁଶ ସଂଗ୍ରହ



ଖଣ୍ଡପଡ଼ା, ୨୦।୭ (ସ୍ୱ.ପ୍ର.)

ଗତ କିଛିଦିନ ହେବ ଲଘୁଚାପଜନିତ ବର୍ଷା ଯୋଗୁ ନୟାଗଡ଼ ଜିଲାର ବିଭିନ୍ନ ନଦୀର ଜଳସ୍ତର ବୃଦ୍ଧି ପାଇଥିଲା। ଉପର ମୁଣ୍ଡରେ ବର୍ଷା ହେବା ଫଳରେ ମହାନଦୀ ଓ ଏହାର ଉପନଦୀ କମେଇ, କୁଆଁରିଆ, କାଳିଗିରି ଓ କୁସୁମି ନଦୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା । ଉପରୋକ୍ତ ନଦୀରେ ଜଳପତ୍ତନ ବୃଦ୍ଧି ପାଉଥିବା ବେଳେ ନଦୀ କୂଳବର୍ତ୍ତୀ ଲୋକେ ବନ୍ୟାପାଣିରୁ ଶୁଖିଲା କାଠ, ବାଉଁଶ ସଂଗ୍ରହ କରିବାରେ ଲାଗି ପଡିଥିଲେ । ନଦୀ ଉପକୂଳରେ ଥିବା ପାହାଡ, ଜଙ୍ଗଲରୁ ବର୍ଷା ଜଳରେ ଶୁଖିଲା କାଠ, ବାଉଁଶ ପ୍ରଚୁର ପରିମାଣରେ ଭାସି ଆସିଥାଏ । ସେହି ସାମଗ୍ରୀକୁ ନଦୀ କୂଳ ଗାଁର ଲୋକମାନେ ସଂଗ୍ରହ କରିଥାନ୍ତି । କଣ୍ଟିଲୋ, ବାଣପୁର ଗ୍ରାମର ଲୋକମାନେ ବନ୍ୟାପାଣିରୁ କାଠ ସଂଗ୍ରହ କରୁଥିବା ଦେଖିବାକୁ ମିଳିଥିଲା ।

## ଅଭିଯୋଗ ପରେ ବି ହାତବାନ୍ଧି ବସିଛି ପୋଲିସ

**ପୂର୍ବତନ ବ୍ଲକ ଅଧ୍ୟକ୍ଷାଙ୍କୁ ହତ୍ୟା ଧମକ**

ଭାପୁର, ୨୦।୭ (ଡି.ଏନ.ଏ.)

ଭାପୁର ବ୍ଲକର ପୂର୍ବତନ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କୁ ଘରେ ପଶି ହତ୍ୟା ଧମକ ଦିଆଯାଇଥିବା ନେଇ ଥାନାରେ ଅଭିଯୋଗ ହୋଇଥିଲା। ହେଲେ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ ବୋଲି ସେ ଅଭିଯୋଗ କରିଛନ୍ତି ।

ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ତଥା ବ୍ଲକ ବିଜେଡି ସଭାପତି ଗୟାଧର ପରିଡାଙ୍କ ନିର୍ଦ୍ଦେଶରେ ତାଙ୍କ ସହଯୋଗୀ ଜ୍ୟୋତିରଞ୍ଜନ ପଣ୍ଡା ଏବଂ ଯୋଗେନ୍ଦ୍ର ସ୍ୱାଇଁ ତାଙ୍କୁ ଜାତିଆଣ ଆକ୍ଷେପ ସହ ଅଶାଳୀନ ଭାଷାରେ ଗାଳି କରିବା ସହିତ ଜୀବନରୁ ମାରିଦେବାକୁ ଧମକ ଦେଇଥିବା ନେଇ ଏତଲାରେ ଉଲ୍ଲେଖ ରହିଛି । ଗତ ଏପ୍ରିଲ ୪ ସନ୍ଧ୍ୟାରେ ଗୟାଧର ତାଙ୍କ ଦୁଇ ସହଯୋଗୀଙ୍କ ସହ ଶାନ୍ତିଲତାଙ୍କ ଘରେ ପଶିବା ସହିତ ପୂର୍ବରୁ ଦସ୍ତଖତ ଜାଲିଆତି ନେଇ କରିଥିବା ମାମଲାକୁ ଉଠାଇବା ପାଇଁ ଚାପ ପକାଇଥିଲେ । ସେ ଏହାର ପ୍ରତିବାଦ କରିବାରୁ ତାଙ୍କୁ ଘରୁ ଘୋଷାରି ଆଣି ହତ୍ୟା ଧମକ ଦିଆଯାଇଥିବା ଏତଲା ଦର୍ଶାଯାଇଛି । ଅନ୍ୟ ଉପାୟ ନ ପାଇ ଶାନ୍ତିଲତା ଫତେଗଡ ଥାନାରେ ଏତଲା ଦେବା ସହ ତାଙ୍କ ଜୀବନପ୍ରତି ବିପଦ ସୃଷ୍ଟି ହୋଇଛି । ଏଥିପାଇଁ ତାଙ୍କୁ ପୋଲିସ ସୁରକ୍ଷା ଦେଉ ବୋଲି ଅନୁରୋଧ କରିଛନ୍ତି । ଏନେଇ ଫତେଗଡ଼ ଥାନାରେ ଏକ ମାମଲା(ନଂ.୧୩୨/୨୨) ରୁଜୁ ହୋଇଛି । ଖଣ୍ଡପଡା ଏସଡିପିଓ ପ୍ରଭାତ କୁମାର ମଲ୍ଲିକ ଏହାର ତଦନ୍ତ କରୁଛନ୍ତି ।

## ପାଟିକୋଟା ସମବାୟ ସମିତିର ସଭାପତି ହେଲେ ସୁଶୀଳା

ପାରଳାଖେମୁଣ୍ଡି, ୨୦।୭(ଡି.ଏନ୍.ଏ.)

ଗୋଷାଣୀ ବ୍ଲକ ଅନ୍ତର୍ଗତ ପାଟିକୋଟା ସମବାୟ ସମିତିର ସଭାପତି ଭାବେ ଏସ.ସୁଶୀଳା ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛି। ବୁଧବାର ଅନୁଷ୍ଠିତ ସମବାୟ ସମିତି ସଭାପତି ନିର୍ବାଚନରେ ଏସ୍.ସୁଶୀଳା ଏକମାତ୍ର ପ୍ରାର୍ଥିନୀ ଭାବେ ନାମାନଙ୍କ ଭରିଥିଲେ। ନିର୍ଦ୍ଧାରିତ ସମୟ ଅନୁଯାୟୀ ଅନ୍ୟ କେହି ନାମାଙ୍କନ ଦାଖଲ ନ କରିବାରୁ ସୁଶୀଳା ନିର୍ବାଚିତ ହୋଇଥିଲେ। ଗଜପତି ଜିଲା ବିଜେଡି ଯୁବ ସଭାପତି ଏସ୍.ଲିଙ୍ଗରାଜୁଙ୍କ ସ୍ତ୍ରୀ ସୁଶୀଳା ବିଜେଡିର ଦୃଢ ସମର୍ଥକ ତଥା ସଭାନେତ୍ରୀ ଭାବେ ବହୁ ଜନହିତକର କାମ କରିଛନ୍ତି ।

## ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ

**କଳାହାଣ୍ଡି ଜିଲାରୁ ଉଦ୍ଧାର, ଯୁବକ ଗିରଫ**

ଭାପୁର, ୨୦।୭(ଡି.ଏନ.ଏ.)

ଫତେଗଡ଼ ଥାନା ଅଞ୍ଚଳରୁ ଜଣେ ୧୬ବର୍ଷର ନାବାଳିକା କଲେଜ ଛାତ୍ରୀଙ୍କୁ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଥିଲା । ସମ୍ପୃକ୍ତା ନାବାଳିକାଙ୍କୁ ପୋଲିସ କଳାହାଣ୍ଡି ଜିଲାରୁ ଉଦ୍ଧାର କରିଛି । ଏହି ଘଟଣାରେ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଛି। ଅଭିଯୋଗ ଅନୁଯାୟୀ, ସ୍ଥାନୀୟ କଲେଜର ଯୁକ୍ତ ୨ଶ୍ରେଣୀର ସମ୍ପୃକ୍ତା ଛାତ୍ରୀଙ୍କୁ ଶିବ ବାରିକ ନାମକ ଜଣେ ଯୁବକ ଗତ ଗୁରୁବାର ବଳପୂର୍ବକ ଅପହରଣ କରିନେଇଥିଲେ । ଶିବ ଦୀର୍ଘଦିନ ଧରି ନାବାଳିକାଙ୍କ ପିଛା କରିବା ସହିତ ଅଶ୍ଳୀଳ ଇଙ୍ଗିତ କରି ଆସୁଥିଲେ। ମାନସ ସାହୁ ନାମକ ଜଣେ ଯୁବକ ଶିବଙ୍କୁ ଏଥିରେ ସହାୟତା କରୁଥିଲେ ବୋଲି ସ୍ଥାନୀୟ ଥାନାରେ ନାବାଳିକାଙ୍କ ବାପା ଅଭିଯୋଗ କରିଥିଲେ । ଫତେଗଡ଼ ଥାନା ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ସମ୍ପୃକ୍ତ ଯୁବକଙ୍କ ସହିତ ନାବାଳିକାଙ୍କୁ କଳାହାଣ୍ଡି ଜିଲା ରାମପୁର ଥାନା ଅଞ୍ଚଳରୁ ଉଦ୍ଧାର କରିଛି । ଶିବଙ୍କୁ ପୋଲିସ ଗିରଫ କରିଛି । ଉଭୟଙ୍କୁ ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରୀ ମାଇନା କରାଯାଇଛି ।

# ଅପହରଣକାରୀ ଯୁବକ କୋର୍ଟ ଚାଲାଣ

**ଅପହୃତା ଛାତ୍ରୀ ସୁନାବେଡ଼ାରୁ ଉଦ୍ଧାର**

ବ୍ରହ୍ମପୁର ଅଫିସ, ୨୦।୭

ବ୍ରହ୍ମପୁର ବଡବଜାର ଥାନା ପୋଲିସ ଜଣେ ନାବାଳିକା ପୀଡ଼ିତା ଛାତ୍ରୀଙ୍କୁ ସୁନାବେଡାରୁ ଉଦ୍ଧାର କରିଛି। ସେହିପରି ନାବାଳିକାଙ୍କୁ ଅପହରଣ କରିବା ପରେ ତାଙ୍କୁ ବଳାତ୍କାର କରିଥିବା ଯୁବକଙ୍କୁ ମଧ ପୋଲିସ ଉକ୍ତ ସ୍ଥାନରୁ କାବୁ କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ ସୁନାବେଡାର ରୋହନ ଦେଉଳାପାଡିଆ ଓରଫ ଅରୁଣ(୨୦)। ବୁଧବାର ଉଭୟ ପୀଡ଼ିତା ଓ ବଳାତ୍କାରୀଙ୍କ ଏମ୍‌କେସିଜି ମେଡିକାଲରେ ଡାକ୍ତରୀ ମାଇନା କରାଯାଇଛି। ନାବାଳିକା ଛାତ୍ରୀଙ୍କୁ ପ୍ରେମନଗର ଅଞ୍ଚଳରୁ ଅପହରଣ କରି ଯୁବକ ଜଣଙ୍କ ଆନ୍ଧ୍ରପ୍ରଦେଶର ବିଜୟୱାଡ଼ାରେ ଏକ ଘର ଭଡ଼ା ନେଇ ରଖିଥିଲା। ସେଠାରେ ନାବାଳିକାଙ୍କ ଅନିଚ୍ଛା ସତ୍ତ୍ୱେ ତାଙ୍କୁ ବଳପୂର୍ବକ ବଳାତ୍କାର କରିଥିଲା। ପରେ ନାବାଳିକାଙ୍କୁ ବିଶାଖାପାଟଣା ନେଇ ସେଠାରେ ମଧ ବଳାତ୍କାର କରିଥିବା ପୋଲିସ ଜେରା ବେଳେ ଜାଣିବାକୁ ପାଇଛି। ମାମଲା ନମ୍ବର ୧୬୮/୨୨ ରୋହନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ପ୍ରଶାନ୍ତ ଭୂପତି ସୂଚନା ଦେଇଛନ୍ତି। କୋର୍ଟରେ ପୀଡ଼ିତା ଛାତ୍ରୀଙ୍କର ବୟାନ ରେକର୍ଡ କରାଯାଇଛି।



ଗିରଫ ଅଭିଯୁକ୍ତ ।

ପ୍ରକାଶ ଯେ, ସୁନାବେଡା ଅଞ୍ଚଳର ଏକ ଦମ୍ପତି ନିଜର ନାବାଳିକା ଝିଅଙ୍କ ସହିତ ଜୁନ ୬ରେ ବ୍ରହ୍ମପୁର ପ୍ରେମନଗରରେ ଏକ ଭୋଜିରେ ଯୋଗଦେବାକୁ ଆସିଥିଲେ। ଜୁନ ୭ ମଧ୍ୟାହ୍ନରେ ତାଙ୍କ ଝିଅଙ୍କୁ ଅପହରଣ କରାଯାଇଥିବା ନେଇ ସେମାନେ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅପହର୍ତ୍ତା ଜଣଙ୍କ ନାବାଳିକା ଛାତ୍ରୀଙ୍କୁ ନେଇ ସୁନାବେଡା ଆସିଥିବା ପୋଲିସ ଖବର ପାଇଥିଲା। ପୋଲିସ ଟିମ୍ ମଙ୍ଗଳବାର ରାତିରେ ସୁନାବେଡାରେ ପହଞ୍ଚି ପୀଡ଼ିତା ଛାତ୍ରୀଙ୍କୁ ଅପହରଣକାରୀଙ୍କ ଘରୁ ଉଦ୍ଧାର କରିଥିଲା। ସେହିପରି ବଳାତ୍କାରୀଙ୍କୁ ମଧ କାବୁ କରିଥିଲା ବୋଲି କହିଛି।

## ସଂକ୍ଷେପରେ

### ଦେଶୀ ମଦ ଜବତ, ୬ ଗିରଫ

ଭଞ୍ଜନଗର,୨୦।୭(ଡି.ଏନ୍.ଏ.):ଭଞ୍ଜନଗର ଅବକାରୀ ବିଭାଗ ପକ୍ଷରୁ ବୁଧବାର ସୁତାଙ୍ଗୀ, ମୁଜାଗଡ଼, କୁଲାଡ଼, ଜିଲୁଣ୍ଡି ଆଦି ସ୍ଥାନରେ ବେଆଇନ ଭାବେ ଚାଲିଥିବା ମଦ କାରବାର ଉପରେ ଚଢ଼ାଉ କରାଯାଇଥିଲା। ଏସବୁ ସ୍ଥାନରୁ ବହୁ ପରିମାଣର ଦେଶୀ ମଦ ଜବତ କରାଯିବା ସହ ମଦ ରାନ୍ଧିବା ପାଇଁ ଥିବା ୭,୫୦୦ ଲିଟର ପୋଚ ନଷ୍ଟ କରାଯାଇଛି। ଏହି ଘଟଣାରେ ୬ ଜଣଙ୍କୁ ଗିରଫ କରି ଭଞ୍ଜନଗର କୋର୍ଟ ଚାଲାଣ କରାଯାଇଛି। ୩ ଫେରାର ଅଭିଯୁକ୍ତଙ୍କୁ ଗିରଫ ପାଇଁ ଚେଷ୍ଟା ଚାଲିଛି। ଚଢ଼ାଉରେ ଅବକାରୀ ଇନ୍ସପେକ୍ଟର ଗୀତାଞ୍ଜଳି ସାହୁ, ଏସଆଇ ସୁଦର୍ଶନ ବିଶୋଇ, ଏଏସଆଇ ରଶ୍ମି ରଞ୍ଜନ ନାୟକ, ଜନାର୍ଦ୍ଦନ ମଙ୍ଗରାଜ ଓ ଅନ୍ତର୍ଯ୍ୟାମୀ ସାହୁ ପ୍ରମୁଖ ସାମିଲ ଥିଲେ।

### ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ବୁଗୁଡ଼ା,୨୦।୭(ଡି.ଏନ୍.ଏ.):ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସହାୟତା ଉପକରଣ ଓ ସାମାଜିକ ସୁରକ୍ଷା ଯୋଜନାରେ ଅନ୍ତର୍ଭୁକ୍ତ କରିବା ନିମନ୍ତେ ଓଡ଼ିଶା ସରକାରଙ୍କ ସାମାଜିକ ସୁରକ୍ଷା ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବୁଗୁଡ଼ା ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଚିହ୍ନଟ ଶିବିର ସ୍ଥାନୀୟ ପିପୁଲ୍ସ କଲେଜ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ବୁଗୁଡା ବ୍ଲକ ଅଧକ୍ଷା କେ. ପ୍ରିୟଦର୍ଶିନୀ ଆଚାରୀ ଉକ୍ତ ଶିବିରକୁ ଉଦ୍‌ଘାଟନ କରିଥିବା ବେଳେ ଉପାଧକ୍ଷ ମାନସ ରଞ୍ଜନ ପ୍ରଧାନ ଏହାର ସୁପରିଚାଳନା ଦାୟିତ୍ୱ ନିର୍ବାହ କରିଥିଲେ। ଉକ୍ତ ଶିବିର ଭିନ୍ନକ୍ଷମ ବ୍ୟକ୍ତିମାନଙ୍କୁ ବସ୍ ଓ ଟ୍ରେନ୍ ପାସ, ରାଶନ କାର୍ଡ, ବିଭିନ୍ନ ପ୍ରକାର ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ, ଡିଆରଆଇ ଲୋନ, କୃଷି ଉପକରଣ, ଆୟ ଓ ବାସିନ୍ଦା ପ୍ରମାଣ ପତ୍ର ଆଦି ଯୋଗାଇ ଦେବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଆୟୋଜିତ ହୋଇଥିଲା। ଏହି ଅବସରରେ ୧୬୦ ଜଣ ବ୍ୟକ୍ତିଙ୍କ ନାମ ପଞ୍ଜୀକୃତ ହୋଇଥିଲା ଏବଂ ୧୨୭ ଜଣ ହିତାଧିକାରୀଙ୍କୁ ବିଭିନ୍ନ ଉପକରଣ ଯୋଗାଇ ଦିଆଯାଇଥିଲା। ସ୍ଥାନୀୟ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରିଣୀ ସୁପ୍ରିୟା ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ ଶିବିର ସୁପରିଚାଳନା ପାଇଁ ୨୧ କେନ୍ଦ୍ର ଖୋଲାଯାଇ ଦିବ୍ୟାଙ୍ଗଙ୍କ ଅଭିଯୋଗ ଗ୍ରହଣ କରାଯାଇଥିଲା।

# ଗଞ୍ଜାମରେ ହସ୍ତତନ୍ତ ଶିଳ୍ପର ବିକାଶ ଉପରେ ଗୁରୁତ୍ୱ

## ପିତଳର ସୂତା ଶାଢ଼ୀକୁ ଜିଲାପାଳଙ୍କ ପ୍ରଶଂସା

ଛତ୍ରପୁର,୨୦।୭(ଡି.ଏନ୍.ଏ.)

ଗଞ୍ଜାମ ଜିଲାରେ ହସ୍ତତନ୍ତ ଶିଳ୍ପର ବିକାଶ ନିମନ୍ତେ ଜିଲାସ୍ତରୀୟ ପରିଚାଳନା କମିଟି ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସମ୍ଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ଅଧ୍ୟକ୍ଷତା କରିଥିଲେ। ଜିଲାର ହସ୍ତତନ୍ତ କୁଟୀର ଶିଳ୍ପରେ ବହୁଳ କର୍ମ ନିଯୁକ୍ତି ସମ୍ଭାବନା ରହିଛି। ବ୍ରହ୍ମପୁର ପାଟର ବୁଣା ପଦ୍ଧତି ଓ କାରୁକାର୍ଯ୍ୟ ସହରକୁ ରେଶମ ସହର ଭାବେ ପରିଚିତ କରାଇଛି। ଏହି ପାଟରେ ଚାହିଦା ଓଡିଶା ବାହାରେ ମଧ୍ୟ ରହିଛି। ବୁଣାକାରମାନଙ୍କ ଆବଶ୍ୟକତା ଏବଂ ଭିତ୍ତିଭୂମି ବିକାଶ କରାଗଲେ ଜିଲାର ବସ୍ତ୍ର କୁଟୀର ଶିଳ୍ପ ସର୍ବବିଦିତ ହେବା ସହ ବୁଣାକାରମାନେ ଆତ୍ମ ନିର୍ଭରଶୀଳ ହୋଇପାରିବେ। ଏହା ମଧ୍ୟ ପରବର୍ତ୍ତୀ ପିଢ଼ିଙ୍କ ସକାଶେ ଖୋରାକ ଯୋଗାଇବ ବୋଲି ଜିଲାପାଳ ଦିବ୍ୟଜ୍ୟୋତି ପରିଡା ମତବ୍ୟକ୍ତ କରିଥିଲେ। ଟେକ୍ସଟାଇଲ୍ ନିର୍ଦ୍ଦେଶାଳୟ ଦ୍ୱାରା ମଞ୍ଜୁର କରାଯାଇ ଥିବା ବସ୍ତ୍ର ତନ୍ତ ୟୁନିଟ୍ ସକାଶେ ଆସିଥିବା ସମସ୍ତ ଆବେଦନକୁ ମଞ୍ଜୁର କରିବା ଲାଗି ବିଭାଗକୁ ପତ୍ରାଳାପ କରିବା ନିମିତ ଜିଲାପାଳ ପରିଡା ସହକାରୀ ଟେକ୍ସଟାଇଲ୍ ନିର୍ଦ୍ଦେଶକ ତଥା ଭାରପ୍ରାପ୍ତ ଉପ ନିର୍ଦ୍ଦେଶକଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୁଣାକାରମାନଙ୍କ ତାଲିକା କରାଯାଇ ସେମାନଙ୍କ ଭିତ୍ତିଭୂମି ବିକାଶ ଓ ବଜାର ଚାହିଦା ଅନୁଯାୟୀ ବସ୍ତ୍ର ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଥିଲା। ଗତବର୍ଷ ଆରମ୍ଭ କରାଯାଇଥିବା ମୁଖ୍ୟମନ୍ତ୍ରୀ ବୟନଜ୍ୟୋତି ଯୋଜନାରେ ବୟନ କାର୍ଯ୍ୟ ସମୟ ସୀମା ବୃଦ୍ଧି, ରାତ୍ରିକାଳୀନ ଆଲୋକ ଉପକରଣ ଉପରେ ଆଲୋଚନା ହୋଇଥିଲା। ଏଥିସହ ବୟନ ଶିଳ୍ପୀମାନଙ୍କୁ ବାହାର ରାଜ୍ୟକୁ ପ୍ରଦର୍ଶନ ଏବଂ ପ୍ରଶିକ୍ଷଣ ନିମନ୍ତେ ପରିଭ୍ରମଣ ବାବଦୀୟ ଆଲୋଚନା ହୋଇଯାଇଥିଲା। ପିତଳର ବୟନଶିଳ୍ପ କାରିଗରମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ସୂତା ଶାଢ଼ୀ ଦେଖି ଜିଲାପାଳ ଏହାର ପ୍ରଶଂସା କରିଥିଲେ। ବୈଠକରେ ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ ତଥା ଦକ୍ଷିଣାଞ୍ଚଳସ୍ତରୀୟ ଉପ ନିର୍ଦ୍ଦେଶକ ଗୋଲାପୀ ଗୋପାଲୁଣୀ ମୁର୍ମୁ, ବୟନ ଶିଳ୍ପ ପରିଚାଳକ ବିନାୟକ ପୃଷ୍ଟି, ବିଶ୍ୱ ରୂପାଲୀ ରାଉତରାୟ, ନିରୀକ୍ଷକ ବସ୍ତ୍ର ଶିଳ୍ପ କୃଷ୍ଣଚନ୍ଦ୍ର ସାହୁ, ଧର୍ମା ରଞ୍ଜନ ମହାରଣା, ଆସ୍କା ବୟନଶିଳ୍ପ ସଂପାଦକ ରବୀନ୍ଦ୍ର ନାଥ ସାହୁ, ପିତଳ ବୟନ ଶିଳ୍ପ ସମ୍ପାଦକ ସୂର୍ଯ୍ୟ ନାରାୟଣ ମହାରଣା, ପଦ୍ମନାଭପୁର ବୟନଶିଳ୍ପ ସମ୍ପାଦକ ଏସ୍. ନୀଳକଣ୍ଠ କୁରୁଲା, ବୟନ ଶିଳ୍ପ ସମ୍ପାଦକ ଓ୍ୱ ବଳରାଜୁ ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଉପସ୍ଥିତ ଥିଲେ।



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟାମନେ।

### ଚୁକ୍ତି ଭିତ୍ତିକ କର୍ମଚାରୀଙ୍କ ପକ୍ଷରୁ ବିଡିଓଙ୍କୁ ଦାବିପତ୍ର

ରାଇକିଆ,୨୦।୭(ଡି.ଏନ୍.ଏ.)

ରାଇକିଆ ଚୁକ୍ତି ଭିତ୍ତିକ କର୍ମଚାରୀ ସଂଘ ପକ୍ଷରୁ ବୁଧବାର ବିଡିଓଙ୍କୁ ଦୁଇ ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଛନ୍ତି। ଏହା ସହିତ ଚୁକ୍ତି ଭିତ୍ତିକ କର୍ମଚାରୀ ସଂଘର ବ୍ଲକ ସଭାପତି ସ୍ୱାଧୀନ କୁମାର ପଣ୍ଡାଙ୍କ ନେତୃତ୍ୱରେ ଶିକ୍ଷା ବିଭାଗ, ସମନ୍ୱିତ ଶିଶୁ ବିଭାଗ, ସ୍ୱାସ୍ଥ୍ୟ ବିଭାଗ, କୃଷି ବିଭାଗ, ରାଜସ୍ୱ ବିଭାଗ ସମେତ ବ୍ଲକର ବିଭିନ୍ନ ଚୁକ୍ତି ଭିତ୍ତିକ କର୍ମଚାରୀମାନଙ୍କ ଦ୍ୱାରା ଏକ ଦସ୍ତଖତ ସମ୍ବଳିତ ଦାବିପତ୍ର ବିଡିଓଙ୍କ ସମେତ ତହସିଲଦାର, ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ରାଜ୍ୟ ସରକାର ୨୦୧୩ରୁ ଯେଉଁ ଚୁକ୍ତି ଭିତ୍ତିକ ନିଯୁକ୍ତି ନିୟମ ପ୍ରଣୟନ କରିଛନ୍ତି ତାକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରି ସ୍ଥାୟୀ ନିଯୁକ୍ତି ପ୍ରଦାନ କରାଯାଉ ଓ ଚୁକ୍ତି ସମୟକୁ ପଦୋନ୍ନତି ସମୟ ଭାବେ ହିସାବକୁ ନିଆଯିବାକୁ ଦାବି କରିଥିଲେ। ଏଥିସହ ୨୫ରୁ ୨୯ ତାରିଖ ପର୍ଯ୍ୟନ୍ତ କଳା ବ୍ୟାଚ ପରିଧାନ କରି କାର୍ଯ୍ୟ କରିବା ଏବଂ ୩୧ ତାରିଖରେ ଭୁବନେଶ୍ୱରରେ ଆନ୍ଦୋଳନରେ ସାମିଲ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିବା ବ୍ଲକ ସଭାପତି ପ୍ରକାଶ କରିଛନ୍ତି।

# ବିଦେଶୀ ଚାଖିବେ ଗଜପତିର ରାଣୀ ସପୁରି ପ୍ରସ୍ତୁତ ଜାମ୍

ପାରଳାଖେମୁଣ୍ଡି,୨୦।୭(ଡି.ଏନ୍.ଏ.)

ଦେଶ ତଥା ବିଦେଶରେ ବିକ୍ରି ହେବ ଗଜପତି ଜିଲାର ପ୍ରସିଦ୍ଧ ରାଣୀ ସପୁରିରୁ ପ୍ରସ୍ତୁତ କରାଯାଇଥିବା ଜେଲି ଜାମ ଓ ଡ୍ରାଏଫୁଡ୍। ଏଥିପାଇଁ ମିଶନ ଜିବୀକା ମାଧ୍ୟମରେ ୫୪ ଲକ୍ଷ ଟଙ୍କା ବ୍ୟୟରେ 'ରୟଲ ଗଜପତି' ବ୍ରାଣ୍ଡର ଫୁଡ ପ୍ରଡକ୍ଟ ୟୁନିଟ୍ ଆରମ୍ଭ କରାଯାଇଛି। ପୂର୍ବରୁ ରାଜ୍ୟ ତଥା ରାଜ୍ୟ ବାହାରେ ରାଣୀ ସପୁରିର ବେସ ଚାହିଦା ରହିଥିବା ସତ୍ତ୍ୱେ, ବର୍ଷ ତମାମ ତାହା ମିଳୁ ନଥିଲା, ଅନ୍ୟ ପକ୍ଷରେ ପ୍ରକୃତ ଚାଷୀ ତାର ଉପଯୁକ୍ତ ଦର ପାଇ ପାରୁନଥିଲେ । ହେଲେ ଏବେ ଆଦିବାସୀ ଉନ୍ନୟନ ସଂସ୍ଥାର ମିଶନ ଜୀବିକା ଆନୁକୁଲ୍ୟରେ ରାୟଗଡ଼ ବ୍ଲକର ସିଣ୍ଡିବାଠାରେ ଏକ ଫୁଡ ପ୍ରୋସେସିଂ ୟୁନିଟ୍ ଆରମ୍ଭ କରାଯାଇଛି। ଏହାଦ୍ୱାରା ସପୁରିର ଜେଲି, ଜାମ ଓ ଡ୍ରାଏ ଫୁଡ୍ ପ୍ରସ୍ତୁତ କରି ବଜାରରେ ବିକ୍ରି କରି ପାରିବେ। ଆଉ ଏହାକୁ ପ୍ରସ୍ତୁତ କରିବେ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଗଠନ ହୋଇଥିବା ଏକ ପ୍ରୋଡୁ୍ୟସର ଗ୍ରୁପ ଯାହାର ନାମ ରଖାଯାଇଛି 'ରୟଲ ଗଜପତି'। ଅନ୍ୟ ପକ୍ଷରେ ଏହି ଖାଦ୍ୟ ପ୍ରକ୍ରିୟାକରଣ କେନ୍ଦ୍ରରେ କେବଳ ସପୁରିହିଁ ପ୍ରସ୍ତୁତ ହେବ ତାହା ନୁହେଁ ସେହି ଅଞ୍ଚଳରେ ଉତ୍ପାଦନ ହେଉଥିବା କଦଳୀ, ଟମାଟ, ଅଦା, ଲେମ୍ବୁ , କମଳା ଆଦୀର ମଧ୍ୟ ଡ୍ରାୟ ଫୁଡ ପ୍ରସ୍ତୁତ କରିପାରିବେ ଆଉ ସେଥିପାଇଁ ସେମାନଙ୍କୁ ତାଲିମ ମଧ୍ୟ ଦିଆଯାଉଛି। ଏହାର ମାର୍କେଟିଂ ପାଇଁ ଇଣ୍ଡୋରର ଏକ କମ୍ପାନୀ ସହ ଅନୁବନ୍ଧିତ କରାଯାଇଥିବା କହିଛନ୍ତି ଆଦିବାସୀ ଉନ୍ନୟନ ସଂସ୍ଥାର ଅଧିକାରୀ ଫାଲଗୁନି ମାଝୀ। ସେପଟେ କେବଳ ରାୟଗଡ଼ା ବ୍ଲକ ନୁହେଁ ଗୁମ୍ମା, ଉଦୟଗିରି ବ୍ଲକ ଅଞ୍ଚଳରେ ମଧ୍ୟ ପ୍ରଚୁର ପରିମାଣରେ ସପୁରିଉତ୍ପାଦନ ହେଉଥିବା ବେଳେ ଚାଷୀ ପ୍ରକୃତ ମୁଲ୍ୟ ପାଇ ପାରୁନଥିଲେ। ସେଥିପାଇଁ ଓଡ଼ିଶା ଜିବିକା ମିଶନ ମାଧ୍ୟମରେ ଅନେକ ପ୍ରକଳ୍ପ ହାତକୁ ନିଆଯାଇଥିଲା ତାହାର ପରିଚାଳନା ଗତ ତ୍ରୁଟି ଯୋଗୁ ଏବେ ନଷ୍ଟ ହୋଇ ପଡ଼ି ରହିଛି, ଯଦି ଏହାର ଠିକ ପରିଚାଳନା ହୁଏ ତା'ହେଲେ ମହିଳାମାନେ ଅଧିକ ରୋଜଗାରକ୍ଷମ ହେବା ସହ ଚାଷୀ ଉତ୍ପାଦନର ଉଚିତ୍ ମୁଲ୍ୟ ପାଇପାରିବେ ବୋଲି ସ୍ୱୟଂ ସହାୟିକା ଆଶା ରଖିଛନ୍ତି। ପୂର୍ବରୁ ମଧ୍ୟ ଆଦିବାସୀ ଉନ୍ନୟନ ସଂସ୍ଥା ଓ ଓଡ଼ିଶା ଜିବିକା ମିଶନ ସହାୟତାରେ ବହୁ ପ୍ରକଳ୍ପ ହାତକୁ ନିଆଯାଇଛି କିନ୍ତୁ ତାହା ସବୁ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ। ତେବେ ଏହା କେତେଦୁର କାର୍ଯ୍ୟ କରୁଛି ଆଉ ଏହାର କେତେ ସୁଫଳ ମିଳୁଛି ତାକୁ ହିଁ ଅପେକ୍ଷା ।




ସପୁରି ପ୍ରକ୍ରିୟାକରଣ କେନ୍ଦ୍ର।

# ପୋଖରୀରେ ବୁଡ଼ି ଦିବ୍ୟାଙ୍ଗ ମହିଳା ମୃତ

ବୁଗୁଡ଼ା,୨୦।୭ (ଡି.ଏନ.ଏ.):

ବୁଗୁଡ଼ା ଥାନା ଅନ୍ତର୍ଗତ ବେଲପଡା ଗ୍ରାମରେ ଜଣେ ଦିବ୍ୟାଙ୍ଗ ମହିଳାଙ୍କ ବୁଧବାର ପୋଖରୀରେ ବୁଡି ମୃତ୍ୟୁ ଘଟିଛି। ସେ ହେଲେ ବେଲପଡା ଗ୍ରାମର ନଳିତା ନାୟକ(୫୭)। ଅପରାହ୍ନରେ ନଳିତା ଗାଁର ତୋଟାବନ୍ଧରେ ଗାଧୋଇବାକୁ ଯାଇ ସେଠାରେ ଅସାବଧାନତା ବଶତଃ ବୁଡି ଯାଇଥିଲେ। ତାଙ୍କୁ ଅଚେତ ଅବସ୍ଥାରେ ପୋଖରୀରୁ ଉଦ୍ଧାର କରାଯାଇ ବୁଗୁଡ଼ା ମେଡିକାଲକୁ ଅଣାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବୁଗୁଡ଼ା ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ବୁଗୁଡା ଥାନାରେ ନଂ. ୧୭/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# କୁନାଙ୍କ ମୁଖ୍ୟ ସହଯୋଗୀ କୋର୍ଟ ଚାଲାଣ

## ବଟି ମାଗିବା ଘଟଣା

ଗୋପାଳପୁର,୨୦।୭(ଡି.ଏନ.ଏ.)

ଦାଦାବଟି ମାଗିବା ଘଟଣାରେ ଗୋଳନ୍ଥରା ଥାନା ପୋଲିସ ବୁଧବାର ଭେଟରାନ ଅପରାଧୀ କୁନାଙ୍କ ମୁଖ୍ୟ ସହଯୋଗୀଙ୍କୁ କୋର୍ଟ ଚାଲାଣ କରିଛି। ସେ ହେଲେ ଦିଗପହଣ୍ଡି ଥାନା ଅନ୍ତର୍ଗତ ବେଢ଼ଝରି ଗ୍ରାମର ବାବୁଲା ମଲ୍ଲିକ । ଗୋଳନ୍ଥରା ଥାନା ଅଞ୍ଚଳର କୁନା ବେହେରା ଆତଙ୍କରାଜ ଚଳାଇବା ସହ ଆପରାଧିକ କାର୍ଯ୍ୟକଳାପ ଚଳେଇଛି। ପୋଲିସ କୁନାଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ାଉ କରୁଥିଲେ ମଧ୍ୟ ସେ ଖସି ପଳାଇବାରେ ସକ୍ଷମ ହେଉଛନ୍ତି। ତାଙ୍କ ନାମରେ ବ୍ରହ୍ମପୁର ପୋଲିସ ଜିଲାର ବିଭିନ୍ନ ଥାନାରେ ୨୭ରୁ ଉର୍ଦ୍ଧ୍ୱ ଥାନାରେ ମାମଲା ରହିଛି। ଟାମଣା, ଜୁଗୁଡ଼ି, ମେଦିନିପୁର, ସିଂହଳା, କଙ୍କିଆ ଓ ଆଖପାଖ ଅଞ୍ଚଳରେ କୁନା ଓ ତାଙ୍କ ସହଯୋଗୀମାନେ ସ୍ଥାନୀୟ ଦୋକାନ, ପେଟ୍ରୋଲ ପମ୍ପ, ଇଟା କାରଖାନା, କୁକୁଡ଼ା ଫାର୍ମ, ମସରୁମ ଫାର୍ମ, ରାସ୍ତା କାମ ଓ ଘଟକେଶ୍ୱର ଜଳ ପ୍ରକଳ୍ପ କାମ ଆଦିରେ ଧମକଚମକ ଦେଇ ମାସିକ ଦାଦାବଟି ଆଦାୟ କରୁଛନ୍ତି। ଖବର ପାଇ ଗୋଳନ୍ଥରା ଥାନାର ଏକ ସ୍ୱତନ୍ତ୍ର ଟିମ୍ ଏହାର ତଦନ୍ତ କରି ଗତ ୩ ତାରିଖରେ କୁନାଙ୍କ ଶ୍ୱଶୁର ସମେତ ୩ ଜଣଙ୍କୁ କୋର୍ଟ ଚାଲାଣ କରିଥିଲା। ସେହିପରି ଗତ ୭ ତାରିଖରେ କୁନାଙ୍କ ଅନ୍ୟ ସହଯୋଗୀ ବିନୋଦ ଗୌଡ଼ଙ୍କୁ କୋର୍ଟଚାଲାଣ କରିଥିଲା। ଏହି ଘଟଣାର ମୁଖ୍ୟ ସହଯୋଗୀ ବାବୁଲା ମଲ୍ଲିକ ସମ୍ପୃକ୍ତ ଥିବା ପୋଲିସ ଜାଣିବାକୁ ପାଇଥିଲା। ମଙ୍ଗଳବାର ରାତିରେ ଟାମଣା ଜଙ୍ଗଲରେ ପୋଲିସର ଏକ ସ୍ୱତନ୍ତ୍ର ଟିମ ଚଢ଼ାଉ କରି ବାବୁଲାଙ୍କୁ ଉଠେଇ ନେଇ ଥାନାରେ ଅଟକ ରଖି ପଚରା ଉଚରା କରିବା ପରେ ବୁଧବାର କୋର୍ଟ ଚାଲାଣ କରିଥିଲା। ଏ ନେଇ ନଂ. ୨୨୮/୨୨ରେ ମାମଲା ରୁଜୁ ହୋଇଛି। ଏହି ଘଟଣାରେ ଅନ୍ୟମାନଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ଥାନାଧିକାରୀ ବିବେକାନନ୍ଦ ମହନ୍ତ ସୂଚନା ଦେଇଛନ୍ତି।

# ବାଲିଘାଟ ଜନଶୁଣାଣି ଶିବିର




ଜନ ଶୁଣାଣି ଶିବିର।

କାଶୀନଗର,୨୦।୭

ଗଜପତି ଜିଲା ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ କୁମାର ନାୟକଙ୍କ ଅଧ୍ୟକ୍ଷତାରେ କାଶୀନଗର ତହସିଲ ଅନ୍ତର୍ଗତ ବୁଦୁରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବଂଶଧାରା ନଦୀଘାଟ ବାଲି ଉଠାଣ ନିମନ୍ତେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ରାଜ୍ୟ ପ୍ରଦ୍ୟୁଷଣ ବୋର୍ଡ ତରଫରୁ ଆଞ୍ଚଳିକ ପ୍ରଦ୍ୟୁଷଣ ନିୟନ୍ତ୍ରଣ ଅଧିକାରୀ ଡ.ହେମେନ୍ଦ୍ର ନାଥ ନାୟକ ଯୋଗଦେଇ ବାଲି ଉଠାଣ ନିମନ୍ତେ ପ୍ରଦ୍ୟୁଷଣର ନିୟମ କାନୁନ ସମ୍ପର୍କରେ ବୁଝାଇଥିଲେ ଓ ଜନସାଧାରଣଙ୍କ ଆପତ୍ତି ଅଭିଯୋଗ ସମ୍ପର୍କରେ ଶୁଣାଣି କରିଥିଲେ। ସ୍ଥାନୀୟ ସରପଞ୍ଚ ସଞ୍ଜୟ ମିଶ୍ର, ସମିତିସଭ୍ୟ ବାବୁ ରାଓଙ୍କ ସମେତ ପଞ୍ଚାୟତର ବହୁ ଜନସାଧାରଣ ବାଲି ଉଠାଣ କରାଗଲେ କୌଣସି ବିପତ୍ତି ଓ ଅସୁବିଧା ନ ଥିବା ନେଇ ସଫେଇ ଦେଇଥିଲେ। ବୈଠକରେ ନିଲାମଧାରୀଙ୍କୁ ପ୍ରଦୂଷଣ ନିୟମ ପ୍ରକାରେ ବାଲି ଉତ୍ତୋଳନ କରିବାକୁ ପରାମର୍ଶ ଦେଇଥିଲେ। ପ୍ରଦୂଷଣ ବୋର୍ଡ ବୈଜ୍ଞାନିକ ଗୌରିଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ତହସିଲଦାର ଲରିମାନ ଖର୍ସେଲ, ଥାନାଧିକାରୀ ସୁଶାନ୍ତ କୁମାର ସାହୁ ଓ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଡିଓ ଲକ୍ଷ୍ମୀ ପ୍ରସାଦ ସାହୁ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।


GOVT. OF ODISHA

**OFFICE OF THE PANCHAYAT SAMITI, KUARMUNDA (SUNDARGARH)**

ପଞ୍ଚାୟତ ସମିତି କାର୍ଯ୍ୟାଳୟ, କୁଆରମୁଣ୍ଡା (ସୁନ୍ଦରଗଡ଼)

Phone No: - 0661-2618366, Email Id- ori-kuarmunda@nic.in

No.3019/ Dated 19th July, 2022

**NOTICE INVITING TENDERS FOR ELECTRIFICATION MRF UNIT AT KUARMUNDA BLOCK OUT OF RURBAN IN SUNDARGARH DISTRICT**

**No.i-67:**The Block Development Officer, Kuarmunda on behalf of Governor of Odisha inviting Tenders in OFF-LINE mode from the eligible ELBO registered Electrical HT Contractors/Firms/ Manufacturers/ Suppliers/ Proprietors/ Agencies for "Electrification of MRF Unit at Kuarmunda Block in Sundargarh district" out of RURBAN Fund (for the year 2021-22), Sundargarh on Turnkey basis. The approximate requirements of quantities along with specifications of Electrification Works to be required as well as scope of works are given in the list enclosed herewith separately.

| Sl. No. | Name of the Work | Approximate Project Cost (Fig. in Rs.) | EMD Required (Fig. in Rs.) | Cost of Tender Paper | Time of Completion | Class of Contractor |
|---|---|---|---|---|---|---|
| 01 | 02 | 03 | 04 | 05 | 06 | 07 |
| 01 | Electrification of MRF unit at Kuarmunda under RURBAN. | Rs.18,92,911/- | Rs.19,000/- | Rs.6,000/- | 03 Calendar Months | HT Electrical Contractor |

The other details as well as scope of works, eligibility criteria and documents to be required for submission along with tender documents can be seen from the DTCN of this Tender Call Notice webhosted in Sundargarh District Official Website "www.sundergarh.nic.in".

**Sd./- Block Development Officer, Kuarmunda**
OIPR-19217/11/0001/2223

**OFFICE OF THE TAHASILDAR, DASPALLA**

(E-Mail id-tahasiloffice.daspalla@gmail.com)

**QUOTATION /TENDER CALL NOTICE**

No.2519 **Notice No.-01/2022-23** Dt.18.07.2022

**No.F-141:**Sealed quotations/Tenders are invited from interested reputed Travel Agencies/Tour operators or private individual for providing **one No. of A/C disel driven vehicle having seating capacity not more than seven including Driver,** which shall confirm the terms and conditions **(Annexure-II)** for official user in Tahasil Office, Daspalla under Revenue & Disaster Management Deptt. on monthly rent basis.

1- The Vehicle must be in Road worthy condition/shall not be more than 3 years old from the date of initial registration and must have valid Registration Certificate, Insurance Certificate, Fittness Certificate, valid contract carriage permit, proof of upto date tax payment etc. which are mandatory for plying of vehicle.
2- The Driver of the vehicle must have a valid driving license for driving light transport passanger vehicle and should be sufficiently experienced in driving transport passanger vehicle.
3- The Driver should be well behaved, gentle and obedient in nature.
4- A Sum of **Rs.5000/-** (Rupees Five thousand) only shall be deposited by the intending bidders in shape of A/C payee Bank Draft/Bankers Cheque drawn in favour of the **Tahasildar, Daspalla payable at Daspalla** and submitted alongwith tender as security deposit. After completion of Tender process, the amount will be refunded to unsuccessful bidders.
5- The monthly rent of hire charges be quoted separately in the General Bid Information (Excluding Fuel & Lubricants).
6- The vehicle must achive a fuel efficiency of **10 K.Ms** per liter.
7- The details of the make and year of manufacturer of the vehicle, Registration No, Mileage (K.Ms covered per Liter) and name of the Driver with driving license number and period of validity should be specifically provided in the General Bid Information to be furnished with the Quotation/Tender **(Annexure-III).**
8- The Bid Holder may apply abide all the conditions where no any complain to have made earlier against him at any other official capacity which is to be emphasized and after all it may entertain his application on proper provisions.
9- The quotation completed in all respect should reach before the undersigned on or before **04/8/2022 at 5.30 P.M** during office hours on working days through **Registered Post,** failing which the General Bid/Application after the due date will be rejected and the bids received shall be opened at **4.00 P.M on dated 05/8/2022** in the Office of the Tahasildar, Daspalla in presence of the bidders/or their authorized agents who wish to attend.The bidders who participated in the Bid can witness the opening of the bids.
10- If the Office happens to be closed in the last date of the opening of the Bids as specified the Bids will be opened in the next working day at the same Time and Venue Bid.
11- The application form of Quotation/Tender containing General Bid Information and Terms and Conditions of hiring of vehicles etc. will be available in Tahasil Office, Daspalla on payment of Rs500/-(Rupees Five Hundred) only from **21/7/2022 to 04/8/2022** or can be downloaded from District Website (**Nayagarh.nic.in**) from date **21/7/2022 to 04/8/2022.** In case the application form is downloaded from District Website, the applicant shall furnish a Demand Draft for an amount of Rs.500/- towards the cost of application fees alongwith the application.
12- The authority reserves the right to cancel any or all bids without assigning any reason thereof.
13- Any Addendum/Corrigendum/Cancellation can also be seen in the above said Website.

**Sd./- Tahasildar, Daspalla**
OIPR-24048/11/0001/2223

**OFFICE OF THE ROURKELA MUNICIPAL CORPORATION, ROURKELA**

**INVITATION FOR BID**

No. 9407 Dated: 18.07.2022

**Bid Identification No. MC/RMC/58/2022**

No. C-813: The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in Double Cover on online mode. Bid Identification No. MC/RMC/58/2022 for 07 Nos. Civil work with value of Rs.2.69 lakh to Rs.15.28 lakh.

1. Bid documents will be available in website **www.tendersorissa.gov.in** from 19.07.2022.
2. Bids must be submitted on "Online" on or before 28.07.2022 by 17.00 hours.
3. Bids shall be opened at 11.00 hours on 29.07.2022 in the office of the undersigned in the presence of the bidders or their authorized agents.
4. Other details will be available in the website **tendersorissa.gov.in**.

**Sd./- Municipal Commissioner**
**Rourkela Municipal Corporation**
OIPR-13131/11/0070/2223

**OFFICE OF THE MUNICIPAL COUNCIL,RAYAGADA**

No.4259 Dtd.18.07.22

**"e" - TENDER NOTICE**

**Bid Identification No.RGDA-MUN- O2/2022-23**

**No.C-810:**Bid documents consisting of 66 (Sixty six) Nos. of Civil Work (Roads and Building) with their Estimated Cost (Work Value), Cost of Tender Paper, E.M.D, Time of Completion, Class of Contractors, Additional Performance Security Deposit and the set of Terms and Conditions applicable for the contract and other required necessary documents can be seen in the Government Website (i.e., http://tendersodisha.gov.in).

1. Name of the Work : Civil Works (Roads and Building) as mentioned in the website.
2. No. of Works : 66 (Sixty six) Nos.
3. Estimated Costs : (As mentioned in the DTCN)
4. Period of Completion : As mentioned against the work in the NIT/DTCN.
5. Date & Time of Availability of Bid Documents on the Portal : From dated 22.07.2022, 11.30 A.M. to Dated 19.08.2022, 05.30 P.M.
6. Last date & Time for Original Documents Submission on or before : Dated 22.08.2022,05.30 P.M.
7. Bids received online to be opened on : Dated 23.08.2022, 11.30 A.M.
8. Name and Address of the Officer Inviting the Bid : Executive Officer, Rayagada Municipality,Rayagada

Further details can be seen from the Procurement Portal **http://tendersorissa.gov.in.**

**Sd./- Executive Officer,**
**Rayagada Municipality, Rayagada**
OIPR-13150/11/0020/2223

**OFFICE OF THE DIVISIONAL FOREST OFFICER, DHENKANAL FOREST DIVISION**

**Telefax No.: 06762-226717**
**E-mail Id: dfo.dhenkanal@odisha.gov.in**
**NOTICE No. 01 of 2022-23/4F - Accounts / Dt.18.07.2022**

**WALK IN INTERVIEW FOR TEMPORARY ENGAGEMENT OF ONE WILDLIFE BIOLOGIST IN DHENKANAL FOREST DIVISION**

No. MM-104: Dhenkanal Forest Division required qualified candidates with M.Sc. in Zoology/Wildlife Biology/Life Sciences/Biodiversity Conservation or allied subject from a recognized university for temporary engagement of one Wildlife Biologist under the project "Site Specific Wildlife Conservation Plan of LANCO Babandha Power Project". The Walk-in-Interview is scheduled on 29.07.2022 at 10.00 A.M. at Divisional Forest Office, Dhenkanal. The application form along with detail terms and conditions shall be available on the website: **www.dhenkanal.nic.in** from 19.07.2022. Interested and eligible candidate may come for interview on scheduled date and time with required documents and filled in application form.

**Sd./- Divisional Forest Officer**
**Dhenkanal Division**
OIPR-08037/11/0008/2223